ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମେ ୨୮/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, May 28/2025 | Page 16 | ₹ 7.00

୫୧ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 182 | ମୂଲ୍ୟ ₹୭/-




## ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ

ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି ଭାରତର ଗୁଲ୍‌ବୀର ସିଂ।

୧୬

୦୨

## ଜୁନ୍ ୬ରେ 'ହାଉସ୍‌ଫୁଲ ୫'

ଅଭିନେତା ଅକ୍ଷୟ କୁମାରଙ୍କ କମେଡି ଥ୍ରିଲର ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି।





ସମୁଦ୍ରର ଉଚ୍ଚ ଜୁଆର ପ୍ରଭାବରେ ମୁମ୍ବାଇ ବାନ୍ଦ୍ରା ଅଞ୍ଚଳର ଏକ ବସ୍ତିକୁ ମଙ୍ଗଳବାର ପାଣି ମାଡ଼ିଆସିଛି।

# ଭୁବନେଶ୍ୱରରେ ୧୦ଲକ୍ଷରେ ମିଳିବ ଘର

ଭୁବନେଶ୍ୱର, ୨୭।୫ (ରବିନାରାୟଣ ଜେନା)



ରାଜଧାନୀ ଭୁବନେଶ୍ୱରରେ ଏବେ ଜମି ଅମୂଲ ମୂଲ। ଏଠାରେ ଜମି କିଣି ଘର ତିଆରି କରିବା ପାଇଁ ବିପୁଳ ଅର୍ଥ ଆବଶ୍ୟକ, ଯାହା ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଏବଂ ଗରିବଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ସେହିପରି ଆପାର୍ଟମେଣ୍ଟର ଗୋଟିଏ ଫ୍ଲାଟ୍ ମୂଲ୍ୟ କୋଟିଏ ଛୁଇଁଲାଣି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଲୋକଙ୍କୁ କମ୍ ମୂଲ୍ୟରେ ଘର ଯୋଗାଇବା ପାଇଁ ନଗର ଉନ୍ନୟନ ବିଭାଗ ଗୁରୁତ୍ୱ ଦେଉଛି। ତଦନୁଯାୟୀ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାରେ ଲୋକଙ୍କୁ ଘର ଖଣ୍ଡିଏ ଯୋଗାଇଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧ କୋଟି ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଘର ଉପଲବ୍ଧ ରହିବ, ଯାହାକୁ ଲୋକେ ସାମର୍ଥ୍ୟ ଅନୁଯାୟୀ କିଣିପାରିବେ। ଏନେଇ ନିକଟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକର ସୂଚନା ଅନୁଯାୟୀ, ରାଜ୍ୟର ବହୁ ଲୋକଙ୍କ ଇଚ୍ଛା ରାଜଧାନୀରେ ଘର ଖଣ୍ଡିଏ ପାଇବା। କମ୍ ମୂଲ୍ୟରେ କିଭଳି ଘର ପାଇବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଉତ୍କଳ ହସ୍ପିଟାଲ ନିକଟସ୍ଥ ଅଞ୍ଚଳରେ ନିଜସ୍ୱ ପ୍ରକଳ୍ପ କରାଯିବ। ଏହାସହିତ କେତେକ ଆବାସ ନିର୍ମାଣକାରୀ ସଂସ୍ଥା ସହିତ ମିଶି ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯିବାକୁ ଯୋଜନା ରହିଛି, ଯେଉଁଥିରେ ସରକାରୀ ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ୬୦:୪୦ ପ୍ରତିଶତରେ ପ୍ରକଳ୍ପ ନିର୍ମାଣ କରାଯିବ। ଏହାଦ୍ୱାରା ପର୍ଯ୍ୟାୟକ୍ରମେ ରାଜଧାନୀରେ ରହିବାକୁ ଚାହୁଁଥିବା ନିମ୍ନ ଆୟକାରୀ ଲୋକଙ୍କ ଆଶା ପୂରଣ ହୋଇପାରିବ। ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ସଚିବ ଦେବାଶିଷ ସିଂହ ଏବଂ ଅର୍ଥପରାମର୍ଶଦାତା ଶିଖା ବିଶାଳ ଫିଲିପାଇନ୍ସର ମାନିଲା ଗସ୍ତ କରିଛନ୍ତି। ସେଠାରେ 'ଆଫୋର୍ଡେବୁଲ ହାଉସ' ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା କରାଯିବାକୁ ରହିଛି। ମାନିଲାରେ ମେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ସେମିନାରରେ କିଭଳି ସହରାଞ୍ଚଳବାସୀଙ୍କୁ 'ଆଫୋର୍ଡେବୁଲ ହାଉସ' ଯୋଗାଇବାରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ତା' ଉପରେ ତଥ୍ୟ ଉପସ୍ଥାପନ କରାଯିବ। ଏହାସହିତ ସେଠାରେ ଯଦି କୌଣସି ଭଲ ପ୍ରକଳ୍ପ ଉପରେ ଆଲୋଚନା ହେବ ତା' ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଗୁରୁତ୍ୱ ଦେବେ ବୋଲି ଦେବାଶିଷ ସିଂହ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କମ୍ ମୂଲ୍ୟର ଆବାସ ପ୍ରକଳ୍ପ କରିବା ପାଇଁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଉତ୍କଳ ହସ୍ପିଟାଲ ପାଖରେ ସରକାରଙ୍କ ପକ୍ଷରୁ ଏବଂ ଉତ୍କଳ ହାଇଟ୍ସ ନିକଟରେ ଏକ ଘରୋଇ ପ୍ରକଳ୍ପ ସହାୟତାରେ ୧୦ଲକ୍ଷରୁ ୧୧ଲକ୍ଷ ଟଙ୍କା ମଧ୍ୟରେ ଗରିବ ଶ୍ରେଣୀର ଲୋକଙ୍କୁ ଘର ଯୋଗାଇବାକୁ ଯୋଜନା ରହିଛି। ଏହାପରେ ଆଉ ୨ଟି ଆବାସ ପ୍ରକଳ୍ପ ନିର୍ମାଣ କରାଯିବ। ମାତ୍ର ଏହା ଉପରେ ବିଶେଷ ତଥ୍ୟ ଦେଲେ ସ୍ଥାନୀୟ ଅଞ୍ଚଳରେ ଜମିର ଦର ବୃଦ୍ଧିହେବା ସମ୍ଭାବନା ଥିବାରୁ ଏହାର ତଥ୍ୟ ସରକାରଙ୍କ ପକ୍ଷରୁ ପରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


ଆଜିର ସମ୍ପାଦକୀୟ

ଋଣ ମୃତ୍ୟୁ



Muthoot Finance

INDIA'S #1 MOST TRUSTED FINANCIAL SERVICES BRAND*

Power of Trust TRA's Brand Trust Report (2025)

1800 313 1212


# ବିଦେଶୀ ପାଣ୍ଠି: ଏନ୍‌ଜିଓଙ୍କୁ ଖବର ପ୍ରକାଶନ ମନା

**କେନ୍ଦ୍ର ସରକାର ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ)କୁ କଡ଼ାକଡ଼ି କରିବାକୁ ଯାଇ ବେସରକାରୀ ସଙ୍ଗଠନ (ଏନ୍‌ଜିଓ)ଗୁଡ଼ିକ ଉପରେ ଲଗାମ କଷିଛନ୍ତି। ତଦନୁସାରେ ଭାରତରେ ବିଦେଶୀ ଅନୁଦାନ ଗ୍ରହଣ କରୁଥିବା ଏନ୍‌ଜିଓ କୌଣସି ପ୍ରକାର ଖବର କିମ୍ବା ନ୍ୟୁଜ୍‌ଲେଟର ପ୍ରକାଶ କରିପାରିବେ ନାହିଁ। ଏଭଳି ଏନ୍‌ଜିଓଗୁଡ଼ିକ ବିଦେଶୀ ପାଣ୍ଠି ପାଇବାକୁ ହେଲେ ନନ୍-ନ୍ୟୁଜ୍ ପବ୍ଲିକେଶନ୍ ଷ୍ଟାଟସ୍ ନେଇ (ଖବର ପ୍ରକାଶ କରୁନାହୁଁ ବୋଲି) ଲିଖିତ ଭାବେ ରେଜିଷ୍ଟ୍ରାର ଅଫ୍ ନ୍ୟୁଜ୍‌ପେପର୍ସ ଫର୍ ଇଣ୍ଡିଆ (ଆର୍‌ଏନ୍‌ଆଇ)ଙ୍କୁ ଜଣାଇବା ସହ ଏସମ୍ପର୍କିତ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଗାଇଡ୍‌ଲାଇନ୍ ଅନୁପାଳନ ଏବଂ ନିଜ ଆର୍ଥିକ କାରବାରର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ। ଏନ୍‌ଜିଓଗୁଡ଼ିକ ପାଇଁ ପାଣ୍ଠି ଯୋଗାଣକାରୀଙ୍କ ଅନୁଦାନପତ୍ର ଦାଖଲକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। କେବଳ ଏକ ସ୍ପଷ୍ଟ ସାଂସ୍କୃତିକ, ଶୈକ୍ଷିକ କିମ୍ବା ସାମାଜିକ ମିଶନ ହିଁ ପାଣ୍ଠି ଗ୍ରହଣ କରିପାରିବ ବୋଲି ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି।**

## ଏଫ୍‌ସିଆର୍‌ଏକୁ କଡ଼ାକଡ଼ି କଲା କେନ୍ଦ୍ର

ନୂଆଦିଲ୍ଲୀ, ୨୭।୫ (ପି.ଟି.)

ଦେଶର ଏନ୍‌ଜିଓଗୁଡ଼ିକ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ ବିଜ୍ଞପ୍ତି ଜାରି କରାଯାଇଛି। ତଦନୁସାରେ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକରଣ ଆବେଦନ କରିବାକୁ ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ନୂଆ ନିୟମାବଳୀ ମାନି ଚଳିବାକୁ ପଡ଼ିବ। ଉକ୍ତ ନୋଟିଫିକେଶନ୍‌ରେ ଉଲ୍ଲେଖ କରାଯାଇଛି ଯେ ଏଫ୍‌ସିଆର୍‌ଏ ନିୟମରେ ଅଣାଯାଇଥିବା ସଂଶୋଧନ ଅନୁଯାୟୀ ବିଦେଶୀ ପାଣ୍ଠି ହାସଲ ଲାଗି ଅନୁମତି ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ଟେରର ଫଣ୍ଡିଂ ଏବଂ ମନିଲଣ୍ଡରିଂ ସମ୍ପର୍କିତ ଜଗୁଆଳି ସଂସ୍ଥା ଏଫ୍‌ଏଟିଏଫ୍‌ର ଗୁଡ୍ ପ୍ରାକ୍ଟିସ୍ ଗାଇଡ୍‌ଲାଇନ୍ସ ମାନି ଚଳିବା ନେଇ ଲିଖିତ ଭାବେ ଏକ ଅଙ୍ଗୀକାରପତ୍ର ଦାଖଲ କରିବାକୁ ପଡ଼ିବ। ଯେଉଁ ସଂସ୍ଥା ବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ଆବେଦନ କରିବେ, ସେଗୁଡ଼ିକ ନିଜ ଆବେଦନପତ୍ରରେ ଅନ୍ୟୂନ ୩ ବର୍ଷର ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟ ଓ ଅଡିଟ୍ ରିପୋର୍ଟ ଦାଖଲ କରିବେ। ସେଥିରେ ସମ୍ପୃକ୍ତ ଏନ୍‌ଜିଓର ସମ୍ପତ୍ତି, ଋଣ, ଗ୍ରହଣ କରିଥିବା ପାଣ୍ଠିର ରସିଦ, ଦେୟ ବିବରଣୀ ଏବଂ ଆୟବ୍ୟୟ ଆକାଉଣ୍ଟ ତଥ୍ୟ ମଧ୍ୟ ରହିବ। ଅଡିଟ୍ ରିପୋର୍ଟ ଓ ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟରେ କାର୍ଯ୍ୟକଳାପ ଅନୁସାରେ ଗତ ୩ ବର୍ଷର ଏକ୍ସପେଣ୍ଡିଚର ରହି ନ ଥିଲେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ପ୍ରମାଣପତ୍ର ଆଣିବାକୁ ପଡ଼ିବ। ସମ୍ପୃକ୍ତ ସଂସ୍ଥା ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥ ଏହାର ଆୟବ୍ୟୟ ଅନୁରୂପ ବୋଲି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସେଥିରେ ଉଲ୍ଲେଖ କରିବେ।

କୌଣସି ସଂଘ କିମ୍ବା ଏନ୍‌ଜିଓ ପ୍ରକାଶନ ସମ୍ପର୍କିତ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ଅଥବା ଏହାର ମେମୋରାଣ୍ଡମ୍ ଅଫ୍ ଆସୋସିଏଶନ୍/ଟ୍ରଷ୍ଟ ଡିଡ୍‌ରେ ଖବର ପ୍ରକାଶ କରିବା ନେଇ ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲେ ସମ୍ପୃକ୍ତ ସଂସ୍ଥାର ମୁଖ୍ୟଙ୍କୁ ଏଫ୍‌ସିଆର୍‌ଏ-୨୦୧୦ର ଅନୁପାଳନ କରାଯିବା ନେଇ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆହୁରି କହିଛି ଯେ, ଯଦି ସମ୍ପୃକ୍ତ ସଂସ୍ଥା ଆର୍‌ଏନ୍‌ଆଇରେ ପଞ୍ଜୀକୃତ ହୋଇଛି ତେବେ ତାକୁ ଆର୍‌ଏନ୍‌ଆଇଠାରୁ 'ନଟ୍ ଏ ନ୍ୟୁଜ୍‌ପେପର' ସାର୍ଟିଫିକେଟ୍ ଆଣି ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓ ପୂର୍ବରୁ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକୃତ ହୋଇଥିଲା, ତେବେ ଏହାକୁ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ଅବଧି ଶେଷ କିମ୍ବା ରଦ୍ଦ ହେବା ପରେ ମିଳିଥିବା ଓ ବିନିଯୋଗ କରାଯାଇଥିବା ବିଦେଶୀ ପାଣ୍ଠି ସମ୍ପର୍କିତ ବିବରଣୀ ନେଇ ଏକ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ତମ୍ଭରେ ଗତ ୩ ବର୍ଷର ବ୍ୟୟ ୧୫ ଲକ୍ଷ ଟଙ୍କାରୁ କମ୍ ରହିଥିବ, ତେବେ ପୁଞ୍ଜି ଅନ୍ତର୍ଭୁକ୍ତୀକରଣ ଉପରେ ସତ୍ୟପାଠ ଦେବାକୁ ପଡ଼ିବ ବୋଲି ଉକ୍ତ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ସେହିପରି ଏନ୍‌ଜିଓର ପ୍ରଶାସନିକ ଖର୍ଚ୍ଚକୁ ମଧ୍ୟ ବିଦେଶୀ ପାଣ୍ଠିର ୨୦% ଭିତରେ ସୀମିତ ରଖିବାକୁ ପଡ଼ିବ। ବିଦେଶୀ ସଂସ୍ଥା ଓ ସରକାରଠାରୁ ଅନୁଦାନ ଲାଭ କରି ଭାରତରେ ଦେଶବିରୋଧୀ କାର୍ଯ୍ୟରେ ନିୟୋଜିତ ଏନ୍‌ଜିଓଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ଏଫ୍‌ସିଆର୍‌ଏ ନିୟମରେ ଏପରି ସଂଶୋଧନ ଅଣାଯାଇଥିବା କୁହାଯାଉଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ୨୦ କୋଟିର ଋଣବୋଝ: ୭ ଜଣଙ୍କ ଆତ୍ମହତ୍ୟା

ଚଣ୍ଡିଗଡ଼, ୨୭।୫

## ଏକ କାର୍, ଏକ ପରିବାର



ହରିୟାଣାର ପଞ୍ଚକୁଲାରେ ରହୁଥିବା ଗୋଟିଏ ପରିବାରର ୭ ସଦସ୍ୟ ଆର୍ଥିକ ବୋଝ ସହି ନ ପାରି ଏକ କାର୍ ଭିତରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୩ ପିଲାଙ୍କ ସମେତ ୬ ଜଣଙ୍କ ମୃତଦେହ କାର ଭିତରୁ ଜବତ କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଉଥିବାବେଳେ ସେ ଆଖି ବୁଜି ଦେଇଥିଲେ। ପୋଲିସ ଏହାକୁ ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରୁଥିବାବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

ପଞ୍ଚକୁଲାର ସେକ୍ଟର ୨୭ସ୍ଥିତ ଆବାସିକ ଅଞ୍ଚଳରେ ସୋମବାର ରାତିରେ ରାସ୍ତାକଡ଼ରେ ଲୋକେ ଡେରାଡୁନ୍ ନମ୍ବର ପ୍ଲେଟ୍ ଥିବା ଏକ କାର୍‌କୁ ଦେଖିଥିଲେ। ଏପରି କି ସେମାନେ ଶେଷରେ ଜୀବନ ଯାଇଥିବା ପରିବାର ସଦସ୍ୟମାନଙ୍କ ସହ ମଧ୍ୟ କଥା ହୋଇଥିଲେ। ପୋଲିସ ପ୍ରବୀଣ ମିତ୍ତଲ(୪୧), ତାଙ୍କ ସ୍ତ୍ରୀ, ସେମାନଙ୍କ ୩ ନାବାଳିକ ପିଲା ଓ ମା'ବାପାଙ୍କୁ ଚିହ୍ନଟ କରିଛି। ୩ ପିଲାଙ୍କ ମଧ୍ୟରେ ୨ ଜଣ ଯାଆଁଳା ଝିଅ ରହିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରବୀଣଙ୍କ ଉପରେ ପ୍ରାୟ ୨୦ କୋଟି ଟଙ୍କାର ଋଣ ଥିଲା। ପ୍ରବୀଣ ଏନେଇ ନିଜ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ତେବେ ଋଣ ବୋଝ ସହି ନ ପାରି ସେମାନେ ସାମୂହିକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କାରରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ପ୍ରବୀଣଙ୍କ ସହ ୫ ଦିନ ତଳେ କଥା ହୋଇଥିବା ତାଙ୍କ ସମ୍ପର୍କୀୟ ଭାଇ ସନ୍ଦୀପ ଅଗରୱାଲ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ କରିବେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

ପ୍ରବୀଣ କିଛି ବର୍ଷ ପୂର୍ବେ ହିମାଚଳ ପ୍ରଦେଶର ବଦ୍ଦିରେ ଏକ ସ୍କ୍ରାପ୍ ଫ୍ୟାକ୍ଟ୍ରି ଖୋଲିଥିଲେ। ☞ପୃଷ୍ଠା-୪

# ବିସ୍ଫୋରକ ବୋଝେଇ ଗାଡ଼ି ଲୁଟ୍ କଲେ ମାଓବାଦୀ

ବଣାଇଁ, ୨୭।୫ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ (ଲଙ୍ଗଳକଟା) ପଥର କ୍ୱାରିକୁ ବ୍ଲାଷ୍ଟିଂ ପାଇଁ ଆସିଥିବା ଏକ ବିସ୍ଫୋରକ ବୋଝେଇ ଗାଡିକୁ ମଙ୍ଗଳବାର ମଧ୍ୟାହ୍ନରେ ମାଓବାଦୀମାନେ ଲୁଟ୍ କରିଛନ୍ତି। ବିସ୍ଫୋରକ ବୋଝେଇ ଗାଡିର ଚାଳକଙ୍କୁ ମଧ୍ୟ ଅପହରଣ କରି ନେଇଥିଲେ। ସନ୍ଧ୍ୟାରେ ଚାଳକଙ୍କୁ ଲଙ୍ଗଳକଟା ଜଙ୍ଗଲ ନିକଟରେ ଛାଡିଥିଲେ। ପରେ ସେ କେ.ବଲାଙ୍ଗ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ତାଙ୍କୁ ପୋଲିସ ପଚରାଉଚରା ଚଳାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିଲେ ହେଁ ତଥ୍ୟ ସଂଗ୍ରହ କରୁଛି। ସକାଳ ନ ହେବା ପର୍ଯ୍ୟନ୍ତ ବିପଦ ଆଶଙ୍କା ☞ପୃଷ୍ଠା-୪


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf Among Indian Universities Ranked by NIRF, Govt. of India
A++ Grade Accredited by NAAC
Tier 1 NBA Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 World University Rankings
IET ACCREDITED PROGRAMME The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India.
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.

## ମାଓବାଦୀ କମାଣ୍ଡର ମୃତ

ରାଞ୍ଚି, ୨୭।୫: ଝାଡ଼ଖଣ୍ଡର ପାଲାମୁ ଜିଲାର ସାତାଚୁଆଁ ଅଞ୍ଚଳରେ ଥିବା ନୈପ୍ୟା ଜଙ୍ଗଲରେ ସୁରକ୍ଷା ବଳ ସହ ଗୁଳି ବିନିମୟରେ ମଙ୍ଗଳବାର ଶୀର୍ଷ ମାଓବାଦୀ କମାଣ୍ଡର ତୁଳସୀ ଭୂଇଁୟାଙ୍କର ମୃତ୍ୟୁ ଘଟିଛି। ସେହିପରି ସୁରକ୍ଷାବଳ ଗୁଳିରେ ଆଉଜଣେ ମାଓବାଦୀ ମଧ୍ୟ ଆହତ ହୋଇଛନ୍ତି। ତୁଳସୀଙ୍କ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତାଙ୍କ ନିକଟରୁ ଗୋଟିଏ ସେଲ୍ଫ ଲୋଡିଂ ରାଇଫଲ ସମେତ ବହୁ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।

### ସଂକ୍ଷେପରେ

## ବିସ୍ଫୋରଣରେ ବାବର ଖାଲ୍‌ସା ଆତଙ୍କବାଦୀ ନିହତ

ଅମୃତସର, ୨୭।୫

ପଞ୍ଜାବର ଅମୃତସରର ମଜିଠା ରୋଡ୍ ବାଇପାସ୍ ଅଞ୍ଚଳରେ ମଙ୍ଗଳବାର ଏକ ବିସ୍ଫୋରଣ ହୋଇଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଗୁରୁତର ବ୍ୟକ୍ତି ପଡ଼ି ରହିଥିବାର ଦେଖିବାକୁ ପାଇଥିଲା। ହସ୍ପିଟାଲ ନେବା ବାଟରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ସେ ବାବର ଖାଲ୍‌ସା ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିଲେ ବୋଲି ଅମୃତସର ପୋଲିସ ସୂଚନା ଦେଇଛି। ବିସ୍ଫୋରକ ସାମଗ୍ରୀ ବାହାର କରିବାକୁ ଚେଷ୍ଟା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା, ଫଳରେ ଉକ୍ତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏହି ସନ୍ଦିଗ୍ଧ ଆତଙ୍କବାଦୀଙ୍କ ପରିଚୟ ଜଣାପଡ଼ିନାହିଁ। ପାକିସ୍ତାନର ଗୋଇନ୍ଦା ଏଜେନ୍ସି ଆଇଏସ୍‌ଆଇ ଏବଂ ଭାରତରେ ପ୍ରତିବନ୍ଧିତ ସଙ୍ଗଠନ ବାବର ଖଲସା ସହ ମୃତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସମ୍ପର୍କକୁ ନେଇ ପୋଲିସର ତଦନ୍ତ ଜାରି ରହିଛି ବୋଲି ଡିଆଇଜି (ବର୍ଡର ରେଞ୍ଜ) ସତିନ୍ଦର ସିଂ କହିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ୍

### ୱାକ୍‌ଫ ଆଇନର ବୈଧତାକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୨୭।୫

୧୯୯୫ର ୱାକ୍‌ଫ ଆଇନରେ ଥିବା କେତେକ ନିୟମର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ପିଟିଶନ ଉପରେ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ସିଜେଆଇ ବି.ଆର୍. ଗବଇ ଓ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଉକ୍ତ ଆବେଦନ ଉପରେ ଜବାବ ତଲବ କରିବା ସହ ଏହାକୁ ପୂର୍ବରୁ ବିଚାରାଧୀନ ଥିବା ଆବେଦନଗୁଡ଼ିକ ସହ ଶୁଣାଣି ପାଇଁ ସଂଲଗ୍ନ କରିଛନ୍ତି। ଆବେଦନକାରୀ ନିଖିଲ ଉପାଧ୍ୟାୟଙ୍କ ଓକିଲ ଅଶ୍ୱିନୀ ଉପାଧ୍ୟାୟ ଖଣ୍ଡପୀଠଙ୍କ ସମ୍ମୁଖରେ ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ବୈଧତାକୁ ନେଇ ଚ୍ୟାଲେଞ୍ଜ ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟ ଏପ୍ରିଲ ୧୭ରେ ଦେଇଥିବା ରାୟର ଅବତାରଣା କରିଥିଲେ।

## ଆତଙ୍କବାଦ ପାକିସ୍ତାନର ଯୁଦ୍ଧ ରଣନୀତି

# ଅନୁରୂପ ଜବାବ ଦିଆଯିବ: ମୋଦି



ଗୁଜରାଟର ଗାନ୍ଧୀନଗରରେ ସହରାଞ୍ଚଳ ବିକାଶ ଯୋଜନା ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ନେତୃବୃନ୍ଦ।

ଗାନ୍ଧୀନଗର, ୨୭।୫

ପାକିସ୍ତାନର ସବୁ କାର୍ଯ୍ୟକଳାପ ଛାୟାଯୁଦ୍ଧ ନୁହେଁ, ବରଂ ଯୁଦ୍ଧର ପରିକଳ୍ପିତ ରଣନୀତି। ପାକିସ୍ତାନ ଯଦି ଯୁଦ୍ଧରେ ନିୟୋଜିତ ହୁଏ, ତାକୁ ପ୍ରତିଥର 'ଅପରେଶନ୍ ସିନ୍ଦୂର' ଭାଷାରେ ହିଁ ଜବାବ ଦିଆଯିବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଗୁଜରାଟର ଗାନ୍ଧୀନଗରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଯେତେବେଳେ ବି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନୀ ସେନାକୁ ହରାଇଥାନ୍ତି। ପଡ଼ୋଶୀ ଦେଶ ତାକୁ କେବେ ଭୁଲିବା ଅନୁଚିତ। ଭାରତ ସହ ପ୍ରତ୍ୟକ୍ଷ ଯୁଦ୍ଧରେ ପରାଜୟ ଅବଶ୍ୟମ୍ଭାବୀ ବୋଲି ଜାଣିଥିବାରୁ ପାକିସ୍ତାନ ଛାୟାଯୁଦ୍ଧ ଚଳାଇଥାଏ। ଆତଙ୍କବାଦୀଙ୍କୁ ସାମରିକ ତାଲିମ ଓ ସମର୍ଥନ ଦେଇ ଭାରତକୁ ପଠାଇଥାଏ। ପାକିସ୍ତାନ ଭବିଷ୍ୟତରେ ଏଭଳି କାର୍ଯ୍ୟ କଲେ ଏହାକୁ ମୁହଁତୋଡ଼ ଜବାବ ଦିଆଯିବ। ବିଭାଜନ ବେଳେ ଭାରତ ମାତା ଦୁଇଭାଗ ହୋଇଗଲା। ସେହି ରାତିରେ କଶ୍ମୀର ଉପରେ ମୁଜାହିଦ୍ଦିନମାନେ ପ୍ରଥମ ଥର ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେହି ସମୟରେ ପାକିସ୍ତାନ ମୁଜାହିଦ୍ଦିନ ନାମରେ ଆତଙ୍କବାଦୀଙ୍କ ସହାୟତାରେ ଭାରତର କିଛି ଅଂଶକୁ ଜବରଦଖଲ କରିଥିଲା। ସେହିଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକୁ ଗ୍ରହଣ କରି ମୁଜାହିଦ୍ଦିନମାନଙ୍କୁ ନିପାତ କରାଯାଇଥିଲେ ଗତ ୭୫ ବର୍ଷରେ ଏତେ ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳି ନ ଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

> କଶ୍ମୀରରେ ଆତଙ୍କବାଦ ପ୍ରତି ଭୟ ବାତାବରଣ କମିଗଲାଣି। ଉପତ୍ୟକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ସୁଅ ପୁଣି ଛୁଟିବାରେ ଲାଗିଛି। କେତେକ ଦେଶ ପକ୍ଷରୁ ଜାରି ନକାରାତ୍ମକ ଟ୍ରାଭେଲ ଆଡ୍‌ଭାଇଜରି ହଟାଇବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପଦକ୍ଷେପ ନେବା ଉଚିତ।
>
> **-ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ**

## ୫ମ ପିଢ଼ି ଯୁଦ୍ଧ ବିମାନ କାର୍ଯ୍ୟକ୍ରମକୁ ରାଜନାଥଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୨୭।୫




ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ଆଡ୍‌ଭାନ୍ସଡ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) କାର୍ଯ୍ୟକ୍ରମ ପାଇଁ ବିଶେଷ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆତ୍ମନିର୍ଭର ଭାରତ ଅଭିଯାନକୁ ମଜଭୁତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ। ଏହି ପ୍ରୋଜେକ୍ଟ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ବଢ଼ାଇବ। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଅଧୀନ ଏରୋନଟିକାଲ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯିବ। ଏହି ପ୍ରକଳ୍ପରେ ଏଡିଏ ବିଭିନ୍ନ ଘରୋଇ ଏବଂ ସରକାରୀ କମ୍ପାନୀଗୁଡ଼ିକର ସହଭାଗିତାରେ ଏଏମ୍‌ସିଏକୁ ବିକଶିତ କରିବ। ଏଏମ୍‌ସିଏ ଏକ ପଞ୍ଚମ ପିଢ଼ିର ଷ୍ଟିଲ୍‌ଥ୍ ଫାଇଟର ପ୍ଲେନ୍ ହୋଇଥିବା ବେଳେ ଏହା ଭାରତୀୟ ବାୟୁସେନାକୁ ଆହୁରି ମଜଭୁତ କରିବ। ଏଏମ୍‌ସିଏର ବିକାଶ ପାଇଁ ଏଡିଏ ଖୁବ୍‌ଶୀଘ୍ର ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଜାରି କରିବ।

# ଆତଙ୍କବାଦକୁ ଡରିବୁ ନାହିଁ

ପହଲଗାମ୍, ୨୭।୫(ପି.ଟି.)



ପହଲଗାମରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସାଇକେଲ ଚଳାଉଛନ୍ତି।

ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ମଙ୍ଗଳବାର ନିଜ ୨ ପୁଅ ଜମିର ଓ ଜାହିରଙ୍କ ସହ ପହଲଗାମ୍ ରାସ୍ତା ଉପରେ ସାଇକେଲରେ ବୁଲିଛନ୍ତି। ସାଇକେଲ ଚଳାଇବାବେଳେ ସେ ପର୍ଯ୍ୟଟନର ବିକାଶ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଓମାର ସ୍ଥାନୀୟ ଏକ ହୋଟେଲରୁ ବାହାରି ୨.୫ କି.ମି. ଯାତ୍ରା କରିଥିଲେ। ଜୁଲାଇ ୩ରେ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା ପୂର୍ବରୁ ସେ ଏହି ହିଲ୍ ରିସର୍ଟରେ କ୍ୟାବିନେଟର ସ୍ୱତନ୍ତ୍ର ବୈଠକ କରିଥିଲେ। ଏହି ଅବସରରେ ଓମାର କହିଥିଲେ, ପର୍ଯ୍ୟଟନ ସଂଘର୍ଷ ନିରପେକ୍ଷ ହେବା ଉଚିତ। ଆତଙ୍କବାଦ ଭଳି ଭୀରୁ କାର୍ଯ୍ୟକୁ ନେଇ ସରକାର ଭୟଭୀତ ହେବେ ନାହିଁ।

### ପହଲଗାମ୍‌ରେ ଓମାରଙ୍କ ସାଇକେଲ ଟୁର୍

ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଏକ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ଓମାର କହିଥିଲେ, ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। କେନ୍ଦ୍ର ସରକାର ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଏନେଇ ସବୁ ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇଥିବା ଓମାର ପ୍ରକାଶ କରିଛନ୍ତି। ଏହି ଅବସରରେ ଓମାର ପହଲଗାମ୍ କ୍ଲବ୍‌ରେ ଆୟୋଜିତ ସମ୍ମିଳନୀର ଫଟୋ ଏକ୍ସ'ରେ ପୋଷ୍ଟ କରିବା ସହ ଆକ୍ରମଣକୁ ନିନ୍ଦା କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କୁଏଟ୍‌ରେ ଗୁଲାମନବୀ ଆଜାଦ ଅସୁସ୍ଥ

କୁଏଟ୍ ସିଟି, ୨୭।୫

କୁଏଟ୍ ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ସଦସ୍ୟ ଗୁଲାମନବୀ ଆଜାଦ ମଙ୍ଗଳବାର ହଠାତ୍ ଅସୁସ୍ଥ ହୋଇଯାଇଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଡେମୋକ୍ରାଟିକ୍ ଆଜାଦ ପାର୍ଟି ଅଧ୍ୟକ୍ଷ ଆଜାଦଙ୍କୁ କୁଏଟ୍ ସିଟିର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଉକ୍ତ ଟିମ୍‌ର ନେତୃତ୍ୱ ନେଉଥିବା ଭାଜପା ଏମ୍‌ପି ବୈଜୟନ୍ତ ପଣ୍ଡା ଏକ୍ସ'ରେ ସୂଚନା ଦେଇଛନ୍ତି। ତେବେ ତାଙ୍କ ଅବସ୍ଥା ସ୍ଥିର ଥିବା ବୈଜୟନ୍ତ କହିଛନ୍ତି। ଆଗକୁ ସାଉଦି ଆରବ ଓ ଅଲ୍‌ଜେରିଆ ଗସ୍ତବେଳେ ଆଜାଦ ଅନୁପସ୍ଥିତ ରହିବେ। ଉଲ୍ଲେଖଯୋଗ୍ୟ, ପାକିସ୍ତାନର ଆତଙ୍କବାଦ ମୁଖା ଖୋଲିବା ସହ 'ଅପରେଶନ୍ ସିନ୍ଦୂର' ସମ୍ପର୍କରେ ଅବଗତ କରାଇବା ପାଇଁ ବୈଜୟନ୍ତଙ୍କ ନେତୃତ୍ୱାଧୀନ ବହୁଦଳୀୟ ପ୍ରତିନିଧି ମଣ୍ଡଳୀରେ ଭାଜପାର ନିଶିକାନ୍ତ ଦୁବେ, ଫାଙ୍ଗ୍‌ନୋନ୍ କୋନ୍ୟକ, ରେଖା ଶର୍ମା, ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି, ମନୋନୀତ ଏମ୍‌ପି ସତନାମ ସିଂ ସାନ୍ଧୁ ଏବଂ ପୂର୍ବତନ ବହିର୍ବ୍ୟାପାର ସଚିବ ତଥା ରାଷ୍ଟ୍ରଦୂତ ହର୍ଷ ଶ୍ରୀଙ୍ଗଲା ସାମିଲ ଅଛନ୍ତି।



କୁଏଟ୍ ସିଟିର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଗୁଲାମନବୀ ଆଜାଦଙ୍କ ସହ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ବୈଜୟନ୍ତ ପଣ୍ଡା ଓ ଅନ୍ୟ ସଦସ୍ୟବୃନ୍ଦ।

## ୩୧ ଥର ଏଭରେଷ୍ଟ ଚଢ଼ି ରେକର୍ଡ

କାଠମାଣ୍ଡୁ, ୨୭।୫

ନେପାଳର ଏଭରେଷ୍ଟ ମ୍ୟାନ୍ ଭାବେ ପରିଚିତ ୫୫ ବର୍ଷୀୟ ପର୍ବତାରୋହୀ କାମି ରିତା ଶେର୍‌ପା ପୁଣିଥରେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗରେ ଚଢ଼ି ରେକର୍ଡ ସୃଷ୍ଟି କରିଛନ୍ତି। ମଙ୍ଗଳବାର ସେ ଏଭରେଷ୍ଟର ଶିଖରରେ ୩୧ତମ ଥର ପାଇଁ ଚଢ଼ି ନିଜ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୯୨ରେ ଏକ ଏଭରେଷ୍ଟ ଅଭିଯାନରେ ଜଣେ ସହାୟକ କର୍ମଚାରୀ ଭାବେ ସେ ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ। ୧୯୯୪ରେ ଶେର୍‌ପା ପ୍ରଥମ ଥର ପାଇଁ ଏଭରେଷ୍ଟର ଶିଖରରେ ଚଢ଼ିଥିଲେ। ଏହାପରଠାରୁ ସେ ପ୍ରତିବର୍ଷ



କାମି ରିତା ଶେର୍‌ପା

### ୧୯୯୪ରେ ପ୍ରଥମ ଥର ଚଢ଼ିଥିଲେ

୮,୮୪୯ ମିଟର ଉଚ୍ଚ ବିଶିଷ୍ଟ ଏଭରେଷ୍ଟ ଶିଖରରେ ଚଢ଼ୁଛନ୍ତି। ନିଜ ସଫଳତା ବିଷୟରେ ପ୍ରତିକ୍ରିୟା ରଖି ଶେର୍‌ପା କହିଛନ୍ତି, ସେ ରେକର୍ଡ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ପ୍ରତ୍ୟେକ ରେକର୍ଡ ଦିନେ ନା ଦିନେ ଭାଙ୍ଗିଥାଏ। ତେଣୁ ଏଥିପ୍ରତି ସେ ବିବ୍ରତ ହୁଅନ୍ତି ନାହିଁ କିମ୍ବା ଖୁସି ହୁଅନ୍ତି ନାହିଁ। ତେବେ ତାଙ୍କର ପର୍ବତାରୋହଣ ନେପାଳକୁ ସାରା ବିଶ୍ୱରେ ପରିଚିତ କରାଇପାରୁଥିବାରୁ ଏହା ତାଙ୍କୁ ଆନନ୍ଦ ଦେଇଥାଏ ବୋଲି ଶେର୍‌ପା କହିଛନ୍ତି।

### ଫୁର୍‌ସତ୍

## ଜୁନ୍ ୬ରେ 'ହାଉସ୍‌ଫୁଲ ୫'

**ମୁମ୍ବାଇ:** ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ଏହି ମଲ୍ଟି ଷ୍ଟାରର୍ କମେଡି ଥ୍ରିଲର ଫିଲ୍ମରେ ଅଭିନେତା ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ସଞ୍ଜୟ ଦତ୍ତ, ନାନା ପାଟେକର, ଜନି ଲିବର, ଚଙ୍କି ପାଣ୍ଡେଙ୍କ ସମେତ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ନର୍ଗିସ ଫାକ୍ରି, ସୋନମ୍ ବାଜୱା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ସାଜିଦ୍ ନାଡିଆଡ୍‌ୱାଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତରୁଣ ମନ୍‌ସୁଖାନି। ଆସନ୍ତା ମାସ ୬ ତାରିଖରେ ଏହି ଫିଲ୍ମ ରିଲିଜ୍ ହେବ। ଫିଲ୍ମର ଟ୍ରେଲରରେ ଅନେକ ସସ୍‌ପେନ୍ସ ଏବଂ ଏଣ୍ଟରଟେନ୍‌ମେଣ୍ଟ ଦୃଶ୍ୟ ରହିଥିବାରୁ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବିଭିନ୍ନ ରଙ୍ଗିନ୍ ଲୋକେଶନରେ ଫିଲ୍ମର ଶୁଟ୍ କରାଯାଇଥିବା ନେଇ ଟ୍ରେଲରରୁ ଜଣାପଡ଼ିଛି। ୩ ମିନିଟ ୫୩ ସେକେଣ୍ଡର ଏହି ଟ୍ରେଲରର ଶେଷ ଆଡ଼କୁ ଅଭିନେତା ସଞ୍ଜୟ ଦତ୍ତଙ୍କର ଧମାକାଦାର ଏଣ୍ଟ୍ରି ହୋଇଛି। ଟ୍ରେଲରରେ ତାଙ୍କ ଦମ୍‌ଦାର ଡାଏଲଗ୍ ଏବଂ ଅନ୍ଦାଜ ଦର୍ଶକଙ୍କୁ ବିମୋହିତ କରିଛି। ସେହିପରି ଟ୍ରେଲରରେ ଅଭିନେତ୍ରୀ ଜ୍ୟାକଲିନ, ନର୍ଗିସ ଏବଂ ସୋନମଙ୍କ ଗ୍ଲାମରସ୍ ଅନ୍ଦାଜକୁ ଦର୍ଶକ ପସନ୍ଦ କରିଛନ୍ତି।



ଅକ୍ଷୟ କୁମାର

## ରାପର୍ ରାଜା କୁମାରୀଙ୍କୁ ଆମେରିକାନ୍ ମ୍ୟୁଜିକ୍ ଆୱାର୍ଡ

ଲସ୍‌ଏଞ୍ଜେଲସ୍

ଭାରତୀୟ ବଂଶୋଦ୍ଭବ ତଥା ଆମେରିକୀୟ କଣ୍ଠଶିଳ୍ପୀ, ଗୀତିକାର ଓ ରାପର୍ ଭେଥା ୟାଲ୍ଲାପ୍ରଗଦା ରାଓଙ୍କୁ ମଙ୍ଗଳବାର ଆମେରିକାନ୍ ମ୍ୟୁଜିକ୍ ଆୱାର୍ଡ (ଏଏମ୍‌ଏ) ପ୍ରଦାନ କରାଯାଇଛି। ରାଜା କୁମାରୀ ନାମରେ ପରିଚିତ ଏହି ୩୯ ବର୍ଷୀୟା ବହୁମୁଖୀ ପ୍ରତିଭା ଉକ୍ତ ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ। ତାଙ୍କୁ ଫେଭୋରାଇଟ୍ ସାଉଣ୍ଡଟ୍ରାକ୍ ବର୍ଗରେ ଏଏମ୍‌ଏ ଦିଆଯାଇଛି। କାଲିଫର୍ନିଆର କ୍ଲାରେମୋଣ୍ଟରେ ଏକ ତେଲୁଗୁ ପରିବାରରେ ଜନ୍ମିତ ରାଜା କୁମାରୀ କୁଚିପୁଡ଼ି, କଥକ ଓ ଭାରତନାଟ୍ୟମ୍‌ରେ ମଧ୍ୟ ନିଜ ନିପୁଣତା ଦେଖାଇ ଆସିଛନ୍ତି। ତାଙ୍କ ପରିବାର ଆନ୍ଧ୍ରପ୍ରଦେଶରୁ ଆମେରିକା ଯାଇ ସେଠାରେ ବସବାସ କରୁଛନ୍ତି।



## ଚାଇନାରେ ପ୍ରଥମ ରୋବୋ ବକ୍ସିଂ ଟୁର୍ନାମେଣ୍ଟ

ବେଜିଂ

ବିଶ୍ୱର ପ୍ରଥମ ହ୍ୟୁମାନଏଡ୍ ରୋବୋ କିକ୍ ବକ୍ସିଂ ଟୁର୍ନାମେଣ୍ଟ ଗତ ୨୫ ତାରିଖରେ ପୂର୍ବ ଚାଇନାର ହାଙ୍ଗଝୌଠାରେ ଆୟୋଜିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଏକାଧିକ ମ୍ୟାଚ୍ ହୋଇଥିବା ବେଳେ ପ୍ରତ୍ୟେକ ମ୍ୟାଚ୍‌ରେ ୨ ଜଣ ଲେଖାଏ ରୋବୋ ବକ୍ସିଂ ରିଙ୍ଗ ମଧ୍ୟରେ ପରସ୍ପରକୁ ପଞ୍ଚ୍ ମାରି ମୁକାବିଲା କରୁଥିଲେ। ମ୍ୟାଚ୍ ସମୟରେ ରୋବୋମାନଙ୍କୁ ସେମାନଙ୍କ ହ୍ୟାଣ୍ଡଲର ପରିଚାଳିତ କରୁଥିଲେ। ରୋବୋଙ୍କ ମଧ୍ୟରେ ଏହି ରୋମାଞ୍ଚକର ବକ୍ସିଂ ଟୁର୍ନାମେଣ୍ଟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଦେଖାଦେଇଥିଲା। ପ୍ରତି ବକ୍ସିଂ ମ୍ୟାଚ୍ ସମୟରେ ଜଣେ ରେଫରି ରିଙ୍ଗ ମଧ୍ୟରେ ଉଭୟ ପ୍ରତିଯୋଗୀ ରୋବୋ ଏବଂ ଖେଳକୁ ସଞ୍ଚାଳନ କରୁଥିଲେ। ହ୍ୟାଣ୍ଡଲର ଲୁ ଜିନ୍‌ଙ୍କ ଦ୍ୱାରା ପରିଚାଳିତ ରୋବୋ 'ଏଆଇ ଷ୍ଟ୍ରାଟେଜିଷ୍ଟ' ଏହି ଟୁର୍ନାମେଣ୍ଟର ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ସେ ହ୍ୟାଣ୍ଡଲର ହୁ ଯୁଙ୍କିଆନଙ୍କ ରୋବୋ 'ଏନର୍ଜି ଗାର୍ଡିଆନ'କୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ରୋବୋମାନେ ପ୍ରଭାବଶାଳୀ ଢଙ୍ଗରେ ପରସ୍ପର ସହ ବକ୍ସିଂ ମୁକାବିଲା କରିଥିଲେ, ଯାହା ରୋବୋଟିକ୍ସ ଏବଂ ଏଆଇ କ୍ଷେତ୍ରରେ ଚାଇନା କରିଥିବା ଦ୍ରୁତ ପ୍ରଗତିକୁ ଦର୍ଶାଉଥିବା ନେଇ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।







# ଉପକୂଳ ସୁରକ୍ଷାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କଲେ

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ଚଳିତ ମାସ ଦ୍ୱିତୀୟ ସପ୍ତାହରେ ୪ ଦିନ ଧରି ଭାରତ-ପାକିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଦେଶର ସମସ୍ତ ସୀମାବର୍ତ୍ତୀ ଅଞ୍ଚଳ ଏବଂ ଆଭ୍ୟନ୍ତର ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଭଳିସ୍ଥଳେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରୁଛନ୍ତି। ସେ ମଙ୍ଗଳବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ଦେଶ ତଥା ରାଜ୍ୟର ସୁରକ୍ଷା ଓ ବିକାଶ ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଛନ୍ତି। ଦେଶର ପୂର୍ବସୀମାରେ ଓଡ଼ିଶାର ରଣନୀତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ଭିତ୍ତିଭୂମି ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

ଓଡ଼ିଶାରେ ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଲୋଚନା କରିଥିବା ଜଣାପଡିଛି। ଏହାସହ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ଏବଂ ରଥଯାତ୍ରାରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କୁ ନିମନ୍ତ୍ରଣ କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଓଡ଼ିଶାର ଉପକୂଳରେ ୪୮୦ କି.ମି.ର ବେଳାଭୂମି ରହିଛି। ଏହାସହ ରାଜ୍ୟର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରତିଷ୍ଠାନ ରହିଛି। ସେଥିମଧ୍ୟରେ ବାଲେଶ୍ୱର ଜିଲା ଚାନ୍ଦିପୁରଠାରେ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ(ଆଇଟିଆର୍) ଏବଂ ଭଦ୍ରକଠାରେ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପ ରହିଛି। ଏହି ଦୁଇ ସ୍ଥଳୀକୁ ମିଶାଇଲ୍ ଲଞ୍ଚ କରିବା କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏଥିଲାଗି ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟପଟେ ଜଳପଥ ଦେଇ ଯେପରି ଆତଙ୍କବାଦୀ କାର୍ଯ୍ୟକଳାପ ନ ହେବ ସେଥିଲାଗି ରାଜ୍ୟ ସରକାର ଭାରତୀୟ ନୌସେନା, କୋଷ୍ଟ ଗାର୍ଡ ଏବଂ ମେରାଇନ ପୋଲିସ ସମନ୍ୱୟ ରକ୍ଷା କରି ସମଦ୍ର ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି।




# ୨୧ ହାଇକୋର୍ଟ ବିଚାରପତିଙ୍କ ବଦଳି ସୁପାରିସ

## ଓଡ଼ିଶା ହାଇକୋର୍ଟ ବିଚାରପତି ହେବେ ମାନସ ରଞ୍ଜନ ପାଠକ



ମାନସ ରଞ୍ଜନ ପାଠକ

ନୂଆଦିଲ୍ଲୀ,୨୭।୫(ପି.ଟି.)

ସୁପ୍ରିମକୋର୍ଟ କଲେଜିୟମ ଦେଶର ବିଭିନ୍ନ ହାଇକୋର୍ଟରେ ୨୧ଜଣ ବିଚାରପତିଙ୍କ ବଦଳି ସୁପାରିସ କରିଛନ୍ତି। ବିଚାରବିଭାଗୀୟ ପ୍ରଶାସନ ଏବଂ ସଂସ୍ଥାଗତ ସନ୍ତୁଳନ ବଜାୟ ରଖିବା ଉଦ୍ଦେଶ୍ୟରେ କଲେଜିୟମ ସୋମବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ବିଚାରପତି ସୁଜୋୟ ପାଲ୍‌ଙ୍କୁ ତେଲଙ୍ଗାନା ହାଇକୋର୍ଟରୁ କଲିକତା ହାଇକୋର୍ଟ ବଦଳି ସୁପାରିସ କରାଯାଇଥିବାବେଳେ କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଭି. କାମେଶ୍ୱର ରାଓଙ୍କୁ ଦିଲ୍ଲୀ ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ଲାନୁସୁଙ୍ଗକୁମ୍ ଜମିରଙ୍କୁ କଲିକତା ହାଇକୋର୍ଟ, ଗୌହାଟି ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ନୀତିନ ବାସୁଦେଓ ସମ୍ବରେଙ୍କୁ ଦିଲ୍ଲୀ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ସେହିପରି ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଅଶ୍ୱିନୀ କୁମାର ମିଶ୍ରାଙ୍କୁ ପଞ୍ଜାବ-ହରିୟାଣା ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ସୁମନ ଶ୍ୟାମଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ- ହରିୟାଣା ହାଇକୋର୍ଟ ବିଚାରପତି ସଞ୍ଜୀବ ପ୍ରକାଶ ଶର୍ମାଙ୍କୁ ରାଜସ୍ଥାନ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ବିବେକ ଚୌଧୁରୀଙ୍କୁ ଦିଲ୍ଲୀ ହାଇକୋର୍ଟ, କେରଳ ହାଇକୋର୍ଟ ବିଚାରପତି ଦୀନେଶ କୁମାର ସିଂଙ୍କୁ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ୍ ହାଇକୋର୍ଟ ବିଚାରପତି ବିବେକ କୁମାର ସିଂଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟ ବିଚାରପତି ବଟ୍ଟୁ ଦେବାନନ୍ଦଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଓମ୍ ପ୍ରକାଶ ଶୁକ୍ଲାଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଶ୍ରୀ ଚନ୍ଦ୍ରଶେଖରଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ସୁଧୀର ସିଂଙ୍କୁ ପାଟନା ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ଅନିଲ କ୍ଷେତ୍ରପାଲ୍‌ଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଅରୁଣ କୁମାର ମୋଙ୍ଗାଙ୍କୁ ଦିଲ୍ଲୀ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜୟନ୍ତ ବାନାର୍ଜୀଙ୍କୁ କର୍ଣ୍ଣାଟକ ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ସି. ସୁମଲଥାଙ୍କୁ ତେଲଙ୍ଗାନା ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଲଲିଥା କାନେଗାଣ୍ଟିଙ୍କୁ ତେଲଙ୍ଗାନା ହାଇକୋର୍ଟ ଏବଂ ପାଟନା ହାଇକୋର୍ଟ ବିଚାରପତି ଆନିରେଡ୍ଡୀ ଅଭିଷେକ ରେଡ୍ଡୀଙ୍କୁ ତେଲଙ୍ଗାନା ହାଇକୋର୍ଟ ବିଚାରପତି ଭାବେ ସୁପାରିସ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ୍‌ର ଏହି ସୁପାରିସ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। କେନ୍ଦ୍ରରୁ ଅନୁମୋଦନ ମିଳିବା ପରେ ଉପରୋକ୍ତ ବିଚାରପତିମାନେ ସେମାନଙ୍କ ନୂତନ ବଦଳି ସ୍ଥାନରେ ନିୟମ ଅନୁସାରେ ଯୋଗ ଦେବେ।




# ଟିପ୍ପରକୁ ଧକ୍କା ଦେଲା ବାଇକ୍: ମାମୁ, ଭଣଜା ମୃତ

ଗୁଣପୁର, ୨୭।୫
(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ସହର ନିକଟସ୍ଥ କଇଠପଦର ରାସ୍ତାରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମାମୁ, ଭଣଜାଙ୍କ ମୃତ୍ୟୁ ଘଟିଛି। କଇଠପଦର ମୁଖ୍ୟରାସ୍ତାରେ ଛିଡା ହୋଇଥିବା ଏକ ଟିପ୍ପର ପଛରେ ବାଇକ୍ ମାଡ ହେବାରୁ ଘଟଣାସ୍ଥଳରେ ୨ ବାଇକ୍ ଆରୋହୀ ଛିଟକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବାବେଳେ ମେଡିକାଲରେ ପହଞ୍ଚିବା ପୂର୍ବରୁ ସେମାନଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତର ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ମୃତକଦ୍ୱୟ ହେଲେ ଶିରିଖୋଲି ପଞ୍ଚାୟତ ବଡଆମ୍ବଗୁଡା ଗ୍ରାମର ତିରୁପତି ଶବର ( ୪୦ ) ଏବଂ ମଣ୍ଟୁ ଶବର (୧୮)। ସେମାନେ ସମ୍ପର୍କରେ ମାମୁ ଭଣଜା ବୋଲି ଜଣାପଡ଼ିଛି। ମାମୁ ଭଣଜା କୌଣସି କାମରେ ଗୁଣପୁର ଆସି ନିଜ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଘଟଣାସ୍ଥଳରେ ଗୁଣପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆଜି ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ

ବଲାଙ୍ଗୀର/ପାଟଣାଗଡ଼,୨୭।୫
(ବୀରେନ୍ଦ୍ର କୁମାର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)

ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇବ। ଦୀର୍ଘ ୭ ବର୍ଷର ଅପେକ୍ଷା ପରେ ଏହି ରାୟ ପ୍ରକାଶ ପାଇବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଏନେଇ ଉତ୍ସୁକତା ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ କୋର୍ଟରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ ପାଇବାକୁ ଯାଉଛି।

୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁ, ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଟିମ୍ ୨୦୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିବା ପରେ ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ଏହାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିଥିଲା। ୬୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଏଡିଜେ ୨୮ ତାରିଖରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ କରିବେ ବୋଲି ଶୁଣାଇଥିଲେ। ଫଳରେ ନ୍ୟାୟ ଅପେକ୍ଷାରେ ଥିବା ମୃତ ସୌମ୍ୟଶେଖରଙ୍କ ମାତାପିତା ସଞ୍ଜୁକ୍ତା ସାହୁ ଓ ରବୀନ୍ଦ୍ର ସାହୁ ନ୍ୟାୟ ପାଇବେ ବୋଲି ଆଶାବାଦୀ ଥିବା ଜଣାଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କ'ଣ ଦଣ୍ଡ ମିଳିବ ଏବେ ତା' ଉପରେ ସମସ୍ତଙ୍କର ନଜର ରହିଛି।



ଅଭିଯୁକ୍ତ ପୁଞ୍ଜିଲାଲ ମେହେର

# ଦୁର୍ଘଟଣାରେ ବାଇକ୍‌ରୁ ଖସି ମହିଳା ମୃତ

## ସ୍ୱାମୀ, ଶିଶୁପୁତ୍ର ଅଳ୍ପକେ ବର୍ତ୍ତିଲେ

ଢେଙ୍କାନାଳ,୨୭।୫
(ରତନ ନାୟାର)

ଢେଙ୍କାନାଳ ସହର ଆନନ୍ଦନଗରଠାରେ ନିର୍ମାଣାଧୀନ ୫୫ନଂ ଜାତୀୟ ରାଜପଥର ଆପ୍ରୋଚ ରୋଡ଼ରେ ମଙ୍ଗଳବାର ସକାଳେ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅଳ୍ପକେ ରକ୍ଷା ପାଇଯାଇଛନ୍ତି ସ୍ୱାମୀ ଓ ଶିଶୁପୁତ୍ର। ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କରକୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ଘଟଣାରୁ ଜଣାପଡ଼ିଛି, ପରଜଙ୍ଗ ଥାନା ବାରିହାପୁର ଗ୍ରାମର ରଶ୍ମୀରଞ୍ଜନ ଖୁଣ୍ଟିଆ ଓ ସ୍ତ୍ରୀ ଲିସା ଖୁଣ୍ଟିଆ(୨୦) ଦେଢ଼ବର୍ଷର ଶିଶୁପୁତ୍ରକୁ ସାଙ୍ଗରେ ନେଇ ପୁରୀ ଯାଉଥିବା ବେଳେ ଏକ ଟ୍ୟାଙ୍କର ତାଙ୍କ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଲିସା ବାଇକ୍‌ରୁ ଖସିପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ୩ ଘଣ୍ଟା ଧରି ରାସ୍ତାରୋକ କରିଥିଲେ। ତହସିଲଦାର, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ଆବେଦନ ଆରମ୍ଭ

କଟକ,୨୭।୫(କାର୍ତ୍ତିକ ସାହୁ)

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୪ ନିମନ୍ତେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କଠାରୁ ମନୋନୟନ ପତ୍ର ଆହ୍ୱାନ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିନିମନ୍ତେ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗର ୱେବ୍‌ସାଇଟ http://sports.odisha.gov.inରେ ଉପଲବ୍ଧ। ମନୋନୟନ ପତ୍ର ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ତା୧୬।୬।୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ। ଜିଲାର କୃତୀ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ ଓ କ୍ରୀଡ଼ା ସାମ୍ବାଦିକ ଉପଯୁକ୍ତ ଦସ୍ତାବିଜ ସହ ଆବେଦନ କରିବାକୁ ଅନୁରୋଧ କରାଯାଉଛି।

# ଖଣି ଦୁର୍ନୀତିରୁ କେହି ବର୍ତ୍ତିପାରିବେ ନାହିଁ: ମନ୍ତ୍ରୀ ପୂଜାରୀ

ସୁନ୍ଦରଗଡ଼, ୨୭।୫ (ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲାରେ ହୋଇଥିବା ଖଣି ଦୁର୍ନୀତିରୁ କେହି ବର୍ତ୍ତିପାରିବେ ନାହିଁ। ଯେଉଁମାନେ ଖଣି ଚୋରି କରୁଥିଲେ ଓ ଯାହାଙ୍କ ଛତ୍ରଛାୟା ତଳେ ଏହି ଖଣି ଚୋରି ହେଉଥିଲା ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୁନ୍ଦରଗଡ଼ ଗସ୍ତ ଅବସରରେ ମଙ୍ଗଳବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ଏହି ଖଣି ଚୋରି ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇସାରିଛନ୍ତି। ଖଣି ଓ ଜଙ୍ଗଲ ବିଭାଗର ଦୁଇଜଣ ମନ୍ତ୍ରୀ ଓ ସଚିବମାନେ ଖଣି ଚୋରି ଅଞ୍ଚଳ ପରିଦର୍ଶନ କରି ସେମାନଙ୍କ ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛନ୍ତି। ବର୍ତ୍ତମାନ ଏସ୍‌ଆଇଟି ତଦନ୍ତ କରୁଛି। ଆବଶ୍ୟକ ପଡ଼ିଲେ ଏସ୍‌ଆଇଟିକୁ ଆହୁରି ମଜଭୁତ କରାଯିବ। ଖଣି ଚୋରି କରୁଥିବା ବ୍ୟବସାୟୀ ଓ ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ନିଶ୍ଚିତ ଭାବରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରି ଅନୁମତିରେ ଅନିୟମିତତା

## ପ୍ରାକ୍ତନ ୬ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

## ଏଜି ଅଡିଟ୍ ରିପୋର୍ଟରେ ଧରାପଡ଼ିଲା

ସୋନପୁର,୨୭।୫
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଲୋକଙ୍କ ଜମିକୁ ବିକ୍ରିଅନୁମତିପ୍ରଦାନରେ ଅନିୟମିତତା ହୋଇଛି। ଜିଲାର ବୀରମହାରାଜପୁର ଓ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଇନ ଉଲ୍ଲଂଘନ କରାଯାଇ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଏହାର ଫାଇଦା ଧନୀ, ପ୍ରଭାବଶାଳୀ ଗୋଷ୍ଠୀ ନେଇଛନ୍ତି। ଏହାଦ୍ୱାରା ଏସ୍‌ସି ଓ ଏସ୍‌ଟିମାନେ କମ୍ ଦରରେ ଜମି ବିକ୍ରିକରି ଭୂମିହୀନ ହେଉଥିବା ବେଳେ ସେମାନଙ୍କ ଜମି ସାଧାରଣ ବର୍ଗର ଧନୀ ଲୋକଙ୍କ ହାତକୁ ଚାଲିଯାଉଛି। ଓଡ଼ିଶା ପ୍ରଧାନ ମହାଲେଖାଗାର(ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ)ଙ୍କ ଅଡିଟ୍ ରିପୋର୍ଟରୁ ଏହାର ପର୍ଦ୍ଦାଫାଶ ହୋଇଛି।

ରିପୋର୍ଟ ଅନୁଯାୟୀ ସମ୍ପୃକ୍ତ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଏସ୍‌ସି ଓ ଏସ୍‌ଟିଙ୍କ ଜମି ସେମାନଙ୍କ ଖାତାକୁ ପୁନଃଫେରସ୍ତ ପାଇଁ ରାଜ୍ୟ ସରକାର ଓ ଜିଲାପାଳଙ୍କୁ ପତ୍ରସଂଖ୍ୟା ୧୧୦୫/୦୨।୦୨।୨୦୨୪ରେ ସିଏଜି ସୁପାରିସ କରିଛନ୍ତି। ତେବେ ଅନିୟମିତତାରେ ସମ୍ପୃକ୍ତଙ୍କ ବିରୋଧରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଏଥିନେଇ ଜିଲାର ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

ପ୍ରଧାନ ମହାଲେଖାଗାରଙ୍କ ରିପୋର୍ଟ ଅନୁଯାୟୀ ବୀରମହାରାଜପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୨୧୩.୯୩୮ ଏକର ଜମି ବିକ୍ରି ପାଇଁ ୨୧୮ ଜଣଙ୍କୁ ଅନୁମତି ଦେଇଛନ୍ତି। ଓଏଲ୍‌ଆର୍ ଆକ୍ଟର ଧାରା ୨୨ର ୧୮୧ଟି ମାମଲାର କାଗଜପତ୍ରକୁ ତର୍ଜମା ପରେ ୧୩୮ଟି ମାମଲାରେ ଅନିୟମିତତା ହୋଇଥିବା ପ୍ରମାଣ ମିଳିଛି ; ଯେଉଁଥିରେ ୨୦୦.୭୫୩ ଏକର ଜମି ଯାହାର ସରକାରୀ ମୂଲ୍ୟ ୬କୋଟି ୧୭ଲକ୍ଷ ୭୦ହଜାର ୬୨୯ଟଙ୍କାର ଅନିୟମିତତା ହୋଇଛି। ସେହିପରି ସୋନପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୧୮୧.୩୭ ଏକର ଜମି ବିକ୍ରି ପାଇଁ ୩୨୨ଜଣଙ୍କୁ ଅନୁମତି ଦେଇଛନ୍ତି। ୧୧୫ଟି ମାମଲାର କାଗଜପତ୍ରକୁ ତର୍ଜମା କରାଯାଇଥିଲା। ଯେଉଁଥିରେ ୧୦୧.୫୯୪ଏକର ଜମିର ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି, ଯାହାର ସରକାରୀ ମୂଲ୍ୟ ୫କୋଟି ୨୩ଲକ୍ଷ ୧୪ହଜାର ୨୦୧ଟଙ୍କା। ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ଜିଲାର ୬ଜଣ ପ୍ରାକ୍ତନ ଉପଜିଲାପାଳ ମୋଟ ୩୨୨.୩୪୭ଏକର ଏସ୍‌ସି, ଏସ୍‌ଟି ଜମିକୁ ବିକ୍ରି ପାଇଁ ଅନୁମତି ଦେଇଛନ୍ତି। ଯାହାର ସେତେବେଳର ସରକାରୀ ମୂଲ୍ୟ ୧୧କୋଟି ୪୦ଲକ୍ଷ ୮୪ହଜାର ୮୩୦ଟଙ୍କା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ସମୟରେ ବୀରମହାରାଜପୁରରେ ଗୋପୀନାଥ ସାରକା, ସୁବ୍ରତ କୁମାର ବେହେରା ଓ ଅଶୋକ କୁମାର ଭୋଇ ଉପଜିଲାପାଳ ଥିଲେ। ତେବେ ଅଶୋକଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା। ସେହିପରି ସୋନପୁରରେ ବଳରାମ ମଲ୍ଲିକ, ନିହାର ରଞ୍ଜନ କହଁର ଓ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଉପଜିଲାପାଳ ଥିଲେ। ତେବେ ବଳରାମ ଓ ଈପ୍‌ସିତାଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ମିଳିଥିବା ରିପୋର୍ଟରେ ଉଲ୍ଲେଖ ଅଛି। ରିପୋର୍ଟ ପାଇବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୋନପୁର ଓ ବୀରମହାରାଜପୁରଙ୍କ କାର୍ଯ୍ୟାଳୟକୁ କେସ୍ ରେକର୍ଡ ମଗାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କୁ ପଚାରିବାରୁ ଅଡିଟ୍ ରିପୋର୍ଟ ଅନୁଯାୟୀ ଅନିୟମିତତାର ପ୍ରମାଣ ମିଳିଛି। ତର୍ଜମାକଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଲିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଗାଡ଼କଣ ଅଲିଆଗଦା ଗେଟ୍ ସମ୍ମୁଖ, ସମୟ: ସକାଳ ୯ଟା।
- ପୋଖରୀ ସଫେଇ ଓ ପୋଖରୀ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ମହୁଖଣ୍ଡା ଗ୍ରାମର ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ନୃତ୍ୟ ବିଳାସ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ସୁଭାଷ ସଙ୍ଗଠନ ପକ୍ଷରୁ ଦସ୍ତଖତ ଅଭିଯାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା।

## ଖୋର୍ଦ୍ଧା
- କୁଣ୍ଡଳେଶ୍ୱର ଦେବଙ୍କ ୨୧ତମ ମହାଯଜ୍ଞ ଉତ୍ସବ ଆରମ୍ଭ ଓ ଅଙ୍କୁରରୋପଣ, ସ୍ଥାନ: ମନ୍ଦିର ପରିସର, ଷଣ୍ଢପୁର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜିଲା ମୁନି ସମାଜ ପକ୍ଷରୁ ଯୋଗ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ୩୨ ବେଶର ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୁତି, ଅନ୍ନ ମହୋତ୍ସବ, ଜଗନ୍ନାଥ ସଂସ୍କୃତି ଆଧାରିତ ଛାତ୍ରୀଛାତ୍ରଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ସାଧାରଣ ସଭା, କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ନିଶନପୁର, ଶଙ୍କରନାଥ ଜୀଉ ଓ ସରସ୍ୱତୀ ପୂଜା ମଣ୍ଡପ, ଭୋଗରାଇ, ସମୟ: ସକାଳୁ ରାତି ପର୍ଯ୍ୟନ୍ତ।
- ଭୋଗରାଇ ବ୍ଲକରେ ଚାଷୀଙ୍କ ବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଭୋଗରାଇ, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ଖବରଦାତା ସମ୍ମିଳନୀ, ସ୍ଥାନ: ମିନି କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନବମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁରେ ଇଷ୍ଟର୍ଣ୍ଣ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସର ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ. ଜ୍ୟୋତିଷ୍ମିର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ରବି ଧାନ ବିକ୍ରି ପାଇଁ ଜିଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଧାମନଗର ସେବା ସମବାୟ ସମିତି, ସମୟ: ସକାଳ ୯ଟା।
- ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ, ସ୍ଥାନ: ପ୍ରେସ୍ କ୍ଲବ୍ ପରିସର, ଧାମନଗର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ,ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଜୋନାଲସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା।

## ରାୟଗଡ଼ା
- ବାଲ୍ୟ ବିବାହ ନିରାକରଣ ସଚେତନତା କର୍ମଶାଳା, ସ୍ଥାନ: ଗୁଡ଼ାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ବ୍ଲକ୍ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସପ୍ତମ ରାଜ୍ୟ ବ୍ରଡ ବ୍ରାଣ୍ଡ କମିଟି ବୈଠକ, ସ୍ଥାନ: ମିଶନଶକ୍ତି ଗୃହ, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଡିସିସି, ଡିଏଲଆରସି ବ୍ୟାଙ୍କର୍ସ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି
- ଆନ୍ତଃରାଜ୍ୟ ଟି- ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ, ସ୍ଥାନ: ପେଡ଼ାକୋଣ୍ଡା, ସମୟ: ମଧ୍ୟାହ୍ନ ୧୨ ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୌର ପରିଷଦ କାଉନସିଲର ବୈଠକ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ସମୟ: ସକାଳ ୬ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଡେରା ବିକାଶ ଶୀର୍ଷକ ଆଲୋଚନା, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା।
- ନନ୍ଦପଡା ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଛକ, ସମୟ : ରାତି ୮ଟା।

## ବଲାଙ୍ଗୀର
- ଲୋଇସିଂହାର ୧୯ତମ ଜମିଦାରଙ୍କ ରାଜ ଅଭିଷେକ ସମାରୋହ, ସ୍ଥାନ: ରାଜବାଟି, ଲୋଇସିଂହା, ସମୟ: ସକାଳ ୮ଟା।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମଉଜ-୨୦୨୫ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ କମ୍ୟୁନିଟି ସେଣ୍ଟର, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ସାରସ୍ୱତ ସାଧକ ଡକ୍ଟର ଗଙ୍ଗାଧର ଗୁରୁ ଜୟନ୍ତୀ, ସ୍ଥାନ:ରାଜବୋଡାସମ୍ବର ହାଇସ୍କୁଲ ପରିସର,ପଦ୍ମପୁର,ସମୟ:ସନ୍ଧ୍ୟା ୬ଟା।

## ଦେବଗଡ଼
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଗସ୍ତ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ସୋନପୁର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବାଗବର ଗୋଚର ଜମି ଜବରଦଖଲ ହଟାଇବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ଟ୍ରେଜେରୀରୁ ସୁନା ନାଗ ଓ ଅଳଙ୍କାର ବାହାରିବେ, ସ୍ଥାନ: ସୁବର୍ଣ୍ଣପୁର ଟ୍ରେଜେରୀ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଗୋ ସେବା ପାଳନ କେନ୍ଦ୍ର ଉଦ୍‌ଘାଟିତ, ସ୍ଥାନ: କୁଲପଡା ସ୍ଥିତ ଗୋଶାଳା, ସମୟ: ପୂର୍ବାହ୍ନ ୧୦ଟା।
- ବିନିକା ଶୀତଳଷଷ୍ଠୀ ମହୋତ୍ସବ ଉପଲକ୍ଷେ କନ୍ୟା ମନୋନୟନ ଓ ନିର୍ବନ୍ଧ, ସ୍ଥାନ: ବିଶ୍ୱେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ପାଇଁ ଦେବ ନିମନ୍ତ୍ରଣ, ସ୍ଥାନ: ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜଳଛାୟା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୫ଦିନିଆ ଶିକ୍ଷାବର୍ଗ ଯଜ୍ଞ, ସ୍ଥାନ: ଭବାନୀପାଟଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା ୧୦।
- ହନୁମାନ ମନ୍ଦିର ରତ୍ନମୁଦ ଉତ୍ସବ, ସ୍ଥାନ: ଖଡ଼ିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଚଟରାଭଟା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଗୃହପ୍ରବେଶ ଉପଲକ୍ଷେ ବୈଠକୀ କୀର୍ତ୍ତନ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ସାପ୍ତାହିକ ବଜାର ପଡିଆ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ: ସକାଳ ୯ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରିବା କଷ୍ଟକର ହେବ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ ତଥାପି ଅସୁସ୍ଥତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ଅଟକିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରର ସମସ୍ୟା ସୁଧାରିବାକୁ ପ୍ରଯତ୍ନ କରିବେ। ପରିବାରରେ ମାନସିକ ଚାପର ପ୍ରଭାବ ଲାଗିରହିବ। ଏମିତି କେତେକ କଥା ରହିଛି ଯାହାକୁ ଅନ୍ୟମାନଙ୍କୁ କହିପାରିବେ ନାହିଁ ଫଳରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରୁ ଖୁସି ହେବେ।

**ମିଥୁନ** ବନ୍ଧୁମାନଙ୍କ ସହାନୁଭୂତିର ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏଁ ଆପଣ କରିପାରୁ ନ ଥିଲେ ଆଜି ତାହା ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର ପରିବାର ସହମତିରେ କାମକଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ଆଜି ଆପଣ ପ୍ରତିବନ୍ଧକର ସାମ୍ନାକରି କାମ ହାସଲ କରିବାରେ ସମର୍ଥ ହେବେ। ଯାହା କରିବା ପାଇଁ ଚିନ୍ତା କରିଥିଲେ ସେହି କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ସିଂହ** ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ, ବାଣିଜ୍ୟ, ସଙ୍ଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବାରୁ ଚିନ୍ତିତ ରହିପାରନ୍ତି ।

**କନ୍ୟା** ଆଜିର ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ଅନ୍ୟମାନଙ୍କ ସକାଶେ ଯେଉଁ କାମଟିକୁ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା କରିପାରିବେ। ସାମାଜିକ ସ୍ଥରରେ ଲୋକସମ୍ପର୍କ ବୃଦ୍ଧି ପାଇବା ସହ ପ୍ରଶଂସିତ ହୋଇପାରନ୍ତି। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଲାଭକରି ଖୁସିହୋଇପାରନ୍ତି।

**ତୁଳା** ଆଜି ହାତ ଖାଲି ରହିବ ନାହିଁ, ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବ ରହିଲେ ସମସ୍ୟା ଆଗକୁ ବଢ଼ିପାରିବ ନାହିଁ।

**ବିଛା** ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗ ମଧ୍ୟରେ ଦିନଟି କଟାଇବେ। ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିପାରେ। ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ।

**ଧନୁ** ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଆଖି ଆଗରେ ରଖି କାମ କଲେ କୌଣସି ଅସୁବିଧା ହେବ ନାହିଁ। ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛାଇଯାଇପାରନ୍ତି। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**ମକର** ପରୋକ୍ଷ ଶତ୍ରୁତା, କରଜ ଏବଂ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଯାହା କରନ୍ତୁ ଆଦୌ ପଡୁ ନ ଥିବା ଲୋକମାନେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଆଜି ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ ଖବର ନେଇ ଆସିବେ। ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ମୁକ୍ତି ମିଳିବ। ବହୁ ଦିନର ନୂଆ ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ପାରିବାରିକ ସ୍ଥିରତା ଓ କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିଥିବାରୁ ଖୁସି ହେବେ। କର୍ମକ୍ଷେତ୍ରରେ ବାରମ୍ବାର ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିବ। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ ବ୍ୟବସାୟ, ପରିବହନରେ ସମସ୍ୟା ଲାଗି ରହିବ। ସ୍ଥାନାନ୍ତର ସକାଶେ ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ମେ ୨୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ବୁଧବାର। ରାଶିନକ୍ଷତ୍ର- ମୃଗଶିରା/ବୃଷ, ଘ.୦୧।୨୭ ମି. ଗତେ ମିଥୁନ ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ୦୭।୪୮ ଗତେ,୦୮।୨୭ ମଧ୍ୟେ, ଘ.୧୦।୦୫ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୧।୪୪ ଗତେ, ଘ.୦୧।୨୨ ମଧ୍ୟେ ରାହୁକାଳ।

# ଋତୁସ୍ରାବ: ବଢୁଛି ସଚେତନତା

**ଋତୁସ୍ରାବ ସ୍ୱଚ୍ଛତା ଦିବସ**

ଗାଁ ହେଉ କି ସହର ମାସିକ ଋତୁସ୍ରାବ କଥା କହିବାରେ ପ୍ରାୟ ମହିଳା ସଂକୋଚ କରନ୍ତି। ଏପରିକି ନିଜ ଘର ଲୋକଙ୍କୁ ମଧ୍ୟ ଏସମ୍ପର୍କରେ କହିବାକୁ ଉଚିତ ମନେ କରନ୍ତି ନାହିଁ। ଏ କଥା ପଡିବା ମାତ୍ରେ ଝିଅ ବୋହୂମାନେ ଲାଜ କରି ନ ହେଲେ ମୁହଁ ଘୋଡାଇ ପଳାନ୍ତି। ହେଲେ ଏବେ ସମୟ ବଦଳିଛି ଆଉ ମହିଳାଙ୍କ ଭିତରରେ ସଚେତନତା ବଢ଼ିଛି। ଅପରପକ୍ଷେ ଋତୁସ୍ରାବ ସ୍ୱଚ୍ଛତା ସମ୍ପର୍କରେ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୨୦୧୪ରୁ ମେ' ମାସ ୨୮କୁ ଋତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଇଆସୁଛି। ଏ କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଉଛି।

ରିପୋର୍ଟ: ସୁଚିସ୍ମିତା ସାହୁ, ଭୁବନେଶ୍ୱର

## ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାନ୍ତୁ



ବର୍ତ୍ତମାନ ମହିଳା ଓ ଯୁବତୀଙ୍କ ମଧ୍ୟରେ ସଚେତନତା ବଢୁଥିବାରୁ ଋତୁସ୍ରାବ ଜନିତ ସଂକ୍ରମଣ କମିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ନବାଗତ ଛାତ୍ରୀଙ୍କୁ ଋତୁସ୍ରାବ ସମୟରେ କିପରି ନିଜକୁ ସ୍ୱଚ୍ଛ ରଖିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ବାଳିକାମାନେ କପଡା ବ୍ୟବହାରକୁ ବନ୍ଦ କରି ପ୍ୟାଡ ପିନ୍ଧିବା ଆରମ୍ଭ କରିଛନ୍ତି। ସ୍କୁଲ ଏବଂ କଲେଜରେ ଛାତ୍ରୀଙ୍କୁ ପ୍ୟାଡ୍ ଯୋଗାଇ ଦିଆଯାଉଛି। ତେବେ ପ୍ରତି ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାଇବାର ଆବଶ୍ୟକତା ରହିଛି। ଯଦି ଋତୁସ୍ରାବ ଅଧିକ ପରିମାଣ କିମ୍ବା କମ ଦିନ ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

– ପ୍ରଫେସର ଡା. ସୌମ୍ୟା ନନ୍ଦ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ

## ଖାଦ୍ୟପେୟ ଓ ଜୀବନଶୈଳୀ ପାଇଁ ଶୀଘ୍ର ଋତୁସ୍ରାବ ହେଉଛି



ଅନେକ ମହିଳା ଏବେବି ଡାକ୍ତରଙ୍କ ପାଖକୁ ଆସି ଋତୁସ୍ରାବ ସମ୍ପର୍କରେ ଠିକ୍ କଥା କହିବାକୁ ଲାଜ କରନ୍ତି। ଅବଶ୍ୟ ପୂର୍ବାପେକ୍ଷା ସଚେତନତା ବଢ଼ିଛି। ମାତ୍ର ଅନେକେ ଋତୁସ୍ରାବ ସ୍ୱଚ୍ଛତାକୁ ମାନୁନାହାନ୍ତି। ସେଥିପାଇଁ ବିଦ୍ୟାଳୟ, ବାଳିକାଙ୍କ ସହିତ ମା' ଏବଂ ପରିବାର ଲୋକଙ୍କୁ ମଧ୍ୟ ସଚେତନ କରିବାକୁ ପଡିବ। ତେବେ ଖାଦ୍ୟପେୟ ଏବଂ ଜୀବନଶୈଳୀର ପରିବର୍ତ୍ତନ ଯୋଗୁଁ ଏବେ ବହୁ ବାଳିକା ୧୦ରୁ ୧୧ ବର୍ଷ ବୟସରେ ଋତୁସ୍ରାବର ସମ୍ମୁଖୀନ ହେଉଛନ୍ତି। ଝିଅମାନଙ୍କୁ ଅଭିଭାବକମାନେ କିପରି ଏକ୍ଷେତ୍ରରେ କିପରି ସ୍ୱଚ୍ଛତା ବଢାଇ ହେବ ସେ ସମ୍ପର୍କରେ ବୁଝାଇବା ଜରୁରୀ।

–ପ୍ରଫେସର ଡା. ମାୟା ପାଢ଼ୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ

# ବିଦ୍ୟୁତ୍ ଆଘାତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

### ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର

ନାକଟିଦେଉଳ,୨୭।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ଭାଲୁଗାଡ଼ିଆ ଗାଁର ଅନିତା ପୁରୋହିତ(୫୨)ଙ୍କ ମଙ୍ଗଳବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ୱାମୀ ସନ୍ତୋଷ ଶତପଥୀ ଗୁରୁତର ହୋଇଛନ୍ତି। ସକାଳ ପ୍ରାୟ ୬ଟାରେ ନିଜ ଘର ବାଡ଼ିରେ ଥିବା କୂଅରୁ ପାଣି ଉଠାଇବା ପାଇଁ ମୋଟର ପମ୍ପ ଲଗାଉଥିବାବେଳେ ଅନିତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲାବେଳେ ସନ୍ତୋଷ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ୨ଜଣ ଯୁବକ ସେଠାକୁ ଆସି ଏକ କାଠବାଡ଼ିରେ ବିଦ୍ୟୁତ୍ ତାରକୁ ପିଟି ଅଲଗା କରିଥିଲେ। ପରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଅନିତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାକଟିଦେଉଳ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୫) ରୁଜୁ ହୋଇଛି। ମୃତକଙ୍କ ପୁଅ ଆମେରିକାରେ ଚାକିରି କରୁଥିବା ବେଳେ ଝିଅ ଘରେ ରହିଛି। ଅନିତା ଗତ ୪ବର୍ଷ ହେଲା ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀଭାବେ ତାଙ୍କର ସୁନାମ ଥିଲା। ତାଙ୍କ ବିୟୋଗରେ ଅଞ୍ଚଳବାସୀ ତଥା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।



ଅନିତା ପୁରୋହିତ

# ଇନ୍ଦିରା ଆବାସ ପାଇଥିବା ଅନେକ ହିତାଧିକାରୀ ପାଇବେ ପିଏମ୍‌ଏୱାଇ: ମନ୍ତ୍ରୀ

### ୩୧ ସୁଦ୍ଧା ପିଏମ୍‌ଏୱାଇ ପାଇଁ କରିହେବ ଆବେଦନ

- ଆବେଦନ ସରିବାର ୨ ମାସରେ ତାଲିକା ଚୂଡ଼ାନ୍ତ ହୋଇ କେନ୍ଦ୍ରକୁ ଯିବ
- ମୌସୁମୀ ପରେ ଲକ୍ଷେ ଲୋକଙ୍କୁ ମିଳିବ ଅନ୍ତ୍ୟୋଦୟ ଗୃହ ଯୋଜନା

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ରାଜ୍ୟରେ ଏପରି ପରିବାର ରହିଛନ୍ତି ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ। ସେଥିଲାଗି ସେମାନେ ଆଉ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ପାଇବାକୁ ଯୋଗ୍ୟ ହୋଇପାରିନାହାନ୍ତି। ସେତେବେଳେ ସେମାନେ ଇନ୍ଦିରା ଆବାସ ଯୋଜନାରେ ୪୮ ହଜାର ଟଙ୍କା ପର୍ଯ୍ୟନ୍ତ ପାଇଥିଲେ। ସେହି ହିତାଧିକାରୀମାନେ ଯେଉଁ ଘର କରିଥିଲେ ସେଗୁଡିକ ମଧ୍ୟ ଭାଙ୍ଗିଗଲାଣି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ନେଇ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ତଳସ୍ତରକୁ ଯାଇ ଆହୁରି ଭଲରେ ସର୍ଭେ କରିବା ଲାଗି। ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ ଏବଂ ସେମାନଙ୍କ ଘର ନଷ୍ଟ ହୋଇଯାଇଛି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ସାମିଲ କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ରାଜ୍ୟରେ ହିତାଧିକାରୀଙ୍କୁ ୨ ପ୍ରକାର ଯୋଜନାରେ ଘର ଦିଆଯାଉଛି। ଲୋକଙ୍କୁ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯାଉଛି। ହେଲେ ସରକାରକୁ ଆସିବା ବେଳେ ହିତାଧିକାରୀଙ୍କ ତାଲିକା ଜିଛି ନ ଥିଲା। ସରକାରକୁ ଆସିବା ପରେ ନୂତନ ସର୍ଭେ ଆରମ୍ଭ ହୋଇଛି। ଆସନ୍ତା ୩୧ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିବାର ଶେଷ ସମୟ। ଏବେ ସୁଦ୍ଧା ୩୬ ଲକ୍ଷ ୮୧ ହଜାର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିଛନ୍ତି। ଯଦି ଆଉ କେହି ଯୋଗ୍ୟ ହିତାଧିକାରୀ ରହିଯାଇଛନ୍ତି ସେମାନେ ଆସନ୍ତା ୩ ଦିନ ମଧ୍ୟରେ ଆବେଦନ କରନ୍ତୁ। ରାଜ୍ୟ ସରକାର ଆଶା ରଖିଛନ୍ତି କେନ୍ଦ୍ରଠାରୁ ୨୨ ଲକ୍ଷ ଘର ମିଳିବ। ପରିସ୍ଥିତି ଅନୁଯାୟୀ ଯଦି ଅଧିକ ଘର ଆବଶ୍ୟକ ପଡ଼ିବ ତାହା କେନ୍ଦ୍ରକୁ ଜଣାଯିବ ଏବଂ ଲୋକଙ୍କୁ ଘର ଦିଆଯିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଯେଉଁମାନେ ଆବେଦନ କରିଛନ୍ତି ୨ ମାସ ମଧ୍ୟରେ ସେମାନଙ୍କ ଆବେଦନକୁ ସର୍ଭେକରି କେନ୍ଦ୍ର ସରକାରଙ୍କ ନିକଟକୁ ତାଲିକା ପଠାଇଯିବ। ଏଭଳି ନିଷ୍ପତ୍ତି ବିଭାଗ ପକ୍ଷରୁ ନିଆଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ଗୃହ ବଣ୍ଟନ କରିଛନ୍ତି। ଏବେ ୧ ଲକ୍ଷ ୭ ହଜାର ଗୃହ ଅନ୍ତ୍ୟୋଦୟ ଘର ଦେବାକୁ ଯୋଜନା ରଖାଯାଇଛି। ଏହି ଘର ମୌସୁମୀ ପରେ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଜ୍ ଲୋ ବୋହୂ ବରୁଗୁଡ଼ି,
ବସିଥେଲେ ବୋହୂ ସୁନ୍ଦର ଦିଶେ,
ଚାଲିଗଲେ ଦିଶେ ନଳିଗୋଡ଼ି ।**

ନୂଆ ହୋଇ ଶାଶୁଘରେ ପାଦ ଦେଇଥିବା ବୋହୂକୁ ରୋଷେଇ ଓ ଘରକରଣା କାମରେ ନିପୁଣା କରାଇବାର ଦାୟିତ୍ୱ ସାଧାରଣତଃ ଶାଶୁ ଉପରେ ନ୍ୟସ୍ତ ଥାଏ। ତେବେ ବୋହୂ ଯଦି ନିଜ ଦାୟିତ୍ୱ ପ୍ରତି ସଚେତନ ନ ହୋଇ ଅବହେଳା ଦେଖାଏ, ତାହେଲେ ସେ ନିନ୍ଦା ଶରବ୍ୟର ପାତ୍ରୀ ହେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଭୋଜି ହୋଇଥିଲେ ବରଷେ
ଘୋଷି ହେଉଥାଇ ପୁରୁଷେ।**

ସାଧାରଣତଃ ଭୋଜି ଭାତରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମିଳିଥାଏ। ତେବେ ଏପରି ଭଲ ସୁଆଦିଆ ଖାଇବା କଥା ବହୁଦିନ ପାଇଁ ମନରେ ସ୍ମୃତି ହୋଇ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ବିସ୍ଫୋରକ ବୋଝେଇ ଗାଡ଼ି...

କରି ଅପରେଶନକୁ ସ୍ଥଗିତ ରଖିଛି ପୋଲିସ। ଏହା ଛୋଟନାଗପୁର ମାଓବାଦୀ ଡିଭିଜନର କାମ ବୋଲି ପ୍ରାରମ୍ଭିକ ସୂଚନା ମିଳିଛି। ପଥରକ୍ୱାରିକୁ ବ୍ଲାଷ୍ଟିଂ ପାଇଁ ବିସ୍ଫୋରକ ବିନା ସୁରକ୍ଷାରେ ଆସିବା ଘଟଣା ପୋଲିସ, ପ୍ରଶାସନ ମାଓବାଦୀଙ୍କ ସମ୍ପର୍କରେ ଭୁଲିଯାଇଥିବା ପ୍ରମାଣ କରୁଛି । ଏହି ଘଟଣା ପରେ ରାତିରେ ଆଇଜି ଅପରେଶନ ଡ. ଦୀପକ କୁମାର ବଣାଇ ଗସ୍ତରେ ଆସୁଛନ୍ତି।

## ୨୦ କୋଟିର ଋଣବୋଝ...

ତେବେ ଏଥିପାଇଁ ଆଣିଥିବା ଋଣ ପରିମାଣ ବଢ଼ି ଚାଲିବାରୁ ସେ ଶୁଝିପାରି ନ ଥିଲେ। ଫଳରେ ବାଧହୋଇ ଫ୍ୟାକ୍ଟ୍ରି ବନ୍ଦ କରିଦେଇଥିଲେ। ଆର୍ଥିକ ସ୍ଥିତି ଖରାପ ହେବାରୁ ଦିନେ ପ୍ରବୀଣଙ୍କୁ ପଞ୍ଚକୁଲା ଛାଡ଼ିବାକୁ ପଡ଼ିଲା। ସେ ଡେରାଡୁନରେ ରହିଲେ। ସେଠାରେ ରହିବା ଭିତରେ ପ୍ରବୀଣ ପରିବାରଠାରୁ ଦୀର୍ଘ ୬ ବର୍ଷ ଧରି କୌଣସି ପ୍ରକାର ଯୋଗାଯୋଗ କରି ନ ଥିଲେ। ସେ ପରବର୍ତ୍ତୀ ସମୟରେ ପଞ୍ଜାବର ଖରାର ଓ ହରିୟାଣାର ପିଞ୍ଜୋରକୁ ଗଲେ। ପିଞ୍ଜୋରରେ ପ୍ରବୀଣ ନିଜ ଶ୍ୱଶୁରଘରେ ରହିବା ପରେ ମାସକ ତଳେ ପୁଣି ପଞ୍ଚକୁଲାକୁ ଫେରିଥିଲେ। ସେଠାରେ ସେ ଏକ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟ କରିବାକୁ ଲାଗିଲେ। ବ୍ୟାଙ୍କ ତାଙ୍କର ଦୁଇଟି ଫ୍ଲାଟ୍ ଓ ଗାଡ଼ିଗୁଡ଼ିକୁ ମଧ୍ୟ ବାଜ୍ୟାପ୍ତ କରିଥିଲା। ଇତିମଧ୍ୟରେ ସୋମବାର ପ୍ରବୀଣ ଓ ତାଙ୍କ ପରିବାର ଲୋକେ ବାଗେଶ୍ୱର ଧାମକୁ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ କାର୍‌ରେ ଫେରୁଥିଲେ। ରାସ୍ତାରେ ଯିବାବେଳେ ପ୍ରବୀଣଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ବିଷ ପିଇଦେଇଥିବା କୁହାଯାଉଛି। ପୁନୀତ ରାଣା ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ରାତି ୧୦ଟାରେ ସେହି ରାସ୍ତା ଦେଇ ଯାଉଥିବାବେଳେ ସେମାନଙ୍କୁ ଦେଖିଥିଲେ। ସେ ଖବର ଦେବା ପରେ ପୋଲିସ ଆସି ପହଞ୍ଚିଥିଲା। ୬ ଜଣ କାର୍ ଭିତରେ ପ୍ରାଣ ହରାଇଥିବାବେଳେ ଜଣଙ୍କୁ ହସ୍ପିଟାଲକୁ ନେବାବେଳେ ବାଟରେ ଆଖି ବୁଜି ଦେଇଥିଲେ। ୩ ପିଲାଙ୍କ ମଧ୍ୟରୁ ୨ ଝିଅଙ୍କ ବୟସ ୧୩ ବର୍ଷ ହୋଇଥିବାବେଳେ ପୁଅ ହାର୍ଦ୍ଦିକଙ୍କୁ ୧୫ ବର୍ଷ ହୋଇଥିଲା। ଅଧିକ ତଦନ୍ତ ଜାରି ରହିଥିବା ପଞ୍ଚକୁଲା ଡିସିପି ହିମାଦ୍ରୀ କୌଶିକ ସୂଚନା ଦେଇଛନ୍ତି।

## କାଛ ପଡ଼ି ମହିଳା ମୃତ

ବାସୁଦେବପୁର,୨୭।୫ (କାଳିପଦ ରାୟ): ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳରେ ମଙ୍ଗଳବାର ମଧ୍ୟାହ୍ନରେ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରାଧାନାଥପୁର ଗ୍ରାମର ବିଷ୍ଣୁପ୍ରିୟା ମହାନ୍ତି(୫୨)। ପୂର୍ବାହ୍ନରୁ ଲଘୁଚାପଜନିତ ବର୍ଷା ଲାଗି ରହିଥିଲା। ଏହି ସମୟରେ ବିଷ୍ଣୁପ୍ରିୟା ତାଙ୍କ ମାଟିଘରେ ଥିବାବେଳେ ପ୍ରବଳ ବର୍ଷାରେ କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଟନେଲ ଭୁଶୁଡ଼ିଥିବା ସ୍ଥାନରେ ପିସିସି ସଭାପତି



ଟନେଲ ଭୁଶୁଡିଥିବା ସ୍ଥାନରେ ପିସିସି ସଭାପତି ଓ କଂଗ୍ରେସ କାର୍ଯ୍ୟକର୍ତ୍ତା।

ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ/ ନରେନ୍ଦ୍ର କୁମାର ସାହୁ)

### ଘଟଣା ପାଇଁ ରେଳ ବିଭାଗକୁ ଦାୟୀ କଲେ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତରେ ଖୋର୍ଦ୍ଧା–ବଲାଙ୍ଗୀର ରେଳ ପ୍ରକଳ୍ପର ୪ଟି ଟନେଲ କାମ ଚାଲିଥିବାବେଳେ ଗତ ସୋମବାର କଖାରୁଫାଳଠାରେ ୪ ନଂ. ଟନେଲ ଭୁଶୁଡିଯିବାରୁ ୩୦ ଫୁଟ୍ ଗର୍ତ୍ତ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଟନେଲ ଭୁଶୁଡିବା ପରେ ମଙ୍ଗଳବାର ସକାଳେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେ ରେଳ ବିଭାଗ ଓ ଠିକା ସଂସ୍ଥା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣା ପାଇଁ ସେ ରେଳ ବିଭାଗକୁ ଦାୟୀ କରିଛନ୍ତି। ରେଳ ବିଭାଗର ଅବହେଳା ଯୋଗୁ ଉକ୍ତ ଘଟଣା ଘଟିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପିସିସି ସଭାପତି ଦାସ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏଥିସହ ଠିକ୍ ଭାବେ ମାଟି ପରୀକ୍ଷା କରାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ସେ କହିଛନ୍ତି। ସେହିପରି ସରକାର ସିଧାସଳଖ ଜମି ଅଧିଗ୍ରହଣ ନ କରି ଦଲାଲ ମାଧ୍ୟମରେ ଜମି ହସ୍ତଗତ କରିଥିବା ଯୋଗୁ ପିସିସି ସଭାପତି ତୀବ୍ର ସମାଲୋଚନା କରିଛନ୍ତି। ଜମି ହରାଇଥିବା ପରିବାରଙ୍କୁ ଶୀଘ୍ର ଉପଯୁକ୍ତ କ୍ଷତିପୂରଣ ନ ଦେଲେ ରାଜ୍ୟ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମୟରେ ପିସିସି ସଭାପତିଙ୍କ ସହ ରାଜ୍ୟ କଂଗ୍ରେସ ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ବୌଦ୍ଧ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, କଣ୍ଟାମାଳ ବ୍ଲକ ସଭାପତି ସୁଶାନ୍ତ ମଲିକ, କେଶବ କ୍ଷେତି, ସମରେନ୍ଦ୍ର ମହାକୁଲ, ପ୍ରଦୀପ ମଲିକ, ଦେବେନ୍ଦ୍ର ନାୟକ, ପ୍ରଦୀପ ଯୋଶୀ, କନ୍ଧମାଳ ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା: ଆଇଏମ୍‌ଡି

ନୂଆଦିଲ୍ଲୀ,୨୭।୫(ପି.ଟି.)

ଭାରତରେ ଜୁନ୍ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ଏହି ଅବଧିରେ ଦୀର୍ଘକାଳୀନ ହାରାହାରି ବର୍ଷା ତୁଳନାରେ ୮% ଅଧିକ ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି କହିଛି। ସେହିପରି ଚଳିତ ବର୍ଷର ସମ୍ପୂର୍ଣ୍ଣ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ଅର୍ଥାତ୍ ୧୦୬% ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି ଆକଳନ କରିଛି। ମଙ୍ଗଳବାର ଆଇଏମ୍‌ଡି ପକ୍ଷରୁ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଭୂ–ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ କହିଛନ୍ତି, ଚଳିତ ବର୍ଷର ମୌସୁମୀ ଋତୁ ସମୟରେ ଦେଶର ମୌସୁମୀ କୋର୍ ଜୋନ୍‌ରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ହେବା ଆକଳନ କରାଯାଇଛି। ମୌସୁମୀ କୋର୍ ଜୋନ୍‌ରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ସମେତ ଏହାର ଆଖପାଖ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ ଅଧିକାଂଶ ବର୍ଷା ଦକ୍ଷିଣ ପଶ୍ଚିମ ମୌସୁମୀ ସମୟରେ ହୋଇଥାଏ। ଫଳରେ ଉକ୍ତ ଅଞ୍ଚଳର କୃଷିକାର୍ଯ୍ୟ ମୌସୁମୀ ବର୍ଷା ଉପରେ ଅଧିକ ନିର୍ଭର ରହିଥାଏ। ଉତ୍ତର–ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବା ସମ୍ଭାବନା ଥିବାବେଳେ ଭାରତର ଉତ୍ତର–ପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହୋଇପାରେ। ସେହିପରି ଚଳିତ ମୌସୁମୀରେ ମଧ୍ୟ ଏବଂ ଦକ୍ଷିଣ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ଥିବା ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

## ୪ ଜିଲାରେ ପ୍ରବଳ ବର୍ଷିବ

### ସତର୍କ ରହିବାକୁ ଜିଲାପାଳମାନଙ୍କୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୫ (ଅନୁରାଧା ମହାରଣା)

ଦକ୍ଷିଣ–ପଶ୍ଚିମ ମୌସୁମୀ ଆଗେଇବା ପାଇଁ ପାଗ ଅନୁକୂଳ ରହିଛି। ସେହିପରି ଓଡ଼ିଶା ଉପକୂଳ ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ବୁଧବାର ରାଜ୍ୟର ୪ ଜିଲା କେନ୍ଦ୍ରାପଡ଼ା, କଟକ, ଯାଜପୁର, ଜଗତ୍‌ସିଂହପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୬ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ବିଶେଷକରି ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ପବନର ଆଶଙ୍କା ରହିଛି। ଅନ୍ୟପଟେ ଲୋକଙ୍କୁ ପାଗ ଉପରେ ନଜର ରଖିବା ସହ ବଜ୍ରପାତ ସମୟରେ ରକ୍ଷା ପାଇବା ପାଇଁ ସୁରକ୍ଷିତ ଆଶ୍ରୟ ନେବାକୁ ଅନୁରୋଧ କରାଯାଇଛି। ଫସଲ ଅମଳ ଉପରେ ଧ୍ୟାନଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ୩୧ ତାରିଖ ପର୍ଯ୍ୟନ୍ତ ଭାରି ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହାର ମୁକାବିଲା ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁଳି ଓ ଝଡ଼ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ କୁହାଯାଇଛି। ଝଡ଼ବର୍ଷା ସମୟରେ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

# ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି

### ପ୍ରସିଦ୍ଧ ଶୀତଳଷଷ୍ଠୀ ଶୁଭାରମ୍ଭ



ବରପିତାଙ୍କଠାରୁ କନ୍ୟା ମାତାପିତା ଶାଳପତ୍ର ଗ୍ରହଣ କରି କନ୍ୟା ଦେବାକୁ ସଙ୍କଳ୍ପ କରୁଛନ୍ତି।

ସମ୍ବଲପୁର,୨୭।୫(ବି.ଶଙ୍କର)

ସମ୍ବଲପୁର ନନ୍ଦପଡ଼ା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି(ନିର୍ବନ୍ଧ) ରୀତିନୀତି ଓ ପରମ୍ପରାନୁସାରେ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ଏଥିସହ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ ହୋଇଛି। ରାତି ୮ଟାରେ ପତରପେଁଡି ଶୋଭାଯାତ୍ରା ନନ୍ଦପଡା ମନ୍ଦିରରୁ ବାହାରିଥିଲା। ସୁସଜ୍ଜିତ ବିମାନରେ ବରପିତା ରାମଚରଣ ମିଶ୍ର ଆରୁଢ଼ ହୋଇ କନ୍ୟା ଖୋଜାରେ ବାହାରିଥିଲେ। ହରିବୋଲ, ହୁଳହୁଳି, ଦୁଲଦୁଲି ବାଦ୍ୟ ଓ ପାରମ୍ପରିକ ନୃତ୍ୟଗୀତରେ ପ୍ରକମ୍ପିତ ହୋଇଥିଲା ଯାତ୍ରାପଥ। ଶୋଭାଯାତ୍ରା ଅସ୍ଥାୟୀ କନ୍ୟା ମାତାପିତାଙ୍କ ଘରେ ପହଞ୍ଚିଥିଲା। ପଣ୍ଡିତମାନଙ୍କ ମନ୍ତ୍ରୋଚାରଣରେ ବରପକ୍ଷ ଆଗମନର ଅଭିପ୍ରାୟ ବିଷୟରେ କନ୍ୟାପକ୍ଷକୁ ଅବଗତ କରାଯାଇଥିଲା। ମହାଦେବଙ୍କ ସହ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ସମ୍ମତି ଜଣାଇଥିଲେ। ବରପିତା ରାମ ପ୍ରସାଦ ମିଶ୍ର ଥାଳରେ ଥିବା ଶାଳପତ୍ର ପେଣ୍ଡା(୭୨ଟି ପତ୍ର), ବେଲ ପତ୍ର, ଫୁଲ, ଚନ୍ଦନ କନ୍ୟାମାତା ଲିପିକା ନନ୍ଦ ଓ ପିତା ପ୍ରତାପ ନନ୍ଦଙ୍କୁ ପ୍ରଦାନ କରି ବିବାହ ବୃତାନ୍ତ କରିଥିଲେ।

# ପୁଣି ଭୁଶୁଡ଼ିଲା ନିର୍ମାଣାଧୀନ ଟନେଲ



ଟନେଲ ଭୁଶୁଡ଼ି ୩୦ ଫୁଟର ଗାତ ସୃଷ୍ଟି ହୋଇଛି।

ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ / ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ନିକଟ କଖାରୁଫାଳଠାରେ ନିର୍ମାଣାଧୀନ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥର ୪ ନଂ. ଟନେଲ ଗତ ସୋମବାର ଭୁଶୁଡ଼ି ପଡ଼ିଥିଲା। ଏହି ଟନେଲ ଭୁଶୁଡ଼ିଯିବାରୁ ୩୦ ଫୁଟର ଏକ ଗାତ ସୃଷ୍ଟି ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଉକ୍ତ ଭୁଶୁଡ଼ିଥିବା ଟନେଲ ସ୍ଥାନଠାରୁ ପୁଣି ୫୦ ମିଟର ଦୂରତାରେ ଆଉ ଏକ ସ୍ଥାନରେ ୧୦ ଫୁଟର ଗୋଲେଇ ହେବା ସହ ୩୦ ଫୁଟର ଗାତ ସୃଷ୍ଟି ହୋଇଛି। ଫଳରେ ଦୁଇ ଦିନରେ ଦୁଇ ଥର ଭୁଶୁଡ଼ିଥିବାରୁ ରେଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବ ବୋଲି ଅନୁମାନ କରାଯାଉଛି। ଭୁଶୁଡ଼ିଥିବା ସ୍ଥାନଗୁଡ଼ିକର ମାଟି ହାଲୁକା ଥିବାରୁ ସମାନ୍ୟ ବର୍ଷା ଯୋଗୁ ଭୁଶୁଡୁଥିବା କୁହାଯାଉଛି। ଆଗାକୁ ଜୋର ବର୍ଷା ହେଲେ ପୁଣି ଟନେଲ ଭୁଶୁଡ଼ିବା ଆଶଙ୍କା କରାଯାଉଛି।

# ସୀମା ବିବାଦ ଅଞ୍ଚଳ ଗସ୍ତ କରିବ ଗୃହ କମିଟି

### ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର,୨୭।୫ (ରବିନାରାୟଣ ଜେନା)

ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ଲାଗି ରହିଥିବା ସୀମା ବିବାଦ ସମ୍ପର୍କରେ ମଙ୍ଗଳବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ କୋଟିଆ, ଗଞ୍ଜାମ, ଗଜପତି, ବାଲେଶ୍ୱରର ବିବାଦୀୟ ଅଞ୍ଚଳ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଅବସରରେ ବିଭିନ୍ନ ସୀମା ବିବାଦ ଅଞ୍ଚଳକୁ କମିଟି ଗସ୍ତ କରିବା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ବୈଠକ ପରେ କମିଟି ସଦସ୍ୟ ତଥା ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି, ବୈଠକରେ କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆନ୍ଧ୍ର, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ସହ ଥିବା ସୀମା ବିବାଦ ନେଇ ଗୃହ କମିଟି ବୈଠକରେ ଆଲୋଚନା ହୋଇଛି। କୋଟିଆ ଅଞ୍ଚଳ ନେଇ ଆନ୍ଧ୍ର ସହ ସ୍ୱାଧୀନତା ପରଠୁ ବିବାଦ ଲାଗି ରହିଛି। ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଅଛି। ଶିକ୍ଷା, ସାସ୍ଥ୍ୟ, ଓଡ଼ିଆ ଭାଷା ପ୍ରତି ଲୋକଙ୍କ ଆଗ୍ରହ ଆସିବା, ସରକାରୀ ସହାୟତା ଆଦି ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ବାଲେଶର ଜିଲାରେ ସୁବର୍ଣ୍ଣରେଖାକୁ ନେଇ ସୀମା ସମସ୍ୟା ରହିଛି। ସାହାବାଜିପୁର ଓ ଭୋଗରାଇ ଅଞ୍ଚଳର ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଛି । ପଶ୍ଚିମବଙ୍ଗର ପ୍ରଶାସନ ସେଠାରେ ଖୁଣ୍ଟ ପୋତି ଦେଇଥିଲେ । ତେବେ ସେ ଖୁଣ୍ଟ ସବୁ ଓଡ଼ିଶା ଲୋକ ଓପାଡ଼ି ଦେଇଛନ୍ତି । ତାହାର ମଧ୍ୟ ସ୍ଥାୟୀ ସମସ୍ୟା ଆବଶ୍ୟକ ରହିଛି। ସେ ଅଞ୍ଚଳ ସବୁ କମିଟି ଗସ୍ତ କରିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି ବୋଲି ଅଶ୍ୱିନୀ କହିଛନ୍ତି । ଭାଜପା ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, କୋଟିଆ, ଗଞ୍ଜାମ, ଗଜପତି, ବାଲେଶ୍ୱର ଭଳି ବିଭିନ୍ନ ଅଞ୍ଚଳରେ ଥିବା ସୀମା ବିବାଦ ଅଞ୍ଚଳକୁ କମିଟି ଗସ୍ତ କରିବ। ଆଗାମୀ ଦିନରେ ସବୁ ବିଭାଗ ଅଫିସରଙ୍କୁ ନେଇ ସୀମା ବିବାଦ କମିଟିର ବୈଠକ ହେବ ବୋଲି ସେ କହିଛନ୍ତି। ବୈଠକରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ଭାଜପା ଓ ବିଜେଡି ସଦସ୍ୟମାନେ ଉପସ୍ଥିତ ଥିଲେ ।



ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

-ଚନ୍ଦ୍ର ଦର୍ଶନ, ପୂଜା ଓ ଉପବାସ



# ଋଣ ମୃତ୍ୟୁ

ହରିୟାଣାର ପଞ୍ଚକୁଳାଠାରେ ୨୬ ମେ' ରାତିରେ ଘଟିଥିବା ଏକ ଅଘଟଣ ଏବେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଋଣ ଶୁଝି ନ ପାରିବାରୁ ବ୍ୟବସାୟୀ ପ୍ରବୀଣ ମିତ୍ତଲ ତାଙ୍କ ସ୍ତ୍ରୀ, ୩ ପିଲା ଏବଂ ମାତାପିତାଙ୍କୁ ବିଷ ଦେଇ ଆତ୍ମହତ୍ୟା କରାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚକୁଳା ରାସ୍ତାକଡ଼ରେ ଗୋଟେ କାର୍ ରାତିରେ ଥୁଆ ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେଥିରୁ ୬ ଜଣ ସଂଜ୍ଞାହୀନ ଥିଲେ ଓ ଆଉ ଜଣେ ଗାଡ଼ି ଭିତରୁ ବାନ୍ତି କରୁଥିବା ଦେଖାଯାଇଥିଲା। ବାନ୍ତି କରୁଥିବା ବ୍ୟକ୍ତି ଥିଲେ ପ୍ରବୀଣ ମିତ୍ତଲ। ସ୍ଥାନୀୟ ଲୋକଙ୍କୁ ସେ ନିଜ ଦୁଃଖଦ କାହାଣୀ ବର୍ଣ୍ଣନା କରି କହିଥିଲେ ଯେ ୬ ଜଣ ମରିସାରିଲେଣି ଓ ତାଙ୍କର ମଧ୍ୟ କିଛି ସମୟ ପରେ ମୃତ୍ୟୁ ଘଟିବ। ସଙ୍ଗେ ସଙ୍ଗେ ଲୋକେ ତାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଗାଡ଼ି ଭିତରୁ ସୁଇସାଇଡ୍ ନୋଟ ଜବତ କରିଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ଋଣ ଶୁଝି ନ ପାରିବା ଯୋଗୁ ପରିବାର ଆତ୍ମହତ୍ୟା ପଥ ବାଛି ନେଇଛନ୍ତି।

ଋଣ ପରିଶୋଧ ସମ୍ଭବ ନ ହେବାରୁ ୭ ଜଣଙ୍କ ଆତ୍ମହତ୍ୟା ଘଟଣାରୁ ଏହା ବୁଝାପଡ଼ିଯାଉଛି ଯେ, ପରିବାର ଉପରେ କେଉଁ ଧରଣର ମାନସିକ ଚାପ ପଡ଼ିଥିବ। ଶୁଣିବାକୁ ମିଳୁଛି ପ୍ରବୀଣ ହିମାଚଳ ପ୍ରଦେଶରେ ସ୍କ୍ରାପ୍ ବ୍ୟବସାୟ କରୁଥିଲେ। ବ୍ୟବସାୟ ବଢ଼ାଇବା ପାଇଁ ପ୍ରାୟ ୨୦ କୋଟି ଟଙ୍କା ଲୋନ୍ କରିଥିଲେ। ଋଣ ଶୁଝି ନ ପାରିବାରୁ ତାଙ୍କ ୨ଟି ଫ୍ଲାଟ, ଗାଡ଼ି ଆଦି ସମ୍ପତ୍ତିକୁ ବ୍ୟାଙ୍କ ବାଜ୍ୟାପ୍ତି କରିଦେଇଥିଲା। ତାହା ଋଣ ମୂଲ୍ୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିବାରୁ ତାଙ୍କୁ ବାରମ୍ବାର ହତ୍ୟା ଧମକ ମଧ୍ୟ ମିଳୁଥିଲା। ସ୍କ୍ରାପ୍ ବ୍ୟବସାୟ ବନ୍ଦ କରି ପ୍ରବୀଣ ପଞ୍ଚକୁଳା ପଳାଇ ଆସି ନିଜେ ଟାକ୍ସି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ବ୍ୟାଙ୍କ ତାଙ୍କ ପିଛା ଛାଡ଼ି ନ ଥିଲା। ଫଳରେ ସେ ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି।

କେଉଁ ସ୍ଥିତିରେ ପ୍ରବୀଣ ଋଣ କରି ତାହାକୁ ପରିଶୋଧ କରିବାରେ ଅକ୍ଷମ ହେଲେ ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ। ଓଡ଼ିଆରେ ଢଗ ଅଛି-'ଚୂନା ଦେଖି ପିଠା କରିବା ଦରକାର'। ଅର୍ଥାତ୍ ଋଣର ଆକାର କେତେ ହେଲେ ଜଣେ ଶୁଝିପାରିବେ ତାହା ପ୍ରଥମେ ଋଣ କରୁଥିବା ବ୍ୟକ୍ତି ସ୍ଥିର କରିବା କଥା। କିନ୍ତୁ ବହୁ ସମୟରେ ଦେଖାଯାଉଛି ବ୍ୟାଙ୍କ ଅଧିକାରୀଙ୍କୁ କହିବୋଲି ଅନେକେ ବହୁ ପରିମାଣର ଋଣ ନେଇଯାଉଛନ୍ତି। ବ୍ୟକ୍ତିଙ୍କ ଆର୍ଥିକ କ୍ଷମତା ବା ସ୍ଥଳବିଶେଷରେ ବ୍ୟବସାୟିକ ମୂଳଦୁଆକୁ ବ୍ୟାଙ୍କ ଅଧିକାରୀମାନେ ଠିକ୍ ଭାବେ ଯାଞ୍ଚ କରୁ ନ ଥିବାରୁ ଏଭଳି ଅସ୍ୱାଭାବିକ ଘଟଣା ଘଟୁଛି। ବହୁ ସମୟରେ ଜାଲ୍ ତଥ୍ୟ ଦେଇ ଅନେକେ ଋଣ ନେଇ ଯାଉଥିବା ବିଷୟ ପଦାକୁ ଆସୁଛି। ଆଉ ଗୋଟିଏ କଥା ହେଉଛି ପରିବାରର ଜଣେ ବ୍ୟକ୍ତି ରୋଜଗାରକ୍ଷମ ହୋଇଥିଲେ ତାଙ୍କ ଉପରେ ସମସ୍ତେ ନିର୍ଭର କରିଥାଆନ୍ତି। ବ୍ୟବସାୟ ଚଳାଇବାରେ ବାଧା ଥିଲେ ପରିବାର ଉପରେ ଆର୍ଥିକ ପ୍ରଭାବ ପଡ଼ିବା ସ୍ୱାଭାବିକ। ଏଭଳି କ୍ଷେତ୍ରରେ ଋଣ କିସ୍ତି ପରିଶୋଧ କରିବାରେ ହେଉଥିବା ଅନିୟମିତତାକୁ ବ୍ୟାଙ୍କ ଠିକ୍ ଭାବେ ମଧ୍ୟ ଯାଞ୍ଚ କରିବା କଥା। କିନ୍ତୁ ଦେଖାଯାଉଛି ଋଣ ନେଇଥିବା ବ୍ୟକ୍ତି ଡିଫଲ୍ଟର ନ ହେବା ଯାଏ ତାଙ୍କ ବିଷୟରେ ବ୍ୟାଙ୍କ ଆଗୁଆ ଯାଞ୍ଚ କରି ନ ଥାଏ। ମନେରଖିବାକୁ ହେବ ଯେ, ପୂର୍ବରୁ ଭାରତରେ ଋଣ ଆବେଦନକାରୀଙ୍କୁ ଅନେକ ପ୍ରକାରର ତଥ୍ୟ ଦେବା ସହିତ ତୃତୀୟ ପକ୍ଷ ଦ୍ୱାରା ବ୍ୟାଙ୍କ ଯାଞ୍ଚ କାର୍ଯ୍ୟ କରାଉଥିଲା। ଏବେ ତଥାକଥିତ ଖୋଲା ତଥା ଡିଜିଟାଲ ଅର୍ଥନୀତିରେ ଅଯୋଗ୍ୟଙ୍କୁ ସହଜରେ ଋଣ ମିଳିଯାଉଥିବା ବେଳେ ଯୋଗ୍ୟ ବଞ୍ଚିତ ହେଉଛନ୍ତି। ଏହା ହେଉଛି ଅର୍ଥନୈତିକ ଉଦାରୀକରଣର ଏବକାର ନମୁନା।

ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି। ତେଣୁ ଏହି ଘଟଣାକୁ ଏକ କେସ୍ ଷ୍ଟଡି ଭାବେ ଗ୍ରହଣ କରି ବ୍ୟାଙ୍କ ଏବଂ ଭାରତୀୟ ଅର୍ଥ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଅଭିନବ ବାଟ ବାହାର କରିବାର ପ୍ରୟୋଜନ ଦେଖାଦେଲାଣି।

# ୧୪୦ କୋଟି ବନାମ ୧୨ କୋଟି



ଡ. ସନ୍ତୋଷ କୁମାର ମହାପାତ୍ର

ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥ ବ୍ୟବସ୍ଥା ବା ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଚାର କରାଯାଉଛି। କେବଳ ଆମେରିକା, ଚାଇନା ଏବଂ ଜର୍ମାନୀ ଭାରତଠାରୁ ଆଗରେ ଅଛନ୍ତି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି.ଆର୍. ସୁବ୍ରମଣ୍ୟମ ଏହି କଥାକୁ ଦୋହରାଇଛନ୍ତି ଏବଂ ଆହୁରି ଦୁଇପାଦ ଆଗକୁ ଯାଇ କହିଛନ୍ତି, ଆଗାମୀ ୩୦ ରୁ ୩୬ ମାସ ମଧ୍ୟରେ ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ପାଲଟିଯିବ। କିନ୍ତୁ ସତ୍ୟ ହେଉଛି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ କରିଛି, ୨୦୨୫-୨୬ ଶେଷ ବେଳକୁ ନାମାଙ୍କନ ଜିଡିପି ଦୃଷ୍ଟିରୁ ଭାରତ ଜାପାନକୁ ଅତିକ୍ରମ କରିବ। ଅସଲ କଥା ହେଉଛି କ୍ରୟ ଶକ୍ତି ସମତାରେ ଆକଳିତ ଜିଡିପି ଅନୁସାରେ ଭାରତ ଉପା ସରକାର ଅମଳରେ ଜାପାନକୁ ପଛରେ ପକାଇ ୨୦୧୧ରୁ ତୃତୀୟ ବୃହତ୍ତମ ଅର୍ଥନୀତି ହୋଇସାରିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ ଅନୁସାରେ ୨୦୨୫- ୨୬ ଆର୍ଥିକ ବର୍ଷ ଶେଷ ବେଳକୁ ବିଶ୍ୱ ଜିଡିପି ୧୧୩. ୭୯୫ ଟ୍ରିଲିୟନ ଆମେରିକୀୟ ଡଲାର (୧ ଟ୍ରିଲିୟନ=୧୦୦୦୦୦ କୋଟି, ୧ ଆମେରିକୀୟ ଡଲାର ବର୍ତ୍ତମାନ ୮୫ଟଙ୍କା)ରେ ପହଞ୍ଚିଲା ବେଳେ ଆମେରିକାର ଜିଡିପି ୩୦.୫୦୭ ଟ୍ରିଲିୟନ, ଚାଇନାର ଜିଡିପି ୧୯.୨୩ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୭୪୪ ଟ୍ରିଲିୟନ ଆମେରିକୀୟ ଡଲାର ହେବ। ତା' ପଛକୁ ଭାରତ ୪.୧୮୭ ଟ୍ରିଲିୟନ ଡଲାର ସହ ୪ର୍ଥ ସ୍ଥାନରେ ରହିବ। ଜାପାନର ଅର୍ଥ ବ୍ୟବସ୍ଥା ସାମାନ୍ୟ କମ୍ ଅର୍ଥାତ୍ ୪.୧୮୬ ଟ୍ରିଲିୟନ ଡଲାର ହେବ। ଭବିଷ୍ୟତ ଆକଳନ ସର୍ବଦା ଅନିଶ୍ଚିତ। ଏହା ଭାରତର ଅଭିବୃଦ୍ଧି ହାର ୬.୩% ଏବଂ ଡଲାର ଅନୁସାରେ ଟଙ୍କାର ବିନିମୟ ମୂଲ୍ୟ ବୃଦ୍ଧି ଓ ହ୍ରାସ ଉପରେ ନିର୍ଭରକରେ , କାରଣ ଅନ୍ତର୍ଜାତୀୟ ସଂସ୍ଥା ଜିଡିପି ଡଲାରରେ ଆକଳନ କରନ୍ତି।

ଅବଶ୍ୟ ତୁଳନା କଲାବେଳେ ଯାହା ହାସଲ କରିଛେ ତାହା କହିବା ଉଚିତ, ଯାହା ହାସଲ କରିନେ ତାହା କହିବା ଅନୁଚିତ। ୨୦୨୪-୨୫ ଶେଷ ସୁଦ୍ଧା ଆମେରିକାର ଜିଡିପି ୨୯.୨ ଟ୍ରିଲିୟନ, ଚଇନାର ଜିଡିପି ୧୮.୭୫ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୬୬ ଟ୍ରିଲିୟନ, ଜାପାନର ୪.୦୬ ଟ୍ରିଲିୟନ ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତର ୩.୯ ଟ୍ରିଲିୟନ ଡଲାର। ଦେଶର ବିକାଶ ଆକଳନ କରିବା ପାଇଁ ବାସ୍ତବରେ ମୁଣ୍ଡ ପିଛା ଜିଡିପି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଯେଉଁ ଦେଶର ଲୋକ ସଂଖ୍ୟା ଅଧିକ ତାହାର ଜିଡିପି ଅଧିକ ହେବା ସ୍ୱାଭାବିକ। ୨୦୨୪-୨୫ ସୁଦ୍ଧା ଆମେରିକାରେ ଏହା ୮୫,୮୧୨, ଚାଇନାରେ ୧୩,୩୦୦, ଜର୍ମାନୀରେ ୫୪,୯୮୯, ଜାପାନରେ ୩୨,୫୦୦



ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତରେ ମାତ୍ର ୨୭୧୧ ଡଲାର ଥିଲା। ୨୦୨୫-୨୬ ଶେଷରେ ଜାପାନରେ ଏହା ୩୩,୯୯୫ ହେଲା ବେଳେ ଭାରତରେ ମାତ୍ର ୨,୮୭୮ ଆମେରିକୀୟ ଡଲାର ହେବ। ୨୦୨୫-୨୬ରେ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ଜାପାନ ୩୪ ତମ ସ୍ଥାନରେ ରହିଲାବେଳେ ଭାରତ ପ୍ରାୟ ୧୩୬ ତମ ସ୍ଥାନରେ ଅଛି। ଅର୍ଥାତ୍ ୧୩୫ଟି ଦେଶ ତଳେ ରହିବ। ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଜାପାନଠାରୁ ବହୁ ପଛରେ ରହିଛି। ମାନବିକ ବିକାଶ ସୂଚକାଙ୍କ ଦୃଷ୍ଟିରୁ ଜାପାନ ୨୪ ସ୍ଥାନରେ ଥିଲାବେଳେ ଭାରତ ୧୩୦ ସ୍ଥାନରେ ଅଛି। ଦୁର୍ନୀତି ଧାରଣା ସୂଚକାଙ୍କ ଦୃଷ୍ଟିରୁ ୧୮୦ଟି ଦେଶ ମଧ୍ୟରୁ ଜାପାନ ୭୩ ସ୍ଥାନରେ ଥିଲାବେଳେ ଭାରତ ୯୬ ସ୍ଥାନରେ ରହିଛି। ଅର୍ଥାତ୍ ଭାରତରେ ଦୁର୍ନୀତି ବ୍ୟାପକ।

ଜାପାନୀ ନାଗରିକଙ୍କ ହାରାହାରି ରୋଜଗାର ଭାରତୀୟଙ୍କ ତୁଳନାରେ ପ୍ରାୟ ୧୨ ଗୁଣ ଅଧିକ। ସେହି ପାର୍ଥକ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା, ଦକ୍ଷ ଭିତ୍ତିଭୂମି, ଉଚ୍ଚ-ଗୁଣବତ୍ତା ଶିକ୍ଷାର ଉପଲବ୍ଧତା ଏବଂ ଜୀବନର ଉଚ୍ଚ ସାମଗ୍ରିକ ଗୁଣବତ୍ତା ପ୍ରଦାନ କରେ। ଜାପାନର ଏକ ଅତ୍ୟନ୍ତ ଦକ୍ଷ ଏବଂ ସୁଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଛି, ଯାହା ଜିଡିପିର ପ୍ରାୟ ୨୩.୫%। ପେନ୍‌ସନ ସାମାଜିକ ସୁରକ୍ଷା ବ୍ୟବସ୍ଥାର ସର୍ବବୃହତ ଅଂଶ ଥିଲା, ତା'ପରେ ଚିକିତ୍ସା ଯତ୍ନ। ଭାରତରେ ସାମାଜିକ କ୍ଷେତ୍ର ବ୍ୟୟ ବରାଦ ଜିଡିପିର ୩.୩% ଏବଂ ଆୟୁଷ୍ମାନ ଭାରତ ଓ ଅନ୍ୟ କିଛି ମନ୍ତ୍ରଣାଳୟ ବ୍ୟୟ ମିଶାଇଲେ ସାମାଜିକ ସେବାରେ ବିନିଯୋଗ ୨୦୨୩-୨୪ରେ ୭.୮% ଥିଲା। ଜାପାନରେ ବେକାରି ହାର ୨.୩% ହେଲାବେଳେ ଭାରତରେ ୫ରୁ ୧୦%ରହୁଛି। ଜାପାନରେ ଉଚ୍ଚ କୁଶଳୀ , ଗୁଣାତ୍ମକ ଚାକିରି ବେଶି ସୃଷ୍ଟି ହେଲାବେଳେ ଭାରତରେ ଓଲଟା। ବିଶ୍ୱରେ ଗବେଷଣା ଏବଂ ବିକାଶ ପାଇଁ ଖର୍ଚ୍ଚ ହାରାହାରି ଜିଡିପିର ପ୍ରାୟ ୧.୮% ହୋଇଥିଲାବେଳେ ଜାପାନରେ ୩.୭%। ଭାରତରେ ୨୦୨୦-୨୧ରେ ଏହା ୦.୬୪ %। ଜାପାନର ବୈଦେଶିକ ମୁଦ୍ରାଭଣ୍ଡାର ବିଶ୍ୱର ଦ୍ୱିତୀୟ ବୃହତ୍ତମ, ଯାହାର ମୂଲ୍ୟ ୧.୪ ଟ୍ରିଲିୟନ ଆମେରିକୀୟ ଡଲାର। ୧୬ ମେ' ୨୦୨୫ ସୁଦ୍ଧା ଭାରତରେ ଏହା ୬୮୫.୭ ବିଲିୟନ ଡଲାର ଥିଲା। ଜାପାନ ବିଶ୍ୱର ତୃତୀୟ ବୃହତ୍ତମ ଆର୍ଥିକ ସମ୍ପତ୍ତିର ଦେଶ, ଯାହାର ମୂଲ୍ୟ ୨୦୨୦ ସୁଦ୍ଧା ୧୨ ଟ୍ରିଲିୟନ ଡଲାର କିମ୍ବା ବିଶ୍ୱ ଜିଡିପିର ୮.୬%। ଡିସେମ୍ବର ୨୦୨୪ ସୁଦ୍ଧା ଭାରତର ମୋଟ ଆର୍ଥିକ ସମ୍ପତ୍ତି ୩୧୯ ଲକ୍ଷ କୋଟି ଟଙ୍କା (ପ୍ରାୟ ୩.୭ ଟ୍ରିଲିୟନ ଡଲାର)। ବର୍ତ୍ତମାନ ୨୦୨୫ ସୁଦ୍ଧା ବଜାର ପୁଞ୍ଜିକରଣ ଦ୍ୱାରା ଟୋକିଓ ଷ୍ଟକ୍ ଏକ୍ସଚେଞ୍ଜ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟକ୍ ଏକ୍ସଚେଞ୍ଜ। ଏହାର ବଜାର ମୂଲ୍ୟ ୬.୩୫ ଟ୍ରିଲିୟନ ଡଲାର ହୋଇଥିଲାବେଳେ ଭାରତରେ ଏହା ୫.୦୬୩ ଟ୍ରିଲିୟନ ଡଲାର। ୨୦୨୪ ସୁଦ୍ଧା ଫର୍ଚ୍ଚୁନ ଗ୍ଲୋବାଲ ୫୦୦ କମ୍ପାନୀ ମଧ୍ୟରୁ ୪୦ଟି ଜାପାନରେ ଅଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜୟ ପରେ ଜାପାନର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। କିନ୍ତୁ ପରେ ଦ୍ରୁତଗତିରେ ବିକଶିତ ହୋଇଥିଲା। ମୁଖ୍ୟତଃ ଏହାର ଲାଭଜନକ ଉତ୍ପାଦନଭିତ୍ତିକ ରପ୍ତାନି ଶିଳ୍ପ ଦ୍ୱାରା ଏହା ଚାଳିତ ହୋଇଥିଲା। ଏହା ୧୯୬୮ରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହୋଇଗଲା ଏବଂ ୨୦୧୦ ପର୍ଯ୍ୟନ୍ତ ସେହିପରି ରହିଲା ଏବଂ ନାମାଙ୍କନ ମୁଣ୍ଡ ପିଛା ଜିଡିପି ଆଧାରରେ, ୧୯୮୦ ଏବଂ ୧୯୯୦ ଦଶକରେ ଜି-୭ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ ଉଚ୍ଚ-ଆୟରାଷ୍ଟ୍ର ଭାବେ ଉଭା ହୋଇଥିଲା। ବିକଶିତ ଦେଶର ମାନ୍ୟତା ହାସଲ କରିବାରେ ଜାପାନ ଏସିଆର ପ୍ରଥମ ଦେଶ ଥିଲା। କିନ୍ତୁ ଭାରତ ୨୦୦୭ଠାରୁ ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବେ ରହିଛି। ଆହୁରି ଉଚ୍ଚ ମଧ୍ୟମ ଆୟକାରୀ ଓ ଉଚ୍ଚ ଆୟକାରୀ ରାଷ୍ଟ୍ର ହେବାକୁ ବାକି ଅଛି। ଜାପାନ ଅର୍ଥନୀତି ଜନସଂଖ୍ୟା ହ୍ରାସ ବିଶେଷକରି କମ୍ ବୟସ୍କ ଜନସଂଖ୍ୟା ହ୍ରାସ ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ଜାପାନର ନାମାଙ୍କନ ଜିଡିପି ୧୯୯୫ ରୁ ୨୦୨୩ ମଧ୍ୟରେ ୫.୫ଟ୍ରିଲିୟନରୁ ୪.୨ଟ୍ରିଲିୟନ ଡଲାରକୁ ହ୍ରାସ ପାଇଛି। ଜାପାନର ଜନସଂଖ୍ୟା, ଯାହା ୨୦୧୦ରେ ୧୨.୮୫ କୋଟି ଥିଲା ତାହା ୨୦୨୪ରେ ଏହା ୧୨.୨୬ କୋଟିକୁ ହ୍ରାସ ପାଇଛି। ୨୦୨୨ରେ ଦେଶର କମ୍ ବୟସ୍କ ଜନସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୫୧.୪ % ଥିଲା, ଯାହା ସମସ୍ତ ଓଇସିଡି ଦେଶ ମଧ୍ୟରେ ସର୍ବନିମ୍ନ ହାର। ଜିଡିପି ଏକ ବର୍ଷର ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତିଫଳନ। ଧନୀ ଅଧିକ ଧନୀ ହେଲେ ବା ବ୍ୟୟ କଲେ ଜିଡିପି ବୃଦ୍ଧି ପାଇବ। ସରକାର ଅଧିକ ଋଣକରି ବ୍ୟୟକଲେ ଜିଡିପି ବୃଦ୍ଧି ପାଇବ। ଯେତେବେଳେ ଭାରତ ପରି ଅର୍ଥବ୍ୟବସ୍ଥାରେ ୧୪୦ କୋଟି ଲୋକ ବ୍ୟୟ ବା ଉପଭୋଗ କରିବେ ତାହାର ଆକାର ଯେଉଁପରି ବୃଦ୍ଧି ପାଇବ ଜାପାନ ପରି ଅର୍ଥବ୍ୟବସ୍ଥାରେ ୧୨.୨୬ କୋଟି ଲୋକ ବ୍ୟୟ ବା ଉପଭୋଗ କଲେ ଏକ ଅର୍ଥବ୍ୟବସ୍ଥାର ଆକାର କ'ଣ ସେହି ଅନୁସାରେ ସବୁଦିନେ ବୃଦ୍ଧି ପାଇବ କି ?

ମୋ:୯୪୩୭୨୦୮୭୬୨

# ମହାପୁରୁଷଙ୍କ ଆଦର୍ଶ



ମୋହନ ଚରଣ ବିଷି

ବିଦ୍ୟାର୍ଥୀ ମହାପୁରୁଷଙ୍କୁ କାହିଁକି ପଢ଼ିବ? ମହାପୁରୁଷଙ୍କୁ କାହିଁକି ଅନୁକରଣ କରିବ? ଆମେ ପଢୁଥିବା ସମୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ବଡ଼ ଲୋକଙ୍କ ଜୀବନୀ ବୋଲି ବହି ଥିଲା। ଏହି ବହିରେ ଓଡ଼ିଶା ଓ ଭାରତବର୍ଷର ବଡ଼ ଲୋକଙ୍କ ଜୀବନୀ ପଢ଼ିବାର ସୁଯୋଗ ବିଦ୍ୟାର୍ଥୀମାନେ ପାଉଥିଲେ। ସେମାନଙ୍କ ତ୍ୟାଗ, ଆଦର୍ଶ, ସଂଘର୍ଷ, ସଫଳତା କଥା ପଢ଼ି ପ୍ରେରିତ ହେଉଥିଲେ ବିଦ୍ୟାର୍ଥୀ। ଏବେ ମଧ୍ୟ ବିଭିନ୍ନ ବହିରେ, ଡିଜିଟାଲ ମାଧ୍ୟମରେ ମହାପୁରୁଷଙ୍କ ଜୀବନ ଚରିତ୍ରକୁ ପଢୁଛନ୍ତି, ଶୁଣୁଛନ୍ତି ଓ ଚଳମାନ ଚିତ୍ରରେ ଦେଖୁଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା ଅଳ୍ପ ସଂଖ୍ୟକ ହୋଇପାରେ। ପ୍ରତ୍ୟେକ ଶ୍ରେଣୀର ସିଲାବସ୍‌ରେ ମହାପୁରୁଷଙ୍କ ଜୀବନ ସମ୍ପର୍କରେ ପଢ଼ିବାର ସୁଯୋଗ ପାଇଲେ ବିଦ୍ୟାର୍ଥୀ ନିଜକୁ ଗଢି ତୋଳିବାକୁ ସହଜ ହେବ। ସେଥିପାଇଁ ସ୍ୱତନ୍ତ୍ର ଭାବରେ ମହାପୁରୁଷମାନଙ୍କର କଥା ଗାଥା ରହିବା ପ୍ରାସଙ୍ଗିକ ମନେହୁଏ। ପ୍ରତ୍ୟେକ ବିଦ୍ୟାର୍ଥୀ ସଫଳତା ପାଇବା ପାଇଁ ବଡ଼ ଲୋକଙ୍କୁ ପଢିବା ଦରକାର। ଯିଏ ଯେଉଁ କ୍ଷେତ୍ରରେ ଆଗକୁ ବଢିବାର ଅଛି ସେମାନେ ସେହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିମାନଙ୍କୁ ପଢିବା ଉଚିତ।

ଜୀବନ ଚରିତ ଦୁଇ ପ୍ରକାରରେ ଲେଖାଯାଇଥାଏ। ନିଜ ଜୀବନ କାହାଣୀ ନିଜେ ଲେଖିଲେ ତାହା ହୁଏ ଆତ୍ମଜୀବନ ଚରିତ। କାହାର କାହାଣୀ ଅନ୍ୟ କେଉଁ ବ୍ୟକ୍ତିଦ୍ୱାରା ଲିଖିତ ହେଲେ, ତାହାକୁ କେବଳ 'ଜୀବନ ଚରିତ' ବୋଲି କୁହାଯାଇଥାଏ। ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ପ୍ରଜ୍ୱଳିତ ହୋଇଉଠିଲା ପରି ଜଣେ ମହାପୁରୁଷଙ୍କର ଜୀବନୀ ଅନ୍ୟର ଜୀବନାୟନକୁ କରେ ପ୍ରଶସ୍ତ ଓ ଆଲୋକିତ। ଟଲଷ୍ଟୟଙ୍କ ଜୀବନ କାହାଣୀ ମହାତ୍ମା ଗାନ୍ଧୀଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା ଏବଂ ଗାରିବାଲ୍ଡିଙ୍କ ତ୍ୟାଗ ଜବାହରଲାଲଙ୍କ ପ୍ରାଣରେ ସୃଷ୍ଟି କରିଥିଲା ଉଦ୍‌ବେଳନ। ହରିଶ୍ଚନ୍ଦ୍ର, ଦଧୀଚି ଆଦିଙ୍କ ତ୍ୟାଗ ଓ ତୀତୀକ୍ଷା, ସାଧନା ଓ ତପସ୍ୟା ଭାରତୀୟ ଜନଜୀବନକୁ କରିଥିଲା ସମୃଦ୍ଧ। ପ୍ରାଚୀନ ମହାତ୍ମାଗଣଙ୍କଠାରୁ ଆରମ୍ଭ କରି ଓ ଆଧୁନିକ ଯୁଗର ବହୁ ସ୍ୱାଧୀନତା ସଂଗ୍ରାମୀ ଓ ତ୍ୟାଗବୀରଙ୍କ ଜୀବନ କାହାଣୀରେ ଅନେକ ଶିଖିବାକୁ ମିଳିଛି।

ପ୍ରାଚୀନ ଋଷିମାନଙ୍କ ଜୀବନ ଚରିତ ସହିତ ଆଧୁନିକ ଯୁଗପୁରୁଷ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଠାକୁର ନିଗମାନନ୍ଦ, ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ, ଠାକୁର ଅନୁକୂଳ ଚନ୍ଦ୍ର, ଶ୍ରୀରାମ ଶର୍ମା, ସନ୍ଥ ଭୀମ ଭୋଇ



ଆଦିଙ୍କ ଜୀବନ କାହାଣୀ ଆମକୁ ଧର୍ମଚେତନାରେ ଉଦ୍‌ବୁଦ୍ଧ କରେ। ଧର୍ମମାର୍ଗର ଅନୁବର୍ତ୍ତନ ଓ ଅନୁସରଣ କରିବା ପାଇଁ ଆମକୁ ଏହା ଦେଇଥାଏ ଅସୀମ ଇଚ୍ଛା ଓ ପ୍ରେରଣା। ଜାତୀୟ ବୀରମାନଙ୍କର ଜୀବନ ଚରିତ ଆମମାନଙ୍କ ଭିତରେ ସୃଷ୍ଟି କରିଥାଏ ଦେଶ ଓ ଜାତିପ୍ରେମ। ସେମାନଙ୍କର ଲେଖାବଳୀ ଆମକୁ ଜାତୀୟ ମନ୍ତ୍ରରେ ଅଭିମନ୍ତ୍ରିତ କରେ। ଉତ୍କଳମଣି ଗୋପବନ୍ଧୁଙ୍କର ଲେଖା 'ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲିଯାଆନ୍ତୁ ପିଠିରେ ସ୍ୱାଧୀନତା ପଥେ ଅଛି ଯେତେ ଗାଡ଼ ପୂରୁ ପଡ଼ି ତହିଁ ମୋର ମାଂସହାଡ଼। 'ଏପରି ଉକ୍ତି କାହାକୁ ବା ଜାତିପାଇଁ ପ୍ରାଣବଳି ଦେବାକୁ ଅନୁପ୍ରେରିତ ନ କରିବ ! ଏଭଳି ଲେଖା ସାଙ୍ଗକୁ ତାଙ୍କର ତ୍ୟାଗ ଓ ସଂଘର୍ଷପୂର୍ଣ୍ଣ ଜୀବନ ଚରିତ ପାଠକଙ୍କୁ ତାଙ୍କ ମହାନ୍ ବ୍ୟକ୍ତିତ୍ୱ ପାଖରେ ମଥା ନୁଆଁଇବାକୁ ବାଧ୍ୟକରେ। ଚରିତ୍ର ଗଠନ ପାଇଁ ବିଶେଷ ସହାୟକ ହୁଏ।

ସନ୍ଥକବି ଭୀମ ଭୋଇଙ୍କ ଉକ୍ତି- ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। ମହାତ୍ମା ଗାନ୍ଧୀଙ୍କ ଅହିଂସା କିମ୍ବା ମଦର ଟେରେସାଙ୍କ ସେବା ଅନେକ ଜନ ଜୀବନକୁ ପ୍ରଭାବିତ କରିଛି । ଏପରି ଯେତେ ମହାପୁରୁଷଙ୍କ କାର୍ଯ୍ୟ ଓ କଥା ଅନେକଙ୍କୁ ପରିବର୍ତ୍ତନ କରିଥାଏ। ତାଙ୍କର ଜୀବନ ଚର୍ଯ୍ୟା, ବ୍ୟବହାର, କର୍ମ କୁଶଳତା, ଶିକ୍ଷାରେ ଅନୁପ୍ରାଣୀତ ହୋଇ ବିଦ୍ୟାର୍ଥୀମାନେ ସଫଳତା ପାଇଥାନ୍ତି। ପ୍ରତ୍ୟେକ ବିଦ୍ୟାର୍ଥୀ ମହାପୁରୁଷ ତଥା ନିଜ ମାତାପିତା, ଆତ୍ମୀୟ ସ୍ୱଜନ, ଶିକ୍ଷାଗୁରୁ, ସଦ୍‌ଗୁରୁଙ୍କୁ ଅନୁକରଣ କରିବା କଥା ଯେଉଁମାନଙ୍କର କାର୍ଯ୍ୟଧାର ସେମାନଙ୍କୁ ଭଲ ଲାଗିଥାଏ। ସେମାନେ ଯେତେବେଳେ ଭାବିବେ ଏହିମାନେ ହିଁ ଜୀବନରେ ସଫଳତା ପାଇଛନ୍ତି ସେତେବେଳେ ସେମାନଙ୍କୁ ହିଁ ଅନୁକରଣ, ଅବଲମ୍ବନ କରିବା ସହ ତାଙ୍କ ଆଦର୍ଶ, ବିଚାରଧାରା, କାର୍ଯ୍ୟଶୈଳୀରେ ପ୍ରଭାବିତ ହେବେ।

ଦୈନନ୍ଦିନ ଜୀବନରେ ଆମେ ବହୁ ସମସ୍ୟାରେ ଛନ୍ଦି ହୋଇପଡୁ ଏବଂ ସେଥିରୁ ମୁକୁଳିବା ପାଇଁ ଖୋଜିହେଉ ସମାଧାନର ପନ୍ଥା। ମହାପୁରୁଷଗଣ ସେହିସବୁ ସମସ୍ୟାର ସମାଧାନ କିପରି ଖୋଜି ପାଇଥିଲେ, ତାହା ସେମାନଙ୍କର ଜୀବନ ଚରିତ ପାଠକରି ଆମେ ଅବଗତ ହେଉ। ତେଣୁ ଆମକୁ ସମସ୍ୟା ସମାଧାନର ରାହା ମିଳିଯାଏ ଏବଂ ଆମେ ସମସ୍ୟାକୁ ଅତିକ୍ରମ କରି ପୁଣି ଜୀବନ ପଥରେ ଆଗେଇଚାଲୁ।

**ଗଡ଼ରାମାଲ, କୋକସରା, କଳାହାଣ୍ଡି**
**ମୋ: ୯୭୭୭୪୬୮୮୪୧**

## ଏଇ ଭାରତରେ

୪୦୦ଟି ଭାଷାରେ ପଢ଼ି ଓ ଲେଖି ପାରୁଛନ୍ତି ତାମିଲନାଡୁ ଚେନ୍ନାଇର ୧୯ ବର୍ଷୀୟ ମହମ୍ମଦ ଆକ୍ରାମ। ଏଭଳି ଦକ୍ଷତା ପାଇଁ ସେ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଆକ୍ରାମ ୪୬ଟି ଭାଷା ଅତି ପ୍ରାଞ୍ଜଳ ଭାବେ କହିପାରୁଛନ୍ତି। ଆକ୍ରାମଙ୍କ ପିତା ଶିଲ୍‌ବି ମୋଝିପ୍ରିୟାନ୍ ମଧ୍ୟ ୧୬ଟି ଭାଷା କହିପାରନ୍ତି ଏବଂ କଗ୍ନିଟିଭ୍ ସାଇକୋଲୋଜିରେ ପିଏଚ୍‌ଡି କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଆକ୍ରାମ ଏତେସବୁ ଭାଷ ଶିଖିପାରିଛନ୍ତି। ତାଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ସେତେବେଳେ ସେ ବିଭିନ୍ନ ଭାଷା ଶିଖିବା ଆରମ୍ଭ କରିଥିଲେ। ବୟସ ୬ରୁ ୮ ବର୍ଷ ମଧ୍ୟରେ ସେ ୫୦ଟି ଭାଷା ଜାଣିସାରିଥିଲେ। ଆକ୍ରାମ ୭୦ ଜଣ ଭାଷା ବିଶେଷଜ୍ଞଙ୍କ ସହ ପ୍ରତିଯୋଗିତା କରି ଜର୍ମାନୀ ୟଙ୍ଗ୍ ଟ୍ୟାଲେଣ୍ଟ ଆୱାର୍ଡ ହାସଲ କରିଛନ୍ତି। ସେ ଟ୍ୟାଲେଣ୍ଟ ଶୋ'ରେ ଭାଗନେବା ସହ ବିଭିନ୍ନ ଦେଶର ଏକାଧିକ ଡିଗ୍ରୀ କୋର୍ସ କରୁଛନ୍ତି। ତାଙ୍କ ପିତା ଚେନ୍ନାଇର ଶେନୟ ନଗରରେ 'ଆକ୍ରାମ ଗ୍ଲୋବାଲ ଲାଙ୍ଗୁଏଜ୍ ଇନ୍‌ଷ୍ଟିଚ୍ୟୁଟ୍' ପ୍ରତିଷ୍ଠା କରି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷା ଦେଉଛନ୍ତି । ଆକ୍ରାମ ସେଠାରେ ପିଲାମାନଙ୍କୁ ମଧ୍ୟ ପଢ଼ାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୭୬

- ରୟତ ସ୍ୱତ୍ୱ ଓ ସିଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଓଡ଼ିଶା ଭୂସଂସ୍କାର ଆଇନକୁ ବଳବତ୍ତର କରାଯାଇଛି।
- ଦିଲ୍ଲୀ ପ୍ରଦେଶ କଂଗ୍ରେସ ସଭାପତି ଅମରନାଥ ଛାୱାଲାଙ୍କୁ କୌଣସି ନିର୍ବାଚନ ଲଢ଼ିବା ନିମନ୍ତେ ୬ ବର୍ଷ ପାଇଁ ଅଯୋଗ୍ୟ ବିବେଚିତ କରି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ଅହମ୍ମଦ ଉଠାଇ ଦେଇଛନ୍ତି।
- ତୈଳ ଦର ବୃଦ୍ଧି ମତପାର୍ଥକ୍ୟ କାରଣରୁ ଇଣ୍ଡୋନେସିଆର ବାଲିଠାରେ ପେଟ୍ରୋଲ ରପ୍ତାନୀକାରୀ ରାଷ୍ଟ୍ରସଂଘ ବୈଠକ ବିଫଳ।

## ଚିରନ୍ତନୀ

ସକଳ ମମତା ତେଜି ନ
ଖୋଜଇଁ ମୁକତି ମାରଗ,
ହୁଅଇ ନାସ୍ତିକ ପଛେ,
ନ ଲୋଡ଼ଇ ଅପର ସ୍ୱରଗ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | | | | | 5 | | 9 |
| | | | | | 1 | 2 | 7 | |
| | | | | | | | | |
| | | 3 | | 8 | | | | |
| 2 | | | 9 | | 5 | 6 | | |
| 4 | 1 | 6 | | | 2 | | | |
| | 6 | 9 | | | 8 | 4 | | 1 |
| | | | | | | | 6 | |
| | 2 | | 3 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 9 | 8 | 7 | 1 | 3 | 2 |
| 1 | 8 | 7 | 2 | 3 | 5 | 6 | 9 | 4 |
| 3 | 9 | 2 | 6 | 4 | 1 | 7 | 5 | 8 |
| 4 | 1 | 3 | 8 | 7 | 6 | 5 | 2 | 9 |
| 9 | 5 | 6 | 1 | 2 | 4 | 8 | 7 | 3 |
| 2 | 7 | 8 | 3 | 5 | 9 | 4 | 6 | 1 |
| 8 | 6 | 4 | 7 | 9 | 2 | 3 | 1 | 5 |
| 7 | 3 | 9 | 5 | 1 | 8 | 2 | 4 | 6 |
| 5 | 2 | 1 | 4 | 6 | 3 | 9 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନକ୍ସା ଅନୁଯାୟୀ ଜବରଦଖଲ ଉଚ୍ଛେଦ ହୋଇଛି କି

ମହାଶୟ,

ସମସ୍ତ ଉତ୍କଣ୍ଠାର ଅବସାନ ଘଟିଲା ଓ ୧୩ ମେ ୨୦୨୫ରେ ଚରମ୍ପା ଅଞ୍ଚଳ (ଜାତୀୟ ରାଜପଥ ୧୬ର ପୂର୍ବପାଖ)ରୁ ଜବରଦଖଲ ହଟାଗଲା। ବିଶେଷକରି ଚରମ୍ପା ସ୍କୁଲ ରୋଡ୍ ଓ କଣ୍ଟାପାଳ ଅଞ୍ଚଳରେ ଦୀର୍ଘ ୭୦/୮୦ ବର୍ଷ ଧରି ସରକାରୀ ଜାଗା ମାଡ଼ିବସି ଘରକରି ଭଡ଼ା ଦେଇ ଲକ୍ଷ ଲକ୍ଷ ଟଙ୍କା କମାଇଥିବା ଘର ମାଲିକମାନେ ଏବେ ହତାଶ। ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଗତ ଅଗଷ୍ଟ ୨୦୨୪ରୁ ଏହି ଉଚ୍ଛେଦ ପ୍ରକ୍ରିୟା ପ୍ରଥମେ ଆରମ୍ଭହୋଇ କଚେରି ବଜାର ଛକ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ଚରମ୍ପାରେ ଏହି ଉଚ୍ଛେଦ ପ୍ରକ୍ରିୟା କିନ୍ତୁ ପ୍ରକୃତ ନକ୍ସା ଓ ମାପ ଅନୁସାରେ ହୋଇ ନ ଥିବା କିଛି ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି। ସେମାନଙ୍କ ମତରେ ଯଦି ପ୍ରକୃତ ନକ୍ସା ଓ ମାପ ଅନୁସାରେ ଏହା କରାଯାଏ ତେବେ ଆହୁରି ଅନେକେ ଉଚ୍ଛେଦ ହେବେ। ଏହି ଉଚ୍ଛେଦର ବହୁପୂର୍ବରୁ କୁଆଡ଼େ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସରକାରୀ କର୍ତ୍ତୃପକ୍ଷଙ୍କୁ ହାତକରି ନିଜ ନିଜ ଅଧିକୃତ ସରକାରୀ ଜମିକୁ ସୁରକ୍ଷିତ ରଖିଥିବା ଶୁଣାଯାଉଛି। ମାପ ହେଲେ ଏହି ଦୁଇ ଅଞ୍ଚଳରେ ଆହୁରି ଅଧିକ ସରକାରୀ ଜମି ବାହାରିବ। ଏପରିକି ଗୋଚର ଜମିରେ ଘର ମଧ୍ୟ ନିର୍ମାଣ କରାଯାଇଛି। ପ୍ରକୃତ ନକ୍ସା ଓ ମାପ ଅନୁସାରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଉ।

**-ଗୌତମ ସେଠୀ, ସମାଜସେବୀ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚୋରି ପାଇଁ ବୃଦ୍ଧାଙ୍କୁ ହୋଇଥିଲା ହତ୍ୟା

କଟକ,୨୭।୫(କାର୍ତ୍ତିକ ସାହୁ)

## ସିସିଟିଭି କଣ୍ଟ୍ରୋଲ ରୁମ୍‌ରୁ ମିଳିଲା ସୁରାକ

ବାରଙ୍ଗ ଥାନା ଆନନ୍ଦବଜାର ଅଞ୍ଚଳରେ ଗତ ୨୧ ତାରିଖରେ ଘଟିଥିବା ବୃଦ୍ଧାହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଘରେ ବୃଦ୍ଧା ଏକୁଟିଆ ରହୁଥିବା ସୁଯୋଗରେ ଚୋରି କରି ମୂଲ୍ୟବାନ ସାମଗ୍ରୀ ନେଇଯିବାକୁ ଅଭିଯୁକ୍ତ ହତ୍ୟାକାଣ୍ଡ ଭିଆଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ନନ୍ଦନକାନନ ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମରେ ରହୁଥିବା ମଞ୍ଚେଶ୍ୱର ଥାନା ଗଣ୍ଡରପୁରର ଯୁବକ ଯମୁନା ରାଉତ (୨୮)। ଏ ନେଇ ବାରଙ୍ଗ ଥାନାରେ ଏକ ମାମଲା (ନଂ.୨୬୫/୨୦୨୫) ରୁଜୁ ହୋଇ ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ପଚରାଉଚରା ପରେ ହତ୍ୟାକାଣ୍ଡର କାରଣ ଚୋରି କରିବା ଉଦ୍ଦିଷ୍ଟ ଥିଲା ବୋଲି ପୋଲିସ କହିଛି। ଅଭିଯୁକ୍ତ କିଛି ଦିନ ଧରି ମୃତକାଙ୍କ ଗତିବିଧି ଉପରେ ନଜର ରଖିଥିଲେ। ମୃତକା ବୟସାଧିକ୍ୟ ଓ ଏକୁଟିଆ ରହୁଥିବା କାରଣରୁ ଅଭିଯୁକ୍ତ ତାଙ୍କ ଘରୁ ଚୋରି କରିବାକୁ ଯୋଜନା କରିଥିଲେ। ପୂର୍ବରୁ ସେ ମୃତକଙ୍କ ଘରୁ ଚୋରି କରିବାକୁ ଉଦ୍ୟମ କରିଥିଲେ। ଗତ ୨୦ ତାରିଖ ବିଳମ୍ବିତ ରାତିରେ ଲୋକଙ୍କ ଯାତାୟାତ ବନ୍ଦ ହୋଇଯିବା ପରେ ଅଭିଯୁକ୍ତ ମୃତକାଙ୍କ ଘରେ ପଶିଥିଲେ। ତାଙ୍କୁ ଧାରୁଆ ଅସ୍ତ୍ର ଦ୍ୱାରା ହତ୍ୟା କରିବା ପରେ ଚୋରି କରି ପଳାଇ ଆସିଥିବା ଅଭିଯୁକ୍ତ ବୟାନ ଦେଇଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ବାରଙ୍ଗ ଥାନା ଆନନ୍ଦବଜାର ଅଞ୍ଚଳରେ ବୃଦ୍ଧା ବାସନ୍ତୀ ବେହେରା (୭୫) ଏକୁଟିଆ ରହୁଥିଲେ। ତାଙ୍କ ପୁଅ ତ୍ରିଶୂଳିଆ ବ୍ରାହ୍ମଣୀଗାଁର ବିଭୂତି ଭୂଷଣ ବେହେରା ଗତ ମେ' ୨୧ ତାରିଖ ସକାଳ ପ୍ରାୟ ୭ଟା ୪୫ ମିନିଟ୍‌ରେ ମା'ଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସେ ଆନନ୍ଦବଜାରକୁ ଆସିଥିଲେ। ଘର କବାଟ ବନ୍ଦ ଥିବାରୁ ଝରକା ବାଟେ ମା' ମୃତ ଅବସ୍ଥାରେ ପଡ଼ିଥିବା ଓ ଚଟାଣରେ ରକ୍ତ ପଡ଼ିଥିବା ଦେଖିଥିଲେ। ମା'ଙ୍କୁ କେହି ହତ୍ୟା କରିଥିବା ନେଇ ସେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଥାନା ଆଇଆଇସି ଦେବେନ୍ଦ୍ର ବିଶ୍ୱାଳ, ଜୋନ ୪ ଏସିପି ଅଭିତାଭ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ, ସାଇବର ସେଲ୍ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଲଗା ଓ ଧାରୁଆ ଅସ୍ତ୍ର ଘଟଣାସ୍ଥଳରୁ ଜବତ ହୋଇଥିଲା। ତେବେ ତଦନ୍ତକାରୀ ଟିମ୍ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ସୁରାକ ପାଇବାକୁ ଉଦ୍ୟମ କରିଥିଲା। ଏଆଇ କ୍ୟାମେରା ମଧ୍ୟ ଏଥିରେ ବ୍ୟବହାର କରାଯାଇଥିଲା। ଭୁବନେଶ୍ୱର ସ୍ମାର୍ଟ ସିଟି କଣ୍ଟ୍ରୋଲ ରୁମ୍‌ରୁ ଏ ସଂକ୍ରାନ୍ତୀୟ ସିସିଟିଭି ଫୁଟେଜ ମିଳିଥିଲା। କଣ୍ଟ୍ରୋଲ ରୁମ ଷ୍ଟାଫ୍ ଓ ବିଶେଷଜ୍ଞଙ୍କ ସହଯୋଗରେ ଅପରାଧ ସଂକ୍ରାନ୍ତୀୟ ସିସିଟିଭି ଫୁଟେଜ ବାହାର କରାଯାଇଥିଲା। ସିସିଟିଭି ଫୁଟେଜଗୁଡ଼ିକୁ ପାର୍ଶ୍ୱବର୍ତ୍ତୀ ଥାନାରେ ପରଖା ଯାଇଥିଲା। ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ବାରଙ୍ଗ ପୋଲିସ କର୍ମଚାରୀମାନେ ହତ୍ୟାକାଣ୍ଡ ଘଟାଇଥିବା ସନ୍ଦିଗ୍ଧଙ୍କ ପାଦଚିହ୍ନକୁ ରାସ୍ତା ପାର୍ଶ୍ୱ ଘର, ଦୋକାନ ଆଦି ଭୂଇଁରେ ମିଳାଇବା ପରେ ଶେଷରେ ନନ୍ଦନକାନନ ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଯୁବକ ଯମୁନା ଅଭିଯୁକ୍ତ ବୋଲି ଚିହ୍ନଟ ହୋଇଥିଲା। ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ମୃତକଙ୍କ ମୋବାଇଲ୍ ଫୋନ୍, ବାସନକୁସନ, ଘଟଣା ଦିନ ଅଭିଯୁକ୍ତ ପିନ୍ଧିଥିବା ଲୁଗା ଓ ବ୍ୟବହାର କରିଥିବା ସାଇକେଲକୁ ପୋଲିସ ଜବତ କରିଛି।

## ଠିକାଦାର ଗଜେନ୍ଦ୍ର ଗିରଫ

**ଗଣମାଧ୍ୟମ ପ୍ରତିନିଧିଙ୍କୁ ନିସ୍ତୁକ ମାଡ଼ ପରେ ଭିଡିଓ ଭାଇରାଲ ଘଟଣା**

ବଲାଙ୍ଗୀର,୨୭।୫
(ବୀରେନ୍ଦ୍ର କୁମାର ଝାଙ୍କର)

ରାସ୍ତା ଗାର୍ଡୱାଲ କାମରେ ଦୁର୍ନୀତି ସମ୍ପର୍କିତ ଖବର ପରିବେଷଣ କରିବାରୁ ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କୁଲଥିପାଲି ଗାଁରେ ସର୍ବସାଧାରଣ ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧି ବିଜୟ ପଧାନଙ୍କୁ ନିସ୍ତୁକ ମାଡ଼ ମରାଯାଇ ଏହାର ଭିଡିଓ ଭାଇରାଲ କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଠିକାଦାର ଗଜେନ୍ଦ୍ର ଦଳେଇଙ୍କୁ ପୁଇଁତଲା ପୋଲିସ ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲା ସୀମାରୁ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରିଥିବା ବଲାଙ୍ଗୀର ଆଡିସନାଲ ଏସ୍‌ପି ଆଲୋକ ଜେନା ସୂଚନା ଦେଇଛନ୍ତି। ସୋମବାର ଏହି ଘଟଣାରେ ପୋଲିସ ଜଣେ ନାବାଳକ ସମେତ ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ନକଲି ଡାକ୍ତର ଗିରଫ

ଛତ୍ରପୁର,୨୭।୫(ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ବଡ଼ ଆର୍ଯ୍ୟପଲ୍ଲୀ ଗାଁରୁ ଜଣେ ନକଲି ଡାକ୍ତର (କ୍ୱାକ୍) ଗିରଫ ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ପ୍ରସନ୍ନଜିତ ସରକାର। ତାଙ୍କୁ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ଗିରଫ କରିବା ସହ ତାଙ୍କ କ୍ଲିନିକରୁ ବିଭିନ୍ନ ଔଷଧପତ୍ର ଜବତ କରିଛି। ନକଲି ଡାକ୍ତରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରାୟ ଦେଢ ବର୍ଷ ହେଲା ସେ ବିନା ଲାଇସେନ୍ସରେ କ୍ଲିନିକ କରି ଲୋକଙ୍କୁ ଠକି ଚାଲିଥିଲେ ବୋଲି ପୋଲିସ କହିଛି। ସୋମବାର ଗାଁରେ ଡେଙ୍ଗୁ ମୃତ୍ୟୁ ଓ ଡେଙ୍ଗୁ ଜ୍ୱର ବ୍ୟାପୁଥିବା ଘଟଣା ଜଣାପଡିବା ପରେ ସୋମବାର ରାତିରେ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ଉକ୍ତ କ୍ଲିନିକରେ ଚଢ଼ାଉ କରିଥିଲା।






# ସଡୁଙ୍କ ଶୁଦ୍ଧିକ୍ରିୟାକୁ ଆସିଥିବା ଯୁବକଙ୍କୁ ତୀରମାଡ଼

ରାଉରକେଲା,୨୭।୫
(ସଙ୍ଗୀତା ଜେନା)

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ନିଜ ସଡୁଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ତୀରମାଡ଼ ହୋଇଛି। ତୀରମାଡ଼ର ଶିକାର ହୋଇଥିବା ଯୁବକ ହେଲେ ସମ୍ବଲପୁରସ୍ଥିତ ବଡସିଂହାର ଗ୍ରାମର ନିତ୍ୟାନନ୍ଦ ରଣବିରା(୨୫)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆର୍‌ଜିଏଚ୍ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ଜି. ବି. ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ତୀରମାଡ଼ ହୋଇଥିବା ଯୁବକଙ୍କ ପରିବାର ଲୋକଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଆମେ ତଦନ୍ତ କରିବୁ ବୋଲି ସେ କହିଥିଲେ। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ସାଢେ ୭ଟା) ଏହି ଘଟଣାରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଅଭିଯୁକ୍ତ ଫେରାର ଅଛନ୍ତି।



ଆର୍‌ଜିଏଚ୍‌ରେ ଚିକିତ୍ସାଧୀନ ତୀରମାଡ଼ର ଶିକାର ଯୁବକ।

ସୂଚନା ଅନୁଯାୟୀ, ସମ୍ବଲପୁରର ନିତ୍ୟାନନ୍ଦ ସସ୍ତ୍ରୀକ ତାଙ୍କ ସଡୁ ଦୁର୍ଯ୍ୟୋଧନ ଲାକ୍ରାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଗତ ୨୫ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ଆସିଥିଲେ। ସଡୁଙ୍କ ମୃତ୍ୟୁ ପରେ ତାଙ୍କ ଦେଢ଼ଶାଶୁଙ୍କୁ ସେହି ଗ୍ରାମର କେହି ଜଣେ ବ୍ୟକ୍ତି ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେବାରୁ ଏହାକୁ ନିତ୍ୟାନନ୍ଦ ବିରୋଧ କରିଥିଲେ। ବର୍ତ୍ତମାନ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ପ୍ରସ୍ତାବ ଆଦୌ ଠିକ୍ ନୁହେଁ ବୋଲି ନିତ୍ୟାନନ୍ଦ କହିଥିଲେ। ଏହାକୁ ସେହି ବ୍ୟକ୍ତି ଜଣଙ୍କ ବିରୋଧ କରିଥିଲେ। ତେବେ ମଙ୍ଗଳବାର ନିତ୍ୟାନନ୍ଦ ନିଜ ଘରକୁ ଫେରୁଥିବା ବେଳେ ପୂର୍ବରୁ ଛକିରହିଥିବା ଉକ୍ତ ବ୍ୟକ୍ତି ଏବଂ ତାଙ୍କ ୨ ସହଯୋଗୀ ଅତର୍କିତ ତୀରମାଡ଼ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ଡାହାଣ ପାର୍ଶ୍ୱ ପେଟରେ ତୀର ପଶିଯାଇଥିଲା।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା

ଆନନ୍ଦପୁର,୨୭।୫
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ତାଳଗାଁର ଜଣେ ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗାଁର ସୁରେନ୍ଦ୍ର ମହାକୁଡଙ୍କ ପୁଅ ବିପିନ (୨୫)। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ହରିଚନ୍ଦନପୁର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବିପିନଙ୍କୁ ତାଙ୍କର ୨ ସାଙ୍ଗ ରବିବାର ସନ୍ଧ୍ୟାରେ ଡାକି ନେଇଥିଲେ। ହରିଚନ୍ଦନପୁର ହାଟକୁ ଯାଇଥିବା ବେଳେ ବିପିନ ରାତିରେ ଘରକୁ ଫେରି ନ ଥିଲେ। ସୋମବାର ସକାଳେ ହରିଚନ୍ଦନପୁର ହାଟତୋଟା ନିକଟରେ ଥିବା ବୁଲ ବ୍ରହ୍ମଙ୍କ ସାଇକେଲ ଦୋକାନ ବାରଣ୍ଡାରେ ମୃତଦେହ ପଡ଼ିଥିଲା। ବ୍ୟବସାୟୀ ବ୍ରହ୍ମ ଦୋକାନ ଖୋଲିବାକୁ ଯାଇଥିବାବେଳେ ବାରଣ୍ଡାରେ ବିପିନଙ୍କ ମୃତଦେହ ଏବଂ ପାଖରେ ପ୍ଲାଷ୍ଟିକ ବ୍ୟାଗ, ଚଷମା, ଚପଲ ଅଲଗା ସ୍ଥାନରେ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ହରିଚନ୍ଦନପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକେ ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଘସିପୁରା ଥାନା ଅଧିକାରୀ ମାନସ କୁମାର ବାରିକ କହିଛନ୍ତି, ସୋମବାର ସକାଳେ ହରିଚନ୍ଦନପୁର ପୋଲିସ ମୃତଦେହ ଜବତ କରିଛି। ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation, Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ
ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

WANTED
Honest, Responsible Peon-cum-Caretaker for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
Send Biodata to 9438128790

ସହକାରୀ ଆବଶ୍ୟକ
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସମ୍ପର୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଉର୍ଦ୍ଧ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି। ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ। ପାରିଶ୍ରମିକ ସାକ୍ଷାତରେ ଯାହା ନିଷ୍ପତି ହେବ। ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

REQUIREMENT
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
Mob. - 7381207777

ଅମ୍ବିକା ସର୍ଭିସେସ୍ (ଭୁଜ୍)
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି।
ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।

See Career Appointment on every Wednesday & Saturday

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
» Accounting Asst. (M/F) «
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on
29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513

RECRUITMENT
ZENITH ENGINEERING & MANAGEMENT STUDIES
Approved by AICTE, New Delhi, Affiliated to BPUT, Odisha
1. Principal : (Ph.D with 5-10 Year's Experience)
2. Professor / Asso. Prof. / Asst. Prof : PhD / M.Tech in Civil, EE, Mech., CSE, Mining with (0-5 years experience)
3. Lab Assistant : Civil, EE, Mech, CSE, Mining (B.Tech with 0-3 years experience)
4. Administrative Officer : Graduate & above with 3 years minimum experience in Educational field.
5. Placement Officers / Librarian & Accountant : Minimum 0-3 years experience in respective field.
Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083


# ବଗିଚାରେ ଗୋରୁ ପଶିଯିବାରୁ ସହାୟକଙ୍କୁ ହତ୍ୟା

ପାଟଣା/ଢେଙ୍କିକୋଟ୍,୨୭।୫
(ବୀର କିଶୋର ଦାଶ/ନୀଳମଣି ମଣ୍ଡଳ)

## ମାଲିକ ଥାନାରେ ଅଟକ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପୋଷି ଗ୍ରାମରେ ବାଇଗଣ ବାଡ଼ିରେ ଗୋରୁ ପଶିଯିବାରୁ ଜଣେ ଘର ସହାୟକଙ୍କୁ ମଙ୍ଗଳବାର ସକାଳ ୯ଟାରେ ଘର ମାଲିକ ହତ୍ୟା କରିଛନ୍ତି। ମୃତକ ହେଲେ ଚିନାମାଳିପୋଷି ମୁଣ୍ଡାସାହିର ଭସଲ ମୁଣ୍ଡାଙ୍କ ପୁଅ ଟୁନା(୫୦)। ଟୁନାଙ୍କ ପୁତୁରା ଶମ୍ଭୁନାଥ ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଅଭିଯୁକ୍ତ ଚିନାମାଳିପୋଷି ଗ୍ରାମର ଚତୁରା ମହାନ୍ତଙ୍କ ପୁଅ ସଞ୍ଜୟ କୁମାର ମହାନ୍ତ(୩୯)ଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଟୁନା ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ପଡ଼ୋଶୀ ଚତୁରାଙ୍କ ଘରେ ସହାୟକ ଭାବେ କାର୍ଯ୍ୟ କରି ଆସୁଥିଲେ। ମଙ୍ଗଳବାର ସକାଳେ ବାଇଗଣ ବଗିଚାରେ ଗୋରୁ ପଶିଯିବାରୁ ସଞ୍ଜୟ ରାଗିଯାଇ ଟୁନାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସଞ୍ଜୟ ଉତ୍ତକ୍ଷିପ୍ତ ହୋଇ ଟୁନାଙ୍କ ବେକରେ ପଡ଼ିଥିବା ଗାମୁଛାକୁ ଧରି ଚିପିଦେବା ସହ ଠେଲି ଦେଇଥିଲେ। ଟୁନା ତଳେ କଂକ୍ରିଟ୍ ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡର ପଛପାର୍ଶ୍ୱ କଂକ୍ରିଟ୍‌ରେ ମାଡ଼ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୨୨୦/୨୫) ରୁଜୁ ହୋଇଛି।

# ଅପରାଧ ଉଦ୍ୟମ ପଣ୍ଡ: ୫ ବନ୍ଧୁକ ଜବତ, ୯ ଗିରଫ

ଭଞ୍ଜନଗର,୨୭।୫(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ କୌଣସି ଅପରାଧ ପାଇଁ ଏକାଠି ହୋଇଥିବା ଗୋଷ୍ଠୀକୁ ସୋମବାର କାବୁ କରିଛି। ସେମାନଙ୍କଠାରୁ ୫ଟି ବନ୍ଧୁକ, ୨ଟି ଖେଳଣା ବନ୍ଧୁକ, ଗୋଟିଏ ଖଣ୍ଡା, ୧୫ ରାଉଣ୍ଡ ଗୁଳି ଜବତ କରିଛି। ଉକ୍ତ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅନିଲ ବେହେରା, ଟୁକୁନା ପାତ୍ର, ବାଦଲ ସାହୁ, ସରୋଜ ଦାସ, ସୁନୀଲ କୁମାର ସାବତ, ସଂଗ୍ରାମ ଭୂୟାଁ, ସନାତନ ପ୍ରଧାନ, ବ୍ରଜ ମୋହନ ସାହୁ ଓ ଦିବ୍ୟ ଆରୁଖ। ସନାତନ, ବ୍ରଜ ଓ ଦିବ୍ୟଙ୍କ ବ୍ୟତୀତ ଅନ୍ୟ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ



ଖବରଦାତା ସମ୍ମିଳନୀରେ ଏଏସପି ସୂଚନା ଦେଉଛନ୍ତି।

ମଙ୍ଗଳବାର ଭଞ୍ଜନଗର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଅନ୍ୟ ଯେଉଁମାନେ ଚୋରା ବନ୍ଧୁକ ରଖିଛନ୍ତି ସେମାନଙ୍କୁ ଖୋଜି ଗିରଫ କରାଯିବ। ବନ୍ଧୁକ କେଉଁଠାରୁ ଆସୁଥିଲା ତାହାର ସୁରାକ ମିଳିଛି। ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ପୋଲିସ ଜିଲାରେ ଚଢ଼ାଉ ଚାଲିଛି। ଗଞ୍ଜାମ ଜିଲା ସମେତ ଭଞ୍ଜନଗର ଅଞ୍ଚଳକୁ ଅପରାଧ ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ଏଏସ୍‌ପି ଦେ କହିଛନ୍ତି।

ସୋମବାର ୪ ଜଣ ଅଭିଯୁକ୍ତ ମଳାସପଦର ରାସ୍ତାରେ ଥିବା ଏକ ମନ୍ଦିରରେ ବସି କିଛି ଅପରାଧ ଘଟାଇବା ପାଇଁ ଯୋଜନା ଚଳାଇଥିଲେ। ରାତ୍ରି ପାଟ୍ରୋଲିଂ କରୁଥିବା ଏସ୍‌ଆଇ ସମୀର କୁମାର ସେଠୀ ଏହା ଜାଣିବା ପରେ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲେ। ପରେ ଅନ୍ୟ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅଭ୍ୟାସଗତ ଚୋର ଗିରଫ

## ୨୫ ମୋବାଇଲ ଜବତ, ନାଁରେ ରହିଛି ୨୧ ମାମଲା



ଗିରଫ ଅଭିଯୁକ୍ତ ମିଥୁନ ପାଇକରାୟ

ଭୁବନେଶ୍ୱର,୨୭।୫
(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ପୋଲିସ ଜଣେ ଅଭ୍ୟାସଗତ ଚୋରଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବରମୁଣ୍ଡା ପାଲାମଣ୍ଡପ ନିକଟ ପାଇକରାୟ ସାହିର ମିଥୁନ ପାଇକରାୟ(୨୮)। ତାଙ୍କଠାରୁ ୨୫ଟି ଚୋରା ମୋବାଇଲ ଜବତ ହୋଇଛି। ମିଥୁନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଥୁନଙ୍କ ନାଁରେ ଖଣ୍ଡଗିରି, ବଡ଼ଗଡ଼, ନୟାପଲ୍ଲୀ, ଇନ୍‌ଫୋସିଟି ଥାନାରେ ୨୧ଟି ସିନ୍ଧିଚୋରି, ଚୋରି, ଡକାୟତି ଆଦି ମାମଲା ରହିଛି। ପୋଲିସ ସୂଚନା ଅନୁଯାୟୀ, ପୁରୀ ବାଇପାସ୍ ପାଖ ପାଣ୍ଡରା ଅଞ୍ଚଳରେ ରହୁଥିବା ଅଟୋଚାଳକ ରଙ୍କନିଧି ସାହୁ ଗତ ୧୯ ତାରିଖରେ ଯାତ୍ରୀଙ୍କୁ ନେଇ ରସୁଲଗଡ଼ରୁ ବରମୁଣ୍ଡା ଯାଉଥିଲେ। ଏହି ସମୟରେ ମିଥୁନ ତାଙ୍କ ଅଟୋରେ ବସିଥିଲେ। ତେବେ ଏକ ଜରୁରୀ କଲ୍ କରିବା ବାହାନାରେ ରଙ୍କନିଧିଙ୍କ ମୋବାଇଲକୁ ମିଥୁନ ମାଗିନେଇଥିଲେ। ମାତ୍ର କିଛି ସମୟ ପରେ ମିଥୁନ ଉକ୍ତ ମୋବାଇଲ ଧରି ଅଟୋରୁ ଡେଇଁ ଦୌଡ଼ି ପଳାଇ ଯାଇଥିଲେ। ଏ ନେଇ ରଙ୍କନିଧିଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା(ନଂ.୩୪୦/୨୦୨୫) ରୁଜୁକରି ତଦନ୍ତ କରିଥିଲା। ତେବେ ମିଥୁନ ଧରାପଡ଼ିବା ପରେ ତାଙ୍କ ନାଁରେ ବହୁ ମାମଲା ଥିବା ଜଣାପଡ଼ିଥିଲା।

# ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ୍ୟୁ ଅଭିଯୋଗ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଭଦ୍ରକ,୨୭।୫(ସନାତନ ରାଉତ/ରବିନାରାୟଣ ଖିଲାର)

ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ ଓ ମା' ଗୁରୁତର ଘଟଣାକୁ ନେଇ ମଙ୍ଗଳବାର ଭଦ୍ରକରେ ଉତ୍ତେଜନା ଦେଖାଦେଇଛି। ଉତ୍ତ୍ୟକ୍ତ ଲୋକେ ସକାଳ ୭ଟା ୩୦ରୁ ଭଦ୍ରକ ସହରର ବାଇପାସ୍‌ଠାରେ ରାସ୍ତାରୋକୋ କରିଥିଲେ। ଉତ୍ତେଜନାକୁ ଦେଖି ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲେ। ଅପରପକ୍ଷେ ଅଲଟ୍ରାସାଉଣ୍ଡ ସେଣ୍ଟରରେ ତାଲା ପଡ଼ିଥିବାବେଳେ କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିଲା।



ଭଦ୍ରକ ବାଇପାସ୍‌ଠାରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ପ୍ରସୂତିଙ୍କ ସ୍ୱାମୀ ତିହିଡ଼ି ଥାନା ଅଧୀନ ଦୋଳସାହି, ରାଢ଼ଙ୍ଗ ଅଞ୍ଚଳର ପ୍ରଫୁଲ୍ଲ ଗିରିଙ୍କ କହିବା ଅନୁଯାୟୀ, ୨ ଦିନ ତଳେ ତାଙ୍କ ସ୍ତ୍ରୀ ବାସନ୍ତୀ ରାଉତଙ୍କ ଭଦ୍ରକ ଟାଉନ ଥାନା ଅଧୀନ ବାଇପାସ୍ଥିତ ଏକ ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟ ଭଲ ଥିବା କୁହାଯାଇ ରିପୋର୍ଟ ଦିଆଯାଇଥିଲା। ସୋମବାର ପେଟରେ ଯନ୍ତ୍ରଣା ହେବାରୁ ବାସନ୍ତୀଙ୍କୁ ଭଦ୍ରକ ଶିଶୁ ଓ ମାତୃ ବିଭାଗ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ଧ୍ୟାରେ ଅପରେଶନ ପରେ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ପ୍ରାୟ ୨/୩ ଦିନ ତଳେ ପିଲାଟିର ପେଟରେ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଅପରପକ୍ଷେ ମା' ଅବସ୍ଥା ଗୁରୁତର ଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି। ଶିଶୁର ମୃତଦେହକୁ ଧରି ପ୍ରଫୁଲ୍ଲ ଓ ତାଙ୍କ ପରିବାର ଲୋକେ ରାତି ପ୍ରାୟ ୯ଟା ବେଳେ ଉକ୍ତ ଅଲଟ୍ରାସାଉଣ୍ଡ ସେଣ୍ଟର ସମ୍ମୁଖରେ ଧାରଣାରେ ବସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ମଧ୍ୟ ଅଲଟ୍ରାସାଉଣ୍ଡ ସେଣ୍ଟର କର୍ତ୍ତୃପକ୍ଷ କିଛି ବୁଝି ନ ଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ପରିବାର ସମେତ ତାଙ୍କ ସମ୍ପର୍କୀୟମାନେ ମଙ୍ଗଳବାର ସକାଳୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ବାଇପାସ୍‌ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ବିଶେଷକରି ଭଦ୍ରକ ସହରରେ ବେଆଇନ ଭାବେ ଗଢ଼ି ଉଠୁଥିବା ନର୍ସିଂହୋମ ଓ ଅଲଟ୍ରାସାଉଣ୍ଡ ଉପରେ ଟିମ୍ ଗଠନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

## ସଂକ୍ଷେପରେ

### ବିଜେବି କଲେଜ: ଅର୍ଥଶାସ୍ତ୍ର ଅନର୍ସରେ ସଂସ୍କୃତି ମହାପାତ୍ର ଟପ୍ପର

ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)

ଚଳିତ ବର୍ଷ ବିଜେବି ସ୍ୱୟଂଶାସିତ କଲେଜରେ +୩ ପରୀକ୍ଷାରେ ଅର୍ଥଶାସ୍ତ୍ର ଅନର୍ସରେ ସଂସ୍କୃତି ମହାପାତ୍ର ଟପ୍ପର ହୋଇଛନ୍ତି। ସଂସ୍କୃତି କେନ୍ଦ୍ରାପଡ଼ା ଜିଲା ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମ ନିବାସୀ ଭକ୍ତିକାନ୍ତ ମହାପାତ୍ର ଓ ଦୀପ୍ତି ମହାନ୍ତିଙ୍କ କନ୍ୟା। ଓଲିଉଡ୍ ଅଭିନେତା ଓ ରାଜ୍ୟ ସ୍ଥାୟୀ କର୍ମଚାରୀ ନେତା ମୁକ୍ତିକାନ୍ତ ମହାପାତ୍ରଙ୍କ ଝିଅରୀ ସଂସ୍କୃତି ନିଜର କଠିନ ଅଧ୍ୟବସାୟ, ମା', ବାପା ଏବଂ ଗୁରୁଜନଙ୍କ ପ୍ରେରଣା ଓ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି। ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସଂସ୍କୃତିଙ୍କ ସଫଳତା ନେଇ ଗ୍ରାମବାସୀ, ସାଙ୍ଗସାଥୀ ଏବଂ ବନ୍ଧୁ ପରିଜନମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ଦେବଦାସୀର ୨୦ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୭।୫(ସୌମ୍ୟରଞ୍ଜନ ରାଉତ)

ଦେବଦାସୀ ସାଂସ୍କୃତିକ ଅନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ନୃତ୍ୟ ଗୁରୁ ସୁହାଗା ନଳିନୀ ଦାସ, ଗୁରୁ ମଧୁସ୍ମିତା ମହାନ୍ତି ଓ ଗୁରୁ ମଞ୍ଜୁଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ, ପଲ୍ଲୀ ନୃତ୍ୟ, ଲୋକ ନୃତ୍ୟ ଆଦି ପରିବେଷଣ କରିଥିଲେ। ଅନୁଷ୍ଠାନର ସଚିବ ଦେବ କୁମାର ବ୍ରହ୍ମା ଓ ରୋଜାଲିନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବେଳେ ଡ. ଶ୍ରୀନିବାସ ଘଟୁଆରୀ ସହଯୋଗ କରିଥିଲେ।

### ୧୦ ମାସ ପରେ ଫେରାର ଅଭିଯୁକ୍ତ ଗିରଫ
#### କ୍ୟାଟରିଂ ଟଙ୍କା ଭାଗବଣ୍ଟାକୁ ନେଇ ଛୁରାମାଡ଼ ଘଟଣା



ଭୁବନେଶ୍ୱର,୨୭।୫(ସତ୍ୟଜିତ୍ ରାଉତ)

କ୍ୟାଟରିଂ ଟଙ୍କା ପାଇଁ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଛୁରାମାଡ଼ ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ପୋଲିସ ୧୦ ମାସ ପରେ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତିର ସାଗର ନାୟକ ଓରଫ ରାଜେଶ(୨୨)। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ରାଜେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଶାନ୍ତିପଲ୍ଲୀ ବସ୍ତିର ବାପୁନି ଗୁନି ଏବଂ ଅଭିଯୁକ୍ତ ରାଜେଶ କ୍ୟାଟରିଂ କାମରେ ଯାଉଥିଲେ। ୨୦୨୪ ଜୁଲାଇ ୨୪ରେ ବାପୁନି ନିଜ ଭାଗ ଟଙ୍କା ମାଗିଥିଲେ। ସାଗର ଟଙ୍କା ଦେବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶାନ୍ତିପଲ୍ଲୀ ବସ୍ତି ପାଖ ରେଳଧାରଣା କଡ଼ରେ ସାଗର ଏକ ଛୁରିରେ ବାପୁନିଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଛୁରାମାଡ଼ରେ ଆହତ ବାପୁନି ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଖବର ପାଇ ବଡ଼ଭାଇ ପିଣ୍ଟୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାପୁନିଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଏ ନେଇ ଏକ ଏତଲାକ୍ରମେ ପୋଲିସ ମାମଲା (ନଂ.୩୫୧/୨୦୨୫) ରୁଜୁ କରିଥିଲା।

# ବିଡିଏ ନିଷ୍ପତ୍ତି ମାନିବାକୁ ଚାଷୀ ଅମଙ୍ଗ

ବାରଙ୍ଗ,୨୭।୫(ଲିଙ୍ଗରାଜ ରାଉତ)



ବାଲୁଙ୍କେଶ୍ୱର ମନ୍ଦିର ପରିସରରେ କୃଷକ ଓ ଶ୍ରମିକ ସଂଘ ପକ୍ଷରୁ ଆୟୋଜିତ ସଭା।

ଆସନ୍ତା ୨୯ ତାରିଖରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ବିଡିଏ ପକ୍ଷରୁ ଟାଉନ ପ୍ଲାନିଂ ନାମରେ ଶହ ଶହ ଏକର ଚାଷଜମିକୁ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ ଆରମ୍ଭ ହୋଇଛି, ଯାହାକୁ ନେଇ ଅନ୍ଧାରୁଆ ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଅନ୍ଧାରୁଆ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ କୃଷକ ଓ ଶ୍ରମିକ ସଂଘ ପକ୍ଷରୁ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଓଡ଼ିଶା କୃଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଓ ଜଟଣୀ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ମୁରଲୀଧର ଜେନା ଅତିଥି ଭାବେ ଯୋଗଦେଇ ବିଡିଏର ଟାଉନ ପ୍ଲାନିଂ ଯୋଜନାକୁ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଚାଷୀଙ୍କ ଚାଷଜମିରୁ ବିଡିଏ ୪୦% ନେଇଯିବ। ବାକି ଜମି ମାଲିକଙ୍କୁ ୬୦% ଛାଡ଼ିଦେବ। ବିଡିଏ ପକ୍ଷରୁ ନେବାକୁ ଥିବା ୪୦% ଜମିର କ୍ଷତିପୂରଣ ମଧ୍ୟ ଦିଆଯିବ ନାହିଁ। ଫଳରେ ଚାଷୀ ନିଜ ବେଉସା ହରାଇବା ସହ କ୍ଷତିର ସମ୍ମୁଖୀନ ହେବେ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତିକୁ ପଞ୍ଚାୟତବାସୀ ମାନିବାକୁ ପ୍ରସ୍ତୁତ ନାହାନ୍ତି ବୋଲି ରୋକ୍‌ଠୋକ ଜଣାଇଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କବିରାଜ ସାହୁ, ପ୍ରସନ୍ନ ପଟ୍ଟନାୟକ, ଭଗବାନ ବେହେରା, ଭାବଗ୍ରାହୀ ସର୍ଜନ ସିଂ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ଏଥିସହ ଚାଷୀଙ୍କୁ ଚାଷ କରିବାକୁ ପ୍ରୋତ୍ସାହନ ମିଳୁନି, କିନ୍ତୁ ସରକାର ବିଡିଏକୁ ଲଗାଇ ଟାଉନ ପ୍ଲାନିଂ ନାଁରେ ଚାଷୀଙ୍କ ୪୦% ଜମି ହଡ଼ପ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ।



ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ଦେବଦାସୀ ସାଂସ୍କୃତିକ ଅନୁଷ୍ଠାନର ୨୦ତମ ବାର୍ଷିକ ଉତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ



ଭୁବନେଶ୍ୱର,୨୭।୫

ପ୍ରତିବର୍ଷ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରର ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର 'ଜରୁରିକାଳୀନ ଚିକିତ୍ସାର ଭବିଷ୍ୟତ : ରୋଗୀ ସେବାରେ ନୂତନ ପ୍ରଦର୍ଶନ'ର ଆୟୋଜନ କରାଯାଇଥିଲା।

ଏହି ଅବସରରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସିଦ୍ଧାର୍ଥ ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଜରୁରିକାଳୀନ ବିଭାଗରେ କାମ କରୁଥିବା ୮୦ରୁ ଊର୍ଦ୍ଧ୍ୱ ଡାକ୍ତର ଯୋଗଦାନ କରିଥିଲେ। ସେହିଭଳି ଡା. ନୀଳକଣ୍ଠ ମିଶ୍ର ଜରୁରିକାଳୀନ ଚିକିତ୍ସାରେ ପ୍ରସ୍ତୁତି ଏବଂ ଅବିରତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏ ନେଇ ସେ କହିଥିଲେ, ଜରୁରିକାଳୀନ ଚିକିତ୍ସା ଜୀବନ ରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିଲାବେଳେ ଏଭଳି କାର୍ଯ୍ୟକ୍ରମଗୁଡ଼ିକ ଡାକ୍ତରଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମଣିପାଲ ହସ୍ପିଟାଲ ନିୟମିତ ଏହି କାର୍ଯ୍ୟକ୍ରମ କରୁଥିବାରୁ ସେ ମଣିପାଲ ହସ୍ପିଟାଲର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏ ନେଇ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ମହାପାତ୍ର କହିଥିଲେ, ଆମେ ଦୃଢ଼ଭାବେ ବିଶ୍ୱାସ କରୁଛୁ ଯେ ଜରୁରିକାଳୀନ ଚିକିତ୍ସା ହେଉଛି ଆଧୁନିକ ସ୍ୱାସ୍ଥ୍ୟସେବାର ମୂଳାଧାର। ଏହି ଆଲୋଚନାଚକ୍ର ହେଉଛି ଆମର ଏହି ପ୍ରତିବଦ୍ଧତାର ପ୍ରମାଣ, ଯାହା ଆଗାମୀ ଦିନର ଜରୁରିକାଳୀନ ଚିକିତ୍ସା ପ୍ରଣାଳୀକୁ ଅଧିକ କାର୍ଯ୍ୟକ୍ଷମ, ସହଯୋଗମୂଳକ ଓ ନବପରିଚାଳିତ କରିବା ଲକ୍ଷ୍ୟରେ ଚିକିତ୍ସାର ଉତ୍ତମତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଜରୁରିକାଳୀନ ବିଭାଗର ମୁଖ୍ୟ ଡାକ୍ତର ଅଭିଷେକ ଚାଟାର୍ଜୀ କହିଥିଲେ, ଏହି ଗୁରୁତ୍ୱପୂର୍ଣ୍ଣ ଦିନରେ ପୁନଃ ପ୍ରତିଶ୍ରୁତି ଦେଉଛୁ ଯେ, ଆମେ ଜରୁରିକାଳୀନ ଚିକିତ୍ସାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯେଉଁଠାରେ ପ୍ରତ୍ୟେକ ସଙ୍କଟଗ୍ରସ୍ତ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିବାକୁ ସକ୍ଷମ ହୋଇପାରିବୁ। ଏହି ସମ୍ମିଳନୀରେ ପ୍ରମାଣାଧାର ଚିକିତ୍ସା ପ୍ରୋଟୋକଲ୍, ଆପାତ୍‌କାଳୀନ ଚିକିତ୍ସାର ନୂତନ ପ୍ରଯୁକ୍ତିଗତ ଅଗ୍ରଗତି ଓ ଆପାତ୍‌କାଳୀନ ନର୍ସିଂ ଭୂମିକାର ଉନ୍ନତି ବିଷୟରେ କେନ୍ଦ୍ରିତ ଆଲୋଚନା ହୋଇଥିଲା, ଯାହା ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରକୁ ଏହି କ୍ଷେତ୍ରରେ ଏକ ଆଞ୍ଚଳିକ ନେତୃତ୍ୱଦାତା ଭାବେ ପ୍ରତିଷ୍ଠିତ କରିଛି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ଅମାବାସ୍ୟା ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ନିମନ୍ତେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଭୋର୍ ଦ୍ୱାରଫିଟା ପରେ ମହାପ୍ରଭୁଙ୍କ ମଙ୍ଗଳଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢ଼ି ଆଲଟ ଲାଗି, ଚନ୍ଦନ ଲାଗି ପରେ ମହାପ୍ରଭୁଙ୍କ ବେଶ ବଢ଼ିଥିଲା। ଯାତଭୋଗ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କି ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରରେ ଥିବା ରୋହିଣୀକୁଣ୍ଡ ନିକଟସ୍ଥ ତଥା ନୃସିଂହ ମନ୍ଦିରର ପଶ୍ଚାତ୍‌ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପ ମଧ୍ୟଭାଗରେ ଥିବା ଏକ ପ୍ରସ୍ତରନିର୍ମିତ ଜଳପୂର୍ଣ୍ଣ କୁଣ୍ଡରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ବିଜେ କରିଥିଲେ। ମୁଦିରସ୍ତ ଠାକୁର ଏବଂ ଠାକୁରାଣୀଙ୍କୁ ପ୍ରସାଦ ଲାଗି କରିଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପଞ୍ଚୋପଚାରରେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ଭୋଗ ପରେ ଠାକୁର, ଠାକୁରାଣୀଙ୍କୁ ଜଳ ମଧ୍ୟରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ପରେ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଠାକୁର ଏବଂ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ବାହୁଡ଼ିଥିଲେ। ପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ଭିତର ଚନ୍ଦନ ସମୟରେ ଜଳକ୍ରୀଡ଼ା ମଣ୍ଡପରେ ୪ଥର ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ।

### ୩ ରଥର ଚକ ନିର୍ମାଣ ଶେଷ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୨୭ତମ ଦିବସ ମଙ୍ଗଳବାର ତିନିରଥର ମୋଟ ୪୨ଟି ଚକ ନିର୍ମାଣ ଶେଷ ହୋଇଛି। ତିନିରଥ ଚାଲିରେ ଚାରି ନାହାକା ଏବଂ ଗରଗରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ପୋଲଗୟଳ ଚିରଟ ପାଇଁ ପ୍ରସ୍ତୁତି ଜାରି ରହିଥିବା ବେଳେ ତିନି ରଥର ଅଖ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ମହାରଣା ସେବକମାନେ ତିନିରଥର ଦୁଇଟି ଲେଖାଏଁ ପଡ଼ି ନାହାକା ଅଖର ଉଭୟ ପାର୍ଶ୍ୱ ଚଉପଟ ପରେ ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। କରତି ସେବକମାନେ ବାହାର ରଥଖଳାଠାରେ ତାଳଧ୍ୱଜ ରଥର ପୋଲଗୟଳ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରାକାଠର ଚିରାକାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏ ଶାଳଗୁଜ ମଧ୍ୟରୁ ୧୦ଟି ଲେଖାଏ ଗୁଜରେ ରୂପ ଅଙ୍କନ ସହ ପଲିଶ୍ କାର୍ଯ୍ୟ ଶେଷକରି ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଗୋଟିଏ ଗୋଟିଏ ଗୁଜର ରୂପ ଖୋଦେଇ ଜାରି ରହିଛି। ଦୋଳବେଦି କୋଣସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକ ତିନିରଥର ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

### ସାକ୍ଷୀଗୋପାଳଙ୍କ ହୁଣ୍ଡିରୁ ୪ ଲକ୍ଷ ଟଙ୍କା ସଂଗ୍ରହ

ସାକ୍ଷୀଗୋପାଳ,୨୭।୫
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସାକ୍ଷୀଗୋପାଳ ଠାକୁରଙ୍କ ମନ୍ଦିର ହୁଣ୍ଡିରୁ ୪ ଲକ୍ଷ ୧ ହଜାର ୫୫୫ ଟଙ୍କା ଓ ସୁନା ରୁପା ଅଳଙ୍କାର ସଂଗୃହୀତ ହୋଇଛି। ମଙ୍ଗଳବାର ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ମନ୍ଦିର ଜଗମୋହନରେ ହୁଣ୍ଡି ଖୋଲିବା ପରେ ଉପରୋକ୍ତ ଦାନ ରାଶି ସହ ସୁନା କାନଫୁଲ, ଚିତା, ରୁପା ମୁଦି, ପାଉଁଜି ଓ କିଛି ରେଜା ରୁପା ମିଳିଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବିଡିଓ ଦେବାଶିଷ ନାୟକ, ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ବନଜକାନ୍ତ ଶତପଥୀ, ଦେବୋତ୍ତର ବିଭାଗ ଜିଲା ନିରୀକ୍ଷକ ଅନନ୍ତ କୁମାର ମୁର୍ମୁ, ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ୟୁନିୟନ ବ୍ୟାଙ୍କ ମ୍ୟାନେଜର ସନ୍ଦିପ କୁମାର ରଥଙ୍କ ସମେତ କର୍ମଚାରୀ ମାନସ ବେହେରା, ଶିବକାନ୍ତ ଶୁକ୍ଳା, ସୁଶାନ୍ତ ବାରିକ୍, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ମନୋରଞ୍ଜନ ମହାନ୍ତି ଓ ସଞ୍ଜୀବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା ବରଗଡ଼ର ୬ ସିବିଏସ୍‌ଇ ସ୍କୁଲର ପରୀକ୍ଷାଫଳ

**ପରୀକ୍ଷା ପରିଚାଳନାରେ ଅସାଧୁ ନୀତି ଅବଲମ୍ବନ କରିଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)

କିଛିଦିନ ପୂର୍ବେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ତେବେ ବରଗଡ଼ ଜିଲାର ବାନ୍ଧପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପଦ୍ମପୁର ପବ୍ଲିକ ସ୍କୁଲ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପରିଚାଳନା ରେ ଅସାଧୁ ନୀତି ଅବଲମ୍ବନ କରାଯାଇଥିବା ନେଇ ରିପୋର୍ଟ ସାମ୍ନାକୁ ଆସିଥିଲା। ଏହି ୨ଟି ପରୀକ୍ଷା କେନ୍ଦ୍ରରେ ୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି। ମଙ୍ଗଳବାର ସେହି ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବରଗଡ଼ ଜିଲାର ୬ଟି ବିଦ୍ୟାଳୟରେ ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବା ଘଟଣା ସାମ୍ନାକୁ ଆସିବା ପରେ ଭୁବନେଶ୍ୱରସ୍ଥିତ ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ପାଇଁ ଏକ ସବ୍‌କମିଟି ଗଠନ କରାଯାଇଥିଲା। କମିଟି ସମସ୍ତ ପ୍ରମାଣ, ଉତ୍ତର ପୁସ୍ତକ, ବିଭିନ୍ନ ରିପୋର୍ଟ, ସିସିଟିଭି ଫୁଟେଜ ଏବଂ ଅନ୍ୟାନ୍ୟ ସମ୍ପର୍କିତ ଦସ୍ତାବିଜ ଯାଞ୍ଚ କରିବା ପରେ ଜିଲାର ଦୁଇଟି ପରୀକ୍ଷା କେନ୍ଦ୍ରରେ ଅସାଧୁ ଉପାୟରେ ପରୀକ୍ଷା ପରିଚାଳନା ହୋଇଥିବା ରିପୋର୍ଟ ପ୍ରଦାନ କରିଛି। ଶିକ୍ଷା ବୋର୍ଡ ସୁପାରିସ ଅନୁସାରେ ରାଜ୍ୟ ସରକାର ସମ୍ପୃକ୍ତ ଘଟଣାରେ ଜଡ଼ିତ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅନ୍ୟପଟେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ରିପୋର୍ଟ ଅନୁଯାୟୀ, ଯେଉଁ ଛାତ୍ରୀଛାତ୍ର ଅସାଧୁ ଉପାୟରେ ପରୀକ୍ଷା ଦେଇଥିଲେ, ସେମାନେ ଆସନ୍ତା ଜୁଲାଇ ୧୫ରେ ହେବାକୁ ଥିବା ସପ୍ଲିମେଣ୍ଟାରି ପରୀକ୍ଷା ଦେଇପାରିବେ କିମ୍ବା ୨୦୨୬ରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ବାର୍ଷିକ ପରୀକ୍ଷା ଦେଇପାରିବେ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ଯେପରି କୌଣସି ସମସ୍ୟା ନ ହୁଏ ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପଦକ୍ଷେପ ନେବ ବୋଲି ସୂଚନା ଦିଆଯାଇଛି।

## ଆମ ବସ୍ ଭଡ଼ା ହ୍ରାସ ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ

ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)




ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଆମବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଆମ ବସ୍ ଭଡ଼ା ହ୍ରାସ ଏବଂ ସହରରେ ଅଧିକ ସଂଖ୍ୟକ ବସ୍ ଚଳାଚଳ ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନ ବସଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏକ ପ୍ରତିନିଧିଦଳ ପଟିଆସ୍ଥିତ ଆମ ବସ୍‌ସେବା ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ଆମ ବସ୍ ସେବାର ଜେନେରାଲ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସହରରେ ଆମ ବସ୍ ସେବା ଉପରେ ଦୈନିକ ଲକ୍ଷାଧିକ ଯାତ୍ରୀ ନିର୍ଭର କରୁଛନ୍ତି। ଏହାର ସୁଯୋଗରେ କର୍ତ୍ତୃପକ୍ଷ ବିଭିନ୍ନ ବାଟରେ ଭଡ଼ା ବଢାଇ ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ପୂର୍ବରୁ ଜଣେ ଯାତ୍ରୀ ମାସିକ ୭୫୦ ଟଙ୍କା ଦେଇ ମାସିକିଆ ପାସ କରି ଏସି ଏବଂ ନନ୍ ଏସି ବସରେ ଯାତ୍ରା କରିପାରୁଥିଲେ। କିନ୍ତୁ ଏବେ ମାସିକିଆ ପାସ୍ ଏସି ବସ ପାଇଁ ଲାଗୁ ହେଉନାହିଁ। ନନ୍ ଏସି ବସ୍‌ରେ ଜଣେ ଦିନକୁ ୪ଥର ଯାତ୍ରା କରିପାରିବେ। ଦିନକୁ ୪ଥରରୁ ଅଧିକ ହେଲେ ପାସ୍ ଥାଇ ମଧ୍ୟ ଭଡ଼ା ଦେବାକୁ ପଡୁଛି। ବିଭିନ୍ନ ପନ୍ଥାରେ ସରକାର ବସ୍ ଭଡା ବୃଦ୍ଧି କରୁଛନ୍ତି। ସେହିପରି ଆମ ବସ୍‌ରେ ଅଧିକ ଭିଡ଼ ହେଉଥିବାରୁ ରାଜଧାନୀରେ ଆହୁରି ଅଧିକ ସଂଖ୍ୟକ ବସ୍ ଚଳାଇବା ସହ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ବସ୍‌ଗୁଡ଼ିକରେ କନ୍‌ସେସନ ଦିଆଯିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦାବି କରିଛି। ବିକ୍ଷୋଭରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଭୁବନେଶ୍ୱର ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ସଙ୍ଗଠକ ରାଜେନ୍ଦ୍ର ବର୍ମା, ସନ୍ତୋଷ ରଥ, ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର ଏବଂ ସପ୍ତର୍ଷିନୀ ରାଉଳ ପ୍ରମୁଖ ସାମିଲ ଥିଲେ।

### ଫଟୋ ରେ ଖ ବ ର




ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ସୌମ୍ୟାଞ୍ଜଳି ନୃତ୍ୟ କଳା ପକ୍ଷରୁ ସୌମ୍ୟାଞ୍ଜଳି ସମ୍ମାନରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ସହ ଅତିଥିମାନେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧ ଉତ୍ସବରେ ମଙ୍ଗଳବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। (ଫଟୋ– ମନୋରଞ୍ଜନ ମିଶ୍ର)

# ୮୦ ପ୍ରତିଶତ ଗଛ ଶୁଖି ନଷ୍ଟ

## ପ୍ରସ୍ତାବିତ ପାଇକ ସ୍ମାରକୀ ସ୍ଥଳରୁ ଗଛ ସ୍ଥାନାନ୍ତର ପ୍ରସଙ୍ଗ

**■ପରିବେଶପ୍ରେମୀ, ପାଇକ ସଙ୍ଗଠନର ଅସନ୍ତୋଷ**



**ଖୋର୍ଦ୍ଧା,୨୭।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ଜମିରେ ଥିବା ଜଙ୍ଗଲ ବିଭାଗର ୧୫ଶହରୁ ଊର୍ଦ୍ଧ୍ୱ ଗଛ ମଧ୍ୟରୁ ୭୫୪ ଗଛକୁ ସ୍ଥାନାନ୍ତର କରାଯାଇଛି। ଏଥିଲାଗି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ୬୦ଲକ୍ଷ ଟଙ୍କା ଜଙ୍ଗଲ ବିଭାଗକୁ ଦିଆଯାଇଥିଲା। ଉତ୍ତରପ୍ରଦେଶର ଏକ ଘରୋଇ ସଂସ୍ଥା ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଗତବର୍ଷ ପ୍ରସ୍ତାବିତ ସ୍ଥଳରେ ଶାଗୁଆନ ଏବଂ ଅନ୍ୟ ବଡ଼ଗଛକୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା। ସ୍ଥାନାନ୍ତର ହୋଇଥିବା ଗଛଗୁଡ଼ିକର ନମ୍ବରିଂ ମଧ୍ୟ କରାଯାଇଛି। ତେବେ ଗଛଗୁଡ଼ିକର ସ୍ଥାନାନ୍ତରକୁ ଏକ ବର୍ଷ ବିତି ନ ଥିବା ବେଳେ ପ୍ରାୟ ୮୦ ପ୍ରତିଶତ ଗଛ ଶୁଖିଗଲାଣି। ଯେଉଁ ଉଦ୍ଦେଶ୍ୟରେ ଗଛସବୁ ସ୍ଥାନାନ୍ତର କରାଯାଇଥିଲା, କୌଣସି ସୁଫଳ ମିଳିଲା ନାହିଁ ବରଂ ଗଛଗୁଡ଼ିକ ନଷ୍ଟ ହୋଇଗଲା। ଏନେଇ ପରିବେଶପ୍ରେମୀ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗଛଗୁଡ଼ିକ ଥାଇ ସ୍ମାରକୀ ନିର୍ମାଣ ହୋଇଥିଲେ, ଏହାର ଶୋଭାବର୍ଦ୍ଧନ କରିଥାନ୍ତା। ସବୁ ଗଛଗୁଡ଼ିକୁ ସ୍ଥାନାନ୍ତର କରି ଏହାକୁ ନଷ୍ଟ କରିଦିଆଗଲା ବୋଲି କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କୁହନ୍ତି, ସ୍ମାରକୀ ନିର୍ମାଣ ଆରମ୍ଭରୁ ଗଛ ସ୍ଥାନାନ୍ତର ପ୍ରକ୍ରିୟାକୁ ବିରୋଧ କରିଥିଲୁ। ତେବେ ଜଙ୍ଗଲ ବିଭାଗ ଗଛ ସ୍ଥାନାନ୍ତର ନ ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ରହିଥିଲା। ଲକ୍ଷାଧିକ ଟଙ୍କା ବ୍ୟୟଅଟକଳରେ ଗଛଗୁଡ଼ିକ ସ୍ଥାନାନ୍ତର ପରେ ଏହା ନଷ୍ଟ ହେବା, ଏଥିପାଇଁ କିଏ ଦାୟୀ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ଗଛଗୁଡ଼ିକ ନଷ୍ଟ ହୋଇଗଲା ବୋଲି ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି। ଅନୁଷ୍ଠାନ ସଭାପତି ଭୀମସେନ ପ୍ରଧାନ କୁହନ୍ତି, ଜଙ୍ଗଲ କ୍ଷୟ ଯୋଗୁ ଏହାର ପ୍ରଭାବ ଜୀବଜଗତ ଏବଂ ପ୍ରାଣୀଜଗତ ଉପରେ ପଡ଼ିଥାଏ। ତେବେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ବର୍ଷକ ମଧ୍ୟରେ ନଷ୍ଟ ହୋଇଗଲା, ଏଥିପ୍ରତି ଜଙ୍ଗଲ ବିଭାଗର ସେଭଳି କୌଣସି ଆନ୍ତରିକତା ଥିବାପରି ମନେହେଉନାହିଁ। ସେହିପରି କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି କୁହନ୍ତି, ଏହି ଗଛଗୁଡ଼ିକୁ ସ୍ମାରକୀ ସ୍ଥଳରେ ରଖାଯାଇ ଏହାର ଚାରିପାଖ ସୌନ୍ଦର୍ଯ୍ୟକରଣ କରାଯାଇପାରିଥାନ୍ତା। ଜଙ୍ଗଲ ବିଭାଗର ଅବହେଳାରୁ ଗଛଗୁଡ଼ିକ ସ୍ଥାନାନ୍ତର ପରେ ରକ୍ଷଣାବେକ୍ଷଣ ଅଭାବରୁ ମରିଗଲା। ଏହାର ଯାଞ୍ଚ କରାଯାଇ ବିହିତ ପଦକ୍ଷେପ ନିଆଯାଉ। ଅନ୍ୟପକ୍ଷରେ ଜଙ୍ଗଲ ବିଭାଗର କୌଣସି ଅଧିକାରୀ ଏ ସମ୍ପର୍କରେ ମୁହଁ ଖୋଲିବାକୁ ନାରାଜ।

ସୂଚନାଥାଉ କି, ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏନେଇ କେନ୍ଦ୍ର ସରକାର ୫୦ ଏକର ଜାଗା ମାଗିଥିବା ବେଳେ ରାଜ୍ୟ ସରକାର ୧୦ ଏକର ଜାଗା ଯୋଗାଇ ଦେଇଥିଲେ। ପ୍ରସ୍ତାବିତ ଜମି ଜବରଦଖଲମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨ ଜୁଲାଇରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ୯ ଏକର ୬୮୫ ଡିସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ପୂର୍ବରୁ ଥିବା ରାଜ୍ୟ ସରକାର ବିନା ପ୍ରିମିୟମରେ ରାଜ୍ୟ କ୍ୟାବିନେଟର ଅନୁମୋଦନକ୍ରମେ ଏଥିନିମନ୍ତେ ୩୧କୋଟି ୯୬ ଲକ୍ଷ ୬୨ ହଜାର ୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ଼ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗର ଗଛ ସ୍ଥାନାନ୍ତର ପାଇଁ ୬୦ ଲକ୍ଷ ଏବଂ ୧୧କେଭି ବିଦ୍ୟୁତ୍ ଖୁଣ୍ଟି ଓ ତାର ହଟାଇବା ପାଇଁ ପ୍ରାୟ ସାଢେ ୪ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିଥିଲେ।

# ୮୮ ଅଭିଯୋଗରୁ ୮ ସାମୂହିକ




ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ବାଣପୁର,୨୭।୫(ଦିଲୀପ କୁମାର ସ୍ୱାଇଁ)**

ଖୋର୍ଦ୍ଧା ଜିଲା ବାଣପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପଞ୍ଚାୟତର ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚଞ୍ଚଳ ରାଣା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୮୮ଟି ଅଭିଯୋଗ ହୋଇଥିଲା। ସେଥିରୁ ୭୩ଟି ବ୍ୟକ୍ତିଗତ ଏବଂ ୮ଟି ବିଭିନ୍ନ ଗ୍ରାମର ସାମୂହିକ ଅଭିଯୋଗ ରହିଥିଲା। ତତ୍କାଳ ୫ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୧୫ହଜାର ଟଙ୍କା ଏବଂ ଅନ୍ୟ ଜଣେ ହିତାଧିକାରୀଙ୍କୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଆବାସ ଯୋଜନା, ଖାଉଟିକାର୍ଡ ଏବଂ ଭତ୍ତା ସମ୍ପର୍କିତ ବହୁ ଅଭିଯୋଗ ଆସିଥିବା ଜଣାପଡ଼ିଛି। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ତହସିଲଦାର ଟି.ପଦ୍ମନାଭ ଦୋରା, ମଣ୍ଡଳ ଉନ୍ନୟନ ଅଧିକାରୀ ଶୀତଲ ଅଗ୍ରୱାଲଙ୍କ ସମେତ ଜନପ୍ରତିନିଧି ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

## ବଲାଙ୍ଗୀରର ପୁଇଁନ୍ତଲାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣା

**ଖୋର୍ଦ୍ଧା/ ନିରାକାରପୁର,୨୭।୫(ପ୍ରଭାତ ପାଣିଗ୍ରାହୀ/ ମାନସ ଚନ୍ଦ୍ର ପଟ୍ଟନାୟକ)**

ବଲାଙ୍ଗୀରର ପୁଇଁତଲା ଥାନା ଅନ୍ତର୍ଗତ କୁଲଥିପାଲିରେ ଗଣମାଧ୍ୟମ ପ୍ରତିନିଧି ବିଜୟ ପ୍ରଧାନଙ୍କ ହାତଗୋଡ଼ ବାନ୍ଧି ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି କରିଛି ସଂଘ। ଉତ୍କଳ ସାମ୍ବାଦିକ ସଂଘ ଓଡ଼ିଶାର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ନାରାୟଣ ପାଇକରାୟ, ପ୍ରଭାତ ପାଣିଗ୍ରାହୀ, ଯୋଗେଶ ନାୟକ, ପ୍ରଦୀପ୍ତ କୁମାର ପ୍ରଧାନ, ପ୍ରଦୀପ ବେହେରା, ରମେଶ ସାହୁ, ସତ୍ୟପ୍ରକାଶ ସାହୁ, ଅଜିତ କୁମାର ସାହୁ, ଅମିତ୍ ଦାସ, ବିକ୍ରମ ସାହୁ, ପ୍ରଶାନ୍ତ କୁମାର ସାହୁ, ସୁରେଶ କୁମାର ମହାରଣା, ପ୍ରଫୁଲ୍ଲ କୁମାର ସାହୁ, ଅବନିକାନ୍ତ ଜେନା, ଶୁଭକାନ୍ତ ମହାପାତ୍ର, ବାଲୁଙ୍କେଶ୍ୱର ବେହେରାଙ୍କ ସମେତ ବହୁ ଖବରଦାତା ଯୋଗଦେଇଥିଲେ।

ସେହିପରି ଟାଙ୍ଗୀ ବ୍ଲକ ଖବରଦାତା ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରାଯାଇଛ। ଟାଙ୍ଗୀ ବ୍ଲକ ଖବରଦାତା ସଂଘ ପକ୍ଷରୁ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପଦେଷ୍ଟା ପ୍ରଦୋଷ କୁମାର ଦାସ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ମନୋଜ କୁମାର ନାଇଡୁ, ସାହସମ୍ପାଦକ ରମେଶ ଚନ୍ଦ୍ର ବେହେରା. ଆଇନ ପରାମର୍ଶଦାତା ସନ୍ଦୀପନି ମିଶ୍ର ପ୍ରମୁଖ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜନଜାତି ପରିବାରର ଶିକ୍ଷା, ରୋଜଗାର ସୁନିଶ୍ଚିତ କରାଯିବ



ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଖୋର୍ଦ୍ଧା,୨୭।୫(ପ୍ରଭାତ ପାଣିଗ୍ରାହୀ)**

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚିଲିକା ନିର୍ବାଚନମଣ୍ଡଳୀର ଦାମିଆ ବରବରା ପଞ୍ଚାୟତ ଅନ୍ତର୍ଗତ ସିବିଡ଼ା ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କର ବିଭିନ୍ନ ସମସ୍ୟା ତ୍ୱରିତ ସମାଧାନ ପାଇଁ ଉପସ୍ଥିତ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ସେଠାରେ ବସବାସ କରୁଥିବା ଭଉଣୀଭାଇମାନଙ୍କ ଜୀବନଜୀବିକାରେ ଉନ୍ନତି ଲାଗି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମ ଦେବା ପାଇଁ ଜିଲା ସାମାଜିକ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷଭାବେ ଶାଳପତ୍ର ଆଣି ଏହାକୁ ଶିଲେଇକରି ସେଥିରୁ ଖଲିପତ୍ର ତିଆରି କରିବା, କୁକୁଡ଼ା ପାଳନ, ଛେଳି ଓ ମେଣ୍ଢା ଚାଷ ଭଳି ଲାଭଜନକ ଚାଷ ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ ସହ ଜୀବନଜୀବିକାରେ ଉନ୍ନତି ଆଣିବ ବୋଲି ଆଇନମନ୍ତ୍ରୀ କହିଛନ୍ତି। ଶିକ୍ଷା ଓ ରୋଜଗାର ଜରିଆରେ ଜନଜାତି ଭଉଣୀଭାଇମାନଙ୍କୁ ସଶକ୍ତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ଗ୍ରାମ ପରିଦର୍ଶନ ସମୟରେ ଜିଲାପାଳ ଚଞ୍ଚଳ ରାଣା, ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଡାକ୍ତରଙ୍କ ବିଶ୍ରାମକକ୍ଷ ଠିକଣା ବଦଳିଲା

**ଧରିତ୍ରୀ ପ୍ରଭାବ**

**ଟାଙ୍ଗୀ,୨୭।୫(ରଘୁନାଥ ସାହୁ)**

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତ ରବିବାର ରାତିରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କୁ ଡ୍ୟୁଟିରେ ଥିବା କାର୍ଯ୍ୟରତ ଡାକ୍ତର ଚିକିତ୍ସା ନ କରି ବିଶ୍ରାମ କକ୍ଷରେ ଶୋଇ ରହିବା ଏବଂ ଡାକ୍ତରୀ ଛାତ୍ର ଚିକିତ୍ସା କରିବା ଫଳରେ ସମ୍ପୃକ୍ତ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କିତ ଖବର ମଙ୍ଗଳବାର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସତ୍ୟ ରଞ୍ଜନ ନନ୍ଦ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଅନ୍ୟ ବ୍ଲକରୁ ଜରୁରୀ ଚିକିତ୍ସା କକ୍ଷ ନିକଟକୁ ଡାକ୍ତରଙ୍କ ବିଶ୍ରାମ କକ୍ଷ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

ସୂଚନାଥାଉ କି, ନାଟୁଣୀର ଅମୂଲ୍ୟ କୁମାର ରଥଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ହେବାରୁ ସେ ଗତ ରବିବାର ରାତି ୧୨ଟା ୩୦ରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର ଜଣଙ୍କ ମେଡିକାଲର ଅନ୍ୟ ଏକ ବ୍ଲକର ଏକ ରୁମ୍‌ରେ ଶୋଇଥିଲେ। ନର୍ସ କିମ୍ବା ସିକ୍ୟୁରିଟି ଗାର୍ଡ କାର୍ଯ୍ୟରତ ଡାକ୍ତରଙ୍କୁ ଡାକି ନ ଥିଲେ। ଫଳରେ ଅମୂଲ୍ୟଙ୍କ ଚିକିତ୍ସା ସେଠାରେ ଥିବା ଡାକ୍ତରୀ ଛାତ୍ର କରିବା ସହ ପ୍ରେସ୍‌କ୍ରିପଶନ ଲେଖିଥିଲେ। କାର୍ଯ୍ୟରତ ନର୍ସ ଇଞ୍ଜେକ୍ସନ ଦେବା ପରେ ଅମୂଲ୍ୟ ନୀରବ ହୋଇଯାଇଥିଲେ। ଏକ ଘଣ୍ଟା ପରେ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

# 'ଆମ ସଂସ୍କୃତିରେ ସାବିତ୍ରୀ ବ୍ରତ' ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଅତିଥିଙ୍କ ସହ ଅନ୍ୟମାନେ।

**ଜଟଣୀ,୨୭।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀର ଆମରି ସତ୍ୟ ବିକାଶ ପରିଷଦ ଆନୁକୂଲ୍ୟରେ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀଙ୍କ ଆବାହକତ୍ୱ ଏବଂ ବିଶିଷ୍ଟ ପାଲାଗାୟକ ସୁଦର୍ଶନ ମହାପାତ୍ରଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର 'ଆମ ସଂସ୍କୃତିରେ ସାବିତ୍ରୀ ବ୍ରତ' ଅନୁଷ୍ଠିତ ହୋଇଯାଇଛି। ବନମାଳୀ କଲୋନୀଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତାଭାବେ ପଣ୍ଡିତ ରମାକାନ୍ତ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ, ଆମରି ସତ୍ୟ ପତ୍ରିକାର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ, ଡ.ସୁକାନ୍ତି ମହାପାତ୍ର, ସତ୍ତିଦା ପାଲ, ପଦ୍ମଲୋଚନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ଆଦିନାରାୟଣ ଖଣ୍ଡୁଆଳ, ଦେବନାଥ ଦାଶ, ଜଗନ୍ନାଥ ନାୟକ, କାହ୍ନୁଚରଣ ସାହୁ, ସୁରେଶ ସ୍ୱାଇଁ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଙ୍ଗଳାଯୋଡ଼ିର ବିକାଶ ପାଇଁ ଦାବି

**ଟାଙ୍ଗୀ,୨୭।୫(ରଘୁନାଥ ସାହୁ)**

ବିହଙ୍ଗ ବିହାର ମଙ୍ଗଳାଯୋଡ଼ିର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବିନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଙ୍ଗଳାଯୋଡ଼ି ବିହଙ୍ଗ ବିହାରକୁ ଶୀତଦିନେ ବହୁ ସଂଖ୍ୟାରେ ବିଦେଶାଗତ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଆସିଥାନ୍ତି। ଏମାନଙ୍କୁ ଦେଖିବା ପାଇଁ ପ୍ରକୃତିପ୍ରେମୀ, ପର୍ଯ୍ୟଟକ, ଫଟୋଗ୍ରାଫରଙ୍କ ସୁଅ ଛୁଟିଥାଏ। ଏଠାରେ ଆବଶ୍ୟକ ମୌଳିକ ସୁବିଧା ନ ଥିବାରୁ ଏହି ପର୍ଯ୍ୟଟକମାନେ ମୁହଁ ଫେରାଉଛନ୍ତି। ତେଣୁ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ସ୍ଥାନୀୟ ଲୋକେ ଅଣ୍ଟା ଭିଡିଛନ୍ତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ମଙ୍ଗଳାଯୋଡ଼ି, ରଣପୁର, ଭୂଷଣ୍ଡପୁର, କାଙ୍କଣଶିଖରୀକୁ ନେଇ ଏକ ପର୍ଯ୍ୟଟନ ପଥ ଘୋଷଣା କରିବା, ମଙ୍ଗଳାଯୋଡ଼ିରେ ବିହଙ୍ଗ ଉତ୍ସବ ପାଳନ କରିବା, ମିଶନ ଶକ୍ତି ବିଭାଗ ପକ୍ଷରୁ ମିଶନ ଶକ୍ତି କାଫେ ଖୋଲାଯିବା, ନୌବିହାର ସ୍ଥଳରେ ପର୍ଯ୍ୟଟକଙ୍କ ପାଇଁ ପାନୀୟଜଳ, ଶୌଚାଳୟ, ପାର୍କିଂ ବ୍ୟବସ୍ଥା, ସଂଖ୍ୟାଧିକ ବୋଟ୍ ବ୍ୟବସ୍ଥା କରିବା, ପକ୍ଷୀ ସୁରକ୍ଷା ପାଇଁ ବ୍ୟାପକ ସୁରକ୍ଷା କର୍ମଚାରୀ ନିଯୁକ୍ତି, ପର୍ଯ୍ୟଟକଙ୍କ ପାଇଁ ଏକ ଭୋଜନାଳୟର ବ୍ୟବସ୍ଥା କରିବା ପାଇଁ ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ସାମନ୍ତରାୟଙ୍କ ସମେତ ବହୁ ଅଞ୍ଚଳବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ମା'ଗହୀର ବଘେଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ,୨୭।୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସାରୁଅ ଗ୍ରାମସ୍ଥିତ ମା'ଗହୀର ବଘେଇଙ୍କ ପୀଠରେ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଶୁଭାରମ୍ଭ ହୋଇଛି। ବୈଦିକ ରୀତିନୀତି ଅନୁଯାୟୀ ମୁଖ୍ୟ ପୁରୋଧା ରାଧାଶ୍ୟାମ ନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରଫୁଲ୍ଲ କୁମାର ସାହୁ ଏବଂ ତାଙ୍କ ସ୍ତ୍ରୀ ସୁରେଖା କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞର ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନ କଳସ ଯାତ୍ରା ବାହାରି ଯଜ୍ଞ ସ୍ଥଳରେ ପହଞ୍ଚି କଳସ ସ୍ଥାପନ ହେବା ପରେ ମଣ୍ଡଳିକରଣ କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ରଞ୍ଜିତା ମହାଭୋଇ, ଶଶି ଭୂଷଣ ପାଣିଗ୍ରାହୀ, ଦିଲୀପ କୁମାର ମହାଭୋଇ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ସୂର୍ଯ୍ୟପୂଜା, ଗୋ ପୂଜା, ଶାଳାପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ, ଆହୁତି ପ୍ରଦାନ ସହ ଅନ୍ତିମ ଦିବସରେ ସର୍ବଦେବଦେବୀ ପୂଜା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି।

# ବିନା ସୂଚନାଫଳକରେ ଚାଲିଛି ରାସ୍ତା କାମ

**ନିମ୍ନମାନର ହେଉଥିବା ଅଭିଯୋଗ**

**ନିରାକାରପୁର,୨୭।୫ (ମାନସ ଚନ୍ଦ୍ର ପଟ୍ଟନାୟକ)**

ବିନା ସୂଚନାଫଳକରେ ରାସ୍ତା କାମ ଚାଲିଥିବା ବେଳେ ତାହା ପୁଣି ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲା ଗୋଡ଼ିପଡ଼ା ପଞ୍ଚାୟତର ମୋଟାଠାରୁ ନରଣଗଡ଼ ପଞ୍ଚାୟତର କଞ୍ଚିଲୋ ଦେଇ ଭୋଗପୁରକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳିଛି। ୬ କିଲୋମିଟର ରାସ୍ତା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୬ କୋଟି ଟଙ୍କା ମଞ୍ଜୁର ହୋଇଛି। ବିଭାଗୀୟ ସୂଚନା ଅନୁସାରେ, ନିର୍ମାଣାଧୀନ ଉକ୍ତ ରାସ୍ତାର ୪ କିଲୋମିଟର ପିଚୁ ଥିବା ବେଳେ ଅବଶିଷ୍ଟ ଢଳେଇ କାର୍ଯ୍ୟ ରହିଛି। ତେବେ ରାସ୍ତା ଢଳେଇ ଚାଲୁରହିଥିବା ବେଳେ ନିମ୍ନମାନର କାମ ଯୋଗୁ ବହୁ ସ୍ଥାନରେ ଚିପ୍ସ ଉଠି ଦେଖାଗଲାଣି। ଢଳେଇ ପରେ ରାସ୍ତାର ଉଭୟପାର୍ଶ୍ୱରେ ମୋରମ ମାଧ୍ୟମରେ ପ୍ୟାକିଂର ବ୍ୟବସ୍ଥା ଥିବା ବେଳେ ରାସ୍ତା ପାର୍ଶ୍ୱ ବିଲମାଟିରେ ଚାଲୁଛି ଏହି ପ୍ୟାକିଂ। ଫଳରେ ବର୍ଷାଦିନେ ଏହି ମାଟି ଧୋଇଯିବ। ସେହିପରି କେତେକ ସ୍ଥାନରେ ପୁରୁଣା ପିଚୁରାସ୍ତା ଉପରେ ପିଚୁ ପକାଇ କାର୍ଯ୍ୟ ଚାଲୁରହିଥିବା ମଧ୍ୟ ଅଭିଯୋଗ ହେଉଛି। ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସମିଧା ସାହୁ କୁହନ୍ତି, ଏହି ରାସ୍ତାକାମର ସୂଚନାଫଳକ ବୁଧବାର ଲଗାଇଦେବୁ। ଢଳେଇ ସାଇଡ୍‌ରେ ମାଟି ପ୍ୟାକିଂ କାର୍ଯ୍ୟ ବନ୍ଦ କରାଯାଇଛି।



# ପ୍ରତାପେଶ୍ୱରଙ୍କ ପୀଠରେ ୩୮ ଶମ୍ଭୁ ମହାମେଳନ

**ବାଣପୁର,୨୭।୫(ଦିଲୀପ କୁମାର ସ୍ୱାଇଁ)**

ଚିଲିକା ବ୍ଲକର ହରିପୁରରେ ବିଜେ ପଶ୍ଚିମାଭିମୁଖୀ ପ୍ରତାପେଶ୍ୱର ମହାଦେବଙ୍କ ପୀଠରେ ଗତ ୨୦ ତାରିଖରୁ ଚାଲିଥିବା ୨୬ତମ ରୁଦ୍ର ମହାଯଜ୍ଞର ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହିତ ୩୮ ଶମ୍ଭୁ ମେଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନାଧିପତି ପ୍ରତାପେଶ୍ୱର ମହାଦେବଙ୍କ ଆମନ୍ତ୍ରଣକ୍ରମେ ପ୍ରତ୍ୟୁଷରୁ ବାଣପୁର, ଚିଲିକା ବ୍ଲକ ସମେତ ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, କଟକ, ଢେଙ୍କାନାଳ ଜିଲାର ବିଭିନ୍ନ ଶୈବପୀଠରୁ ମୋଟ ୩୮ ଶମ୍ଭୁ, ୫ଟି ବିଷ୍ଣୁପୀଠରୁ ଶ୍ରୀରାମ, ରଘୁନାଥଦେବ, ୧୦ଟି ବିଭିନ୍ନ ଶକ୍ତିପୀଠରୁ ବିଜେ ଭୁବନେଶ୍ୱରୀ, ମା' ଭଗବତୀ, ମା'ମଙ୍ଗଳାଙ୍କ କାଠି ଠାକୁରାଣୀଙ୍କ ଆଗମନ ହୋଇଥିଲା। ସୁସଜ୍ଜିତ ବିମାନରେ ବାଜା ରୋଶଣିରେ ପଥ ଅତିକ୍ରମ କରୁଥିବା ବେଳେ ଆମନ୍ତ୍ରିତ ଅତିଥି ଦେବଙ୍କୁ ହରିପୁର ଶାସନ ଉପକଣ୍ଠରୁ ମେଳଣ ଓ ଯଜ୍ଞ କମିଟି ତଥା ପଞ୍ଜୀକୃତ ରୁଦ୍ର ସେବକଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଉପଢୌକନ ଦେଇ ପାଛୋଟି ନିଆଯାଇ ଭୋଗନୈବେଦ୍ୟ ଅର୍ପଣ କରି ଯଜ୍ଞଅର୍ଘ୍ୟ ପ୍ରଦାନ କରାଯାଇଥିଲା। ପୂର୍ଣ୍ଣାହୁତି ଅଧିଷ୍ଠାନ ପରେ ଆମନ୍ତ୍ରିତ ୫୩ ଦେବଦେବୀଙ୍କ ସହିତ ନିଯୋଗୀ ଶ୍ରଦ୍ଧାଳୁମାନେ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା କାହାଳୀ ବାଦନ ମଧ୍ୟରେ ମେଳଣ ପଡ଼ିଆକୁ ବିଜେ କରିଥିଲେ। ସ୍ଥାନାଧିପତି ପ୍ରତାପେଶ୍ୱର ମହାଦେବଙ୍କ ସହ ବାଲୁଙ୍କେଶ୍ୱର ମହାଦେବ, ନଇରୀର ହରିହରେଶ୍ୱର ମହାଦେବ ମେଳଣ ପଡ଼ିଆରେ ଶୋଭାଯାତ୍ରାରେ ପ୍ରବେଶ କରିବା ପରେ ସମସ୍ତ ଆମନ୍ତ୍ରିତ ଅତିଥି ଦେବଦେବୀଙ୍କୁ ଧରି ୩୮ ମହାଶମ୍ଭୁଙ୍କ ଭେଟ ପୂଜାର୍ଚ୍ଚନା ହୋଇଥିଲା। ଶେଷରେ ଏହି ମହାଶମ୍ଭୁ ମହାମେଳଣ ଅଧିଷ୍ଠାନ ଆରମ୍ଭ ହୋଇଥିଲା। ସ୍ଥାନାଧିପତି ପ୍ରତାପେଶ୍ୱର ମହାଦେବଙ୍କ ସହିତ ବିମାନରେ ବିଜେ ସମସ୍ତ ଦେବଦେବୀ ମେଳଣ ପଡ଼ିଆ ମଧ୍ୟରେ ସପ୍ତବାର ପ୍ରଦକ୍ଷିଣ କରି ସ୍ୱସ୍ଥାନକୁ ବାହୁଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଜୀକୃତ ରୁଦ୍ର ସେବକସେବିକାମାନେ ପ୍ରତ୍ୟହ ଚନ୍ଦନରେ ଓମ୍ ଲେଖି ଏକଲକ୍ଷ ଲେଖାଏ ବେଲପତ୍ର ଲାଗି କରିଆସୁଥିଲେ। ଆମନ୍ତ୍ରିତ ଠାକୁରମାନଙ୍କୁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଫୁଲ ଚନ୍ଦନ, ଅରୁଆଚାଉଳ, ଦୂବ ବରକୋଳି ପତ୍ରରେ ବନ୍ଦାପନା କରିବା ସହ ସାଥିରେ ଆସିଥିବା ନିଯୋଗୀ, ଦର୍ଶନାର୍ଥୀଙ୍କୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦହିପଣା ଦିଆଯାଇଥିଲା। ମେଳଣ ଓ ଯଜ୍ଞ କମିଟି ସହ ହରିପୁର ଗ୍ରାମବାସୀଙ୍କ ପକ୍ଷରୁ ସପ୍ତଦିନ ଓରି ଚାଲିଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି।



**ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ହେଲେ ଦିବାକର**

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)-ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ତାଙ୍କ ଅସ୍ତରଙ୍ଗ ପ୍ରତିନିଧି ଭାବେ ଦିବାକର ଛାଟୋଇଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ସମ୍ପର୍କରେ ଏମ୍‌ପି ତରାଇ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅବଗତ କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳର ଜଣାଶୁଣା ବ୍ୟକ୍ତିତ୍ୱ ଭାବେ ଦିବାକର ୧୯୯୬ ମସିହାରୁ ଅସ୍ତରଙ୍ଗ ସମବାୟ ସମିତି ସଭାପତି ହୋଇ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରେ ଅସ୍ତରଙ୍ଗ ସରପଞ୍ଚ, ୨୦୧୭ରେ ଅସ୍ତରଙ୍ଗ ସମିତି ସଭ୍ୟ ପଦରେ ରହି ଲୋକଙ୍କ ସେବା କରିଆସୁଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ଦିବାକର ଏମ୍‌ପି ତରାଇଙ୍କୁ ସାଧୁବାଦ ଜଣାଇଛନ୍ତି। ଦଳ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ଦିଗରେ ସବୁ ପ୍ରକାର ସହଯୋଗ କରିବେ ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୫।୨୦୨୫

| ୩,୯୩,୪୯୫ ଟଙ୍କା | |
|---|---|
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୧.୩୦୦ ଗ୍ରାମ୍ |

# ଆସୁଛି ମୌସୁମୀ, ମୁକୁଳାପଡ଼ିଛି ବନ୍ଧବାଡ଼

### ଭୟରେ ନଦୀକୂଳିଆ ଲୋକେ

କାକଟପୁର/ଅସ୍ତରଙ୍ଗ,୨୭।୫ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଆସୁଛି ମୌସୁମୀ। ଏହାର ପ୍ରଭାବରେ ଜୁନ୍‌ରେ ତୁହାକୁ ତୁହା ବର୍ଷା ହୋଇ ସମୁଦ୍ର ଜୁଆର ମଧ୍ୟ ଜୋରଦାର ଉଠିବ। ଯଦି ଜୁନ୍ ଓ ଜୁଲାଇରେ ବର୍ଷା ପରିମାଣ ବୃଦ୍ଧି ହେବା ସହ ଦେବୀନଦୀର ଜଳସ୍ତର ବୃଦ୍ଧି ପାଏ, ତେବେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ହେବ। ପ୍ରତିବର୍ଷ ଭଳି ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଦେବୀନଦୀର ଶାଖା ଭଉଁରିଆ ନଦୀରେ ଜଳସ୍ତର ବୃଦ୍ଧି ପାଇଲେ ପୁଇଁଚାନ୍ଦିଆ ଅଞ୍ଚଳ ଜଳମଗ୍ନ ହେବ। ଏ ପର୍ଯ୍ୟନ୍ତ ଜଳସମ୍ପଦ ବିଭାଗର ନିଦ ଭାଙ୍ଗିନାହିଁ। ଅସ୍ତରଙ୍ଗ ଅଞ୍ଚଳର ଅନେକ ସ୍ଥାନରେ ଦୁର୍ବଳ ନଦୀବନ୍ଧ ଥିବାବେଳେ ନଦୀର ବନ୍ଧବାଡ଼ ମୁକୁଳା ପଡ଼ିଛି। ଉକୁଳେଇଠାରୁ ଭଉଁରିଆ ପର୍ଯ୍ୟନ୍ତ ବନ୍ଧ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ପଡ଼ିଛି। କିନ୍ତୁ ନଗର, ଆଳସାହି, ଖାଡ଼ଲିଙ୍ଗ, ବଳଭଦ୍ରପୁର ସମେତ ବିଭିନ୍ନ ସ୍ଥାନରେ ଖୋଲାମେଲା ହୋଇ ପଡ଼ିଥିବାରୁ ୨ କୂଳ ସଜଡ଼ା ଯାଇନାହିଁ। ଗେଟ୍ ମରାମତି ନାମରେ ବିଲ୍ ହେଉଛି, କିନ୍ତୁ ଠିକ୍ କାମ ହେଉନାହିଁ। ହେଲେ ଲୁଣାପାଣି ଉଠିଲେ, ଏହି ଫାଙ୍କା ସ୍ଲୁଇସ୍‌ଗେଟ୍ ଦେଇ ଚାଷ ଜମିରେ ପଶୁଛି। ଖଣ୍ଡାସାହିରୁ କାଳିଆକଣ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଦେବୀନଦୀ ବନ୍ଧରେ ଫାଟ ସହ ଘଳିଆ ସୃଷ୍ଟି ହୁଏ। ଅନେକ ସ୍ଥାନରେ ଲୁଣାବନ୍ଧ ଏତେ ଦୁର୍ବଳ ଯେ, ପ୍ରଥମ ମୌସୁମୀ ବନ୍ୟାରେ ଧସିଯିବା ଆଶଙ୍କା ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ନିମ୍ନମାନର ପଥର ପକାଯାଇଥିଲାବେଳେ ମାଟି ମୁଠେ ଏହି ବନ୍ଧରେ ପଡୁନାହିଁ। ତାହା ମଧ୍ୟ ଦେଖିବାକୁ କେହିନାହାନ୍ତି। ପ୍ରତିବର୍ଷ ମରାମତି ନାଁରେ ଅର୍ଥ ଖର୍ଚ୍ଚ ହେଉଛି। ତଥାପି ସେହି ବନ୍ଧ ଭାଙ୍ଗୁଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ନଦୀବନ୍ଧ ମରାମତି ସମ୍ପର୍କରେ ନିମାପଡ଼ା ଜଳସେଚନ ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଥାଲ କହିଛନ୍ତି, ସେ ନୂଆ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଖୁବ୍‌ଶୀଘ୍ର ସ୍ଥିତି ଅନୁଧ୍ୟାନ କରି ସମାଧାନ ନିମନ୍ତେ ପଦକ୍ଷେପ ନେବେ ବୋଲି କହିଛନ୍ତି।



ଦୁର୍ବଳ ସ୍ଥିତିରେ ଥିବା ନଦୀବନ୍ଧ।

## ରଥଖଳାରୁ...

### ୩ ରଥର ଚକ ନିର୍ମାଣ ଶେଷ



ରଖଖଳାରେ ମହାରଣା ସେବକମାନେ ରଥର ଗରଗରା ପ୍ରସ୍ତୁତ କରିଛନ୍ତି।

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୨୭ତମ ଦିବସ ମଙ୍ଗଳବାର ତିନିରଥର ମୋଟ ୪୨ଟି ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ତିନିରଥ ଚାଳିରେ ଚାରି ନାହାକା ଏବଂ ଗରଗରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ପୋଲଗୟଳ ଚିରଟ ପାଇଁ ପ୍ରସ୍ତୁତି ଜାରି ରହିଥିବା ବେଳେ ତିନି ରଥର ଅଖ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ମହାରଣା ସେବକମାନେ ତିନିରଥର ଦୁଇଟି ଲେଖାଏଁ ପଡ଼ି ନାହାକା ଅଖର ଉଭୟ ପାର୍ଶ୍ୱ ଚଉପଟ ପରେ ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। କରତି ସେବକମାନେ ବାହାର ରଥଖଳାଠାରେ ତାଳଧ୍ୱଜ ରଥର ପୋଲଗୟଳ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରାକାଠର ଚିରାକାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏ ଶାଳଗୁଜ ମଧ୍ୟରୁ ୧୦ଟି ଲେଖାଏ ଗୁଜରେ ରୂପ ଅଙ୍କନ ସହ ପଲିଶ୍ କାର୍ଯ୍ୟ ଶେଷକରି ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଗୋଟିଏ ଗୋଟିଏ ଗୁଜର ରୂପ ଖୋଦେଇ ଜାରି ରହିଛି। ଦୋଳବେଦି କୋଣସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଦାଦାବଟି ମାଗି ଜଣେ ଗିରଫ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ବଳିଆପଣ୍ଡା ଥାନା ଅନ୍ତର୍ଗତ ନାଳିପଡ଼ିଆ ନିକଟ ବୁଢ଼ିମା ସାହି ନିକଟରେ ମାଡ଼ମାରିବା ସହ ଟଙ୍କା ଛଡ଼ାଇ ନେବା ଘଟଣାରେ ବଳିଆପଣ୍ଡା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅନ୍ତର୍ଗତ ବଳିଆପଣ୍ଡା ବସ୍ତି ସିଂ ଲେନ୍‌ର ଅମର ପ୍ରଧାନ (୨୭)। ପୋଲିସ୍ ଅଭିଯୁକ୍ତଙ୍କ ନିକଟରୁ ଛୁରି ଓ ୫୦୦ ଟଙ୍କା ଜବତ କରିଛି। ଏନେଇ ପୋଲିସ କେସ୍ ନଂ. ୮୭/୨୫ରେ ଏକ ମାମଲା ରୁଜୁ ତଦନ୍ତ ଚଳାଇଛି। ପୋଲିସର ସୂଚାନାନୁଯାୟୀ, ଧୋବାଖାଲ ଅଞ୍ଚଳର ଭଗବାନ ସାହୁ ସୋମବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଅମର ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଛୁରି ଦେଖାଇ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ଅମର ତାଙ୍କୁ ମାଡ଼ମାରିବା ସହ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ଭଗବାନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଆପ୍ ପକ୍ଷରୁ ଦେବୋତ୍ତର ଆଯୁକ୍ତଙ୍କୁ ଦାବିପତ୍ର ପ୍ରଦାନ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟର ତଦନ୍ତ, ନୂଆ ଟ୍ରଷ୍ଟ ବୋର୍ଡ ଗଠନ ଓ ଗତ ୧୦ ବର୍ଷର ଅଡିଟ୍ ଆଦିକୁ ନେଇ ପୁରୀ ଆପ୍ ପକ୍ଷରୁ ଦେବୋତ୍ତର ଆଯୁକ୍ତଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଆପ୍ ଅଭିଯୋଗରେ ଦର୍ଶାଇଛି କି, ସିଦ୍ଧମହାବୀର ମନ୍ଦିରର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତିଦିନ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ଆସିଥାନ୍ତି। ଏତେସଂଖ୍ୟାରେ ଭକ୍ତ ଆସୁଥିବାରୁ ଏହି ମନ୍ଦିର ଉନ୍ନତୀକରଣର ଆବଶ୍ୟକତା ରହିଛି। ଏହାର ଏକ ଟ୍ରଷ୍ଟ ବୋର୍ଡ ରହିଛି, ଯାହାର କାମ ମନ୍ଦିରର ଉନ୍ନତି କରିବା। କିନ୍ତୁ ବୋର୍ଡ ଏହି କାର୍ଯ୍ୟ କରିବାରେ ବିଫଳ ହୋଇଛି। ବୋର୍ଡ ଅଧିକାରୀ ଭାବେ ବିଜୟ କୁମାର ଜେନା ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ରହିଲେଣି। ହେଲେ ମନ୍ଦିରର ଉନ୍ନତୀକରଣ, ସୁରକ୍ଷା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଦୀପ ଦୋକାନ ନିଲାମ ଓ ଜୋତା ଷ୍ଟାଣ୍ଡର ଆବଣ୍ଟନ ବେନିୟମ ଭବେ କରାଯାଉଛି। ଏତେ ଟଙ୍କା ଆସିବା ପରେ ମଧ୍ୟ ମନ୍ଦିରର ଉନ୍ନତି ନ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ଦିରର ସୁରକ୍ଷା ଓ ଦୁର୍ନୀତି ରୋକିବାରେ ବିଫଳ ଅଧିକାରୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ। ଆଜି ଯାଏଁ ସିଦ୍ଧମହାବୀର ମନ୍ଦିରର ଅଡିଟ୍ ହେଉନାହିଁ। ଏହା ବଡ଼ ଚିନ୍ତାର ବିଷୟ। ତେଣୁ ଉକ୍ତ ଅଧିକାରୀଙ୍କ କାର୍ଯ୍ୟର ତଦନ୍ତ ଓ ଟ୍ରଷ୍ଟ ବୋର୍ଡ ଅଡିଟ୍ ସମ୍ପର୍କରେ ଅନୁସନ୍ଧାନ କରାଗଲେ, ସିଦ୍ଧମହାବୀର ମନ୍ଦିରର ଉନ୍ନତି ହେଇପାରିବ ବୋଲି ଆପ୍‌ର ଜିଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି।

# ଶ୍ରୀମନ୍ଦିରରେ ସାଗର ବିଜେ ନୀତି ସମ୍ପନ୍ନ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ଅମାବାସ୍ୟା ତିଥି ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ସକାଳଧୂପ ଶେଷହୋଇ ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣାଭୋଗ ମଣୋହୀ କରାଯାଇଥିଲା। ଆରତି, ବନ୍ଦାପନା ସମ୍ପନ୍ନ ପରେ ଠାକୁରଙ୍କ ବାହୁଡ଼ା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ପରେ ଠାକୁରଙ୍କୁ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଇଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।



ଅମାବାସ୍ୟା ନାରାୟଣ ସାଗର ବିଜେ କରୁଛନ୍ତି।

## ସାକ୍ଷୀଗୋପାଳଙ୍କ ହୁଣ୍ଡିରୁ ୪ ଲକ୍ଷ ଟଙ୍କା ଆୟ

ସାକ୍ଷୀଗୋପାଳ,୨୭।୫(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସାକ୍ଷୀଗୋପାଳ ଠାକୁରଙ୍କ ମନ୍ଦିର ହୁଣ୍ଡିରୁ ୪ ଲକ୍ଷ ୧ ହଜାର ୫୫୫ ଟଙ୍କା ଓ ସୁନା ରୁପା ଅଳଙ୍କାର ଆୟ ହୋଇଛି। ମଙ୍ଗଳବାର ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ମନ୍ଦିର ଜଗମୋହନରେ ହୁଣ୍ଡି ଖୋଲିବା ପରେ ଉପରୋକ୍ତ ଦାନ ରାଶି ସହ ସୁନା କାନଫୁଲ, ଚିତା, ରୁପା ମୁଦି, ପାଉଁଜି ଓ କିଛି ରେଜା ରୁପା ମିଳିଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବିଡିଓ ଦେବାଶିଷ ନାୟକ, ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ବନଜକାନ୍ତ ଶତପଥୀ, ଦେବୋତ୍ତର ବିଭାଗ ଜିଲା ନିରୀକ୍ଷକ ଅନନ୍ତ କୁମାର ମୁର୍ମୁ, ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ୟୁନିୟନ ବ୍ୟାଙ୍କ ମ୍ୟାନେଜର ସନ୍ଦିପ କୁମାର ରଥଙ୍କ ସମେତ କର୍ମଚାରୀ ମାନସ ବେହେରା, ଶିବକାନ୍ତ ଶୁକ୍ଳା, ସୁଶାନ୍ତ ବାରିକ୍, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ମନୋରଞ୍ଜନ ମହାନ୍ତି ଓ ସଞ୍ଜୀବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ଜ୍ୟେଷ୍ଠ ଅମାବାସ୍ୟା ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ନିମନ୍ତେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଭୋର୍ ଦ୍ୱାରଫିଟା ପରେ ମହାପ୍ରଭୁଙ୍କ ମଙ୍ଗଳଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢ଼ି ଆଲଟ ଲାଗି, ଚନ୍ଦନ ଲାଗି ପରେ ମହାପ୍ରଭୁଙ୍କ ବେଶ ବଢ଼ିଥିଲା। ଯାତଭୋଗ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କି ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସରରେ ଥିବା ରୋହିଣୀକୁଣ୍ଡ ନିକଟସ୍ଥ ତଥା ନୃସିଂହ ମନ୍ଦିରର ପଶ୍ଚାତ୍‌ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ମଣ୍ଡପ ମଧ୍ୟଭାଗରେ ଥିବା ଏକ ପ୍ରସ୍ତରନିର୍ମିତ ଜଳପୂର୍ଣ୍ଣ କୁଣ୍ଡରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ବିଜେ କରିଥିଲେ। ମୁଦିରସ୍ତ ଠାକୁର ଏବଂ ଠାକୁରାଣୀଙ୍କୁ ପ୍ରସାଦ ଲାଗି କରିଥିଲେ। ନୀତି ସମ୍ପନ୍ନ ହେବା ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପଞ୍ଚୋପଚାରରେ ଶୀତଳ ଭୋଗ ମଣୋହୀ କରାଯାଇଥିଲା। ଭୋଗ ପରେ ଠାକୁର, ଠାକୁରାଣୀଙ୍କୁ ଜଳ ମଧ୍ୟରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ପରେ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଠାକୁର ଏବଂ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ବାହୁଡ଼ିଥିଲେ। ପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ଭିତର ଚନ୍ଦନ ସମୟରେ ଜଳକ୍ରୀଡ଼ା ମଣ୍ଡପରେ ୪ଥର ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ।

## ସମୁଦ୍ର ସୁରକ୍ଷା ସଚେତନତା ଅଭିଯାନ




ସୁରକ୍ଷିତ ସ୍ନାନ ପାଇଁ ଲାଇଫ୍ ଗାର୍ଡଙ୍କ ପକ୍ଷରୁ ସଚେତନତା କରାଯାଉଛି।

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ସମୁଦ୍ରକୂଳରେ ନିୟୋଜିତ ଲାଇଫଗାର୍ଡଙ୍କ ସହ ସମନ୍ୱୟ ରଖି ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ପକ୍ଷରୁ ସମୁଦ୍ର ସୁରକ୍ଷା ସଚେତନତା ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମୁଦ୍ରରେ ଗ୍ରୀଷ୍ମ ଋତୁରେ ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ଉପରେ ଗୁରୁତ୍ୱ ଦିଆଯାଇଛି। ଉଚ୍ଚଜୁଆର ପାଣିରେ ପ୍ରବେଶ ନ କରିବା, ଲାଇଫଗାର୍ଡଙ୍କ ଦ୍ୱାରା ଜାରି ନିର୍ଦ୍ଦେଶଗୁଡ଼ିକୁ କଡ଼ାକଡ଼ି ପାଳନ କରିବା ଏବଂ କେବଳ ନିର୍ଦ୍ଦିଷ୍ଟ ସୁରକ୍ଷିତ ଅଞ୍ଚଳ ମଧ୍ୟରେ ପହଁରିବା ଆଦି ସଚେତନତା କରାଯାଇଥିଲା। ପର୍ଯ୍ୟଟକମାନଙ୍କୁ ପୁରୀ ଉପକୂଳରେ ସାଧାରଣତଃ ଦେଖାଯାଉ ଥିବା ରିପ୍ କରେଣ୍ଟର ବିପଦ ବିଷୟରେ ମଧ୍ୟ କୁହାଯାଇଥିଲା। ମଦ୍ୟପାନ କରି ସମୁଦ୍ରରେ ପ୍ରବେଶ ନ କରିବା, ଏକା ପହଁରିବା ନାହିଁ ଏବଂ ପିଲାମାନଙ୍କୁ ସବୁବେଳେ କଡ଼ା ତଦାରଖ କରିବାକୁ ଅନୁରୋଧ କରାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ବିପଦପୂର୍ଣ୍ଣ ଉଦ୍ଧାର ଚେଷ୍ଟା କରିବା ପରିବର୍ତ୍ତେ ତୁରନ୍ତ ତାଲିମପ୍ରାପ୍ତ ଲାଇଫଗାର୍ଡଙ୍କ ଠାରୁ ସାହାଯ୍ୟ ନେବାକୁ ଲୋକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯାନରେ ସୁରକ୍ଷା ସାଇନେଜକୁ ସମ୍ମାନ ଦେବା ଏବଂ ଖରାପ ପାଗ ସମୟରେ ସମୁଦ୍ର କାର୍ଯ୍ୟକଳାପରୁ ନିବୃତ୍ତ ରହିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକ ଆଦି ଅଂଶଗ୍ରହଣ କରିଥିଲେ।

# ରଥଯାତ୍ରା ନେଇ ୮ ସାହି ପ୍ରତିନିଧିଙ୍କ ସହ ଏସ୍‌ପିଙ୍କ ଆଲୋଚନା

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ଜୁନ୍ ୧୧ରେ ସ୍ନାନଯାତ୍ରା ଓ ୨୭ରେ ରଥଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ସମସ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପୋଲିସ ପ୍ରଶାସନ ପକ୍ଷରୁ ରଥଯାତ୍ରାକୁ ସୁସଂଗଠିତ ଓ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ଏସ୍‌ପି ବିନୀତ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ୮ଟି ସାହି ପ୍ରତିନିଧିମାନଙ୍କ ସହିତ ପ୍ରଥମ ସମନ୍ୱୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରଥଯାତ୍ରା ସମୟରେ ସାହିଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାର ସମାଧାନ ପାଇଁ ପୋଲିସ ପ୍ରଶାସନ ଓ ସାହିଗୁଡ଼ିକ ମଧ୍ୟରେ ସହଯୋଗ ଓ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି।



ଆଠ ସାହିର ପ୍ରତିନିଧିଙ୍କ ସହ ଏସ୍‌ପି ଆଲୋଚନା କରୁଛନ୍ତି।

ବୈଠକରେ ଶ୍ରୀମନ୍ଦିରର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ୮ଟି ସାହିର ସଭାପତି, ସଚିବ ଓ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୌମ୍ୟରଞ୍ଜନ ମଲିକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଘନଶ୍ୟାମ ହେମ୍ବ୍ରମ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଜୟ କୁମାର ନନ୍ଦ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ ଥାନା ଆଇଆଇସି ଗୋକୁଲ ରଞ୍ଜନ ଦାସ, ବାସେଳିସାହି ଥାନା ଆଇଆଇସି ବିକ୍ରମ କିଶୋର ଜେନା, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରଥଯାତ୍ରା ସମୟରେ ସାହି ମଧ୍ୟରେ ଗାଡ଼ି ଚଳାଚଳ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା। ଏସ୍‌ପି ଅଗ୍ରୱାଲ କହିଛନ୍ତି, ସାହି କମିଟିଗୁଡ଼ିକ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସେତୁ ବାନ୍ଧିବା ଭୂମିକା ନିଭାଉଛି। ସାହିଗୁଡ଼ିକ କିପରି ସଫାସୁତରା ରହିବ ସେନେଇ ଅଭିଯାନ ଆରମ୍ଭ ହୋଇଛି। ମିଳିତ ଭାବେ ଏହି ପବିତ୍ର ଉତ୍ସବକୁ ଉତ୍ତମ ଭାବେ ସଫଳ କରିବା ପାଇଁ ଏସ୍‌ପି ଆହ୍ୱାନ ଦେଇଛନ୍ତି।

## ଫଟୋରେ ଖବର



ମଙ୍ଗଳବାର ପ୍ରାକ୍ ମୌସୁମୀ ବର୍ଷାରେ ଭିଜୁଛି ବଡ଼ଦାଣ୍ଡ।



ଶ୍ରୀମନ୍ଦିର କାର୍ଯ୍ୟାଳୟ ତଳେ ଓଡ଼ିଶା ସରକାରଙ୍କ ଟେକ୍ସ ଟାଇଲ ବିଭାଗ ପକ୍ଷରୁ ସୋମବାର ଖୋଲାଯାଇଥିବା ଅମ୍ଳାନ କରୁଣା ସିଲ୍କ ପାଟବସ୍ତ୍ର ବିକ୍ରୟ କେନ୍ଦ୍ରକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ପାଟବସ୍ତ୍ର ବୁଲି ଦେଖୁଛନ୍ତି।

# ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

**କଟକ,୨୭।୫(ଶିଳ୍ପା ପ୍ରିୟଦର୍ଶିନୀ)**



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସୁଭାଷ ସଙ୍ଗଠନ କର୍ମକର୍ତ୍ତାମାନେ।

### ଖାନନଗରରେ ନିର୍ମାଣାଧୀନ ବ୍ରିଜରୁ ସ୍ଲାବ୍ ଖସିବା ଘଟଣା

### ଦାବି କଲା ସୁଭାଷ ସଙ୍ଗଠନ

ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କଟକ ଖାନନଗର କାଠଯୋଡ଼ି ନଦୀ ନିକଟରେ ଆର୍.କେ.ଡି. କନଷ୍ଟ୍ରକ୍ସନ୍ ଦ୍ୱାରା ନିର୍ମାଣାଧୀନ ବ୍ରିଜ୍‌ର କଂକ୍ରିଟ୍ ସ୍ଲାବ୍ ଖସିବାରୁ ୩ଜଣଙ୍କ ମୃତ୍ୟୁ ହେବା ସହ ୨ଜଣ ଆହତ ହୋଇଥିଲେ। ରାଜ୍ୟ ସରକାର ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ସହଯୋଗର ହାତ ବଢ଼ାଇ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବା ସହିତ ଆହତଙ୍କ ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିଥିଲେ। ହେଲେ ଦୁର୍ଘଟଣାରେ ରାସ୍ତା ଏବଂ କୋଠାବାଡ଼ି ଖଣ୍ଡ-୧ର ଅଧକ୍ଷଣ ଯନ୍ତ୍ରୀଙ୍କୁ ଦଣ୍ଡନୀୟ ବଦଳି କଟକରୁ ବଲାଙ୍ଗୀର କରାଯାଇଛି। ଯିଏକି ମାତ୍ର ତିନିମାସ ତଳେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି କାର୍ଯ୍ୟ ପୂର୍ବ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ବେଳେ ଏହାର ଅଧିକାରୀ ଯନ୍ତ୍ରୀ ଭାବେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅନ୍ୟ ଜଣେ ଅଧିକାରୀ ଦାୟିତ୍ୱରେ ଥିବାବେଳେ କ୍ଷେତ୍ର ଯନ୍ତ୍ରୀ ଭାବେ ରାସ୍ତା ଏବଂ କୋଠାବାଡ଼ି ଖଣ୍ଡ-୧ର ପ୍ରୋଜେକ୍ଟ ଅଂଶ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଭାବେ ଅନ୍ୟ ଜଣେ ଦାୟିତ୍ୱ ତୁଲାଇ ଆସୁଛନ୍ତି। କ୍ଷେତ୍ର ଯନ୍ତ୍ରୀ ଭାବେ ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳ ସୁରକ୍ଷା ସମୀକ୍ଷା କରିବା ସହ କାର୍ଯ୍ୟକୁ ହାତେଇଥିବା ଆର୍‌କେଡି କନଷ୍ଟ୍ରକ୍ସନ୍ କମ୍ପାନୀ କାର୍ଯ୍ୟ ସୁରକ୍ଷା ବ୍ୟବସ୍ଥାରେ ଥିବା କର୍ମଚାରୀଙ୍କଠାରୁ ପ୍ରତ୍ୟେକ ଦିନର ଯନ୍ତ୍ରାଂଶ ତ୍ରୁଟି ଓ ଶ୍ରମିକଙ୍କ ସୁରକ୍ଷା ବିଷୟରେ ବୁଝିବା ତାଙ୍କର ଦାୟିତ୍ୱ ଥିଲା। କିନ୍ତୁ ତ୍ରୁଟି ସମୀକ୍ଷା କରିବାରେ ଯନ୍ତ୍ରୀ ସମ୍ପୂର୍ଣ୍ଣ ଅସଫଳ ହୋଇଥିବାରୁ ଏହି ଦୁର୍ଘଟଣା ଘଟିଛି ଏବଂ ସମ୍ପୃକ୍ତ ଯନ୍ତ୍ରୀ ସମ୍ପୂର୍ଣ୍ଣ ଭାବେ ଦୋଷି ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ତ୍ରୁଟି ସମୀକ୍ଷାରେ ଭୁଲ କରିଥିବା ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯିବା ନେଇ ସଙ୍ଗଠନ ସଭାପତି ସୁରେଶ ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାପୁଜି କର, ସନ୍ତୋଷ ମହାନ୍ତି, ମଣ୍ଟୁ ସାହୁ, ଜ୍ଞାନରଞ୍ଜନ ଦାସ, ସୁରେଶ କୁମା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ୪୨ ଅଭିଯୋଗର ତ୍ୱରିତ ସମାଧାନ ନିର୍ଦ୍ଦେଶ



ଜନଶୁଣାଣି ଶିବିରରେ ଜିଲାପାଳ ଜଣେ ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି।

**କଟକ,୨୭।୫(କାର୍ତ୍ତିକ ସାହୁ)**

### ନିଆଳି ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନିଆଳି ବ୍ଲକଠାରେ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ମୋଟ ୮୯ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିମଧ୍ୟରେ ୮୬ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ରହିଥିଲା। ତେବେ ୪୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ (ଗ୍ରାମାଞ୍ଚଳ) ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ସଦର ଉପ ଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ମୁଖ୍ୟ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ, ସ୍ଥାନୀୟ ବିଡିଓ, ତହସିଲଦାର, ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜିଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ଜୁନ ୨ ତାରିଖ (ସୋମବାର) ସକାଳ ୭ଟାରେ ନରସିଂହପୁର ବ୍ଲକଠାରେ ଅନୁଷ୍ଠିତ ହେବ।

# 'ହକିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ଅମଲକୃଷ୍ଣ'

**କଟକ,୨୭।୫(କାର୍ତ୍ତିକ ସାହୁ)**

ଅମଲକୃଷ୍ଣ ରାୟ ସ୍ମୃତି ସଂସଦ ପକ୍ଷରୁ ଆଇନଜୀବୀ ତଥା କ୍ରୀଡ଼ା ସଂଗଠକ ସ୍ୱର୍ଗତ ଅମଲକୃଷ୍ଣ ରାୟଙ୍କର ୯୭ତମ ଜୟନ୍ତୀ ସଂସଦର ସଙ୍ଗଠନ ସମ୍ପାଦକ ଆଇନଜୀବୀ ଅଜୟ ମହାନ୍ତିଙ୍କ ସୂତାହାଟସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ଓଡ଼ିଶା ହକି ଆସୋସିଏଶନର ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ଅମଲକୃଷ୍ଣ ହକିର ବିକାଶ ପାଇଁ କାର୍ଯ୍ୟ କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଆଇନଜୀବୀ ତେଜେସ କୁମାର ସାହୁ, ଅଜିତ କୁମାର ମହାପାତ୍ର, ସାମାଜିକ କର୍ମୀ ପ୍ରସନ୍ନ କୁମାର ସାହୁ, ଏ. ଭାସ୍କର ରାଓ, ସୁରଜିତ ନାଥ ଓ ଅବଦୁଲ ସଲାମ ଖାଁ ପ୍ରମୁଖ ସ୍ମୃତିଚାରଣ କରି ଅମଲ ବାବୁଙ୍କ କାର୍ଯ୍ୟାବଳୀର ଆଲୋଚନା ବିନା ଓଡ଼ିଶା ହକି ସମ୍ପର୍କୀତ ଇତିହାସ ଅସମ୍ପୂର୍ଣ୍ଣ ବୋଲି କହିଥିଲେ। ସଙ୍ଗଠନ ସମ୍ପାଦକ ଆଇନଜୀବୀ ଅଜୟ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇ ଅମଲବାବୁ ପେଷାରେ ଆଇନଜୀବୀ ଥିଲେ ମଧ୍ୟ ହକିର ବିକାଶ ସହ ସମାଜସେବା ଓ ସଙ୍ଗଠନ କାର୍ଯ୍ୟରେ ଅଧିକ ସମୟ ଓ ସ୍ୱଅର୍ଜିତ ଧନ ଖର୍ଚ୍ଚ କରିବାକୁ ଭଲ ପାଉଥିଲେ ବୋଲି କହିଥିଲେ। ଆଇନଜୀବୀ ସଞ୍ଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ନେହେରୁ ଥିଲେ ନବନିର୍ମାଣ ଭାରତ ଗଠନର ମୁଖ୍ୟ ପୁରୋଧା



ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ଶ୍ରାଦ୍ଧ ଦିବସରେ ଉପସ୍ଥିତ କଂଗ୍ରେସ ନେତୃ ମଣ୍ଡଳୀ।

**କଟକ,୨୭।୫(ଶିଳ୍ପା ପ୍ରିୟଦର୍ଶିନୀ)**

### ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ଶ୍ରାଦ୍ଧ ଦିବସ

କଟକ ଶକ୍ତିନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ କର୍ମୀମାନେ ଯୋଗଦେଇ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନେହେରୁ ନବନିର୍ମାଣ ଭାରତ ଗଠନର ମୁଖ୍ୟ ପୁରୋଧା ଥିଲେ। ଆଜିର ଯୁବ ସମାଜ ନେହେରୁଙ୍କ ପରି ମାତୃଭୂମି ପ୍ରୀତି, ମାତୃଭାଷାକୁ ଭଲ ପାଇବା ସହ ସ୍ୱାଭିମାନୀ ହୋଇ ବଞ୍ଚିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସର ଅନ୍ୟତମ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ, ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଜୟନାରାୟଣ ତ୍ରିପାଠୀ, ରଜନୀ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ଆଧ୍ୟାତ୍ମିକ ସଭା

**ଫୁଲନଖରା,୨୭।୫(ସତ୍ୟରଞ୍ଜନ ଦାସମହାପାତ୍ର)**

ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଞ୍ଚାୟତସ୍ଥିତ ପଞ୍ଚବଟୀ ବଜାର ନିକଟ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ପୀଠରେ ୨୮ତମ ରାମଚରିତ ମାନସ ନବାହ୍ନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ପୂର୍ଣ୍ଣାହୁତି ହୋଇଛି। ୧୮ ତାରିଖଠାରୁ ଆରମ୍ଭ ହୋଇ ଦୀର୍ଘ ନବଦିନାତ୍ମକ ବ୍ୟାପୀ ଚାଲିଥିବା ପାରାୟଣରେ କର୍ତ୍ତା ଭାବେ ବରିଷ୍ଠ ନାଗରିକ ବାଳକୃଷ୍ଣ ବେହେରା ଓ ନିଳୀମା ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂର୍ଣ୍ଣଆହୁତି ସନ୍ଧ୍ୟାରେ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ଲଳିତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜି କର୍ମୀ ଉମାକାନ୍ତ ନନ୍ଦ, ମୁଖ୍ୟବକ୍ତା ଭାବେ ପ୍ରବକ୍ତା ମହାସଂଘର ରାଜ୍ୟ ସମ୍ପାଦକ ପ୍ରମୋଦ ପଣ୍ଡା, ସମ୍ମାନିତ ଅତିଥି ଭାବେ କଟକ ସଦର ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତି, ପ୍ରବଚକ ପଣ୍ଡିତ ରବି ନାରାୟଣ ପଣ୍ଡା, ପାଲା ଗାୟକ ଯୁଧିଷ୍ଠିର ପରିଜା, ମୂରଲୀଧର ପଣ୍ଡା, ବ୍ୟାସ ପଣ୍ଡିତ ହରିଚରଣ ଦାସ, ବଂଶୀଧର ଭୋଳ ଯୋଗଦେଇ ପ୍ରଭୁ ଶ୍ରୀରାମ ଚରିତ ଉପରେ ବକ୍ତବ୍ୟ ରଖିଥିଲେ। ଦୀର୍ଘ ୨୮ବର୍ଷ ଧରି କାର୍ଯ୍ୟକ୍ରମ ବାଳକୃଷ୍ଣ ବେହେରାଙ୍କ ତ୍ତ୍ୱାବଧାନରେ କରାଯାଉଛି ବୋଲି ଭୂୟସି ପ୍ରଶଂସା କରିଥିଲେ। ସମସ୍ତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରଦୀପ ବେହେରା, ପ୍ରମିଳା ବେହେରା, ଭିକାରୀ ସାହୁ, ଲକ୍ଷ୍ମୀଧର ପାତ୍ର, ଅଜୟ କୁମାର ପରିଡ଼ା, ନନ୍ଦିତା ପରିଡ଼ା, ଡ. ଦିଲୀପ କୁମାର ଦାସ, ନମିତା ଦାସ, ଅର୍ଜୁନ ବେହେରା ଓ ଅନିତା ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ବରିଷ୍ଠ ଖବରଦାତା ସନାତନ ପରିଜା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ।

# ଏଲ୍‌ଆଇସି ବୀମା କର୍ମଚାରୀ ସଂଘର ପୋଷ୍ଟର ଉନ୍ମୋଚନ




ପୋଷ୍ଟର ଉନ୍ମୋଚନ ଅବସରରେ ଉପସ୍ଥିତ ଏଲ୍‌ଆଇସିର କର୍ମକର୍ତ୍ତା।

**କଟକ,୨୭।୫(କାର୍ତ୍ତିକ ସାହୁ)**

ଗିନିସ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ସ୍ଥାନ ପାଇଥିବାରୁ କଟକ ଡିଭିଜନ ବୀମା କର୍ମଚାରୀ ସଂଘ ପକ୍ଷରୁ ପ୍ରଚାର ପୋଷ୍ଟର ଉନ୍ମୋଚନ କରାଯାଇଛି। ମାଛୁଆବଜାରସ୍ଥିତ ଏଲଆଇସି ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର ପୋଷ୍ଟର ଉନ୍ମୋଚନ କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ ଅଭୟ କୁମାର ଦାସ କହିଲେ, ଏହି କାର୍ଯ୍ୟକ୍ରମ ଡିଭିଜନର ସମସ୍ତ ୧୯ଟିଶାଖା ଓ ୨୮ଟିସାଟେଲାଇଟ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସଙ୍ଗଠନ ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଷ୍ଟେଟ୍ ହ୍ୟୁମାନ୍ ରାଇଟ୍ସ କାଉନସିଲର ଦାବିପତ୍ର

**ଚୌଦ୍ୱାର,୨୭।୫(ଆଶୁତୋଷ ଦାସ)**

### ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

ବଲାଙ୍ଗୀର ଜିଲାରେ କର୍ତ୍ତବ୍ୟରତ ଖବରଦାତା ବିଜୟ ପ୍ରଧାନଙ୍କୁ କେତେଜଣ ଅସାମାଜିକ ବ୍ୟକ୍ତି ମାରଣାନ୍ତକ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା କରିଛି ଷ୍ଟେଟ ହ୍ୟୁମାନ ରାଇଟ୍ସ କାଉନସିଲ। ଏହା ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଙ୍ଗଳବାର ହ୍ୟୁମାନ ରାଇଟ୍ସସ କର୍ମକର୍ତ୍ତା ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଚୌଦ୍ୱାର ଥାନା ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ ବିଷୟରେ ଖବର ପ୍ରସାରଣ ହେଉଛି। ଏହି ସମୟରେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଉପରେ ଆକ୍ରମଣ ଘଟଣାରେ ସାମ୍ବାଦିକଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ସମସ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ହ୍ୟୁମାନ ରାଇଟ୍ସ ରାଜ୍ୟ ସଭାପତି ସସ୍ମିତା ଦାସ, ସମ୍ପାଦକ ନାରାୟଣ ବିଶ୍ୱାଳ, କଟକ ଜିଲା ମହିଳା ଉପସଭାପତି ସବିତା ଦାସ, ସଚ୍ଚିଦାନନ୍ଦ ରାଉତ, ରଞ୍ଜନ କୁମାର ବେହେରା, ସଞ୍ଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ।

# ଦୁର୍ଦ୍ଦଶା ବଢ଼ାଉଛି କନ୍ଦରପୁର ଲେଭଲ କ୍ରସିଂ ରାସ୍ତା

**କଟକ ସଦର,୨୭।୫(ସୁଶାନ୍ତ କୁମାର ଜେନା)**

### ୫୫ନଂ. ଜାତୀୟ ରାଜପଥ

କଟକ-ନୂଆଗାଁ ଜାତୀୟ ରାଜପଥ ନଂ. ୫୫ର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। କନ୍ଦରପୁର ଲେଭଲ କ୍ରସିଂ ନିକଟରେ ୨ଟି ପୋଲ ନିର୍ମାଣ କାମ ଚାଲିଥିବାରୁ ହାଲୁକା ଓ ଭାରିଯାନ ଚଳାଚଳ ପାଇଁ ଗୋଟିଏ ଅସ୍ଥାୟୀ ମାଟି ରାସ୍ତାରେ ନାଲି ଗୋଡ଼ି ବିଛାଇ ଦିଆଯାଇଛି। ଧୂଳି ଉଡିବା ରୋକିବା ପାଇଁ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ପାଣି ସିଞ୍ଚନ କରାଯାଉଛି। ଫଳରେ ସାଇକେଲ ଓ ବାଇକ୍‌ରେ ଯାତାୟାତ କରୁଥିବା ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ନାଲି ରଙ୍ଗର କାଦୁଅ ଛିଟିକି ପଡୁଥିବାରୁ ଗାଡ଼ି ପଛରେ ବସିଥିବା ମହିଳା ଓ ପୁରୁଷମାନେ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାଛଡା ବସ୍ ଓ ଟ୍ରକ ଗଲେ ନାଲି ମାଟି କାଦୁଅରେ ଶାଢ଼ୀ ଓ ସାର୍ଟ ରଙ୍ଗ ହେଉଛି। ଏହି ରାସ୍ତାରେ କ୍ରଶର୍ ଗୁଣ୍ଡ ବିଛାଯାଇ ଥିଲେ ଏପରି ଅବସ୍ଥା ସୃଷ୍ଟି ହୋଇ ନ ଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶପାଇଛି। ସମସ୍ୟା ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ସହକାରୀ ଯନ୍ତ୍ରୀ ଶେଖର ସାମଲଙ୍କୁ ପଚାରିବାରୁ ହଠାତ୍ ବର୍ଷା ପାଇଁ ଅସ୍ଥାୟୀ ରାସ୍ତା କାଦୁଅ ହୋଇଯାଇଛି। ପରେ ଏହା ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।



ଅସ୍ଥାୟୀ ମାଟି ରାସ୍ତାରେ ନାଲି ଗୋଡ଼ି ବିଛାଇ ଦିଆଯାଇଛି।

# 'ମାନବାଧିକାରର ସୁରକ୍ଷା ପାଇଁ ସଚେତନତା ଲୋଡ଼ା'



ଓଡ଼ିଶାରେ ମାନବାଧିକାର ଉଲ୍ଲଂଘନ ଓ ନାଗରିକ ସମାଜର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଉପସ୍ଥିତ ବୁଦ୍ଧୀଜୀବୀମାନେ।

**କଟକ,୨୭।୫(କାର୍ତ୍ତିକ ସାହୁ)**

ସେଣ୍ଟର୍ ଫର ଡେମୋକ୍ରାଟିକ ରାଇଟସ ଆଣ୍ଡ ସିକ୍ୟୁଲାରିଜିମ (ସିପିଡିଆର୍‌ଏସ୍) ପକ୍ଷରୁ ଓଡ଼ିଶାରେ ମାନବାଧିକାର ଉଲ୍ଲଂଘନ ଓ ନାଗରିକ ସମାଜର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଗାନ୍ଧୀ ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଅବସରପ୍ରାପ୍ତ ଉପାଧ୍ୟକ୍ଷ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ସିପିଡିଆର୍‌ଏସ୍‌ର ସର୍ବଭାରତୀୟ ଉପଦେଷ୍ଟା ଦ୍ୱାରିକାନାଥ ରଥ ମାନବାଧିକାରର ସୁରକ୍ଷା ପାଇଁ ସଚେତନତା ଲୋଡ଼ା ବୋଲି କହିଥିଲେ। ମୁଖ୍ୟବକ୍ତା ହାଇକୋର୍ଟର ଆଇନଜୀବୀ କ୍ଷୀରୋଦ କୁମାର ରାଉତ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସଙ୍ଗଠନର ରାଜ୍ୟ ଆବାହକ ବିଶାବସୁ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମାନବାଧିକାରର ସୁରକ୍ଷା ଓ ଏହାର ସମ୍ପ୍ରସାରଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ମହାନ୍ତି, ଡ. ବିଶ୍ୱଜିତ, ଆଇନଜୀବୀ ସୁକାନ୍ତ ନାୟକ, କବୀର ଜେନା, ବିଜୟ ରାଉତରାୟ, ଅରବିନ୍ଦ ମଲ୍ଲିକ, କୈଳାସ ଚନ୍ଦ୍ର ଦାସ, ଶର୍ମିଷ୍ଠା ନାଥ, ସାଇ ସୁମନ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ସାଇ ସୁମନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ଜୁନ୍ ୧ରୁ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା

**ବେଗୁନିଆ,୨୭।୫(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଳ ଗ୍ରାମର ବିଶ୍ୱନାଥ ଦେବଙ୍କ ମନ୍ଦିର ପରିସରରେ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ଦୁଇଦିନ ଧରି ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଗ୍ରାମ୍ୟ କମିଟି ସଭାପତି ହରିହର ସାହୁ, ସଭ୍ୟ କେଶବ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାମନ୍ତରାୟ, ରମାକାନ୍ତ ସାମନ୍ତରାୟ, ମିଟୁ ମହାକୁଡ଼, ଦିଲୀପ କୁମାର ସାହୁ, ରଶ୍ମି ରଞ୍ଜନ ପଣ୍ଡା, କାଳନ୍ଦୀ ପ୍ରଧାନ, ଜନ୍ମେଜୟ ପଣ୍ଡାଙ୍କ ସମେତ ଗ୍ରାମର ଯୁବକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ନିଷ୍ପତ୍ତି ହୋଇଛି। ନାଟକ ପ୍ରତିଯୋଗିତା ଆସନ୍ତା ଜୁନ ୧ ଏବଂ ୨ତାରିଖରେ ହେବ। ତଣ୍ଡାଳ ଗ୍ରାମର ବିଶ୍ୱନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ 'ଅକୁହା କାହାଣୀ ଶୁଣିବ କିଏ' ଏବଂ ପୁଇଁଚା ଗ୍ରାମର ଚନ୍ଦ୍ର ଅଭିଯାନ ନାଟ୍ୟ ସଂସଦ ପକ୍ଷରୁ 'ସାତ ସୁରେ ବନ୍ଧା ଏ ଜୀବନ' ନାଟକ ମଞ୍ଚସ୍ଥ ହେବ ବୋଲି ଜଣାପଡ଼ିଛି।

### ରାଜକିଶୋରଙ୍କ ସ୍ମୃତିଚାରଣ

**ଜଟଣୀ,୨୭।୫(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ବ୍ଲକ ଅନ୍ତର୍ଗତ ଛତାବରଠାରେ ମଙ୍ଗଳବାର ରାଜକିଶୋର ପ୍ରଧାନଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଉରି ବନ୍ଧୁ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁଧୀର କୁମାର ପଟ୍ଟନାୟକ, ଶ୍ରେହର୍ଷ ମହାପାତ୍ର, ସାରଙ୍ଗଧର ମହାପାତ୍ର, ଅଶୋକ ଓଝା, ରବୀନ୍ଦ୍ରନାଥ ସ୍ୱାଇଁ, ସମୀର ଜେନା, ପ୍ରଗତି ଦାସ, ଚନ୍ଦ୍ରଶେଖର ପଟ୍ଟନାୟକ, ହେମନ୍ତ ଶତପଥୀ, ସଦାନନ୍ଦ ମହାରଣା, ଅନୁପମା ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ।

# 'ଆଦିଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଜଗନ୍ନାଥଧାମ ନାମିତ କରିଥିଲେ'

**ଭୁବନେଶ୍ୱର,୨୭।୫(ସୌମ୍ୟରଞ୍ଜନ ରାଉତ)**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ' ଆନୁକୂଲ୍ୟରେ ୨୦୭ତମ ଆଲୋଚନାଚକ୍ର ମଙ୍ଗଳବାର ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ଅସ୍ମିତାର ପ୍ରତୀକ ରୂପେ ଜଗନ୍ନାଥଙ୍କୁ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ବୋଲି ଦର୍ଶାଇ ତାଙ୍କର ଜନ୍ମସ୍ଥାନ ପୁରୀକୁ କେବଳ ଜଗନ୍ନାଥଧାମ କୁହାଯାଇପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ଶାସ୍ତ୍ରରୁ ଉଦାହରଣ ଦେଇ ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ବାମଦେବ ସଂହିତା, ମହାପୁରୁଷ ବିଦ୍ୟା, ନୀଳାଦ୍ରି ମହୋଦୟ ଏବଂ ମୁକ୍ତିଚିନ୍ତାମଣିରୁ ଉଦ୍ଧୃତକରି ଶ୍ରୀକ୍ଷେତ୍ର 'ଜଗନ୍ନାଥ ଧାମ' ବୋଲି ଦର୍ଶାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପେ ଯେଉଁ ମର୍ତ୍ତ୍ୟଲୀଳା କରୁଛନ୍ତି ତାହା ବୈକୁଣ୍ଠଧାମ ନାମରେ ପ୍ରସିଦ୍ଧ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ବହୁକାଳରୁ ପୁରୀ ଶ୍ରୀକ୍ଷେତ୍ରକୁ ଜଗନ୍ନାଥଧାମ ନାମରେ ଅଭିହିତ କରିଛନ୍ତି। ଏଠାରେ ପରଲୋକ ଗମନ କଲେ ମୁକ୍ତି ମିଳେ ବୋଲି ଶାସ୍ତ୍ରରେ କୁହାଯାଇଛି। ଏହି କ୍ଷେତ୍ରରୁ ପ୍ରସ୍ତୁତ ମହାପ୍ରସାଦ ମହାପ୍ରଭୁଙ୍କ ସହ ତୁଳନୀୟ ବୋଲି ସେ ମତପ୍ରକାଶ କରିଛନ୍ତି। ସମ୍ମାନିତ ବକ୍ତା ଭାବେ ଅସିତ୍ ମହାନ୍ତି ଯୋଗଦେଇ ଶାସ୍ତ୍ରରୁ ଉଦ୍ଧାରକରି କହିଲେ, ଶ୍ରୀଜଗନ୍ନାଥ କହିଛନ୍ତି ଯେତେ ଯାହାହେଲେ ମଧ ମୁଁ ପୁରୀକ୍ଷେତ୍ର ଛାଡ଼ି ଯିବିନାହିଁ। ତେଣୁ ତାଙ୍କର ଆଦିକ୍ଷେତ୍ର ଜଗନ୍ନାଥଧାମ ଏଥିରେ ସନ୍ଦେହ ନାହିଁ। ଏହି ନାମକୁ ନେଇ କିଛି ବିତର୍କ ସୃଷ୍ଟି କରିବା ଶୋଭନୀୟ ନୁହେଁ ବୋଲି ସେ ମତପ୍ରକାଶ କରିଥିଲେ। ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭା ପ୍ରାରମ୍ଭରେ ମଧୁସ୍ମିତା ବିଶ୍ୱାଳ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚର ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।



ଅପରେଶନ ସିନ୍ଦୂରର ସଫଳତାକୁ ନେଇ ମଙ୍ଗଳବାର କଳାପଥରରେ ଅନୁଷ୍ଠିତ ପରାକ୍ରମ ଶୋଭାଯାତ୍ରା। (ଫଟୋ: ଗଙ୍ଗାଧର ସାହୁ)

### 'ଅପରେଶନ ସିନ୍ଦୂର' ସଫଳତା ପାଇଁ ପରାକ୍ରମ ଶୋଭାଯାତ୍ରା

**କଳାପଥର,୨୭।୫(ଗଙ୍ଗାଧର ସାହୁ):** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂରର ସଫଳତାକୁ ନେଇ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଧଳାପଥର ବଜାର କଳାପଥର ବଜାର ମୁଖ୍ୟ ରାସ୍ତା ଦେଇ ଯାଇ କଳାପଥରଠାରେ ଶେଷ ହୋଇଥିଲା। ଭାଜପା ନେତା ତୁଷାର କାନ୍ତ ଚକ୍ରବର୍ତ୍ତୀ, ଆଇନଜୀବୀ ଦେବାଶିଷ ମାନସିଂ, ପୂର୍ବତନ ଚେୟାରମ୍ୟାନ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ପଶ୍ଚିମବାଙ୍କୀ ଅଞ୍ଚଳର ୧୫ ପଞ୍ଚାୟତରୁ ଶତାଧିକ ଭାଜପା କର୍ମୀ ଯୋଗଦେଇଥିଲେ।

### ପାଣି ମିଟର ଚୋରି କରି ୨ ଗିରଫ

**ଖୋର୍ଦ୍ଧା,୨୭।୫(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ସହରର ତଳସାହି ସମେତ ବିଭିନ୍ନ ସ୍ଥାନରୁ ଦୁଆରମୁହଁରେ ଲାଗିଥିବା ପାଣି ପାଇପ୍ ସଂଯୋଗରୁ ମିଟର ଚୋରି ଅଭିଯୋଗରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବେଗୁନିଆ ବୋରିକ ନୂଆଗାଁର ସନ୍ତୋଷ କୁମାର ବେହେରା ଓରଫ ମିନୁ(୨୪) ଏବଂ ଖୋର୍ଦ୍ଧା ସାମନ୍ତରାପୁରର ଶିବ ବେହେରା(୨୮)। ଏମାନଙ୍କଠାରୁ ଚୋରି ହୋଇଥିବା ୧୦ଟି ମିଟର ଜବତ ହୋଇଛି। ସୂଚନା ମୁତାବକ, ତଳସାହିର ସତ୍ୟନାରାୟଣ ଶତପଥୀଙ୍କ ଦ୍ୱାରରେ ୱାଟ୍‌କୋ ପକ୍ଷରୁ ଦିଆଯାଇଥିବା ପାଣି ପାଇପ ସଂଯୋଗ ସ୍ଥାନରେ ଲଗାଯାଇଥିବା ମିଟରକୁ ଗତ ରବିବାର ବିଳମ୍ବିତ ରାତିରେ କେହି ଚୋରି କରିନେଇଥିବା ନେଇ ସେ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୧୩/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

### ଚେକିଂ ଆଳରେ ଟଙ୍କା ଆଦାୟ ଭିଡିଓ ଭାଇରାଲ



**ଖୋର୍ଦ୍ଧା,୨୭।୫(ପ୍ରଭାତ ପାଣିଗ୍ରାହୀ)**

୧୬ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ନିକଟ ପିତାପଲ୍ଲୀ ଛକରେ ପୋଲିସ ଭାରିଯାନକୁ ଅଟକାଇ ଚେକିଂ ଆଳରେ ଟଙ୍କା ଆଦାୟ କରୁଥିବା ସମୟର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଫଳରେ କମିଶନରେଟ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣ ଲୋକ ହେଲମେଟ ପରିଧାନ କରି ନ ଥିଲେ, ପୋଲିସ ହଇରାଣ କରୁଥିବା ବେଳେ ରାଜପଥରେ ଚେକିଂ ଆଳରେ ଟଙ୍କା ନେବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଅଟୋରେ ଗଞ୍ଜେଇ ଚାଲାଣ: ୩ ଗିରଫ

**ଭୁବନେଶ୍ୱର,୨୭।୫(ସତ୍ୟଜିତ୍ ରାଉତ)**

**୨.୫ ଲକ୍ଷର ଗଞ୍ଜେଇ ଜବତ**



ଏକ ଡାଲା ଅଟୋରେ ଗଞ୍ଜେଇ ଚାଲାଣ ବେଳେ ନୟାପଲ୍ଲୀ ପୋଲିସ ଟିମ୍ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଆଇଆର୍‌ସି ଭିଲେଜରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ସୋନୁ ଦିଗଲ(୨୪), ପାତ୍ରପଡ଼ାରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ସୀମା ସନ୍ତୋଷ ଷଡ଼ଙ୍ଗୀ (୩୦) ଏବଂ ଉତ୍ତରପ୍ରଦେଶ ବସ୍ତି ଜିଲାର ସତୀଶ୍ କୁମାର(୨୨)। ସେମାନଙ୍କଠାରୁ ଦୁଇ ପ୍ଲାଷ୍ଟିକ୍ ଟପ୍‌ରେ ଥିବା ୨୨ କେଜି ଗଞ୍ଜେଇ, ଡାଲାଅଟୋ ଓ ୫୦୦ ଟଙ୍କା ଜବତ ହୋଇଛି। ଏନେଇ ନୟାପଲ୍ଲୀ ଥାନା ପକ୍ଷରୁ ଏକ ମାମଲା(ନଂ.୨୪୯/୨୦୨୫) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗରୁ ରେଣ୍ଟାଲ କଲୋନୀ ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ସିଆର୍‌ପି ରେଣ୍ଟାଲ କଲୋନୀସ୍ଥିତ ବରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ପୋଲିସ ଟିମ୍ ଚଢ଼ାଉକରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଏହି ମାମଲାରେ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

## ଆମବସ୍ ଭଡ଼ା ହ୍ରାସ ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ




**ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)**

ଆମବସ୍ ଭଡ଼ା ହ୍ରାସ ଏବଂ ସହରରେ ଅଧିକ ସଂଖ୍ୟକ ବସ୍ ଚଳାଚଳ ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମଙ୍ଗଳବାର ମାଷ୍ଟର କ୍ୟାଣ୍ଟିନ ବସଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏକ ପ୍ରତିନିଧିଦଳ ପଟିଆସ୍ଥିତ ଆମ ବସ୍‌ସେବା ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ଆମ ବସ୍ ସେବାର ଜେନେରାଲ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସହରରେ ଆମବସ୍ ସେବା ଉପରେ ଦୈନିକ ଲକ୍ଷାଧିକ ଯାତ୍ରୀ ନିର୍ଭର କରୁଛନ୍ତି। ଏହାର ସୁଯୋଗରେ କର୍ତ୍ତୃପକ୍ଷ ବିଭିନ୍ନ ବାଟରେ ଭଡ଼ା ବଢାଇ ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ପୂର୍ବରୁ ଜଣେ ଯାତ୍ରୀ ମାସିକ ୭୫୦ ଟଙ୍କା ଦେଇ ମାସିକିଆ ପାସ କରି ଏସି ଏବଂ ନନ୍ ଏସି ବସରେ ଯାତ୍ରା କରିପାରୁଥିଲେ। କିନ୍ତୁ ଏବେ ମାସିକିଆ ପାସ୍ ଏସି ବସ ପାଇଁ ଲାଗୁ ହେଉନାହିଁ। ନନ୍ ଏସି ବସ୍‌ରେ ଜଣେ ଦିନକୁ ୪ଥର ଯାତ୍ରା କରିପାରିବେ। ଦିନକୁ ୪ଥରରୁ ଅଧିକ ହେଲେ ପାସ୍ ଥାଇ ମଧ ଭଡ଼ା ଦେବାକୁ ପଡୁଛି। ବିଭିନ୍ନ ପନ୍ଥାରେ ସରକାର ବସ୍ ଭଡା ବୃଦ୍ଧି କରୁଛନ୍ତି। ସେହିପରି ଆମ ବସ୍‌ରେ ଅଧିକ ଭିଡ଼ ହେଉଥିବାରୁ ରାଜଧାନୀରେ ଆହୁରି ଅଧିକ ସଂଖ୍ୟକ ବସ୍ ଚଳାଇବା ସହ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ବସ୍‌ଗୁଡ଼ିକରେ କନ୍‌ସେସନ ଦିଆଯିବାକୁ ପାଇଁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦାବି କରିଛି। ବିକ୍ଷୋଭରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭୁବନେଶ୍ୱର ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ସଙ୍ଗଠକ ରାଜେନ୍ଦ୍ର ବର୍ମା, ସନ୍ତୋଷ ରଥ, ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର ଏବଂ ସପ୍ତର୍ଷିନୀ ରାଉଳ ପ୍ରମୁଖ ସାମିଲ ଥିଲେ।

## ତ୍ରିରଙ୍ଗା ଶୋଭାଯାତ୍ରା


କୁହୁଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରା।

**ଟାଙ୍ଗୀ,୨୭।୫(ରଘୁନାଥ ସାହୁ)** ଅପରେଶନ 'ସିନ୍ଦୂର'ର ସଫଳତା ନେଇ ଭାରତୀୟ ସୈନ୍ୟବାହିନୀ ସମ୍ମାନାର୍ଥେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଅଭିଭାବକ, ଅବସରପ୍ରାପ୍ତ ସେନା କର୍ମଚାରୀ ଏବଂ ଜନସାଧାରଣ ଯୋଗଦେଇଥିଲେ। ଚିଲିକା ପୂର୍ବ ସେନାନୀ ସଂଘ ଚିଲିକା ଶାଖାର ସଦସ୍ୟଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ବେବର୍ତ୍ତା, ପ୍ରଧାନ ଆଚାର୍ଯ୍ୟ ପବିତ୍ର କୁମାର ପ୍ରଧାନ, ଚିଲିକା ପୂର୍ବ ସେନାନୀ ସଂଘର ସଭାପତି ଶ୍ରୀବତ୍ସ ବୈରିଗଞ୍ଜନ, ଉପସଭାପତି ଜି.ରାଜୁ, ବାୟୁସେନାର ବିଜୟ କୁମାର ସାମନ୍ତରାୟ, ଭୁବନେଶ୍ୱର ପାଇକରାୟ, ଜଳଧର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ଦାସ, ଯୋଗୀ ବିଶ୍ୱାଳ, ଜି.କାଳିଆ ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୫-୨୬-୦୮ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଝାରସୁଗୁଡ଼ାର ଷ୍ଟେଶନ ୟାର୍ଡଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ଯୋଗାଇବା । **ଟେଣ୍ଡର ମୂଲ୍ୟ:** ₹୪,୯୧,୧୮,୮୯୦.୧୪ । **ବିଡ୍ ଅମାନତ:** ₹୩,୯୫,୬୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-207)

**OFFICE OF THE PRINCIPAL I/C**
**RUSHIMAL DEGREE MAHAVIDYALAYA,BAMUNIGAM**
**(KANDHAMAL), ODISHA**

Tender Notice No: 16039301 / RM / 2025 / 001 Dated 27.05.2025

**TENDER CALL NOTICE**

Sealed quotations are invited from eligible firms/ suppliers for procurement of i3 and above Desktop, Multi-Functional Printers, UPS, LED TV and Wireless Mic & Camera for Virtual meeting along with the requisite documents. The quotation should reach the undersigned on or before 13.06.2025 by 05.00 P.M. through Registered post or Speed post. The interested firms may download the tender documents from the college website: **http://www.rmdmahavidyalaya.in**.

Sd./- Principal I/C-cum-Secretary

**कार्यालय, कार्यपालन अभियंता**
**जल संसाधन संभाग, कवर्धा, जिला: कबीरधाम (छ.ग.)**
**निविदा निरस्तीकरण सूचना**

आदेश क्रमांक 2329/वलेस/2024 कवर्धा, दिनांक 23.05.2024

इस कार्यालय द्वारा आमंत्रित निविदा सिस्टम क्रमांक - 165295 प्रथम निविदा सूचना क्रमांक 26/वलेस/2024-25/कवर्धा, दिनांक 05.03.2025 कबीरधाम जिले के विकासखंण्ड पंडरिया की ग्राम-मथानीखुर्द में हाफ नदी पर रिटर्निंगवाल का निर्माण कार्य हेतु प्रथम आमंत्रित निविदा में प्रतिभागी निविदाकार की संख्या एकल एवं प्रतिस्पर्धा का अभाव परिलक्षित होने के कारण निविदा निरस्त किया जाता है।

स्वा:/- कार्यपालन अभियंता
जल संसाधन संभाग, कवर्धा,
जिला - कबीरधाम (छ.ग.)

जी.नं.-242505794/3
G-252601135/3

**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**E-Auction Notice**

E-Auction No.-01 MSTC/RNC/Jharkhand Bijli Vitran Nigam Limited/1/HEC Dhurwa/25-26/9666 [506793]

Jharkhand Bijli Vitran Nigam Ltd. Invites all the interested bidder to participate in online e-auction being conducted for sale of scrap material (Scrap DPC Al winding wire & strips) which lying at different Central Stores & TRW, JBVNL.

**IMPORTANT SCHEDULE OF DATES**

| | | |
|---|---|---|
| 1. | Bid opening date and time | 11.06.2025 12:00 PM |
| 2. | Bid closing date and time | 11.06.2025 04:00 PM |
| 3. | Inspection date and time | From 22.05.2025 to 10.06.2025 |

Interested bidder may register their firm/ company online and refer the e-auction catalogue concealing terms & conditions, materials list, inspection date etc. available on website: www.mstcecommerce.com/ www.mstcindia.co.in

Note :- For any queries, please contact at MSTC Ltd. (A Govt. of India Enterprises) 4th Floor, Exploration Building, C.M.P.D.I Campus, Gondwana Place, Kanke Road, Ranchi-834008 Ph. 0651-2231333/ 9903248755 email:- rncopn1@mstcindia.in, mstcrnc@gmail.com & interested parties should also regularly visit above website to keep updated for corrigendum/ time extension/ amendments, if any.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353618 Jharkhand Bijlee Vitran Nigam Ltd(25-26).D

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜୁନ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୦.୦୬.୨୦୨୫ରିଖ (ମଙ୍ଗଳବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୬.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0081/25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025021, ତା.21.05.2025ରିଖ

**କାର୍ଯ୍ୟର ନାମ :** ନୟାଗଡ଼ ଓ ଦୁବୁନା ମଧ୍ୟରେ ନୂଆ ଲାଇନ୍ : ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ବେସରକାରୀ / ସରକାରୀ / ଜଙ୍ଗଲ ଜମିର ଅଧିଗ୍ରହଣ / ହସ୍ତାନ୍ତରଣ / ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଅବ୍ୟବହାର୍ଯ୍ୟ PSC ସ୍ଲିପର ଦ୍ୱାରା ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 36.82 ଲକ୍ଷ, EMD : ₹ 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025.ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR- 35/CI/25-26

**TPCODL** TP CENTRAL ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No:** TPCODL/2025-26/NIT/02

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003054 | Rate Contract for Supply of 33 & 11 kV RMUs for TP Odisha DISCOMs for One Year. |
| 2 | TPCODL/P&S/2025-26/1000002910 | Rate contract for supply of IPC, Multiport connector for One Year |
| 3 | TPCODL/P&S/2025-26/1000002960 | Hiring of agency for providing Disconnection services for TPCODL. |
| 4 | TPCODL/P&S/2025-26/1000002871 | Supply of Testing Instruments for TPCODL. |
| 5 | TPCODL/CCG/2025-26/1000003088 | WIFI access points under TPCODL |
| 6 | TPCODL/CCG/2025-26/1000003089 | Rate Contract for Supply of KIT KAT Fuses of various ratings for TP Odisha DISCOMs. |
| 7 | TPCODL/CCG/2025-26/1000003090 | Rate Contract for Supply of MCCB of various ratings for TP Odisha DISCOMs. |
| 8 | TPCODL/P&S/2025-26/1000003056 | Rate Contract for Video Conferencing System with 5 Years Warranty at TPCODL |
| 9 | TPCODL/CCG/2025-26/1000003100 | Rate Contract for 11 kV & LT Network Maintenance & Allied Work, 33 KV Network Maintenance and Operational Assistance of 33/11 kV Sub-Stations for TP Odisha DISCOMs for 3 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 30.05.2025**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** No. A-214
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**SUBARNAREKHA IRRIGATION CIRCLE, LAXMIPOSI**
At/P.O.: Laxmiposi, Dist.: Mayurbhanj, PIN - 757107
Mail id: acesic24@gmail.com

**Government of Odisha "e" PROCUREMENT NOTICE**
Bid Identification No. 02/2025-26 of Additional Chief Engineer, SIC, Laxmiposi

| | | |
|---|---|---|
| 1 | Name of Work | Construction of Retaining Wall at RD 360 M to RD 1020 M (LHS) of Palasbadha Minor Off-taking at RD 59894 M of Jambhira Left Main Canal |
| 2 | Estimated Cost | Rs.161.09 Lakh |
| 3 | Bid Security/E.M.D. | Rs.1,61,100/- |
| 4 | Period of Completion | 09 (Nine) Calendar Months |
| 5 | Class of Contractor | 'A' & 'B' Class |
| 6 | Date & Time of availability of bid document in the portal | 30.05.2025 at 10.00 A.M. |
| 7 | Last date/time for receipt of bid in the portal | 16.06.2025 upto 5.00 P.M. |
| 8 | Date of opening of bid | 17.06.2025 at 11.00 A.M. |
| 9 | Name & address of the O.I.T. | Additional Chief Engineer, Subarnarekha Irrigation Circle, Laxmiposi |

Further details can be seen from the e-Procurement Portal "**https://tendersodisha.gov.in**".

Sd./- Additional Chief Engineer
S.I.C., Laxmiposi

OIPR-32120/11/0006/2526

## ସଂକ୍ଷେପରେ

### ୫୭ ଲିଟର ଚୋରା ବିଦେଶୀ ମଦ ଜବତ ବ୍ୟବସାୟୀ ଗିରଫ

ସାଲେପୁର,୨୭।୫(ଅରବିନ୍ଦ ଭୂୟାଁ)– ସାଲେପୁର ପୋଲିସ ପକ୍ଷରୁ ସୋମବାର ରାତିରେ ପାଟ୍ରୋଲିଂ ବେଳେ ବହୁ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଏହି ବ୍ୟବସାୟରେ ସମ୍ପୃକ୍ତି ଅଭିଯୋଗରେ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ କଟରପା ଗ୍ରାମର କୈଳାସ ବେହେରା। ତାଙ୍କ ନିକଟରୁ ୫୭ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଘର ନିକଟରେ ଏହି କାରବାର କରୁଥିବାବେଳେ ସେ ଧରାପଡ଼ିଥିଲେ। ଏନେଇ ସାଲେପୁର ଥାନାରେ ମାମଲା(ନଂ.୨୩୩/୨୫)ରୁଜୁ କରାଯାଇଛି।

### ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ



ସାଲେପୁର,୨୭।୫(ଅରବିନ୍ଦ ଭୂୟାଁ)– ସାଲେପୁର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସେକ୍ ଅବଦୁଲ ୱାବ୍ ଓରଫ୍ କାଲାବାବୁ(୭୪)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ପୂର୍ବାହ୍ନ ପ୍ରାୟ ୧୦ଟାରେ ଗାଧୁଆ ଘରକୁ ଯାଇଥିବାବେଳେ ତଳେ ପଡ଼ିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଧୁଆଘର କବାଟ ନ ଖୋଲିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ଏନେଇ ପରିବାର ଲୋକେ ଗାଧୁଆଘର କବାଟ ଭାଙ୍ଗିବା ପରେ କାଲାବାବୁ ତଳେ ପଡ଼ିଥିବା ଜଣାପଡ଼ିଥିଲା। ତୁରନ୍ତ ଚିକିତ୍ସା ନିମନ୍ତେ ତାଙ୍କୁ ଜଗତପୁରସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ନିଆଯାଇଥିଲା। ସେଠାରେ କାଲାବାବୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ସାଲେପୁର କୁଆଁପାଳରୋଡ୍‌ର ଲକ୍ଷ୍ମୀ ମାର୍କେଟ୍‌ରେ ହମିଦ୍ ଗାର୍ମେଣ୍ଟ ନାମକ ଏକ ବ୍ୟବସାୟ ପ୍ରତିଷ୍ଠାନ କରି ସୁନାମ ଅର୍ଜନ କରିଥିଲେ। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସଂଖ୍ୟାଲଘୁ ନିୟମ ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବିଡିଏ ନିଷ୍ପତ୍ତିକୁ ମାନିବାକୁ ଚାଷୀ ଅମଙ୍ଗ

ବାରଙ୍ଗ,୨୭।୫(ଲିଙ୍ଗରାଜ ରାଉତ):

ଆସନ୍ତା ୨୯ ତାରିଖରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିପାଇଁ ବିଡିଏ ପକ୍ଷରୁ ଟାଉନ ପ୍ଲାନିଂ ନାମରେ ଶହ ଶହ ଏକର ଚାଷଜମିକୁ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ ଆରମ୍ଭ ହୋଇଛି, ଯାହାକୁ ନେଇ ଅନ୍ଧାରୁଆ ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଅନ୍ଧାରୁଆ ବାଲୁଙ୍କେଶ୍ୱର ମନ୍ଦିରରେ କୃଷକ ଓ ଶ୍ରମିକ ସଂଘ ପକ୍ଷରୁ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଓଡ଼ିଶା କୃଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଓ ଜଟଣୀ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ମୁରଲୀଧର ଜେନା ଅତିଥି ଭାବେ ଯୋଗଦେଇ ବିଡିଏର ଟାଉନ ପ୍ଲାନିଂ ଯୋଜନାକୁ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଚାଷୀଙ୍କ ଚାଷଜମିରୁ ବିଡିଏ ୪୦%



ସଭାରେ ଯୋଗଦେଇଥିବା କୃଷକ ଓ ଶ୍ରମିକ ସଂଘର ସଦସ୍ୟମାନେ।

ନେଇଯିବ। ବାକି ଜମି ମାଲିକଙ୍କୁ ୬୦% ଛାଡ଼ିଦେବ। ବିଡିଏ ପକ୍ଷରୁ ନେବାକୁ ଥିବା ୪୦% ଜମିର କ୍ଷତିପୂରଣ ମଧ୍ୟ ଦିଆଯିବ ନାହିଁ। ଫଳରେ ଚାଷୀ ନିଜ ବେଉସା ହରାଇବା ସହ କ୍ଷତିର ସମ୍ମୁଖୀନ ହେବେ। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ପଞ୍ଚାୟତବାସୀ ମାନିବାକୁ ପ୍ରସ୍ତୁତ ନାହାନ୍ତି ବୋଲି ରୋକ୍‌ଠୋକ ଜଣାଇଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କବିରାଜ ସାହୁ, ପ୍ରସନ୍ନ ପଟ୍ଟନାୟକ, ଭଗବାନ ବେହେରା, ଭାବଗ୍ରାହୀ ସର୍ଜନ ସିଂ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ଏଥିସହ ଚାଷୀଙ୍କୁ ଚାଷ କରିବାକୁ ପ୍ରୋତ୍ସାହନ ମିଳୁନି, କିନ୍ତୁ ସରକାର ବିଡିଏକୁ ଲଗାଇ ଟାଉନ ପ୍ଲାନିଂ ନାଁରେ ଚାଷୀଙ୍କ ୪୦% ଜମି ହଡ଼ପ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ।

# ସ୍ୱତନ୍ତ୍ର ଟିମ୍ କରିବ ତଦନ୍ତ

## ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ତାଲା ପଡ଼ିବା ଘଟଣା

ବାଙ୍କୀ, ୨୭।୫(ଶୁଭେନ୍ଦୁ ମହାପାତ୍ର):

କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସୋମବାର ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଓ ସଭ୍ୟମାନେ ତାଲା ପକାଇ ଦେଇଥିଲେ। ଫଳରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ସାହୁ ଅଫିସ ସମ୍ମୁଖରେ ଏକ ଚେୟାର ପକାଇ ନିଜର କାର୍ଯ୍ୟ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ୩ ଘଣ୍ଟା ପରେ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ପରେ ପ୍ରକୋଷ୍ଠର ତାଲା ଫିଟିଥିଲା। ଏଥିସହ କାର୍ଯ୍ୟ ସୂଚାରୁ ରୂପେ ଆରମ୍ଭ ହୋଇଥିଲା। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଉପରିସ୍ଥ ଅଧିକାରୀ ସୂଚନା ଦେଇଥିବା ନେଇ କରୁଣାକର ପ୍ରକାଶ କରିଛନ୍ତି।

କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଏ ସମ୍ପର୍କରେ କହିଛନ୍ତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ ଅନେକ ସମୟରେ ମନମୁଖିଭାବେ କାର୍ଯ୍ୟ କରୁଥିଲେ। ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲେ ବୋଲି ସଭ୍ୟ ତାଙ୍କ ପାଖରେ ଅଭିଯୋଗ କରିଥିଲେ। ଏନେଇ ସାହୁଙ୍କ ସହ ସେ ଆଲୋଚନା କରିଥିଲେ। ମାତ୍ର କୌଣସି ସୁଫଳତା ମିଳି ନ ଥିଲା । ଫଳରେ ବାଧ୍ୟ ହୋଇ ସଭ୍ୟମାନେ ତାଲା ପକାଇଥିଲେ ବୋଲି ପାଢ଼ୀ କହିଛନ୍ତି।

ଅପରପକ୍ଷେ ସାହୁ ସଭାପତିଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ବ୍ୟାଙ୍କ ସଭାପତି ପାଢ଼ି ସମସ୍ତ ଆର୍ଥିକ କାରବାରରେ ହସ୍ତକ୍ଷେପ କରୁଥିଲେ। ବେନିୟମ କାର୍ଯ୍ୟ କରିବାକୁ ଚାପ ପକାଉଥିଲେ। ବ୍ୟାଙ୍କ କାର୍ଯ୍ୟରେ ବ୍ୟବହୃତ ସରକାରୀ ଗାଡ଼ିକୁ ନିଜର ବ୍ୟକ୍ତିଗତ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଏହାକୁ ସାହୁ ବିରୋଧ କରିବାରୁ ସଭ୍ୟମାନଙ୍କ ଜରିଆରେ ସଭାପତି ତାଙ୍କ ପ୍ରକୋଷ୍ଠରେ ତାଲା ପକାଇଥିଲେ ବୋଲି ସାହୁ କହିଛନ୍ତି। ଏନେଇ ସେ କେନ୍ଦ୍ର ସମବାୟ ବ୍ୟାଙ୍କ ଏମ୍‌ଡି, ଆର୍‌ସିଏସ୍, ବିଆର୍‌ସିଏସ୍ ଏବଂ କଟକ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

# ଔଷଧ ଗବେଷଣା କ୍ଷେତ୍ରରେ ଅଧିକ ମନୋନିବେଶ କର

## ଅନ୍ତର୍ଜାତୀୟସ୍ତରୀୟ ଇ-କନ୍‌ଫରେନ୍ସ ଉଦ୍‌ଘାଟିତ

ସାଲେପୁର,୨୭।୫(ଅରବିନ୍ଦ ଭୂୟାଁ):

ସାଲେପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଟେକ୍ନୋଲୋଜି ପକ୍ଷରୁ ଦୁଇଦିନିଆ ଅନ୍ତର୍ଜାତୀୟସ୍ତରୀୟ ଇ-କନ୍‌ଫରେନ୍ସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। 'ଇମ୍ପାକ୍ଟ ଅଫ୍ ଫାର୍ମାସ୍ୟୁଟିକାଲ ରିସର୍ଚ୍ଚ ଅନ୍ ହେଲ୍‌ଥ କେୟାର ସିଷ୍ଟମ୍' ସମ୍ପର୍କରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ କଲେଜ ଅଧ୍ୟକ୍ଷ ତଥା କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ପ୍ରବୀର କୁମାର ସିହ୍ନା ମହାପାତ୍ର, ସହ ସଂଯୋଜକ ପ୍ରଫେସର ମୃତ୍ୟୁଞ୍ଜୟ ବାନାର୍ଜୀ, କନ୍‌ଫରେନ୍ସ ପରିଚାଳନା କମିଟି ସମ୍ପାଦକ ଆସୋସିଏଟ୍ ପ୍ରଫେସର ଡ. ଅମରେଶ ଚନ୍ଦ୍ର ସାହୁ, ସହ ସମ୍ପାଦକ ଡ. ମୀନକେତନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ୨ ଦିନିଆ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ପଶ୍ଚିମବଙ୍ଗସ୍ଥିତ ଏନ୍‌ଏସ୍‌ସିବିଆଇପି କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଅର୍ଣ୍ଣବ ସାମନ୍ତ ଯୋଗଦେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜ୍ୟ ତଥା ରାଜ୍ୟ ବାହାର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଔଷଧ ଗବେଷଣା କ୍ଷେତ୍ରରେ ଅଧିକ ମନୋନିବେଶ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ବିଷୟବସ୍ତୁ ବ୍ୟାନରକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ବକ୍ତା ସିଏସ୍‌ଆଇଆର ଆଇଏମ୍‌ଟି ଭୁବନେଶ୍ୱରର ପ୍ରମୁଖ ବୈଜ୍ଞାନିକ ଡ. ଟି. ପଓ୍ୱନ୍ କୁମାର, ଜେଓ୍ୟୁଏଫ୍ ୟୁନିଭରସିଟି ସାଉଦିଆରବର ଡ. ଦିବ୍ୟସୁନ୍ଦର ପଣ୍ଡା, ଡ. ରବିଶଙ୍କର, ସନ୍ ଫାର୍ମାର ସିନିୟର ଜେନେରାଲ ମ୍ୟାନେଜର ଡ. ରବିଶଙ୍କର, ଆଇଏଲ୍‌ଏସ୍ ଭୁବନେଶ୍ୱରର ପ୍ରମୁଖ ବୈଜ୍ଞାନିକ ଡ. ଅଂଶୁମାନ୍ କୁମାର ଦୀକ୍ଷିତ ପ୍ରମୁଖ ଯୋଗଦେଇ ଔଷଧ ଉତ୍ପାଦନ ଓ ଗବେଷଣା କ୍ଷେତ୍ରରେ ନିଜ ନିଜର ନିପୁଣତା ସମ୍ପର୍କରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସଦସ୍ୟମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଅଡିଓ ଭିଜୁଆଲ୍ ଜରିଆରେ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ବିପାଶା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମର ସମ୍ପାଦକ ଡ. ଅମରେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ପରିଚାଳନା କମିଟି ସଭାପତି ଦେବୀପ୍ରସାଦ ଦାଶ, ସଭ୍ୟ ଭାରତ ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ ପରିଡ଼ା, ମୌନିକ ରାଉତ, ଶ୍ୟାମଳୀ ଶତପଥୀ, ଐଶାନୀ ଚାଟାର୍ଜୀ, ରାଜ୍ୟ ତଥା ରାଜ୍ୟ ବାହାର ଫାର୍ମାସୀ କଲେଜର ୨୫୦ ଛାତ୍ରୀଛାତ୍ର ଅନ୍‌ଲାଇନ୍ ଯୋଗେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# କୂଅରୁ ବାର୍‌ହା ଛୁଆ ଉଦ୍ଧାର

ତିଗିରିଆ,୨୭।୫(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ପ୍ରସନ୍ନମଣି ଶାରୀରିକ, ଯୋଗ ଓ ପ୍ରଶିକ୍ଷଣ ମହାବିଦ୍ୟାଳୟର ମୁନଲାଇଟ ପଡ଼ିଆ ନିକଟରେ ଥିବା କୂଅରୁ ମଙ୍ଗଳବାର ଏକ ବାର୍‌ହା ଛୁଆ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଗ୍ନିଶମ ବିଭାଗ ତାକୁ ଉଦ୍ଧାର କରିଛି। ଏହାପରେ ବନବିଭାଗ ପକ୍ଷର ତାକୁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ଛାଡ଼ିଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ଏହି କୂଅରେ ବାର୍‌ହା ଛୁଆ ଖସିପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ବନପାଳ ପ୍ରଶାନ୍ତ କୁମାର ପରିଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଏହାପରେ ଅଗ୍ନିଶମ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା ଟିମ୍ ସହ ସେଠାରେ ପହଞ୍ଚି ବାର୍‌ହା ଛୁଆକୁ ଉଦ୍ଧାର କରିଥିଲେ। ଉକ୍ତ କୂଅରେ ପାଣି ନଥିବାରୁ ବାର୍‌ହା ଛୁଆର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

# ୧୫ ଫୁଟ ଲମ୍ବର ଅହିରାଜ ଉଦ୍ଧାର

ତିଗିରିଆ,୨୭।୫(ଜାଫର ଖାଁ) :

ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତସ୍ଥିତ ଭିରୁଡ଼ା ଗ୍ରାମର ଆରାଧ୍ୟଦେବତା ପ୍ରଭୁ ଶ୍ରୀ ଲଟା ମହାଦେବ ମନ୍ଦିର ନିକଟରୁ ମଙ୍ଗଳବାର ୧୫ ଫୁଟ ଲମ୍ବର ଏକ ଅହିରାଜ ସାପ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ମନ୍ଦିର ନିକଟରେ ଉକ୍ତ ସାପକୁ ଦେଖି ସ୍ନେକ୍ ହେଲ୍ପଲାଇନ ସଦସ୍ୟଙ୍କୁ ସୂଚନା ଦେଇଥିଲେ। କଟକ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ତାକୁ ଉଦ୍ଧାର କରିବା ପରେ ସାମାନ୍ୟ କ୍ଷତାକ୍ତ ହୋଇଥିବାରୁ ଚିକିତ୍ସା କରି ଜଙ୍ଗଲରେ ଛାଡ଼ିଦେଇଛନ୍ତି।

# ୩ ରଥର ଚକ ନିର୍ମାଣ ଶେଷ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୨୭ତମ ଦିବସ ମଙ୍ଗଳବାର ତିନିରଥର ମୋଟ ୪୨ଟି ଚକ ନିର୍ମାଣ ଶେଷ ହୋଇଛି। ଏଥିସହ ତିନିରଥ ଚାଳିରେ ଚାରି ନାହାକା ଏବଂ ଗରଗରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ପୋଲଗୟଲ ଚିରଟ ପାଇଁ ପ୍ରସ୍ତୁତି ଜାରି ରହିଥିବା ବେଳେ ତିନି ରଥର ଅଖ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ମହାରଣା ସେବକମାନେ ତିନିରଥର ଦୁଇଟି ଲେଖାଏଁ ପଡ଼ି ନାହାକା ଅଖର ଉଭୟ ପାର୍ଶ୍ୱ ଚଉପଟ ପରେ ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। କରତି ସେବକମାନେ ବାହାର ରଥଖଳାଠାରେ ତାଳଧ୍ୱଜ ରଥର ପୋଲଗୟଲ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରାକାଠର ଚିରାକାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏ ଶାଳଗୁଜ ମଧ୍ୟରୁ ୧୦ଟି ଲେଖାଏ ଗୁଜରେ ରୂପ ଅଙ୍କନ ସହ ପଲିଶ୍ କାର୍ଯ୍ୟ ଶେଷକରି ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଗୋଟିଏ ଗୋଟିଏ ଗୁଜର ରୂପ ଖୋଦେଇ ଜାରି ରହିଛି। ଦୋଳବେଦି କୋଣସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ୧୦ ମାସ ପରେ ଫେରାର ଅଭିଯୁକ୍ତ ଗିରଫ

## କ୍ୟାଟରିଂ ଟଙ୍କା ଭାଗବଣ୍ଟାକୁ ନେଇ ଛୁରାମାଡ଼ ଘଟଣା

ଭୁବନେଶ୍ୱର,୨୭।୫ (ସତ୍ୟଜିତ୍ ରାଉତ)



କ୍ୟାଟରିଂ ଟଙ୍କା ପାଇଁ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଛୁରାମାଡ଼ ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ପୋଲିସ ୧୦ ମାସ ପରେ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତିର ସାଗର ନାୟକ ଓରଫ ରାଜେଶ(୨୨)। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ରାଜେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଶାନ୍ତିପଲ୍ଲୀ ବସ୍ତିର ବାପୁନି ଗୁନି ଏବଂ ଅଭିଯୁକ୍ତ ରାଜେଶ କ୍ୟାଟରିଂ କାମରେ ଯାଉଥିଲେ। ୨୦୨୪ ଜୁଲାଇ ୨୪ରେ ବାପୁନି ନିଜ ଭାଗ ଟଙ୍କା ମାଗିଥିଲେ। ସାଗର ଟଙ୍କା ଦେବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶାନ୍ତିପଲ୍ଲୀ ବସ୍ତି ପାଖ ରେଳଧାରଣା କଡ଼ରେ ସାଗର ଏକ ଛୁରିରେ ବାପୁନିଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଛୁରାମାଡ଼ରେ ଆହତ ବାପୁନି ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଖବର ପାଇ ବଡ଼ଭାଇ ପିଣ୍ଟୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାପୁନିଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଏ ନେଇ ଏକ ଏତଲାକ୍ରମେ ପୋଲିସ ମାମଲା (ନଂ.୩୫୧/୨୦୨୫) ରୁଜୁ କରିଥିଲା।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୫-୨୬-୦୮ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଝାରସୁଗୁଡ଼ାର ଷ୍ଟେଶନ ୟାର୍ଡଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ଯୋଗାଇବା । **ଟେଣ୍ଡର ମୂଲ୍ୟ:** ₹୪,୯୧,୧୮,୮୯୦.୧୪ । **ବିଡ୍ ଅମାନତ:** ₹୩,୯୫,୬୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-207)



**OFFICE OF THE PRINCIPAL I/C**
**RUSHIMAL DEGREE MAHAVIDYALAYA,BAMUNIGAM (KANDHAMAL), ODISHA**

Tender Notice No: 16039301 / RM / 2025 / 001 Dated 27.05.2025

**TENDER CALL NOTICE**

Sealed quotations are invited from eligible firms/ suppliers for procurement of i3 and above Desktop, Multi-Functional Printers, UPS, LED TV and Wireless Mic & Camera for Virtual meeting along with the requisite documents. The quotation should reach the undersigned on or before 13.06.2025 by 05.00 P.M. through Registered post or Speed post. The interested firms may download the tender documents from the college website: **http://www.rmdmahavidyalaya.in.**

Sd./- Principal I/C-cum-Secretary



**कार्यालय, कार्यपालन अभियंता**
**जल संसाधन संभाग, कवर्धा, जिलाः कबीरधाम (छ.ग.)**
**निविदा निरस्तीकरण सूचना**

आदेश क्रमांक 2329/वलेस/2024 कवर्धा, दिनांक 23.05.2024

इस कार्यालय द्वारा आमंत्रित निविदा सिस्टम क्रमांक - 165295 प्रथम निविदा सूचना क्रमांक 26/वलेस/2024-25/कवर्धा, दिनांक 05.03.2025 कबीरधाम जिले के विकासखंण्ड पंडरिया की ग्राम-मथानीखुर्द में हाफ नदी पर रिटर्निंगवाल का निर्माण कार्य हेतु प्रथम आमंत्रित निविदा में प्रतिभागी निविदाकार की संख्या एकल एवं प्रतिस्पर्धा का अभाव परिलक्षित होने के कारण निविदा निरस्त किया जाता है।

स्वाः/- कार्यपालन अभियंता
जी.नं.-242505794/3 जल संसाधन संभाग, कवर्धा,
G-252601135/3 जिला - कबीरधाम (छ.ग.)



**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**E-Auction Notice**

E-Auction No.-01 MSTC/RNC/Jharkhand Bijli Vitran Nigam Limited/1/HEC Dhurwa/25-26/9666 [506793]

Jharkhand Bijli Vitran Nigam Ltd. Invites all the interested bidder to participate in online e-auction being conducted for sale of scrap material (Scrap DPC Al winding wire & strips) which lying at different Central Stores & TRW, JBVNL.

**IMPORTANT SCHEDULE OF DATES**

| | | |
|---|---|---|
| 1. | Bid opening date and time | 11.06.2025 12:00 PM |
| 2. | Bid closing date and time | 11.06.2025 04:00 PM |
| 3. | Inspection date and time | From 22.05.2025 to 10.06.2025 |

Interested bidder may register their firm/ company online and refer the e-auction catalogue concealing terms & conditions, materials list, inspection date etc. available on website: www.mstcecommerce.com/ www.mstcindia.co.in

**Note :-** For any queries, please contact at MSTC Ltd. (A Govt. of India Enterprises) 4th Floor, Exploration Building, C.M.P.D.I Campus, Gondwana Place, Kanke Road, Ranchi-834008 Ph. 0651-2231333/ 9903248755 email:- rncopn1@mstcindia.co.in, mstcrnc@gmail.com & interested parties should also regularly visit above website to keep updated for corrigendum/ time extension/ amendments, if any.

स्वहित एवं राष्ट्रहित में ऊर्जा बचायें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353618 Jharkhand Bijlee Vitran Nigam Ltd(25-26).D



**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜୁନ ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୦.୦୬.୨୦୨୫ରିଖ (ମଙ୍ଗଳବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୬.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0081/25



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025021, ତା.21.05.2025ରିଖ

**କାର୍ଯ୍ୟର ନାମ :** ନୟାଗଡ଼ ଓ ଦୁବୁନା ମଧ୍ୟରେ ନୂଆ ଲାଇନ୍ : ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ବେସରକାରୀ / ସରକାରୀ / ଜଙ୍ଗଲ ଜମିର ଅଧିଗ୍ରହଣ / ହସ୍ତାନ୍ତରଣ / ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଅବ୍ୟବହାର୍ଯ୍ୟ PSC ସ୍ଲିପର ଦ୍ୱାରା ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 36.82 ଲକ୍ଷ, EMD : ₹ 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025.ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR- 35/CI/25-26



**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/02**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003054 | Rate Contract for Supply of 33 & 11 KV RMUs for TP Odisha DISCOMs for One Year. |
| 2 | TPCODL/P&S/2025-26/1000002910 | Rate contract for supply of IPC, Multiport connector for One Year |
| 3 | TPCODL/P&S/2025-26/1000002960 | Hiring of agency for providing Disconnection services for TPCODL. |
| 4 | TPCODL/P&S/2025-26/1000002871 | Supply of Testing Instruments for TPCODL. |
| 5 | TPCODL/CCG/2025-26/1000003088 | WIFI access points under TPCODL |
| 6 | TPCODL/CCG/2025-26/1000003089 | Rate Contract for Supply of KIT KAT Fuses of various ratings for TP Odisha DISCOMs. |
| 7 | TPCODL/CCG/2025-26/1000003090 | Rate Contract for Supply of MCCB of various ratings for TP Odisha DISCOMs. |
| 8 | TPCODL/P&S/2025-26/1000003056 | Rate Contract for Video Conferencing System with 5 Years Warranty at TPCODL |
| 9 | TPCODL/CCG/2025-26/1000003100 | Rate Contract for 11 kV & LT Network Maintenance & Allied Work, 33 KV Network Maintenance and Operational Assistance of 33/11 kV Sub-Stations for TP Odisha DISCOMs for 3 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 30.05.2025**. Future communication / corrigendum to tender documents, if any, shall be available on TPCODL website.



**GOVERNMENT OF ODISHA** No. A-214
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**SUBARNAREKHA IRRIGATION CIRCLE, LAXMIPOSI**
At/P.O.: Laxmiposi, Dist.: Mayurbhanj, PIN - 757107
Mail id: acesic24@gmail.com

**Government of Odisha "e" PROCUREMENT NOTICE**
Bid Identification No. 02/2025-26 of Additional Chief Engineer, SIC, Laxmiposi

| | | |
|---|---|---|
| 1 | Name of Work | Construction of Retaining Wall at RD 360 M to RD 1020 M (LHS) of Palasbadha Minor Off-taking at RD 59894 M of Jambhira Left Main Canal |
| 2 | Estimated Cost | Rs.161.09 Lakh |
| 3 | Bid Security/E.M.D. | Rs.1,61,100/- |
| 4 | Period of Completion | 09 (Nine) Calendar Months |
| 5 | Class of Contractor | 'A' & 'B' Class |
| 6 | Date & Time of availability of bid document in the portal | 30.05.2025 at 10.00 A.M. |
| 7 | Last date/time for receipt of bid in the portal | 16.06.2025 upto 5.00 P.M. |
| 8 | Date of opening of bid | 17.06.2025 at 11.00 A.M. |
| 9 | Name & address of the O.I.T. | Additional Chief Engineer, Subarnarekha Irrigation Circle, Laxmiposi |

Further details can be seen from the e-Procurement Portal "https://tendersodisha.gov.in".

Sd./- Additional Chief Engineer
S.I.C., Laxmiposi

OIPR-32120/11/0006/2526

# ଜୁନ୍ ୩, ୪ରେ ଉତ୍କର୍ଷ ନିମାପଡ଼ା ସମ୍ମିଳନୀ

## ସମ୍ମିଳନୀକୁ ଉଦ୍‌ଘାଟନ କରିବେ ରାଜ୍ୟପାଳ

ନିମାପଡ଼ା,୨୭।୫ (ବିଶ୍ୱାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଇନ୍‌ଡୋର ଷ୍ଟାଡିୟମସ୍ଥିତ ମୁକ୍ତା ବାରବାଟୀ ପଡ଼ିଆଠାରେ ଆସନ୍ତା ଜୁନ୍ ୩ ଓ ୪ରେ ୨ ଦିନିଆ ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ। ଏହି ସମ୍ମିଳନୀକୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିବେ। ଏନେଇ ମଙ୍ଗଳବାର ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଏଥିସହ ପୁରୀ ଓ ଜଗତସିଂହପୁର ଲୋକ ସଭା ଏମ୍‌ପି, ପୁରୀର ସମସ୍ତ ବିଧାୟକ, ବହୁ ମନ୍ତ୍ରୀ, ରାଜ୍ୟର ବହୁ ପ୍ରତିଷ୍ଠିତ ମାନ୍ୟଗଣ୍ୟ ବ୍ୟକ୍ତି ଓ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ନିମାପଡ଼ା ଓ ଗୋପ ବ୍ଲକର ୪୬ଟି ଗ୍ରାମ ପଞ୍ଚାୟତ ଓ ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡର ନିର୍ବାଚିତ ଜନ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିକଶିତ ଭାରତ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏହି ପରିପ୍ରେକ୍ଷୀରେ ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ଆୟୋଜିତ ହେଉଛି। ନିମାପଡ଼ାର ସାମଗ୍ରିକ ବିକାଶ, ବିକଶିତ ନିମାପଡ଼ା ଗଠନ ଏହି ସମ୍ମିଳନୀର ମୂଳମନ୍ତ୍ର, ଉତ୍କର୍ଷ ଗ୍ରାମ, ସୁସ୍ଥ ନିମାପଡ଼ା, ମହିଳା ସଶକ୍ତିକରଣ, ପର୍ଯ୍ୟଟନ, ଶିକ୍ଷାର ହବ୍, ନିଶାମୁକ୍ତ ନିମାପଡ଼ା, ସ୍ମାର୍ଟନିମାପଡ଼ା ସମେତ ୧୧ଟି ବିଷୟ ଉପରେ ଗୁରୁତ୍ୱାରୋପ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ସମ୍ମିଳନୀ ନିମାପଡ଼ା ପାଇଁ ଗର୍ବ ଓ ଗୌରବର ବିଷୟ। ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ନିମାପଡ଼ା ଉପଜିଲାପାଳ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲଦାର ମନୋଜ ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶଳ ପ୍ରଧାନ, ଗୋପ ବିଡ଼ିଓ ଜଗନ୍ନାଥ ସାହୁ, ତହସିଲଦାର ଅନିଲ ମହାନ୍ତି ଓ ପିଞ୍ଜ ଫୋରମ୍‌ର ପ୍ରୋଗ୍ରାମ ନିର୍ଦ୍ଦେଶକ ଅଶୋକ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ୩୩ ଗୃହ ଆବଣ୍ଟନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୨୭।୫ (ବିଶ୍ୱାନନ୍ଦ ସାହୁ)


ରାଣୀ ଅହଲ୍ୟାବାଇଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଳ ସମ୍ପଦ ଡ୍ରେନେଜ୍ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ନିମାପଡ଼ା ଉଉଗୁରୁ ଆଶ୍ରମ ଛକଠାରୁ ଅମଲାପଡ଼ା ବ୍ରିଜ୍ ପର୍ଯ୍ୟନ୍ତ ନୂତନ କଂକ୍ରିଟ୍ ନାଳ ନିର୍ମାଣ କାର୍ଯ୍ୟର ଉପମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ଡେରୁଣ୍ଡିଆ ପଞ୍ଚାୟତର ଧାରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ଓ ଅଲିଷଣ୍ଡ ପଞ୍ଚାୟତର ଅଲିଷଣ୍ଡ ସିପିଏସ୍ ପ୍ରାଥମିକ ବିଦ୍ୟାଳୟଠାରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ୨ଟି ନୂତନ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ୨୪ ଲକ୍ଷ ଟଙ୍କା ବ୍ୟୟରେ ଏନ୍‌ଏସି ପକ୍ଷରୁ ଗୁରୁ ଛକ, ଗେଲେଟା ଛକଠାରେ ନବନିର୍ମିତ ୨୭ ବଖରା ଭେଣ୍ଡିଂ ଜୋନ୍ ଗୃହ ମଧ୍ୟରୁ ୨୧ ବଖରା ଭେଣ୍ଡିଂ ଜୋନ୍ ଗୃହକୁ ଉପମୁଖ୍ୟମନ୍ତ୍ରୀ ଉଚ୍ଛେଦ ବ୍ୟବସାୟୀଙ୍କୁ ଆବଣ୍ଟନ କରିଛନ୍ତି। ନୂତନ ବସ୍ଷ୍ଟାଣ୍ଡଠାରେ ୧ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ୧୨ ବଖରା ମାର୍କେଟ କମ୍ପ୍ଲେକ୍ସ ଗୃହ ଲଟେରୀ ମାଧ୍ୟମରେ ପାଇଥିବା ବ୍ୟବସାୟୀଙ୍କୁ ଗୃହ ଆବଣ୍ଟନ ପତ୍ର ବାଣ୍ଟିଥିଲେ। ସେହିପରି ନିମାପଡ଼ା ବ୍ଲକ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ରାଣୀ ଅହଲ୍ୟାବାଇ ହୋଲ୍‌କରଙ୍କ ୩୦୦ତମ ଜୟନ୍ତୀ ପାଳନ ଉପଲକ୍ଷେ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ରାଣୀ ଅହଲ୍ୟାବାଇ ଆମ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ବୋଲି କହିବା ସହ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ବ୍ଲକର ୧୭ଟି ସେକ୍ଟରର ୧୭ ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀଙ୍କୁ ଉପମୁଖ୍ୟମନ୍ତ୍ରୀ ପଡ଼ିଆ ପୁରସ୍କାର, ମାନପତ୍ର, ଟ୍ରଫିପ୍ରଦାନ କରିଥିଲେ। ସମାରୋହ ସ୍ଥଳରେ ସାପ କାମୁଡ଼ା, ଘଡ଼ଘଡ଼ି, ବିଜୁଳି ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେହେରା, ସିଡିପିଓ ମାଧବୀ ମହାପାତ୍ର, ଏନ୍‌ଏସି ଏଡ୍‌ମିନିଙ୍କ ପ୍ରତିନିଧି ମାନଲତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଡ୍ରେନେଜ୍ ବିଭାଗ ଏସ୍‌ଇ ରମାକାନ୍ତ ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର ମୋହନ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଯୁବକଙ୍କ ପରିବାରର ବାସନ୍ଦ ଅଭିଯୋଗକୁ ଗ୍ରାମବାସୀଙ୍କ ଖଣ୍ଡନ

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ ଘଟଣା

କଣାସ,୨୭।୫ (ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ଓଗାଳପୁର ଗ୍ରାମର ଜଣେ ଯୁବତୀଙ୍କୁ ଭଲପାଇ ପ୍ରତାରଣା କରିବା ଅଭିଯୋଗରେ ୧୧ ମାସ ଧରି ଯୁବକଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରାଯାଇଥିବା ଅଭିଯୋଗ ରହିଛି। ହେଲେ ଗ୍ରାମବାସୀ ଏପରି ବାସନ୍ଦ ଅଭିଯୋଗକୁ ଖଣ୍ଡନ କରିବା ସହ ସେମାନଙ୍କ ପାଇଁ ଗ୍ରାମର ସମ୍ମାନ ହାନି ହେଉଥିବା ନେଇ ମଙ୍ଗଳବାର ଅଭିଯୋଗ ଆଣିଛନ୍ତି।

ସୂଚନାନୁସାରେ, ଓଗାଳପୁର ଗ୍ରାମର ମନୋଜ ପଲାଇ ସେହି ଗ୍ରାମର ଜଣେ ଯୁବତୀଙ୍କୁ ଭଲପାଇ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପରେ ମନା କରିଦେଇଥିଲେ। ଫଳରେ ସମ୍ପୃକ୍ତା ଯୁବତୀ ମନୋଜଙ୍କ ଘର ଆଗରେ ବସିବା ସହ ୨୦୨୪ ଜୁନ୍ ୯ରେ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମନୋଜଙ୍କ ସମେତ ତାଙ୍କ ମା' ଓ ବାପାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ମନୋଜଙ୍କ ବାପା ଲକ୍ଷ୍ମୀଧର ପଲାଇ ଓ ମା' ଖୁଲଣା ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିବାବେଳେ ପୋଲିସ ମନୋଜଙ୍କୁ ଗିରଫ କରି କୋର୍ଟଚାଲାଣ କରିବାର ୨୨ ଦିନ ପରେ ସେ ଜେଲରୁ ଜାମିନରେ ଆସିଥିଲେ। ଗତ ଏପ୍ରିଲ ୨୨ ତାରିଖରେ ଗ୍ରାମସଭା ପରେ ୨୪ ତାରିଖରେ ପୂର୍ବତନ ଗଡ଼ିଶାଗୋଦା ଥାନା ଅଧିକାରୀ ଉକ୍ତ ଘଟଣାର ଆପୋସ ସମାଧାନ ପାଇଁ ଥାନାରେ ଏକ ବୈଠକ ଡାକିଥିଲେ ମଧ୍ୟ ମନୋଜ ବିବାହ ପାଇଁ ରାଜି ହୋଇ ନ ଥିଲେ। ତେବେ ଲକ୍ଷ୍ମୀଧର ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ପାଖରେ ତାଙ୍କୁ ନିଆଁ, ପାଣି ବାସନ୍ଦ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ହେଲେ ସେମାନଙ୍କୁ ନିଆଁ, ପାଣି ବାସନ୍ଦ କରାଯାଇ ନ ଥିବା ଗ୍ରାମର ମୁଖିଆ ରାମଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ସାହୁ, ଅଶ୍ୱିନୀ ସାହୁ, ଗଦାଧର ସାହୁ, ପ୍ରମୋଦ ମାନସିଂ, ନିରଞ୍ଜନ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବାବୁଲି ମହାପାତ୍ର, ବୁଲୁ ସାହୁ, ଜଳନ୍ଧର ସାହୁ, ମାଗୁଣି ସାହୁ, ରମାକାନ୍ତ ମହାପାତ୍ର ପ୍ରମୁଖ କହିଛନ୍ତି।

# ନିରାମୟରେ ମିଳୁନି ରୋଗୀଙ୍କୁ ସୁବିଧା

ପୁରୀ,୨୭।୫ (ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ହେଉଥିବା, ଡାକ୍ତର, କର୍ମଚାରୀ ଠିକ୍ ଭାବେ କାର୍ଯ୍ୟକୁ ଆସୁ ନ ଥିବା ଓ ବିଭିନ୍ନ ସମସ୍ୟା ଥିବା ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ କୌଣସି ସୁଫଳ ଦେଖିବାକୁ ମିଳୁନାହିଁ। ଏହାର ଏକ ଉଦାହରଣ ମଙ୍ଗଳବାର ଦେଖିବାକୁ ମିଳିଛି। ନିରାମୟରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି କି, ଜଣେ ମହିଳା ଔଷଧ ନିମନ୍ତେ ନିରାମୟ କେନ୍ଦ୍ର ଯାଇଥିବାବେଳେ ଔଷଧ କିପରି ଖିଆଯିବ, ତାକୁ ନେଇ ସେଠାରେ ଥିବା କର୍ମଚାରୀ ଓ ମହିଳାଙ୍କ ମଧ୍ୟରେ କଥା କଟାକଟି ହେଉଛି। ମହିଳା ଜଣଙ୍କ ଔଷଧ ପାଇଁ ଯାଇଥିବାବେଳେ ସେଠାରେ କାର୍ଯ୍ୟରତ କର୍ମଚାରୀ ତାଙ୍କୁ କିଛି ଔଷଧ ଦେଇଥିଲେ। ତେବେ ସମସ୍ତ ଔଷଧ ଏକାପରି ହୋଇଥିବାରୁ ସେଥିମଧ୍ୟରୁ କେଉଁ ଔଷଧ କିପରି, କେଉଁ ସମୟରେ ଖିଆଯିବ, ସେନେଇ ଔଷଧ ଉପରେ ଲେଖିଦେବାକୁ ମହିଳା ଜଣଙ୍କ କର୍ମଚାରୀଙ୍କୁ କହିଥିଲେ। କର୍ମଚାରୀଙ୍କ ପାଖରେ ମାର୍କର ନ ଥିବାରୁ ସେ ଲେଖିପାରିବେ ନାହିଁ। ତେଣୁ ଇଚ୍ଛା ହେଲେ ଔଷଧ ନିଅ, ନ ହେଲେ ନିଅନି ବୋଲି ସେ ରୋକଠୋକ୍ କହିଥିଲେ। ତେବେ ଯେଉଁମାନେ ଶିକ୍ଷିତ ନୁହନ୍ତି ତଥା ବୟସ୍କ ଲୋକ ସେମାନଙ୍କ ସୁବିଧା ପାଇଁ ମାର୍କରରେ ଲେଖିବାକୁ କାହିଁକି ବ୍ୟବସ୍ଥା କରାଯାଉନି ? ଯଦି କର୍ତ୍ତୃପକ୍ଷ ମାର୍କର ଦେଉନାହାନ୍ତି ଅଭିଯୋଗ କରୁନ ବୋଲି ମହିଳା ଜଣଙ୍କ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ଏଥିରେ କର୍ମଚାରୀ ମହିଳାଙ୍କୁ କଳି କରନ୍ତୁନି, ଏଠାରୁ ଯାଆନ୍ତୁ ବୋଲି କହୁଥିବା ଦେଖିବାକୁ ମିଳିଛି। ସେହିପରି ନିରାମୟରେ ଅନେକ ଔଷଧ ଷ୍ଟକ୍ ନ ଥିବା ମଧ୍ୟ ଅନ୍ୟ ଜଣେ କର୍ମଚାରୀ କହୁଥିବା ଦେଖିବାକୁ ମିଳୁଛି। ତେବେ ଆଗକୁ ରଥଯାତ୍ରା ଥିବାବେଳେ ନିରାମୟରେ ଅନେକ ଔଷଧ ନ ରହିବା ଓ ରୋଗୀଙ୍କ ସୁବିଧା ପାଇଁ ମାର୍କର ଆଦି ନ ଯୋଗାଇବା ଭଳି ଘଟଣାରୁ ସାଧାରଣରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

# ଆପୋସ ସମାଧାନ ଉଦ୍ୟମ କରିଥିଲେ ତହସିଲଦାର

## ଆର୍‌ଆଇଙ୍କୁ ଅସଦାଚରଣ ଅଭିଯୋଗ ଘଟଣା

ପିପିଲି,୨୭।୫ (ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ପିପିଲି ଥାନା ଅଧୀନ ଡେଇଶିପୁର ରାଜସ୍ୱ ସର୍କଲର ମହିଳା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ଅସଦାଚରଣ ଘଟଣା ବାବଦରେ ପିପିଲି ତହସିଲଦାର ହୃଷୀକେଶ ତ୍ରିପାଠୀ ମଙ୍ଗଳବାର ଗଣମାଧ୍ୟମ ଆଗରେ ମନ୍ତବ୍ୟ ଦେଇଛନ୍ତି। ଏହି ଘଟଣା ପରେ ସେ ଆପୋସ ସମାଧାନ ପାଇଁ ଉଦ୍ୟମ କରିଥିଲେ। ହେଲେ ସମାଧାନ ନ ହେବାରୁ ମହିଳା ଆର୍‌ଆଇ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, ଗତ ୨୪ ତାରିଖରେ ମହିଳା ଆର୍‌ଆଇଙ୍କୁ ଅତିରିକ୍ତ ତହସିଲଦାର ଅସଦାଚରଣ କରିଥିବା ନେଇ ସେ ପ୍ରଥମେ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ସେ ଏହାର ଆପୋସ ସମାଧାନ ପାଇଁ ଉଦ୍ୟମ କରିଥିବା ତହସିଲଦାର ଗଣମାଧ୍ୟମକୁ କହିଛନ୍ତି। ଆର୍‌ଆଇଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ତହସିଲଦାର ଏକ କମିଟି ଗଠନ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ପରେ ଏହି ରିପୋର୍ଟକୁ ଉପରିସ୍ଥ ଅଧିକାରୀଙ୍କୁ ଦିଆଯିବ ବୋଲି ତହସିଲଦାର ତ୍ରିପାଠୀ କହିଛନ୍ତି।

# ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଯୁବ ପ୍ରତିଭାମାନେ।

କୋଣାର୍କ,୨୭।୫ (ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଯାତ୍ରୀ ନିବାସଠାରେ ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଆନୁକୂଲ୍ୟରେ ୪ ଦିନିଆ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଯୁବ ନେତୃତ୍ୱ ଓ ଭାଗୀଦାରି ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋଚନା କରିଥିଲେ। ନେହେରୁ ଯୁବକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ସତ୍ୟପ୍ରକାଶ ପଟ୍ଟନାୟକ ସମାଜରେ ଗ୍ରାମାଞ୍ଚଳର ଯୁବକଙ୍କ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ବିକଶିତ ଭାରତକୁ କିଭଳି ଆଗକୁ ବଢ଼ିବାରେ ସହଯୋଗ କରିପାରିବେ, ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଉପାଧ୍ୟକ୍ଷ ଶୁଭ୍ରୋ ରାଓ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ବରିଷ୍ଠ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଓ ସାମାଜିକ ସଙ୍ଗଠନ ୟଙ୍ଗ୍ ଇଣ୍ଡିଆ ସଭାପତି ଏନ୍.ଏ. ଶାହା ଅନ୍‌ସାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୧ ଯୁବ ପ୍ରତିଭା ଅଂଶଗ୍ରହଣ କରିଛନ୍ତି। ଗଣତାନ୍ତ୍ରିକ ଯୋଗାଯୋଗ, ନେତୃତ୍ୱ ବିକାଶ, ସାଂସ୍କୃତିକ ବିନିମୟ ଏବଂ ଅଭିନବ ନୀତି ଆଲୋଚନାକୁ ପ୍ରୋତ୍ସାହିତ କରିବାକୁ ଏହି ପ୍ଲାଟଫର୍ମ ପ୍ରସ୍ତୁତ ହୋଇଛି। ଯୁବ ସଂସଦ, ଜଳବାୟୁ ପରିବର୍ତ୍ତନ, ନିଯୁକ୍ତି, ଡିଜିଟାଲ ଉଦ୍ଭାବନ, ନେତୃତ୍ୱରେ ମହିଳା, ଆଦିବାସୀ ସଂସ୍କୃତି ଏବଂ ପର୍ଯ୍ୟଟନ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ସଂସଦୀୟ ବିତର୍କର ଅଧିବେଶନକୁ ଅନୁକରଣ ଓ ଆଲୋଚନା କରାଯିବା ନେଇ ପ୍ରସ୍ତାବମାନ ରହିଛି। କାର୍ଯ୍ୟକ୍ରମକୁ ସ୍ୱାଧୀନ ନାୟକ, ବିକ୍ରମ କେଶରୀ ସାମନ୍ତରାୟ, ନିରଞ୍ଜନ ତ୍ରିପାଠୀ, ଅଭିନୀତ ସ୍ୱାଇଁ, ରାକେଶ ମଲ୍ଲିକ, ସୁଭଦ୍ରା ସାହୁ, ରାଜଶ୍ରୀ ନାଥ ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭ୍ୟ ଭାଗୀରଥି ପାଇକରାୟ ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ ସଂଯୋଜକ ଭାଗୀରଥି ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅବହେଳିତ ଅବସ୍ଥାରେ ନୟାହାଟ ଫାଣ୍ଡି

ଯୋଗେଶ୍ୱରପୁର,୨୭।୫ (ରଶ୍ମିରଞ୍ଜନ ସାହୁ)

ଜନସାଧାରଣ ଥାନା, ଫାଣ୍ଡିକୁ ଗଲେ ସେମାନଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ସହ ବିନା ପଇସାରେ ତାଙ୍କୁ ସହଯୋଗ କରିବାକୁ ରାଜ୍ୟ ସରକାର କହୁଛନ୍ତି। ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡି ଅଞ୍ଚଳରେ ଅଭିଯୁକ୍ତ ଓ ଚୋରିବେଳେ ଅପରାଧିଙ୍କୁ ଗୋଡ଼ାଇ ଧରିବାକୁ ନୟାହାଟ ଫାଣ୍ଡିରେ ବାଇକ୍, ଭ୍ୟାନ୍‌ଟିଏ ମଧ୍ୟ ନାହିଁ। ଫଳରେ ଅଞ୍ଚଳରେ କିଛି ଛୋଟ ବଡ଼ ଘଟଣା ଘଟିଲେ, ପୋଲିସ ପହଞ୍ଚିବାକୁ ଡେରି ହେଉଛି। ଅନ୍ୟପଟେ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫାଣ୍ଡିକୁ ଏକ ଦକ୍ଷ ସବ୍‌ଇନ୍ସପେକ୍ଟରଙ୍କ ଆବଶ୍ୟକ ରହିଛି। ନିକଟରେ ନୟାହାଟ ମଣ୍ଡଳ ସଭାପତି ରକ୍ତପୋଳ ନାୟକ, କେଦାର ସାହୁ, ଅନନ୍ତ ସାହୁ, ଖବରଦାତା ରଶ୍ମିରଞ୍ଜନ ସାହୁ ସମସ୍ୟା ବାବଦରେ ପୁରୀ ଏସ୍‌ପି ବୀନିତ ଅଗ୍ରୱାଲଙ୍କୁ ଭେଟି ଜଣାଇଥିଲେ। ହେଲେ ଅଦ୍ୟାବଧି ୨ ମାସ ବିତିଯାଇଥିଲେ ମଧ୍ୟ ଫାଣ୍ଡିକୁ ଗାଡ଼ି ଓ ସବ୍‌ଇନ୍ସପେକ୍ଟର ଯୋଗାଇଦେବା ପ୍ରତିଶ୍ରୁତି ପୂରଣ ହୋଇପାରି ନାହିଁ। ନୟାହାଟ ଅଞ୍ଚଳରେ ୬ଟି ପଞ୍ଚାୟତର ୭୫ଟି ଗ୍ରାମ ଥିବାବେଳେ ଏଠାରେ ଜଣେ ଫାଣ୍ଡି ଅଧିକାରୀ ଫାଣ୍ଡି ଚଳାଇବା ଓ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ କଷ୍ଟକର ହୋଇପଡ଼ିଛି। ୬ ଜଣ କନେଷ୍ଟବଲଙ୍କ ପରିବର୍ତ୍ତେ ୫ ଜଣ ଅଛନ୍ତି। ତାଙ୍କ ମଧ୍ୟରୁ ଜଣେ ଦୀର୍ଘ ଦିନ ହେଲା ସ୍ୱାସ୍ଥ୍ୟ ଗତ କାରଣରୁ ଛୁଟିରେ ଅଛନ୍ତି। ଏ ଦିଗରେ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ବିଭିନ୍ନ ସମସ୍ୟା ପୂରଣ ପାଇଁ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ସୁରେନ୍ଦ୍ର ମୋହନ ବିଟି, କୃଷ୍ଣଚନ୍ଦ୍ର ବାରିକ୍, ସାଧାରଣ ଜନତା ଅଭିଯୋଗ କରିଛନ୍ତି। ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଣଦେଖା କରୁଥିବା ମଧ୍ୟ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୫-୨୬-୦୮ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଝାରସୁଗୁଡ଼ାର ଷ୍ଟେଶନ ୟାର୍ଡଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ଯୋଗାଇବା । **ଟେଣ୍ଡର ମୂଲ୍ୟ:** ₹୪,୯୧,୧୮,୮୯୦.୧୪ । **ବିଡ୍ ଅମାନତ:** ₹୩,୯୫,୬୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-207)

**OFFICE OF THE PRINCIPAL I/C**
**RUSHIMAL DEGREE MAHAVIDYALAYA,BAMUNIGAM (KANDHAMAL), ODISHA**

Tender Notice No: 16039301 / RM / 2025 / 001 Dated 27.05.2025

**TENDER CALL NOTICE**

Sealed quotations are invited from eligible firms/ suppliers for procurement of i3 and above Desktop, Multi-Functional Printers, UPS, LED TV and Wireless Mic & Camera for Virtual meeting along with the requisite documents. The quotation should reach the undersigned on or before 13.06.2025 by 05.00 P.M. through Registered post or Speed post. The interested firms may download the tender documents from the college website: **http://www.rmdmahavidyalaya.in**.

Sd./- Principal I/C-cum-Secretary

**कार्यालय, कार्यपालन अभियंता**
**जल संसाधन संभाग, कवर्धा, जिला: कबीरधाम (छ.ग.)**
**निविदा निरस्तीकरण सूचना**

आदेश क्रमांक 2329/वलेस/2024 कवर्धा, दिनांक 23.05.2024

इस कार्यालय द्वारा आमंत्रित निविदा सिस्टम क्रमांक - 165295 प्रथम निविदा सूचना क्रमांक 26/वलेस/2024-25/कवर्धा, दिनांक 05.03.2025 कबीरधाम जिले के विकासखंण्ड पंडरिया की ग्राम-मथानीखुर्द में हाफ नदी पर रिटर्निंगवाल का निर्माण कार्य हेतु प्रथम आमंत्रित निविदा में प्रतिभागी निविदाकार की संख्या एकल एवं प्रतिस्पर्धा का अभाव परिलक्षित होने के कारण निविदा निरस्त किया जाता है।

स्वा: / - कार्यपालन अभियंता
जल संसाधन संभाग, कवर्धा,
जिला - कबीरधाम (छ.ग.)

जी.नं.-242505794/3
G-252601135/3

**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**E-Auction Notice**

E-Auction No.-01 MSTC/RNC/Jharkhand Bijli Vitran Nigam Limited/1/HEC Dhurwa/25-26/9666 [506793]

Jharkhand Bijli Vitran Nigam Ltd. Invites all the interested bidder to participate in online e-auction being conducted for sale of scrap material (Scrap DPC Al winding wire & strips) which lying at different Central Stores & TRW, JBVNL.

**IMPORTANT SCHEDULE OF DATES**

| | | |
|---|---|---|
| 1. | Bid opening date and time | 11.06.2025 12:00 PM |
| 2. | Bid closing date and time | 11.06.2025 04:00 PM |
| 3. | Inspection date and time | From 22.05.2025 to 10.06.2025 |

Interested bidder may register their firm/ company online and refer the e-auction catalogue concealing terms & conditions, materials list, inspection date etc. available on website: www.mstcecommerce.com/ www.mstcindia.co.in

**Note :-** For any queries, please contact at MSTC Ltd. (A Govt. of India Enterprises) 4th Floor, Exploration Building, C.M.P.D.I Campus, Gondwana Place, Kanke Road, Ranchi-834008 Ph. 0651-2231333/ 9903248755 email:- rncopn1@mstcindia.in, mstcrnc@gmail.com & interested parties should also regularly visit above website to keep updated for corrigendum/ time extension/ amendments, if any.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353618 Jharkhand Bijlee Vitran Nigam Ltd(25-26).D

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜୁନ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୦.୦୬.୨୦୨୫ରିଖ (ମଙ୍ଗଳବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍‌ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୬.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0081/25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025021, ତା.21.05.2025ରିଖ

**କାର୍ଯ୍ୟର ନାମ :** ନୟାଗଡ଼ ଓ ଦୁବୁନା ମଧ୍ୟରେ ନୂଆ ଲାଇନ୍ : ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ବେସରକାରୀ / ସରକାରୀ / ଜଙ୍ଗଲ ଜମିର ଅଧିଗ୍ରହଣ / ହସ୍ତାନ୍ତରଣ / ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଅବ୍ୟବହାର୍ଯ୍ୟ PSC ସ୍ଲିପର ଦ୍ୱାରା ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 36.82 ଲକ୍ଷ, EMD : ₹ 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025.ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR- 35/CI/25-26

**TPCODL**
**TP CENTRAL ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No:** TPCODL/2025-26/NIT/02

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003054 | Rate Contract for Supply of 33 & 11 kV RMUs for TP Odisha DISCOMs for One Year. |
| 2 | TPCODL/P&S/2025-26/1000002910 | Rate contract for supply of IPC, Multiport connector for One Year |
| 3 | TPCODL/P&S/2025-26/1000002960 | Hiring of agency for providing Disconnection services for TPCODL. |
| 4 | TPCODL/P&S/2025-26/1000002871 | Supply of Testing Instruments for TPCODL. |
| 5 | TPCODL/CCG/2025-26/1000003088 | WIFI access points under TPCODL |
| 6 | TPCODL/CCG/2025-26/1000003089 | Rate Contract for Supply of KIT KAT Fuses of various ratings for TP Odisha DISCOMs. |
| 7 | TPCODL/CCG/2025-26/1000003090 | Rate Contract for Supply of MCCB of various ratings for TP Odisha DISCOMs. |
| 8 | TPCODL/P&S/2025-26/1000003056 | Rate Contract for Video Conferencing System with 5 Years Warranty at TPCODL |
| 9 | TPCODL/CCG/2025-26/1000003100 | Rate Contract for 11 kV & LT Network Maintenance & Allied Work, 33 KV Network Maintenance and Operational Assistance of 33/11 kV Sub-Stations for TP Odisha DISCOMs for 3 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 30.05.2025**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** No. A-214
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**SUBARNAREKHA IRRIGATION CIRCLE, LAXMIPOSI**
At/P.O.: Laxmiposi, Dist.: Mayurbhanj, PIN - 757107
Mail id: acesic24@gmail.com

**Government of Odisha "e" PROCUREMENT NOTICE**
Bid Identification No. 02/2025-26 of Additional Chief Engineer, SIC, Laxmiposi

| | | |
|---|---|---|
| 1 | Name of Work | Construction of Retaining Wall at RD 360 M to RD 1020 M (LHS) of Palasbadha Minor Off-taking at RD 59894 M of Jambhira Left Main Canal |
| 2 | Estimated Cost | Rs.161.09 Lakh |
| 3 | Bid Security/E.M.D. | Rs.1,61,100/- |
| 4 | Period of Completion | 09 (Nine) Calendar Months |
| 5 | Class of Contractor | 'A' & 'B' Class |
| 6 | Date & Time of availability of bid document in the portal | 30.05.2025 at 10.00 A.M. |
| 7 | Last date/time for receipt of bid in the portal | 16.06.2025 upto 5.00 P.M. |
| 8 | Date of opening of bid | 17.06.2025 at 11.00 A.M. |
| 9 | Name & address of the O.I.T. | Additional Chief Engineer, Subarnarekha Irrigation Circle, Laxmiposi |

Further details can be seen from the e-Procurement Portal "https://tendersodisha.gov.in".

Sd./- Additional Chief Engineer
S.I.C., Laxmiposi

OIPR-32120/11/0006/2526

# 'ପୁରୀ କେବଳ ଜଗନ୍ନାଥଧାମ'



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୭।୫
(ସୌମ୍ୟରଞ୍ଜନ ରାଉତ)

ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ' ଆନୁକୂଲ୍ୟରେ ୨୦୭ତମ ଆଲୋଚନାଚକ୍ର ମଙ୍ଗଳବାର ଭାରତୀୟ ବିଦ୍ୟାଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ଅସ୍ମିତାର ପ୍ରତୀକ ରୂପେ ଜଗନ୍ନାଥଙ୍କୁ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ବୋଲି ଦର୍ଶାଇ ତାଙ୍କର ଜନ୍ମସ୍ଥାନ ପୁରୀକୁ କେବଳ ଜଗନ୍ନାଥଧାମ କୁହାଯାଇପାରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ଶାସ୍ତ୍ରରୁ ଉଦାହରଣ ଦେଇ ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ବାମଦେବ ସଂହିତା, ମହାପୁରୁଷ ବିଦ୍ୟା, ନୀଳାଦ୍ରି ମହୋଦୟ ଏବଂ ମୁକ୍ତି ଚିନ୍ତାମଣିରୁ ଉଦ୍ଧୃତକରି ଶ୍ରୀକ୍ଷେତ୍ର 'ଜଗନ୍ନାଥ ଧାମ' ବୋଲି ଦର୍ଶାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପେ ଯେଉଁ ମର୍ତ୍ତ୍ୟଲୀଳା କରୁଛନ୍ତି ତାହା ବୈକୁଣ୍ଠଧାମ ନାମରେ ପ୍ରସିଦ୍ଧ। ଆଦିଗୁରୁ ଶଙ୍କରାଚାର୍ଯ୍ୟ ବହୁକାଳରୁ ପୁରୀ ଶ୍ରୀକ୍ଷେତ୍ରକୁ ଜଗନ୍ନାଥଧାମ ନାମରେ ଅଭିହିତ କରିଛନ୍ତି। ଏଠାରେ ପରଲୋକ ଗମନ କଲେ ମୁକ୍ତି ମିଳେ ବୋଲି ଶାସ୍ତ୍ରରେ କୁହାଯାଇଛି। ଏହି କ୍ଷେତ୍ରରୁ ପ୍ରସ୍ତୁତ ମହାପ୍ରସାଦ ମହାପ୍ରଭୁଙ୍କ ସହ ତୁଳନୀୟ ବୋଲି ସେ ମତପ୍ରକାଶ କରିଛନ୍ତି। ସମ୍ମାନିତ ବକ୍ତା ଭାବେ ଅସିତ୍ ମହାନ୍ତି ଯୋଗଦେଇ ଶାସ୍ତ୍ରରୁ ଉଦ୍ଧାରକରି କହିଲେ, ଶ୍ରୀଜଗନ୍ନାଥ କହିଛନ୍ତି ଯେତେ ଯାହାହେଲେ ମଧ ମୁଁ ପୁରୀକ୍ଷେତ୍ର ଛାଡ଼ି ଯିବିନାହିଁ। ତେଣୁ ତାଙ୍କର ଆଦିକ୍ଷେତ୍ର ଜଗନ୍ନାଥଧାମ ଏଥିରେ ସନ୍ଦେହ ନାହିଁ। ଏହି ନାମକୁ ନେଇ କିଛି ବିତର୍କ ସୃଷ୍ଟି କରିବା ଶୋଭନୀୟ ନୁହେଁ ବୋଲି ସେ ମତପ୍ରକାଶ କରିଥିଲେ। ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭା ପ୍ରାରମ୍ଭରେ ମଧୁସ୍ମିତା ବିଶ୍ୱାଳ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚର ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।


ଅଲ୍ ଇଣ୍ଡିଆ ଫେଡେରେଶନ ଅଫ୍ ୟୁନିଭର୍ସିଟି ଆଣ୍ଡ କଲେଜ ଟିଚର୍ସ ଅର୍ଗାନାଇଜେଶନ ପକ୍ଷରୁ ମଙ୍ଗଳବାର ବୁଦ୍ଧମନ୍ଦିର ସମ୍ମୁଖରେ ପ୍ରତିବାଦ କାର୍ଯ୍ୟକ୍ରମ ଅବସରରେ ମାନବ ଶୃଙ୍ଖଳ।

# ସମୁଦ୍ର ସୁରକ୍ଷା ସଚେତନତା ଅଭିଯାନ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ସମୁଦ୍ରକୂଳରେ ନିୟୋଜିତ ଲାଇଫଗାର୍ଡଙ୍କ ସହ ସମନ୍ୱୟ ରଖି ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ପକ୍ଷରୁ ସମୁଦ୍ର ସୁରକ୍ଷା ସଚେତନତା ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମୁଦ୍ରରେ ଗ୍ରୀଷ୍ମ ଋତୁରେ ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ଉପରେ ଗୁରୁତ୍ୱ ଦିଆଯାଇଛି। ଉଚ୍ଚଜୁଆର ପାଣିରେ ପ୍ରବେଶ ନ କରିବା, ଲାଇଫଗାର୍ଡଙ୍କ ଦ୍ୱାରା ଜାରି ନିର୍ଦ୍ଦେଶଗୁଡ଼ିକୁ କଡ଼ାକଡ଼ି ପାଳନ କରିବା ଏବଂ କେବଳ ନିର୍ଦ୍ଦିଷ୍ଟ ସୁରକ୍ଷିତ ଅଞ୍ଚଳ ମଧ୍ୟରେ ପହଁରିବା ଆଦି ସଚେତନତା କରାଯାଇଥିଲା। ପର୍ଯ୍ୟଟକମାନଙ୍କୁ ପୁରୀ ଉପକୂଳରେ ସାଧାରଣତଃ ଦେଖାଯାଉ ଥିବା ରିପ୍ କରେଣ୍ଟର ବିପଦ ବିଷୟରେ ମଧ କୁହାଯାଇଥିଲା। ମଦ୍ୟପାନ କରି ସମୁଦ୍ରରେ ପ୍ରବେଶ ନ କରିବା, ଏକା ପହଁରିବା ନାହିଁ ଏବଂ ପିଲାମାନଙ୍କୁ ସବୁବେଳେ କଡ଼ା ତଦାରଖ କରିବାକୁ ଅନୁରୋଧ କରାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ବିପଦପୂର୍ଣ୍ଣ ଉଦ୍ଧାର ଚେଷ୍ଟା କରିବା ପରିବର୍ତ୍ତେ ତୁରନ୍ତ ତାଲିମପ୍ରାପ୍ତ ଲାଇଫ୍‌ଗାର୍ଡଙ୍କ ଠାରୁ ସାହାଯ୍ୟ ନେବାକୁ ଲୋକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯାନରେ ସୁରକ୍ଷା ସାଇନେଜକୁ ସମ୍ମାନ ଦେବା ଏବଂ ଖରାପ ପାଗ ସମୟରେ ସମୁଦ୍ର କାର୍ଯ୍ୟକଳାପରୁ ନିବୃତ୍ତ ରହିବା ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକ ଆଦି ଅଂଶଗ୍ରହଣ କରିଥିଲେ।

# କରଣୀ ମାତା ମନ୍ଦିରରେ ବିକାନେର ଜିଲା ନାଗରିକ ପରିଷଦର ପୂଜାର୍ଚ୍ଚନା

ଭୁବନେଶ୍ୱର,୨୭।୫
(ଅନୁରାଧା ମହାରଣା)


କରଣୀ ମାତା ମନ୍ଦିରରେ ପୂଜାର୍ଚ୍ଚନା ଅବସରରେ ବିକାନେର ଜିଲା ନାଗରିକ ପରିଷଦର କର୍ମକର୍ତ୍ତାମାନେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ରାଜସ୍ଥାନର ବିକାନେରରେ ୨୬ ହଜାର କୋଟି ଟଙ୍କାର ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ମୋଦି ଦେଶନୋକ, ବିକାନେରଠାରେ ଥିବା କରଣୀ ମାତାଙ୍କ ଆଶୀର୍ବାଦ ନେବା ପରେ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ଏହି ଆଶୀର୍ବାଦ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଦେଶର ସଂକଳ୍ପକୁ ଆହୁରି ମଜଭୁତ କରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ଭୁବନେଶ୍ୱର ବିକାନେର ଜିଲା ନାଗରିକ ପରିଷଦ ପକ୍ଷରୁ ଏକ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ବିକାନେର ଜିଲା ନାଗରିକ ପରିଷଦ ଭୁବନେଶ୍ୱର ସଭାପତି ଶୁଭକରଣ ଭୂରା, ଲାଲ୍‌ଚନ୍ଦ ମାହେଶ୍ୱରୀ, ମେଘରାଜ କଟେଲା, ମନୋଜ ଲାଲାନି, ମାନିକ ମୁଣ୍ଡାରା, ସୁରେଶ ଦାଗା, ଘନଶ୍ୟାମ ପେରିଆଲ, ସୁବାସ ଭୂରା, ମନ୍‌ସୁଖ ସେଠିଆ ଏବଂ ନବରତ୍ନ ବୋଥରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋଦି ବିକାନେର, ଶ୍ରୀଗଙ୍ଗାନଗର, ହନୁମାନଗଡ଼ ଏବଂ ପଶ୍ଚିମ ରାଜସ୍ଥାନ ଭଳି ଅଞ୍ଚଳର ବିକାଶକୁ ଆଗକୁ ନେବାରେ ଜଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ଅପରେଶନ ସିନ୍ଦୂର ସମ୍ପର୍କରେ ବର୍ଣ୍ଣନା କରିବା ସହ ୫ ବର୍ଷ ପୂର୍ବେ ବାଲାକୋଟ ବିମାନ ଆକ୍ରମଣ ପରେ ତାଙ୍କର ପ୍ରଥମ ସାଧାରଣ ରାଲି ରାଜସ୍ଥାନରେ ହୋଇଥିବା ମନେ ପକାଇଥିଲେ।

# ଫ୍ୟୁଚର ଫର୍ଟିଲିଟି ପକ୍ଷରୁ ବୈଜ୍ଞାନିକ ସମ୍ମିଳନୀ

ଭୁବନେଶ୍ୱର,୨୭।୫
(ଅନୁରାଧା ମହାରଣା)

ଫ୍ୟୁଚର ଫର୍ଟିଲିଟି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଦିନିକିଆ ବୈଜ୍ଞାନିକ ସମ୍ମିଳନୀ ଫ୍ୟୁଚରକନ୍–୨୦୨୫ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟର ପ୍ରମୁଖ ଗାଇନୋକୋଲୋଜିଷ୍ଟମାନେ ଅଂଶଗ୍ରହଣ କରିଥିବାବେଳେ ଡା. ବବିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୋଟ ୩୦୦ ଜଣ ଗାଇନୋକୋଲୋଜିଷ୍ଟ ସାମିଲ ହୋଇଥିଲେ। ଏହି ଅବସରରେ ପିସିଓଏସ୍‌ର ଠିକ୍ ନିଦାନ, କିଶୋରୀ ଦଶାର ପିସିଓଏସ୍, ଗର୍ଭାବସ୍ଥାର ଫଳାଫଳ ଆଦି ବିଷୟରେ ଆଲୋଚନା ହୋଇଥିଲା। ଡା. ଚାର୍ମିଲା ଆୟ୍ୟାଭୁଙ୍କ ନେତୃତ୍ୱରେ ଓଭ୍ୟୁଲେଶନ୍ ଇଣ୍ଡକ୍ସନ୍ ସଂକ୍ରାନ୍ତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମେଟଫର୍ମିନ୍ ବ୍ୟବହାର, ଏଲ୍‌ଓଡି ଏବଂ ପ୍ରୋଜେଷ୍ଟିରନ୍ ଚିକିତ୍ସା ଉପରେ ଆଲୋଚନା କରାଯାଇଥିଲା। ଅତିଥି ବକ୍ତାଭାବେ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବେଡ୍‌ରୁମ୍‌ରୁ ଲାବୋରେଟୋରି ଜନନର ଗୁପ୍ତ ରହସ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମିଳନୀରେ ଡା. ସିନ୍ଧୁ ନନ୍ଦିନୀ ତ୍ରିପାଠୀ ଓ ଡା. ସୂର୍ଯ୍ୟନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୋଷ୍ଟ ଗ୍ରାଜୁଏଟ କୁଇଜ୍, ବିଶେଷଜ୍ଞ ଅଧ୍ୟୟନ ସତ୍ର ଏବଂ ପ୍ରତିନିଧିମାନଙ୍କ ପାଇଁ ଲକି ଡ୍ର ସହିତ ଫ୍ୟୁଚରକନ୍–୨୦୨୫ ଏକ ଶିକ୍ଷାପ୍ରଦ ଓ ସଫଳ ବୈଜ୍ଞାନିକ ଅନୁଷ୍ଠାନ ଭାବେ ସମାପ୍ତ ହୋଇଥିଲା। ଏହି ସମ୍ମିଳନୀ ମାଧମରେ ପିସିଓଏସ୍ ଚିକିତ୍ସାରେ ନିରନ୍ତର ଅନୁସନ୍ଧାନ ଓ ସହଯୋଗୀ ଅଧ୍ୟୟନର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଅଟୋରେ ଗଞ୍ଜେଇ ଚାଲାଣ: ୩ ଗିରଫ

## ୨.୫ ଲକ୍ଷର ଗଞ୍ଜେଇ ଜବତ

ଭୁବନେଶ୍ୱର,୨୭।୫
(ସତ୍ୟଜିତ୍ ରାଉତ)

ଏକ ଡାଲା ଅଟୋରେ ଗଞ୍ଜେଇ ଚାଲାଣ ବେଳେ ନୟାପଲ୍ଲୀ ପୋଲିସ ଟିମ୍ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଆଇଆର୍‌ସି ଭିଲେଜରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଅଞ୍ଚଳର ସୋନୁ ଦିଗଲ(୨୪), ପାତ୍ରପଡ଼ାରେ ରହୁଥିବା ବାଲିପାଟଣା ଥାନା ଅଞ୍ଚଳର ସୀମା ସନ୍ତୋଷ ଷଡ଼ଙ୍ଗୀ (୩୦) ଏବଂ ଉତ୍ତରପ୍ରଦେଶ ବସ୍ତି ଜିଲାର ସତୀଶ୍ କୁମାର(୨୨)। ସେମାନଙ୍କଠାରୁ ଦୁଇ ପ୍ଲାଷ୍ଟିକ୍ ଟପ୍‌ରେ ଥିବା ୨୨ କେଜି ଗଞ୍ଜେଇ, ଡାଲାଅଟୋ ଓ ୫୦୦ ଟଙ୍କା ଜବତ ହୋଇଛି। ଏନେଇ ନୟାପଲ୍ଲୀ ଥାନା ପକ୍ଷରୁ ଏକ ମାମଲା (ନଂ.୨୪୯/୨୦୨୫) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣରେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗରୁ ରେଣ୍ଟାଲ କଲୋନୀ ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇଥିଲା। ସିଆର୍‌ପି ରେଣ୍ଟାଲ କଲୋନୀସ୍ଥିତ ବରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ପୋଲିସ ଟିମ୍ ଚଢ଼ାଉକରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଏହି ମାମଲାରେ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।



ଛାତ୍ରୀଛାତ୍ରଙ୍କୁ ମାଗଣା ଯାତ୍ରା ସୁବିଧା ପ୍ରଦାନ ଦାବିରେ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏଆଇଏସ୍‌ଏଫ୍ ପକ୍ଷରୁ ବିକ୍ଷୋଭ।

# ମୁଗମଣ୍ଡି ଉଦ୍‌ଘାଟିତ

**ବାଲିପାଟଣା, ୨୭।୫ (ଅଭିମନ୍ୟୁ ନାୟକ):** ଗାରେଡ଼ିପାଞ୍ଚଣ ପ୍ରାଥମିକ ସେବା ସମବାୟ ସମିତିରେ ମଙ୍ଗଳବାର ମୁଗମଣ୍ଡିଉଦ୍‌ଘାଟିତ ହୋଇଯାଇଛି। ବାଲିପାଟଣା ତହସିଲଦାର କଳ୍ପନା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଫ୍‌ଏକ୍ୟୁ ମାନର ମୁଗ କୁଇଣ୍ଟାଲ ପିଛା ୮୬୮୨ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରଥମ ଦିନରେ ୪ଜଣ ଚାଷୀଙ୍କଠାରୁ ୪୮.୫୦ କୁଇଣ୍ଟାଲ ମୁଗ କିଣାଯାଇଛି। ଜୁଲାଇ ୩୦ ପର୍ଯ୍ୟନ୍ତ ମଣ୍ଡି ଖୋଲା ରହିବ। ବ୍ଲକର ଯେକୌଣସି ପଞ୍ଚାୟତର ଚାଷୀ ଏହି ମଣ୍ଡିରେ ନାମ ପଞ୍ଜୀକରଣ କରି ମୁଗ ବିକ୍ରି କରିପାରିବେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପ୍ୟାକ୍ସ ସଭାପତି ଅଭିମନ୍ୟୁ ନାୟକ, ଲଳିତ କୁମାର ବିଶ୍ୱାଳ, ପ୍ରକାଶ କୁମାର ସେଠୀ, ଦିବ୍ୟରଞ୍ଜନ ପ୍ରଧାନ, ବ୍ଲକ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ, ରୋହନ ପଣ୍ଡା, ପ୍ୟାକ୍ସ ସମ୍ପାଦକ ସୁଶୀଲ କୁମାର ପଣ୍ଡା, ବୋର୍ଡ ମେମ୍ବର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।


ମଣ୍ଡି ଉଦ୍‌ଘାଟନ ଅବସରରେ ତହସିଲଦାର କଳ୍ପନା ଦାସ ଓ ଅନ୍ୟମାନେ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୫-୨୬-୦୮ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଝାରସୁଗୁଡ଼ାର ଷ୍ଟେଶନ ୟାର୍ଡଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ଯୋଗାଇବା । **ଟେଣ୍ଡର ମୂଲ୍ୟ:** ₹୪,୯୧,୧୮,୮୯୦.୧୪ । **ବିଡ୍ ଅମାନତ:** ₹୩,୯୫,୬୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **(PR-207)**

**OFFICE OF THE PRINCIPAL I/C**
**RUSHIMAL DEGREE MAHAVIDYALAYA,BAMUNIGAM (KANDHAMAL), ODISHA**

Tender Notice No: 16039301 / RM / 2025 / 001 Dated 27.05.2025

**TENDER CALL NOTICE**

Sealed quotations are invited from eligible firms/ suppliers for procurement of i3 and above Desktop, Multi-Functional Printers, UPS, LED TV and Wireless Mic & Camera for Virtual meeting along with the requisite documents. The quotation should reach the undersigned on or before 13.06.2025 by 05.00 P.M. through Registered post or Speed post. The interested firms may download the tender documents from the college website: **http://www.rmdmahavidyalaya.in**.

**Sd./- Principal I/C-cum-Secretary**

**कार्यालय, कार्यपालन अभियंता**
**जल संसाधन संभाग, कवर्धा, जिला: कबीरधाम (छ.ग.)**
**निविदा निरस्तीकरण सूचना**

आदेश क्रमांक 2329/वलेस/2024 कवर्धा, दिनांक 23.05.2024

इस कार्यालय द्वारा आमंत्रित निविदा सिस्टम क्रमांक - 165295 प्रथम निविदा सूचना क्रमांक 26/वलेस/2024-25/कवर्धा, दिनांक 05.03.2025 कबीरधाम जिले के विकासखंण्ड पंडरिया की ग्राम-मथानीखुर्द में हाफ नदी पर रिटर्निंगवाल का निर्माण कार्य हेतु प्रथम आमंत्रित निविदा में प्रतिभागी निविदाकार की संख्या एकल एवं प्रतिस्पर्धा का अभाव परिलक्षित होने के कारण निविदा निरस्त किया जाता है।

स्वा:/- कार्यपालन अभियंता
जल संसाधन संभाग, कवर्धा,
जिला - कबीरधाम (छ.ग.)

जी.नं.-242505794/3
G-252601135/3

**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**E-Auction Notice**

E-Auction No.-01 MSTC/RNC/Jharkhand Bijli Vitran Nigam Limited/1/HEC Dhurwa/25-26/9666 [506793]

Jharkhand Bijli Vitran Nigam Ltd. Invites all the interested bidder to participate in online e-auction being conducted for sale of scrap material (Scrap DPC Al winding wire & strips) which lying at different Central Stores & TRW, JBVNL.

**IMPORTANT SCHEDULE OF DATES**

| | | |
|---|---|---|
| 1. | Bid opening date and time | 11.06.2025 12:00 PM |
| 2. | Bid closing date and time | 11.06.2025 04:00 PM |
| 3. | Inspection date and time | From 22.05.2025 to 10.06.2025 |

Interested bidder may register their firm/ company online and refer the e-auction catalogue concealing terms & conditions, materials list, inspection date etc. available on website: www.mstcecommerce.com/ www.mstcindia.co.in

**Note :-** For any queries, please contact at MSTC Ltd. (A Govt. of India Enterprises) 4th Floor, Exploration Building, C.M.P.D.I Campus, Gondwana Place, Kanke Road, Ranchi-834008 Ph. 0651-2231333/ 9903248755 email:- rncopn1@mstcindia.in, mstcrnc@gmail.com & interested parties should also regularly visit above website to keep updated for corrigendum/ time extension/ amendments, if any.

स्वहित एवं राष्ट्रहित में ऊर्जा बचायें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353618 Jharkhand Bijlee Vitran Nigam Ltd(25-26).D

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର)
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜୁନ ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୦.୦୬.୨୦୨୫ରିଖ (ମଙ୍ଗଳବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୬.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0081/25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025021, ତା.21.05.2025ରିଖ

**କାର୍ଯ୍ୟର ନାମ :** ନୟାଗଡ଼ ଓ ଦୁବୁନା ମଧ୍ୟରେ ନୂଆ ଲାଇନ୍ : ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ବେସରକାରୀ / ସରକାରୀ / ଜଙ୍ଗଲ ଜମିର ଅଧିଗ୍ରହଣ / ହସ୍ତାନ୍ତରଣ / ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଅବ୍ୟବହାର୍ଯ୍ୟ PSC ସ୍ଲିପର ଦ୍ୱାରା ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 36.82 ଲକ୍ଷ, EMD : ₹ 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025.ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର

PR- 35/CI/25-26

**TP CENTRAL ODISHA DISTRIBUTION LIMITED**
TPCODL TP CENTRAL ODISHA DISTRIBUTION LIMITED (A Joint Venture of Tata Power and Government of Odisha)
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/02**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003054 | Rate Contract for Supply of 33 & 11 kV RMUs for TP Odisha DISCOMs for One Year. |
| 2 | TPCODL/P&S/2025-26/1000002910 | Rate contract for supply of IPC, Multiport connector for One Year |
| 3 | TPCODL/P&S/2025-26/1000002960 | Hiring of agency for providing Disconnection services for TPCODL. |
| 4 | TPCODL/P&S/2025-26/1000002871 | Supply of Testing Instruments for TPCODL. |
| 5 | TPCODL/CCG/2025-26/1000003088 | WIFI access points under TPCODL |
| 6 | TPCODL/CCG/2025-26/1000003089 | Rate Contract for Supply of KIT KAT Fuses of various ratings for TP Odisha DISCOMs. |
| 7 | TPCODL/CCG/2025-26/1000003090 | Rate Contract for Supply of MCCB of various ratings for TP Odisha DISCOMs. |
| 8 | TPCODL/P&S/2025-26/1000003056 | Rate Contract for Video Conferencing System with 5 Years Warranty at TPCODL |
| 9 | TPCODL/CCG/2025-26/1000003100 | Rate Contract for 11 kV & LT Network Maintenance & Allied Work, 33 KV Network Maintenance and Operational Assistance of 33/11 kV Sub-Stations for TP Odisha DISCOMs for 3 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 30.05.2025**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** No. A-214
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**SUBARNAREKHA IRRIGATION CIRCLE, LAXMIPOSI**
At/P.O.: Laxmiposi, Dist.: Mayurbhanj, PIN - 757107
Mail id: acesic24@gmail.com

**Government of Odisha "e" PROCUREMENT NOTICE**
Bid Identification No. 02/2025-26 of Additional Chief Engineer, SIC, Laxmiposi

| | | |
|---|---|---|
| 1 | Name of Work | Construction of Retaining Wall at RD 360 M to RD 1020 M (LHS) of Palasbadha Minor Off-taking at RD 59894 M of Jambhira Left Main Canal |
| 2 | Estimated Cost | Rs.161.09 Lakh |
| 3 | Bid Security/E.M.D. | Rs.1,61,100/- |
| 4 | Period of Completion | 09 (Nine) Calendar Months |
| 5 | Class of Contractor | 'A' & 'B' Class |
| 6 | Date & Time of availability of bid document in the portal | 30.05.2025 at 10.00 A.M. |
| 7 | Last date/time for receipt of bid in the portal | 16.06.2025 upto 5.00 P.M. |
| 8 | Date of opening of bid | 17.06.2025 at 11.00 A.M. |
| 9 | Name & address of the O.I.T. | Additional Chief Engineer, Subarnarekha Irrigation Circle, Laxmiposi |

Further details can be seen from the e-Procurement Portal **"https://tendersodisha.gov.in"**.

**Sd./- Additional Chief Engineer**
**S.I.C., Laxmiposi**

OIPR-32120/11/0006/2526

# ଅନବସରରେ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

- ଅଲାରନାଥଙ୍କ ଦର୍ଶନ ପାଇଁ ଏସ୍‌ପିଙ୍କ ସମୀକ୍ଷା
- ପ୍ରଥମଥର ପାଇଁ ହେବ ଫିଡ୍‌ବ୍ୟାକ ସେଣ୍ଟର
- ଭକ୍ତଙ୍କ ସୁବିଧା ଲାଗି ହେଲ୍ପ ଡେସ୍କ କରାଯିବ
- ଯାନବାହନ ନିୟନ୍ତ୍ରଣ ପାଇଁ ପ୍ରତିଛକରେ ରହିବେ ପୋଲିସ

ପୁରୀ/ବ୍ରହ୍ମଗିରି,୨୭।୫(ଅଜିତ୍ କୁମାର ମହାନ୍ତି/ସ୍ୱାଧୀନ ଚମ୍ପତିରାୟ)


ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ସମୀକ୍ଷା ଅବସରରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ପବିତ୍ର ସ୍ନାନପୂର୍ଣ୍ଣିମା ପରଦିନଠାରୁ ଶ୍ରୀବିଗ୍ରହମାନଙ୍କ ଅନବସର ସେବା ଆରମ୍ଭ ହେବ। ପରେ ଶ୍ରୀବିଗ୍ରହଙ୍କ ଦର୍ଶନ ବନ୍ଦ ରହିଥାଏ। ଏହି ସମୟରେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଚଳିତବର୍ଷ ଯେପରି ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିପାରିବେ, ସେନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ମଙ୍ଗଳବାର ଅଲାରନାଥ ପୀଠ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରେ ଯେତେବେଳେ ଠାକୁର ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ୧୪ ଦିନ ପାଇଁ ଅନବସର ଗୃହରେ ବ୍ୟାଧିଗ୍ରସ୍ତ ଭାବେ ବିଶ୍ରାମ କରନ୍ତି, ସେତେବେଳେ ଭକ୍ତମାନେ ଅଲାରନାଥଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ଏହି ଅବଧିରେ ଭକ୍ତମାନେ ଅଲାରନାଥଙ୍କୁ ମହାପ୍ରଭୁ ରୂପେ ଦେଖନ୍ତି, ଯାହାର ପରିଣାମସ୍ୱରୂପ ଲକ୍ଷାଧିକ ଭକ୍ତ ଓଡ଼ିଶା ଓ ବାହାର ରାଜ୍ୟରୁ ବ୍ରହ୍ମଗିରି ଆସିଥାନ୍ତି। ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିବେ ସେନେଇ ପୁରୀ ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଭକ୍ତମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ଅତିରିକ୍ତ ପୋଲିସ ବଳ ନିଯୁକ୍ତ କରାଯିବ। ଲାଇନ ବ୍ୟବସ୍ଥା, ବାରିକେଡ୍ ଓ ଦିଗ ନିର୍ଦ୍ଦେଶକ ସାଇନବୋର୍ଡ ସହିତ ଭିଡ଼କୁ ଶାନ୍ତିପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯିବ। ଯାନବାହନ ନିୟନ୍ତ୍ରଣ ପାଇଁ ପ୍ରତିଛକରେ ମଧ୍ୟ ପୋଲିସ ନିଯୁକ୍ତ କରାଯିବ। ଭକ୍ତମାନଙ୍କ ସହଯୋଗ ପାଇଁ ପାଣିଟାଙ୍କି, ମାଇକ୍ ବ୍ୟବସ୍ଥା ଓ ହେଲ୍ପ ଡେସ୍କ ସ୍ଥାପନ କରାଯିବ। ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ଏକ ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ପୋଲିସ ପକ୍ଷରୁ ପ୍ରଥମଥର ପାଇଁ ଅଲାରନାଥ ମନ୍ଦିରରେ ଫିଡ୍‌ବ୍ୟାକ୍ ସେଣ୍ଟର କରାଯିବ। ଏହି କେନ୍ଦ୍ର ଦ୍ୱାରା ଭକ୍ତମାନେ ନିଜର ଅନୁଭୂତି ବଖାଣିପାରିବେ, ଉନ୍ନତି ପାଇଁ ପ୍ରସ୍ତାବ ଦେଇପାରିବେ, ଯେଉଁଠି ଅସୁବିଧା ଅଛି ତାହା ମଧ୍ୟ ଅବଗତ କରାଇପାରିବେ।

ଭକ୍ତମାନେ ଦର୍ଶନ ସମୟରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରନ୍ତୁ, ପ୍ରଶାସନର ନିୟମକୁ ଅନୁସରଣ କରନ୍ତୁ ବୋଲି ପୁରୀ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସଚେତନତା ଦ୍ୱାରା ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ଏକ ଶାନ୍ତିପୂର୍ଣ୍ଣ, ଭକ୍ତିମୟ ଓ ସ୍ମରଣୀୟ ଅନୁଭୂତି ହେବ ବୋଲି ପୁରୀ ପୋଲିସ ଆଶା ରଖିଛି। ଏହି ସମୟରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲିକ, ବ୍ରହ୍ମଗିରି ତହସିଲ୍‌ଦାର, ବିଡିଓ, ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ବ୍ରହ୍ମଗିରି ଥାନାଧିକାରୀ ପ୍ରଜ୍ଞା ମହାନ୍ତି, ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏଡବ୍ଲ୍ୟୁୟୁଏଫ୍‌ରେ ଯୋଗଦେଲେ ଗୃହ ଓ ନଗର ଉନ୍ନୟନ ବିଭାଗର ୨ ଅଧିକାରୀ

ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)

ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦେବାଶିଷ ସିଂହ ଏବଂ ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ଶିଖା ବିଶ୍ୱାଳ ଓଡ଼ିଶାର ପ୍ରତିନିଧି ଭାବେ ଫିଲିପାଇନ୍ସର ମାନିଲାରେ ଅନୁଷ୍ଠିତ ଏସୀୟ ବିକାଶ ବ୍ୟାଙ୍କର ଜଳ ଓ ନଗର ଉନ୍ନୟନ ଫୋରମ୍(ଏଡବ୍ଲ୍ୟୁୟୁଏଫ୍)–୨୦୨୫ରେ ଅଂଶଗ୍ରହଣ କରିଛନ୍ତି। ଏହି ଫୋରମ୍‌ରେ 'ଜଳର ମୂଲ୍ୟାଙ୍କନ, ଏସିଆ ଏବଂ ପ୍ରଶାନ୍ତ ମହାସାଗରରେ ଜୀବନଧାରଣ ବୃଦ୍ଧି' ଶୀର୍ଷକ ଉପରେ ମଙ୍ଗଳବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଆଲୋଚନା କରାଯିବ। କାର୍ଯ୍ୟକ୍ରମରେ ବିଶ୍ୱସ୍ତରୀୟ ନେତା, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ନେଇ ଅଭିନବ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶ ଅଭ୍ୟାସ ଉପରେ ବିଚାରବିମର୍ଶ କରାଯିବ। ଉଲ୍ଲେଖନୀୟ, 'ସମସ୍ତଙ୍କ ପାଇଁ ଗୃହ : ଜୀବନ, ଅର୍ଥନୀତି ଏବଂ ସମ୍ପ୍ରଦାୟକୁ ପରିବର୍ତ୍ତନ କରିବା' ଶୀର୍ଷକ ବିଷୟବସ୍ତୁ ଅଧିବେଶନରେ ଅତିରିକ୍ତ ସଚିବ ଦେବାଶିଷ ସିଂଙ୍କୁ ବକ୍ତା ଭାବେ ନିମନ୍ତ୍ରଣ କରାଯାଇଛି।

### ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି

ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)

ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ ଭାରପ୍ରାପ୍ତ କୁଳପତି ଦାୟିତ୍ୱ ଗ୍ରହଣ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ



ସମ୍ଭାଳିବେ। ଏ ନେଇ ମଙ୍ଗଳବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ରହିଛନ୍ତି। ୨୦୦୨ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡି କରିଥିଲେ। ୨୦୧୦ରୁ ସେ ଏଠାରେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ୍‌ର ଓଏସ୍‌ଡି ଭାବେ ସେ କାର୍ଯ୍ୟ କରିବା ସହ ଉତ୍କର୍ଷ କେନ୍ଦ୍ର ସଂଯୋଜକ ସମେତ ଗବେଷଣା ଓ ବିକାଶର ନିର୍ଦ୍ଦେଶକ ଥିଲେ। ସୂଚନା ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମେ' ୨୩ରୁ ଦାୟିତ୍ୱରୁ ଅବ୍ୟାହତି ନେଇଛନ୍ତି। ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୨୪ ନଭେମ୍ବର ୨୬ରେ ଶେଷ ହୋଇଥିଲା। କିନ୍ତୁ ନୂତନ କୁଳପତି ନିଯୁକ୍ତ ହୋଇ ନ ଥିବାରୁ ତାଙ୍କ କାର୍ଯ୍ୟକାଳକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୬ ମାସ ଅର୍ଥାତ୍ ମେ' ୨୩ ଯାଏ ବୃଦ୍ଧି କରାଯାଇଥିଲା।

# 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି' ପୁସ୍ତକ ଉନ୍ମୋଚିତ


'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି' ପୁସ୍ତକ ଉନ୍ମୋଚନ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମାନେ। (ଫଟୋ– ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୨୭।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ବିଧାନସଭାର ଗବେଷଣା ଶାଖା ପକ୍ଷରୁ 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି'(ଓଡ଼ିଶା ବିଧାନସଭାର ସଂକ୍ଷିପ୍ତ ଇତିହାସ) ପୁସ୍ତକ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଆମ ସମସ୍ତଙ୍କ ପାଇଁ ଏହି ପୁସ୍ତକ ପ୍ରକାଶନର ଯଥାର୍ଥତା ରହିଛି। ଏହା ଲୋକପ୍ରତିନିଧିଙ୍କଠାରୁ ଆରମ୍ଭକରି ଗବେଷକ, ବୁଦ୍ଧିଜୀବୀ, ବିଦ୍ୟାର୍ଥୀ ତଥା ସାଧାରଣ ଜନତାଙ୍କ ପାଇଁ ନିଶ୍ଚିତ ଭାବେ ଉପାଦେୟ ହୋଇପାରିବ ବୋଲି ବାଚସ୍ପତି ଆଶାବ୍ୟକ୍ତ କରିଛନ୍ତି। ପ୍ରଥମ ବିଧାନସଭାଠାରୁ ଚଳିତ ସପ୍ତଦଶ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଏବଂ ଦାୟିତ୍ୱରେ ଥିବା ରାଜ୍ୟପାଳ, ବାଚସ୍ପତି, ଗୃହର ନେତା (ମୁଖ୍ୟମନ୍ତ୍ରୀ), ବିରୋଧୀ ଦଳ ନେତା, ଉପବାଚସ୍ପତି, ବିଧାନସଭା ସଚିବାଳୟର ସଚିବଙ୍କ ସହ ବିଭିନ୍ନ ପର୍ଯ୍ୟାୟରେ ମନ୍ତ୍ରିମଣ୍ଡଳ ଗଠନ, ସାଧାରଣ ନିର୍ବାଚନ, ଉପନିର୍ବାଚନ, ଦଳୀୟ ସ୍ଥିତି ସହିତ ବିଧାନସଭା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହି ପୁସ୍ତକରେ ସ୍ଥାନ ପାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକବୃନ୍ଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ପୁସ୍ତକ ସଂକଳନରେ ସଂପୃକ୍ତ ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ, ପ୍ରଶାନ୍ତ ଦାସ ଏବଂ ଅମୂଲ୍ୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇଡ୍‌ମରାକୁ ନେଇ ଡାକ୍ତରଙ୍କୁ ମାଡ଼: ୨ ଅଟକ

ବାଲକାଟୀ,୨୭।୫ (ମନୋଜ ମଣ୍ଡଳ)

ସାଇଡ୍‌ମରାକୁ ନେଇ ମଙ୍ଗଳବାର ଅପରାହ୍ନରେ ବାଲକାଟୀ ବଜାରରେ ଜଣେ ଡାକ୍ତରଙ୍କୁ ୩ ଜଣ ଯୁବକ ଆକ୍ରମଣ କରିବା ସହ ତାଙ୍କ କାର୍‌କୁ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ବାଲକାଟୀ ଫାଣ୍ଡି ପୋଲିସ ୨ ଯୁବକଙ୍କୁ ଅଟକ ରଖିଥିବାବେଳେ ଜଣେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ପୋଲିସ ସୂଚନା ମୁତାବକ, ଡାକ୍ତର ନିଶୀଥ ରଞ୍ଜନ ଶତପଥୀ(୩୦) ବାଲିପାଟଣା ଥାନା ଅଠାନ୍ତର ଡାକ୍ତରଖାନାରେ ଡ୍ୟୁଟି ସାରି କାର୍ (ଓଡି ୦୨ ବିବି ୨୨୯୯) ଯୋଗେ ଭୁବନେଶ୍ୱର ନୂଆଗାଁ ନିକଟ ନିଜ ଘରକୁ ଫେରୁଥିଲେ। ଅପରାହ୍ନ ୫ଟା ୩୦ ସମୟରେ ବାଲକାଟୀ ଅଟୋ ଷ୍ଟାଣ୍ଡ ନିକଟରେ ୩ ଜଣ ଯୁବକ ଏକ ବାଇକ୍ (ଓଡି ୦୨ ସିଏକ୍ସ ୫୩୬୮)ରେ ପଛପଟୁ ଆସି ତାଙ୍କ କାର୍‌କୁ ସାଇଡ୍ ମାରିଥିଲେ। ଡାକ୍ତର ଶତପଥୀ ସାଇଡ୍‌ମରା ଘଟଣା ନେଇ ପଚାରିବାରୁ ସେମାନେ ବାଇକ୍‌ରୁ ଓହ୍ଲାଇ ଡାକ୍ତରଙ୍କୁ ମାଡ଼ ମାରିଥିଲେ। ଫଳରେ ସ୍ଥାନୀୟ ଲୋକେ ୨ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିବାବେଳେ ଅନ୍ୟ ଜଣକ ଚମ୍ପଟ୍ ମାରିଥିଲେ। ସ୍ଥାନୀୟ ଲୋକେ ଡାକ୍ତରଙ୍କୁ ଉଦ୍ଧାର କରି ବାଲକାଟୀ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେ ବାଲକାଟୀ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଦାୟିତ୍ୱରେ ଥିବା ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ସାହୁଙ୍କୁ ପଚାରିବାରେ, ଘଟଣାର ଆପୋସ ସମାଧାନ ହୋଇଯିବାର ଅଛି, ସେଥିପାଇଁ କେସ୍ ରୁଜୁ କରାଯାଇନାହିଁ ବୋଲି ସେ କହିଥିଲେ।

## ଆଜି ମହାପ୍ରଭୁଙ୍କ ବନକଲାଗି

### ସନ୍ଧ୍ୟା ୭ରୁ ରାତି ୧୧ ଯାଏ ସାଧାରଣ ଦର୍ଶନ ବନ୍ଦ

ପୁରୀ,୨୭।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ବୁଧବାର ଶ୍ରୀବିଗ୍ରହଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତନୀତି ନିମନ୍ତେ ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ବନକଲାଗି ନୀତି ସମ୍ପାଦନ ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ଏବଂ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ।

# ଟିକେଟ କାଉଣ୍ଟର ଭାଙ୍ଗିଲା ପ୍ରଶାସନ

### ସ୍ପିଡ୍ ବୋଟ୍ ଓଲଟିବା ଘଟଣା

ପୁରୀ, ୨୭।୫(ଅଜିତ୍ କୁମାର ମହାନ୍ତି)


ସ୍କାଏ ଡ୍ରାଇଭ୍ ଆଡ୍‌ଭେଞ୍ଚର ଆଣ୍ଡ୍ ୱାଟର ସ୍ପୋର୍ଟସ ସଂସ୍ଥାର ଟିକେଟ୍ କାଉଣ୍ଟରକୁ ଭଙ୍ଗାଯାଉଛି।

ପୁରୀ ସମୁଦ୍ରରେ ଜଳକ୍ରୀଡ଼ା ସମୟରେ ସ୍ପିଡ୍ ବୋଟ୍ ଓଲଟିବା ପରେ ଦୁର୍ଘଟଣା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାର ହୋଇଥିଲା। ପରେ ଆକ୍ସନ ପୁରୀ ଜିଲା ପ୍ରଶାସନ ମଙ୍ଗଳବାର ଜଳକ୍ରୀଡ଼ା ଚଳାଇଥିବା ସ୍କାଏ ଡ୍ରାଇଭ୍ ଆଡ୍‌ଭେଞ୍ଚର ଆଣ୍ଡ୍ ୱାଟର ସ୍ପୋର୍ଟସ ସଂସ୍ଥା ଖୋଲିଥିବା ଟିକେଟ କାଉଣ୍ଟରକୁ ବୁଲଡୋଜର୍ ଲଗାଇ ଭାଙ୍ଗିଥିବା ଜଣାପଡ଼ିଛି। ପୌରପାଳିକା ଅଧିକାରୀଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା।

ଗତ ଶନିବାର ସମୁଦ୍ରରେ ଜଳକ୍ରୀଡ଼ା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ ସୌରଭ ଗାଙ୍ଗୁଲିଙ୍କ ଭାଇ, ଭାଉଜଙ୍କ ସହ ଅନ୍ୟ ୨ଜଣ। ୪ ଜଣ ସମୁଦ୍ରରେ ଜଳକ୍ରୀଡ଼ା କରୁଥିବା ବେଳେ ଏକ ବଡ଼ ଲହଡ଼ି ଆସିବାରୁ ସ୍ପିଡ୍ ବୋଟ୍‌ଟି ଓଲଟି ପଡ଼ିଥିଲା। ସେଠାରେ ଉପସ୍ଥିତ ଥିବା ଲାଇଫ୍‌ଗାର୍ଡ ସୌରଭ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଗାଙ୍ଗୁଲି ଓ ଭାଉଜ ଅର୍ପିତା ଗାଙ୍ଗୁଲିଙ୍କ ସହ ଅନ୍ୟ ୨ଜଣଙ୍କୁ ଉଦ୍ଧାର କରିଥିଲେ। ପରେ ପ୍ରଶାସନର ବିନା ଅନୁମତିରେ ଏହି ସ୍ପିଡ୍ ବୋଟ୍ ଚାଲିଥିବା ଜଣାପଡ଼ିଛି।

ଅଘଟଣ ସମ୍ପର୍କରେ ଅର୍ପିତା କହିଛନ୍ତି, ସମୁଦ୍ର ଜୁଆର ଅଧିକ ଥିଲା। ବିପଦ ଥିବା ସତ୍ତ୍ୱେ ଟଙ୍କାଲୋଭରେ ଉକ୍ତ ସଂସ୍ଥା ଆମକୁ ସ୍ପିଡ୍ ବୋଟ୍‌ରେ ବସାଇ ସମୁଦ୍ର ଭିତରକୁ ନେଇଥିଲା। ଉଚ୍ଚ ଜୁଆର ଯୋଗୁ ବୋଟ୍‌ଟି ଓଲଟି ପଡ଼ିଥିଲା। ଏଭଳି ବେଆଇନ କାର୍ଯ୍ୟ ପୁରୀ ବେଳାଭୂମିରେ ବନ୍ଦ କରାଯାଉ ବୋଲି ସେ କହିଛନ୍ତି। ପୁରୀ ପୌରସଂସ୍ଥା ପକ୍ଷରୁ ସମ୍ପୃକ୍ତ ସଂସ୍ଥାର ଟିକେଟ କାଉଣ୍ଟର ଉପରେ ବୁଲ୍‌ଡୋଜର ଚଢ଼ାଇ ଭଙ୍ଗାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶାସନର କାର୍ଯ୍ୟକୁ ସ୍ୱାଗତ କରାଯାଇଛି। ଏତେଦିନ ଧରି ପ୍ରଶାସନର ବିନା ଅନୁମତିରେ କିପରି ସ୍ପିଡ୍ ବୋଟ୍ ଚଳାଚଳ କରୁଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଶନିବାର ସମୁଦ୍ରରେ ସ୍ପିଡ୍ ବୋଟ୍ ଓଲଟି ପଡ଼ିଥିଲା। ଫଳରେ ୪ ପର୍ଯ୍ୟଟକ ବୁଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡମାନେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ଉପଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅପରେଟରଙ୍କ ପର୍ମିଶନ, ଏରିଆ ପର୍ମିଶନ ଆଦିର ଚେକିଂ କରାଯାଇଛି। ଯେଉଁ ଏରିଆରେ ସଂସ୍ଥାକୁ ପର୍ମିଶନ ଦିଆଯାଇଥିଲା, ସେହି ଏରିଆରେ ସ୍ପିଡ୍ ବୋଟ୍ ନ ଚଳାଇ ବାହାର ଏରିଆରେ ଚଳାଉଛନ୍ତି। ଏହାର ମଧ୍ୟ ତଦନ୍ତ ଜାରି ରହିଛି। ଏଥିସହ ତାଙ୍କ ବିରୋଧରେ ମାମଲା ରୁଜୁହେବ। ବିନା ଅନୁମତିରେ କିପରି ବୋଟ୍ ଚଳାଉଥିଲେ ତାହାକୁ ନେଇ ବିଚ୍ ମ୍ୟାନେଜ୍‌ମେଣ୍ଟ କମିଟିରେ ଆଲୋଚନା କରାଯିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମୃତ୍ୟୁଞ୍ଜୟ


@ ନୀହାରିକା


@ ମନୋଜ


@ ଖୁସି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେୱାନି, ସାମ୍ବିଧାନିକ ମାମଲା ପରିଚାଳନାରେ ସିଦ୍ଧହସ୍ତ ଜଷ୍ଟିସ୍ ପାଠକ

କଟକ,୨୭।୫(କାର୍ତ୍ତିକ ସାହୁ)

ଗୌହାଟି ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ମାନସ ରଞ୍ଜନ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ହେବେ। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇ ଏବଂ ଅନ୍ୟ ୪ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ୍ ଜଷ୍ଟିସ୍ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବାକୁ ସୁପାରିସ କରିଛନ୍ତି। ସୁପ୍ରିମ୍‌କୋର୍ଟ କଲେଜିୟମ୍ ୨୧ଜଣ ବିଚାରପତିଙ୍କ ବଦଳି ନିମନ୍ତେ ସୁପାରିସ କରିଛନ୍ତି। ତନ୍ମଧ୍ୟରେ ଜଷ୍ଟିସ୍ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯିବାକୁ କଲେଜିୟମ୍ ସୁପାରିସ କରିଥିବା ସୂଚନା ରହିଛି। ଓଡ଼ିଶା ହାଇକୋର୍ଟରେ ଏବେ ୧୮ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି।

ପ୍ରକାଶ ଯେ, ଜଷ୍ଟିସ୍ ପାଠକ ୧୯୬୫ ଅଗଷ୍ଟ ୨୮ରେ ଗୌହାଟିରେ ଜନ୍ମ ଗ୍ରହଣ କରିଥିଲେ। ସେ ହରପ୍ରିୟା ବିଦ୍ୟାପୀଠରେ ପ୍ରାଥମିକ ଶିକ୍ଷା, ଏମ୍‌ସିଏମ୍‌ଇ ଉଜାନ୍‌ବଜାରରେ ମାଧ୍ୟମିକ ଶିକ୍ଷାଲାଭ ପରେ ଅମ୍ବାରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା, ବେଙ୍ଗାଲୁରୁର ସେଣ୍ଟ ଜୋଶେଫ୍ କଲେଜ୍‌ରେ ଗ୍ରାଜୁଏଶନ୍ ଏବଂ ଗୌହାଟି ବିଶ୍ୱବିଦ୍ୟାଳୟ ଅଧୀନ ସରକାରୀ ଆଇନ ମହାବିଦ୍ୟାଳୟ ପାନବଜାରରେ ଆଇନ ଶିକ୍ଷା ଶେଷ କରିଥିଲେ। ସେ ୧୯୯୦ରେ ଆସାମ ଆଇନଜୀବୀ ପରିଷଦରେ ଓକିଲାତି ପେସାରେ ନାମ ପଞ୍ଜୀକରଣ କରିଥିଲେ। ଦେୱାନି, ସାମ୍ବିଧାନିକ, ଜମି ଅଧିଗ୍ରହଣ ଆଦି ମାମଲା ପରିଚାଳନାରେ ସେ ବେଶ୍ ସିଦ୍ଧହସ୍ତ। ସେ ଗୌହାଟି ହାଇକୋର୍ଟରେ ଷ୍ଟାଣ୍ଡିଂ କାଉନ୍‌ସେଲ, ତ୍ରିପୁରା ନିମନ୍ତେ ଷ୍ଟାଣ୍ଡିଂ କାଉନ୍‌ସେଲ୍ ଭାବରେ ନିଯୁକ୍ତି ପାଇଥିଲା ବେଳେ ଆସାମାର ଲ' କମିଶନ ସଦସ୍ୟ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'ର ମଧ୍ୟ ସଦସ୍ୟ ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ ମେ ୨୨ରେ ଗୌହାଟି ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ନଭେମ୍ବର ୧୨ରେ ଗୌହାଟି ହାଇକୋର୍ଟର ବିଚାରପତି ପଦ ମଣ୍ଡନ କରିଥିଲେ।

## GOVERNMENT OF ODISHA
## COMMERCE & TRANSPORT (TRANSPORT) DEPARTMENT

Request For Proposal (RFP)

**"Operation, Maintenance and Management of Aviation Security Training Institute at Directorate of Aviation, Govt. of Odisha, BPI Airport, Bhubaneswar."**

**No.JJ-14:** The Director of Aviation, Directorate of Aviation, Government of Odisha invites proposals from reputed, experienced and duly certified agencies for Operation, Maintenance and Management of Aviation Security Training Institute at Directorate of Aviation, Govt. of Odisha, BPI Airport for three years extendable by another three years based on satisfactory performance.

Eligible and interested agencies may download the Request for Proposal (RFP) document which contains the details of the requirement from the following websites of Government of Odisha and submit their offer.

**https://tendersodisha.gov.in/nicgep/app**

**https://ct.odisha.gov.in/tenders**

The responses are to be submitted online and queries, if any, may be referred in writing to the Director of Aviation, Directorate of Aviation, Government of Odisha, BPI Airport, Bhubaneswar at the E-mail:orissa_aviation@yahoo.co.in, transcivilaviation@gmail.com

Proposals complete in all respect should reach the undersigned latest by 03.00 PM on 14.07.2025 ("Bid Due Date" or "BDD"). Bids received after the above BDD shall be summarily rejected. The authority reserves the right to reject any or all the proposals without assigning any reason thereof.

**Sd./- Special Secretary to Govt. & Director of Aviation**
**Commerce & Transport (Transport) Department**
**Government of Odisha**

OIPR-38001/11/0032/2526

## OFFICE OF THE PRINCIPAL, GOVT. WOMEN'S COLLEGE, BHAWANIPATNA-766001

Email : gwc.bpt@gmail.com, Phone No. 0670-230723, Website : gwcbhawanipatna.ac.in

**Letter No. 925//GWC** **Dt.27.05.2025**

### A walk in interview for Guest faculties

**No.N-53 :** A walk-in-interview for Guest faculty in the subjects of **Anthropology, Economics, English, Education, Environmental Studies, Geography, History, Home Science, Odia, Political Science, Sociology, Psychology and Sanskrit** at Govt. Women's College, Bhawanipatna will be held in the college **as per the schedule mentioned below**. The candidates are required to come with necessary documents. The engagement is purely temporary and can be terminated at any time without assigning any reason thereof. The candidates having **Master Degree with 55% marks** in concerned subject may appear the said interview. The remuneration will be paid as per the govt. approved rate.

No TA/DA will be paid for attending the interview.

| Name of the Subject | Date of Interview |
|---|---|
| History, Home Science & Political Science | 17th June 2025 |
| English, Psychology & Odia | 18th June 2025 |
| Education, Sanskrit & Geography | 19th June 2025 |
| Economics, Sociology, Anthropology & Environmental Studies | 20th June 2025 |

**Sd./- Principal**
**Govt. Women's College**
**Bhawanipatna**

OIPR-11035/11/0012/2526

## ODISHA PUBLIC SERVICE COMMISSION, CUTTACK

**NOTICE**

**No.3546/PSC, Dt.27.05.2025**
**(1E-21-2025/26) (DR-III)**

**ADDENDUM TO ADVERTISEMENT No.25 OF 2023-24 FOR RECRUITMENT TO THE POSTS OF POST GRADUATE TEACHERS, GROUP-B UNDER SCHOOL & MASS EDUCATION DEPARTMENT**

**No.D-81:** It is for information of all concerned that the following **provisos are included beneath sub-para (i) of para 6 relating to "Method of Selection"**.

If two or more candidates secure equal marks in the aggregate, the order of merit shall be determined in accordance with highest marks secured by such candidates in the written examination.

In the event of marks secured by such candidates in aggregate as well as in the written examination be equal, candidates securing higher marks in the concerned subjects in the written Examination (Paper-II & Paper-III taken together) (i.e. the discipline in which applied) shall be given preference.

In case of further tie (i.e. marks obtained in aggregate, written examination and concerned subjects), the merit will be arranged in order of date of birth (i.e. the older in age will be ranked higher).

2. All other terms and conditions of the Advertisement shall remain unchanged.

OIPR-12002/11/0228/2526 **Sd./- Secretary**

## ସମଗ୍ର ଶିକ୍ଷା, କଳାହାଣ୍ଡି

ପତ୍ରାଙ୍କ: ୧୪୫୦ ତାରିଖ: ୨୭।୦୫।୨୫

No. n-51: ଏତଦ୍ଦ୍ୱାରା କଳାହାଣ୍ଡି ଜିଲ୍ଲାର ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟମାନଙ୍କରେ ଖାଲି ପଡ଼ିଥିବା ଚୁକ୍ତିଭିତ୍ତିକ ପଦବୀଗୁଡ଼ିକ ପାଇଁ ଏହି କାର୍ଯ୍ୟାଳୟର ପତ୍ରାଙ୍କ ୨୨୧, ତା୩୦।୦୧।୨୦୨୫ରିଖରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଉକ୍ତ ଚିଠି ଅନୁସାରେ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ସବିଶେଷ ତଥ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶ କରାଯାଇଛି। ଉକ୍ତ ତଥ୍ୟ ସେମାନଙ୍କ ଦ୍ୱାରା ନିଜ ନିଜ ଦରଖାସ୍ତରେ ଦିଆଯାଇଥିବା ତଥ୍ୟ ଉପରେ ଆଧାରିତ ଅଟେ। ଯଦି ଉକ୍ତ ତଥ୍ୟାବଳୀରେ କିଛି ତ୍ରୁଟି ଥାଏ, ସେମାନେ ଆସନ୍ତା ୦୪।୦୬।୨୦୨୫ ତାରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଜ ଅଭିଯୋଗ ଲିଖିତ ଭାବରେ ଉପଯୁକ୍ତ ପ୍ରମାଣ ସହ ଦାଏର କରିବେ। ଏହା ବ୍ୟତୀତ ଉକ୍ତ ୱେବ୍‌ସାଇଟ୍‌ରେ ବିଭିନ୍ନ କାର୍ଯ୍ୟ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଥିବା ଉଲ୍ଲେଖ କରାଯାଇଅଛି। ଅଭିଯୋଗ ସମାଧାନ ହେବାପରେ ଏବଂ ଆବଶ୍ୟକୀୟ Interview/Computer Test/Written Test ଇତ୍ୟାଦି ଧାର୍ଯ୍ୟ ସମୟାନୁସାରେ ହେବାପରେ, Draft Merit List ପ୍ରକାଶ କରାଯିବ। ସେଥିରେ ପ୍ରକାଶିତ ପ୍ରାର୍ଥିନୀମାନେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁଯାୟୀ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ରହି ସେମାନଙ୍କ ନଥିପତ୍ର ଯାଞ୍ଚ କରାଇନେବେ। ଧାର୍ଯ୍ୟ ତାରିଖରେ ଅନୁପସ୍ଥିତ ରହିଲେ ପ୍ରାର୍ଥିତ୍ୱ ରଦ୍ଦ କରିଦିଆଯିବ।

କୌଣସି ଅନିବାର୍ଯ୍ୟ କାରଣବଶତଃ ଉପରୋକ୍ତ ସମୟର ପରିବର୍ତ୍ତନ ହେଲେ ଉକ୍ତ website ମାଧ୍ୟମରେ ଜଣାଇ ଦିଆଯିବ। ତେଣୁ ପ୍ରାର୍ଥିନୀମାନେ ବାରମ୍ବାର website ପରିଦର୍ଶନ କରୁଥିବା ପାଇଁ ଜଣାଇ ଦିଆଗଲା।

ଜିଲ୍ଲାପାଳ ତଥା ଅଧକ୍ଷ, ସମଗ୍ର ଶିକ୍ଷା
କଳାହାଣ୍ଡିଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲା ଶିକ୍ଷାଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, କଳାହାଣ୍ଡି

OIPR-27180/11/0003/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 3540/P.S.C., Dt. 27.05.2025**
**(DR-IV)(2PM-01-2025-26)**

### Recruitment to the post of Assistant Industries Officer

**(Advt. No. 08 of 2024-25)**

**No.-D-82 :** It is for information of all concerned that, the Written Examination for recruitment to the post of **Assistant Industries Officer** in Class-II (Group-B) of Odisha Industries Services, pursuant to Advertisement No. 08 of 2024-25 will be held on **29.06.2025 (Sunday)**. The detailed programme of Written Examination will be notified shortly.

The candidates are advised to visit the website of the Commission (**www.opsc.gov.in**) regularly for further information in this regard.

OIPR-12002/11/0229/2526 **Sd./- Secretary**

## WORKS DEPARTMENT
## OFFICE OF THE SUPERINTENDING ENGINEER BHADRAK (R&B) DIVISION

**No.B-157:**

e-mail:- bhadrakrnbdivision@gmail.com

**Government of Odisha "e" Procurement Notice**
**Bid Identification No.SE (R&B) BDK-3/2025-26**
**No.3988/dt.23.05.2025**

Nature of Work:- Civil Work and Electrical Works
Number of Works:- 4 (Four) Nos.
Amount Put to Tender:- Rs.9.54 to 81.61 Lakhs
Class of Contractor: B Class, C&D
Date & Time of availability of bid document in the portal:-06.06.2025 at 11.00 A.M.
Last Date/Time of receipt of bid in the portal:-17.06.2025 upto 05.00 PM
Date of Opening of Bid: Dt.18.06.2025 at 11.30 AM
Name & Address of the Office Inviting Bid : Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-Procurement portal "http//tendersodisha.gov.in."
All future corrigendum will be available on ONLINE mode only.

**Sd./- Superintending Engineer**
**Bhadrak (R&B) Division**

OIPR-34079/11/0022/2526

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

## DISTRICT PROJECT OFFICE, SAMAGRA SHIKSHA, JAJPUR

(Dept. of School and Mass Education, Govt. of Odisha)
At/PO - Baidyarajpur, Jajpur, Odisha, PIN-755001,
Email - dpcjajpurssa.opepa@nic.in

**No.1611/Ped/2025** **Dated. 23.05.2025**

### TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)

**No.n-49 :** Sealed tenders under two bid systems are invited from the reputed Agency/Supplier/Manufacturer having valid PAN, GST & IT clearance, registration of firm etc for supply of **Teaching Learning Materials for Sishu Vatika and for Grade I, II & III students of all Government schools for the Academic Year 2025-26.** The tender papers (bid documents) containing detailed specification with terms and conditions, application of Technical Bid & application of Financial Bid can be obtained by downloading from the website i.e. www.jajpur.odisha.gov.in. and www.osepa.odisha.gov.in. The last date and time for receiving of tender paper is **06.06.2025 at 1.00 P.M.** and will be opened on **06.06.2025 at 3.00 P.M.** in the office of the DPO, SS, Jajpur in presence of tenderers or their authorized representatives. Corrigendum/addendum if required will be uploaded in the above websites. The authority reserves the right to reject any or all the tenders without assigning any reasons thereof.

By order of Collector-cum-Chairman, SS, Jajpur
**Sd./- DEO-cum-DPC, SS, Jajpur**

**OIPR-27170/11/0005/2526**

## OFFICE OF THE EXECUTIVE ENGINEER, MINOR IRRIGATION DIVISION, SIMDEGA

**e-Procurement Tender Notice**
**Two Envelope System**
**Tender Reference No. WRD/MID /SIMDEGA/BD/SLI – 02/ 2025-26**

**Letter No.** **Date :- 27/05/2025**

| | | |
|---|---|---|
| 1. | Name of the work:- | Construction of Solar Lift Irrigation Scheme at Gariyajor Block- Kurdeg |
| 2. | Estimated Cost (Rs.) | Rs. 1,05,23,300=00 |
| 3. | Cost of Tender Paper (Rs.) | Rs. 10,000=00 |
| 4. | Earnest MoneyDeposit (Rs.) | Rs. 1,05,300=00 |
| 5. | Time of Completion. | 335 days (11 Month) |
| 6. | Mode of Submission of Tender | Online Through www.jharkhandtenders.gov.in |
| 7. | Date of Publication of Tender on website (http://jharkhandtenders.gov.in ) | Date 18/06/2025 Time 2:00PM. |
| 8. | Last date/Time for downloading of bidding documents and submission of tender on website | Date 25/06/2025 Time up to 5:00 PM. |
| 9. | Submission of Tender Fee and EMD | Start Date 18/06/2025 Time -2:00 PM Last Date 25-06-2025 Time up to 5:00 PM. |
| 10. | Technical Bid Opening Date | Date- 28/06/2025 Time- 02.00 PM |
| 11. | Officer Inviting Bids | EXECUTIVE ENGINEER,MINOR IRRIGATION, DIVISION,SIMDEGA. |
| 12. | Contact no. of Procurement officer E-mail of e-procurement Officer | 91234447790 midivsimdg@gmail.com |
| 13. | Helpline number of e-Procurement cell. | 0651-2491232 |

Note:-
➢(1) Published Estimated Cost may Increase or Decrease.
(2)Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of **10.HP** pumps **(AC/DC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ Only e-Tender will be accepted.
Further details can be seen on website http://jharkhandtenders.gov.in

**Executive Engineer,**
**M.I.Division,Simdega.**

PR 353631 (Simdega)25-26*D

## झारखण्ड सरकार
## कार्यपालक अभियंता का कार्यालय
### पथ निर्माण विभाग, पथ प्रमण्डल,कोडरमा

☎ 06534-2227076 Email Id-eercdkoderma-jhr@nic.in

### ई–निविदा आमंत्रण सूचना

**Tender Reference No. : RCD/KODERMA/540/2025** **दिनांक:-26.05.2025**

| | | |
|---|---|---|
| 1. | कार्य का नाम | पथ प्रमण्डल,कोडरमा अन्तर्गत " बेको–मखमारगो पथ के कि0मी0 0.00 से कि0मी0 11.65 तक (कुल लंबाई– 11.65 कि0मी0) का राईडिंग क्वालिटी में सुधार कार्य"। |
| 2. | प्राक्कलित राशि | **Rs. 6,74,77,506.00(**छः करोड़ चौहत्तर लाख सतहत्तर हजार पाँच सौ छः रूपये**) मात्र।** |
| 3. | अग्रधन की राशि | **Rs.6,75,000.00(**छः लाख पचहत्तर हजार रूपये**) मात्र।** |
| 4. | कार्य पूर्ण करने की अवधि | **05(पाँच) माह।** |
| 5. | बेवसाइट पर निविदा प्रकाशन की तिथि। | **03.06.2025, 10:30 बजे से।** |
| 6. | बिड प्राप्ति की अन्तिम तिथि | **24.06.2025, 12.00 बजे तक।** |
| 7. | बिड खुलने की तिथि | **26.06.2025, 12.30 बजे तक।** |
| 8. | निविदा आमंत्रित करने वाले कार्यालय का नाम एवं पता। | **कार्यपालक अभियन्ता का कार्यालय,प०नि०वि०, पथ प्रमण्डल, कोडरमा।** |
| 9. | हेल्प लाइन नं0 | **0651-2446002** |

पथ निर्माण विभाग,झारखण्ड सरकार में निबंधित संवेदकों के लिये UCAN निबंधन आवश्यक है।

**Further details can be seen on website** http://jharkhandtenders.gov.in

**कार्यपालक अभियंता**
**प0नि0वि0, पथ प्रमण्डल, कोडरमा**

PR 353572 (Road) 25-26 (D)

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE

ID : ee.randbjyp@gmail.com

**e-Procurement Notice**
**Bid Identification No. S.E (R&B)-03/2025-26/JYP(K)**

**No. 2799** **Date : 20.05.2025**

**No.B-146** : Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the Work | : | Electrical Works as mentioned in DTCN |
| 2 | No. of Works | : | 3 Nos. |
| 3 | Estimated Cost | : | **Rs. 6.72 lakhs to Rs. 45.99 lakhs** |
| 4 | Period of completion | : | 1 (One) Month to 2 (Two) months |
| 5 | Date & Time of bidding | : | From 11.00 hours of **30.05.2025** Up-to 17.00 hours of **10.06.2025** |
| 6 | Last date & time for receipt of bids in portal | : | 17.00 hours of **10.06.2025** |
| 7 | Bids received online shall be opened on | : | 11.00 hours of 11.06.2025 |
| 8 | Name and address of the officer inviting Bid | : | Superintending Engineer, Jeypore (R&B) Division, Jeypore |

Further details can be seen from the www.tendersodisha.gov.in.

**Sd./- Superintending Engineer**
**Jeypore (R&B) Division**

OIPR-34027/11/0013/2526

## OFFICE OF THE MUNICIPAL COUNCIL : KHORDHA

At/P.O./Dist.-Khordha, Phone No. 06755-220674
E-Mail : khurda_municipality@yahoo.co.in

**No.1756** **Date : 27.05.2025**

### Corrigendum to Quotation Call Notice No. 1623 dated 16.05.2025

**No.C-399 :** The Sl. No. 7 of the above Quotation Call Notice is changed to **"The agency must abide by the prevailing Labour Law currently in force in the state of Odisha"** instead of "The agency should possess Labour License for 100 No. labours under contract labour (Regulation and Abolition) Act. 1970 issued by labour department of Odisha Government" and Sl. No. 5 of the above Quotation Call Notice is changed to **"The agency should not have been blacklisted/ debarred due to non-performance by any Govt. / PSU/ any authority within the last three years"** instead of "The agency should not blacklisted/ debarred/ Non-performance/ Holiday Listing by any Govt. / PSU/ any authority within the last five years", other Terms & Conditions are unchanged.

**Sd./- Executive Officer**
**Khordha Municipality**

OIPR-13082/11/0020/2526

See Career Appointment on every Wednesday & Saturday

## OFFICE OF THE MUNICIPAL COUNCIL: RAYAGADA

**DIST-RAYAGADA, PIN CODE-765001, ODISHA**
**E-mail ID:raygadam.hud@nic.in**

**Letter No.4141** **Date:23.05.2025**

### QUOTATION CALL NOTICE

No.C-379: Sealed quotations are invited from interested firms/agency/suppliers/distributors those who deal with sanitation equipments given below upto 12.00 PM on 09.06.2025 at Rayagada Municipality office and it will be opened on same day at 12.30 PM in the office chamber of the undersigned the quotationer should submit the experience certificate with GST certificate alongwith the quotation. The quotations received after the due date shall not be acceptable. The undersigned reserves the right to reject any or all quotations without assigning any reason thereof.

| Sl. No. | ITEMS | Unit | Unit Rate in Rupees including GST and Delivery Charges |
|---|---|---|---|
| 01 | Having to portioned Green & Blue compartment box size (4'00"x2'8"x1'6") garbage Tri-Cycle with Solid tubeless tyres. | 1 No. | |
| 02 | Box type wheel barrow 16MM gauge MS sheet 25x25x5mm MS iron angle, 25x5 cm round fitted with 12" wheel disk solid rubber wheels, painted with synthetic double coating | 1 No. | |

**Sd./-Executive Officer**
**Rayagada Municipality**

OIPR-13150/11/0062/2526

## OFFICE OF THE MUNICIPAL COUNCIL: RAYAGADA

**DIST-RAYAGADA, PIN CODE-765001, ODISHA**
**E-mail Id:raygadam.hud@nic.in**
**Web-www.rayagadamunicipality.in, Phone:06856-235052**

**Letter No.4123** **Date:22.05.25**

### TENDER NOTICE

No.C-381:Bid documents consisting of 05 (Five) no. of Civil Works with their Tendered amount (Work Value) cost of Tender paper, E.M.D., Time of completion, class of contractors, Additional Performance Security Deposit and the set of Terms and Conditions applicable for the contract and other required necessary document mentioned in the Tender Call Notice available in Rayagada Municipality Office.

1. Name of the Work : Civil works as mentioned in the Tender Call Notice
2. No. of Works : 05 (Five)
3. Tender Amount : 1,68,750/- (Rupees One lakh sixty eight thousand seven hundred fifty) only to 1,18,648/- (One lakh eighteen thousand six hundred forty eight) only.
4. Period of Completion: 15 (Fifteen) days
5. Date of availability of Bid documents at the Office (Development Section) : From dated 23.05.2025, 11.30 am To dated 02.06.2025, 05.30 pm.
6. Last date & time for Original Documents submission: Dated 03.06.2025, 05.30 pm.
7. Bids received offline to be opened on:Dated 04.06.2025, 11.30 AM
8. Name and address of the Officer Inviting the Bid : The Executive Office, Rayagada Municipality, Rayagada.

Further details of the Tender documents can be seen from Municipality Office in Working Hours.

**Sd./-Executive Officer**
**Rayagada Municipality**

OIPR-13150/11/0061/2526

## କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା

**କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧୦୧୨**

### ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ

No. TT-04: କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୨୪ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ **ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର** ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ, ସେମାନଙ୍କର ସେହି ସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭୀପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ। ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ.୨,୦୦,୦୦୦/–ଙ୍କାର ଅର୍ଥରାଶି ୨୦୨୫ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୨୪ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ସୁପାରିଶଗୁଡ଼ିକ ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା୨୦।୦୬।୨୦୨୫ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ ଏବଂ ଆବେଦନ ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ୱେବ୍‌ସାଇଟ୍ **www.sportsodisha.gov.in**ରେ ଉପଲବ୍ଧ ଅଟେ।

**ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**

OIPR-29001/11/0083/2526

## OFFICE OF THE DISTRICT & SESSIONS JUDGE, ANGUL RECRUITMENT YEAR 2025-26

**Advertisement No. 02, Dated-19.05.2025**
**(For the post of Jr.Clerk-cum-Copyist, Jr. Typist, Stenographer Grade-III & Salaried Amin.)**

**No.W-13 :** Applications in the prescribed format are invited from the eligible candidates for filling up the posts of Jr.Clerk-cum-Copyist, in the scale of pay (Level 4 Rs. 19,900/-63,200/-),Jr. Typist in the scale of pay (Level 4 Rs.19,900/-63,200/-), Stenographer Grade-III in the scale of pay (Level 7 Rs. 25,500/- 81,100/-) and Salaried Amin in the scale of pay (Level-5 Rs.21,700/- 69,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P(C) No.1273 of 2014 of the Hon'ble Court. **The last date of receipt of application is fixed to 18.06.2025 by 5.00 P.M.**

For details of advertisement as regards applications form, eligibility criteria, scheme of examination along with details of syllabus etc. please visit our District Court website https://angul.dcourts.gov.in & Angul district https://angul.nic.in

**Sd./- Chairman-cum-District Judge**
**Recruitment Committee,**
**Angul**

OIPR-18012/11/0004/2526

## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, BHUBANESWAR

e-mail : eeolicdivn.bbsr@ymail.com, Tel. 0674-2391847

**e-Procurement Notice**
**Bid Identification No. 1510/2025-26 Dt. 23.05.2025**

**No.CAD-548** : The **Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites **percentage Rate bids in online mode** for Reinforcement, Revival & Re-Energisation of Lift Irrigation Projects in Khordha district under **PLAN FUND 2024-25** in TURNKEY BASIS as mentioned below from the reputed Contractors/Firms having valid HT license issued by E.L.B.O, Odisha and Civil license as mentioned below with experience in similar nature of work.

1. Nature of work : Execution of work for Revival & Re-Energisation of 04 Nos (One Pkg) L.I. Projects in Khordha district
2. Estimated cost : **Rs.7173937/-**
3. Period of completion : 90 days
4. Date & time of availability of bid documents in the portal : 28.05.2025 at 10.00 A.M.
5. Last date & time for receipt of bids in the portal : 05.06.2025 up to 5.00 P.M.
6. Date & time of seeking clarification : 28.05.2025 at 10.00 A.M. to 04.06.2025 up to 5.00 P.M.
7. Technical Bid Opening date & time : **06.06.2025 at 11.00 A.M.**
8. Financial Bid opening to be Intimated after Evaluation of Technical Bid
9. Name & address of the officer inviting Bid : Executive Engineer, Lift Irrigation Division, Bhubaneswar

The details of tender are available in the Government tender website i.e. www.tendersorissa.gov.in. and other related documents are available in the DTCN for bidding. Any Addendum / corrigendum / Cancellation of tender will be available in the said website.

**Sd./- Executive Engineer**
**L.I. Division, Bhubaneswar**

OIPR-32155/11/0020/2526

# ପରିବେଶ, ପ୍ରଦୂଷଣ, ବିସ୍ଥାପନ, ଜୀବିକା ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

■ ଅଶୋକ ଦାସ କମିଟିର ଅଧ୍ୟକ୍ଷ, ସୁଧାଂଶୁ ଶେଖର ଆବାହକ

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ରାଜ୍ୟ ସରକାର ପରିବେଶ ଓ ସାଧାରଣ ଜନତାଙ୍କ ଜୀବନ ଜୀବିକାକୁ କ୍ଷତି ପହଞ୍ଚାଇ ବିଭିନ୍ନ ପ୍ରକଳ୍ପ ଓ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପଛାଉନାହାନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ପରିବେଶ ନଷ୍ଟ ହେବା ସହ ଜଳ, ଜଙ୍ଗଲ ଓ ଜମି ଉପରେ ଜନସାଧାରଣଙ୍କ ରହିଥିବା ଅଧିକାର କ୍ଷୁଣ୍ଣ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ବେଳେ ସରକାର ପରିବେଶ ଓ ସାଧାରଣ ଜନତାଙ୍କ ଜୀବନ ଜୀବିକା ପ୍ରତି ଯତ୍ନବାନ ହେଉନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଭକ୍ତ ଚରଣ ଦାସ କେଟେଜଣ ନେତୃବୃନ୍ଦଙ୍କୁ ନେଇ 'ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟି' ଗଠନ କରିଛନ୍ତି। ଏଥିରେ ଅଧ୍ୟକ୍ଷ ଭାବେ ଅଶୋକ କୁମାର ଦାସ ରହିଥିବାବେଳେ ଆବାହକ ଭାବେ ସୁଧାଂଶୁ ଶେଖର ଦେଓ ରହିଛନ୍ତି। କମିଟିର ସଦସ୍ୟ ଭାବେ ବିଧାୟକ ସାଗର ଚରଣ ଦାସ, ସତ୍ୟଜିତ ଗମାଙ୍ଗୋ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ମାନସ ମଳିକ, ମାରୁଣି ଜେନା ଓ ଜିଲା ପରିଷଦ ସଭ୍ୟ ପିନାକୀ ଦାସ ନିଯୁକ୍ତି ପାଇଛନ୍ତି। ଏହି କମିଟି ପରିବେଶ ନଷ୍ଟ ଓ ବିସ୍ଥାପନ ଯୋଗୁ ଜନସାଧାରଣଙ୍କ ଅଧିକାର କ୍ଷୁଣ୍ଣ ହେଉଥିବା ଅଞ୍ଚଳ ବୁଲି ଘଟଣାର ଅନୁଧ୍ୟାନ କରିବା ସହ ସମସ୍ୟାର ସମାଧାନ ନିମନ୍ତେ ରାସ୍ତା ବାହାର କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇ ପାରିବ ସେନେଇ ପିସିସିକୁ ପ୍ରସ୍ତାବ ଦେବାକୁ ଭକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ହାର୍ଡକୋର ମାଓବାଦୀ ବିଜୟଙ୍କ ଆତ୍ମସମର୍ପଣ

ରାୟଗଡ଼ା,୨୭।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏସ୍‌ପିଙ୍କ ନିକଟରେ ମଙ୍ଗଳବାର ଜଣେ ହାର୍ଡକୋର ମାଓବାଦୀ ବିଜୟାପୁନେମ୍ ଓରଫ୍ ବିଜୟ ଆତ୍ମସମର୍ପଣ କରିଛନ୍ତି। ବିଜୟଙ୍କ ନିଜ ଘର ଛତିଶଗଡ଼ର ବିଜାପୁର ଜିଲା ଅନ୍ତର୍ଗତ ହୁସୁର ଥାନା ବାଟିଗୁଡ଼େମ ଗ୍ରାମରେ। ବିଜୟ ବାସଧାରା-ଘୁମସୁର-ନାଗାବଳୀ ଡିଭିଜନର ଜଣେ ହାର୍ଡକୋର ମାଓବାଦୀ ଥିଲେ ବୋଲି ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥୀ ଏସ୍.କୁମାର ସୂଚନା ଦେଇଛନ୍ତି। ବିଜୟଙ୍କଠାରୁ ପୋଲିସ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୮ ରାଉଣ୍ଡ ଗୁଳି ଏବଂ ଗୋଟିଏ ୱାକିଟାକି ଜବତ କରିଛି। ବିଜୟଙ୍କ ଉପରେ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ଛତିଶଗଡ଼, ମାଲକାନଗିରି, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲାରେ ଘଟିଥିବା ବିଭିନ୍ନ ମାଓବାଦୀ ହିଂସାରେ ବିଜୟ ଜଡ଼ିତ ଥିବା ରାୟଗଡ଼ା ଏସ୍‌ପି ସ୍ୱାଥୀ ସୂଚନା ଦେଇଛନ୍ତି।

ବିଜୟ ୨୦୦୯ରେ ସିପିଆଇ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ପରେ ପ୍ରଶିକ୍ଷଣ ଶେଷ ହେବା ପରେ ମଡେମ ବାଲକ୍ରିଷ୍ଣା ଓରଫ୍ ମନୋଜଙ୍କ ସୁରକ୍ଷା ଟିମ୍ ଦାୟିତ୍ୱରେ ରହିଥିଲେ। ୨୦୧୪ରେ ବିଜୟ ମାଓବାଦୀଙ୍କ ଏସିଏମ୍ ର୍‍ୟାଙ୍କକୁ ପଦୋନ୍ନତି ପାଇ ମନୋଜଙ୍କ ଗନ୍‌ମ୍ୟାନ୍‌ଭାବେ କାମ କରିଥିଲେ। ୨୦୨୩ରେ ତାଙ୍କୁ ବିଜିଏନ୍ ଡିଭିଜନକୁ ପଠାଯାଇଥିଲା। ସେବେଠାରୁ ସେ ଘୁମସୁର ଏସିରେ କାର୍ଯ୍ୟରତ ଥିଲେ। ଆତ୍ମସମର୍ପଣ କରିଥିବା ବିଜୟ କନ୍ଧମାଳ ଜିଲା କୋଟଗଡ଼ ଥାନାର ବଣ୍ଡିପାଙ୍ଗା ଗ୍ରାମର ମେଟଲା ରଇତଙ୍କ ହତ୍ୟା ମାମଲା, କୋଟଗଡ଼ ଥାନା ଅନ୍ତର୍ଗତ ମେରାଗୁଡି ଗ୍ରାମ ନିକଟସ୍ଥ ଜଙ୍ଗଲ ଏବଂ ତୁମୁଡିବନ୍ଧ ଥାନା ଅନ୍ତର୍ଗତ ସିରଲା ଗ୍ରାମ ନିକଟସ୍ଥ ଜଙ୍ଗଲ, ରାଇକିଆ ଥାନା ଅନ୍ତର୍ଗତ ଚଡ଼େଇପାଲି ଜଙ୍ଗଲ ଓ ଗୋଛାପଡା ଥାନା ଅନ୍ତର୍ଗତ କୋଡାଙ୍ଗ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣାରେ ସାମିଲ ଥିଲେ। ସେହିଭଳି ୨୦୨୨ରେ ଛତିଶଗଡ଼ର ଗାରିଆବନ୍ଧ ଜିଲାର ଜୋଡେଇପାଣି, ସିକସାର ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ସେ ସାମିଲ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୭ଟି ମାମଲା ରହିଛି। ସିପିଆଇ(ମାଓବାଦୀ) ସଙ୍ଗଠନର ଭୁଲ୍ ଚିନ୍ତାଧାରା, ନେତାଙ୍କ ଦୁର୍ବ୍ୟବହାର ଓ ଆଦର୍ଶ ବିହୀନ ସଙ୍ଗଠନ ଯୋଗୁ ସେ ମାଓବାଦୀ ସଂଗଠନ ଉପରେ ବିମୁଖ ହୋଇ ଆତ୍ମସମର୍ପଣ କରିଥିବା ବିଜୟ କହିଛନ୍ତି। ଆଗକୁ ତାଙ୍କ ସ୍ତ୍ରୀ ଓ ଅନେକ ସାଥୀ ଆତ୍ମସମର୍ପଣ କରିବେ ବୋଲି ମାଓବାଦୀ ବିଜୟ ସୂଚନା ଦେଇଛନ୍ତି। ତେବେ ୨୦୦୬ରୁ ୨୦୨୪ ଯାଏ ରାୟଗଡ଼ା ଜିଲାରେ ୨୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଏସ୍‌ପି ସ୍ୱାଥୀ କହିଛନ୍ତି ।



ରାୟଗଡ଼ା ଏସ୍‌ପି ସ୍ୱାଥୀ ଏସ୍.କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

# ୧୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୭।୫ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍ମା ପୋଲିସ ନିକଟରେ ମଙ୍ଗଳବାର ୪ ପିଏଲ୍‌ଜିଏ ସଦସ୍ୟଙ୍କ ସମେତ ୧୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ୧୮ ଜଣଙ୍କ ନାମରେ ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ରହିଛି। ଏମାନେ ଛତିଶଗଡ଼ ବିଜାପୁର, ସୁକ୍ମା ଜିଲାରେ ଅନେକ ବଡ଼ ବଡ଼ ହିଂସାରେ ଜଡ଼ିତ ଥିଲେ। ତେବେ ବର୍ତ୍ତମାନ ଯବାନଙ୍କ କୋମ୍ବିଂ, ବିଭିନ୍ନ ସ୍ଥାନରେ କ୍ୟାମ୍ପ ସ୍ଥାପନକୁ ଭୟକରି ଏମାନେ ଦଳ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲହେବା କହିଛନ୍ତି। ଏମାନଙ୍କୁ ସରକାରଙ୍କ ପୁନଃ ଥଇଥାନ ନୀତିରେ ଥିବା ସମସ୍ତ ସୁବିଧା ଯୋଗାଇଦେବା ସହ ଅନ୍ୟ ମାଓବାଦୀଙ୍କୁ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପୋଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି।




ଆତ୍ମସମର୍ପଣ କରିଥିବା ମାଓବାଦୀ ।

# ଉପକୂଳବର୍ତ୍ତୀ ରାଜପଥ ଟେଣ୍ଡର ବାତିଲ ଲୋକଙ୍କ ଲାଗି ଡବଲ ଧୋକା: ବିଜେଡି

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ଭାରତ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦ୍ୱାରା ଓଡ଼ିଶାରେ ନିର୍ମାଣ ହେବାକୁ ଥିବା ଉପକୂଳବର୍ତ୍ତୀ ରାଜପଥର ଟେଣ୍ଡରକୁ ଅଚାନକ ବାତିଲ କରିଦିଆଯାଇଛି। ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତରକୁ ଇତିମଧ୍ୟରେ ଦଶ ବର୍ଷ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ। ଏବେ ଟେଣ୍ଡର ବାତିଲ ପରେ ଏହାର ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ଭାଜପାର ଡବଲ ଇଞ୍ଜିନ ଡବଲ ବିକାଶ ନାରା ଡବଲ ଧୋକାରେ ପରିଣତ ହୋଇଛି ବୋଲି ବିଜେଡିର ନେତା ଓ ଦଳ ପିଏସି ସଦସ୍ୟ ସଞ୍ଜୟ ଦାସବର୍ମା କହିଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ 'ଭାରତମାଳା' ପ୍ରକଳ୍ପର ଅଂଶ ଭାବେ ଓଡ଼ିଶାରେ ପ୍ରାୟ ୪୧୩ କିମି ଲମ୍ବର ଉପକୂଳବର୍ତ୍ତୀ ରାଜପଥ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା। ୨୦୧୫ ଜୁଲାଇ ୯ ତାରିଖରେ ପିପିଲିଠାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏନେଇ ଘୋଷଣା କରିଥିଲେ। ଏହି ପ୍ରକଳ୍ପ ସହିତ ରତନପୁରଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେଇ ଏହାକୁ ଉପକୂଳ ରାଜପଥ ସହିତ ସଂଯୋଗ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ଭିତ୍ତିଭୂମି, ଗମନାଗମନ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜ୍ୟ ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର ଦୂରତା ୪୧୩ କିମିରୁ ୩୫୬ କିମିକୁ କମାଇ ଦିଆଯାଇଥିଲା। ରାମେଶ୍ୱରଠାରୁ ରତନପୁର ପର୍ଯ୍ୟନ୍ତ ୧୬୬ କିମି ୪ ଲେନ ବିଶିଷ୍ଟ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଅପରପକ୍ଷରେ, ରତନପୁରଠାରୁ ୧୭୦ କିମି ରାସ୍ତା ନିର୍ମାଣର ଡିପିଆର ପ୍ରସ୍ତୁତି ସ୍ତରରେ ଅଟକି ରହିଛି। ଏହି ପ୍ରକଳ୍ପର କାମ ଆରମ୍ଭ ହେବାରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ଟେଣ୍ଡରକୁ ଅଚାନକ ବାତିଲ କରିବା ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ଆରମ୍ଭରୁ ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ରାଜପଥ ୪ ଲେନ୍ ବିଶିଷ୍ଟ ହେବ ବୋଲି କୁହାଯାଇଥିଲା। ସେହି ହିସାବରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପ୍ରକଳ୍ପର ପୁନଃ ଆକଳନ ପରେ ଏହାକୁ ଦୁଇ ଲେନ୍ କରାଯିବ ବୋଲି ସୂଚନା ମିଳିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସଞ୍ଜୟ କହିଛନ୍ତି।

# ପଞ୍ଚାୟତ, ବୁଥ୍‌ସ୍ତରରୁ ଲୋକଙ୍କ ସମସ୍ୟା ସହିତ ଯୁଡ଼: ଭକ୍ତ




ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଅନୁଷ୍ଠିତ

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନଠାରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି, ବୁଥ୍‌ସ୍ତରରୁ କିଭଳି ଯୁବ କଂଗ୍ରେସକୁ ମଜଭୁତ କରିହେବ ସେଥିପାଇଁ ଖସଡ଼ା ପ୍ରସ୍ତୁତ କର। ସମସ୍ତ ପଞ୍ଚାୟତ ଓ ବୁଥ୍‌ସ୍ତରରେ ଯୁବ କଂଗ୍ରେସ କର୍ମୀମାନେ ସାଧାରଣ ଜନତାଙ୍କ ସମସ୍ୟା, ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମାଜିକ ନ୍ୟାୟ, ଧାର୍ମିକ ସହନଶୀଳତା, ଦରଦାମ ବୃଦ୍ଧି, ବେକାରି, ଦାରିଦ୍ର୍ୟ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ସେ କହିଛନ୍ତି। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏହିଅବସରରେ କହିଛନ୍ତି, ଯୁବ କଂଗ୍ରେସ ହେଉଛି ଦଳର ମେରୁଦଣ୍ଡ ଓ ଏହା ମୁଖ୍ୟ ସାଂଖ୍ୟା। ଓଡ଼ିଶାରେ କଂଗ୍ରେସକୁ ସରକାରକୁ ଆଣିବା ପାଇଁ ଯୁବ କଂଗ୍ରେସର ସଂଗ୍ରାମ ଓ କାର୍ଯ୍ୟକ୍ରମ ଏକମାତ୍ର ମାଧ୍ୟମ। ଯୁବକମାନେ ହିଁ ପରିବର୍ତ୍ତନର ସୂତ୍ରଧର। ସେମାନଙ୍କ ତ୍ୟାଗ ଓ ଆନ୍ଦୋଳନ ସରକାରକୁ ପରିବର୍ତ୍ତନ କରିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଯୁବବିରୋଧୀ ସରକାର। ରାଜ୍ୟରେ ଅନେକ ଲକ୍ଷ ବେକାର ଯୁବତୀ, ଯୁବକ ହତାଶାରେ କାଳ କାଟୁଥିବା ବେଳେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଚିନ୍ତା କରୁନାହାନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଆସନ୍ତା ୩ ମାସରେ ରାଜ୍ୟ, ଜିଲା, ବିଧାନସଭା ନିର୍ବାଚନମଣ୍ଡଳୀ ଓ ବ୍ଲକସ୍ତର ପର୍ଯ୍ୟନ୍ତ ଯୁବ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ସେନେଇ ରଣନୀତି ଆଲୋଚନା କରିଛନ୍ତି। କାର୍ଯ୍ୟକାରିଣୀରେ ୫ ପ୍ରସ୍ତାବ ଆଗତ ହୋଇଛି। ଏସବୁକୁ ନେଇ ପ୍ରଦେଶ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବା ପ୍ରସ୍ତାବ ସମସ୍ତଙ୍କର ସମର୍ଥନ ଲାଭ କରିଛି।

# ବଦଳିଲେ ୩୬ ଓଏଏସ୍, ଓଆରଏସ୍ ଅଧିକାରୀ

ଭୁବନେଶ୍ୱର,୨୭।୫ (ରବିନାରାୟଣ ଜେନା)

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରଶାସନିକ ସ୍ତରରେ ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୩୬ ଜଣ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଏବଂ ଓଡ଼ିଶା ମ୍ୟୁନିସିପାଲ ପ୍ରଶାସନିକ ସେବା (ଓଏମଏଏସ୍) ଅଧିକାରୀଙ୍କୁ ବଦଳି କରାଯାଇଛି। କଳ୍ପନା ଚିକାରାଙ୍କୁ ପୂର୍ବତନ ଅତିରିକ୍ତ ତହସିଲଦାର ଅବିନାଶ ମିଶ୍ରଙ୍କୁ ଦିଗପହଣ୍ଡି ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଜ୍ଞାନବ୍ରତ ତ୍ରିପାଠୀଙ୍କୁ କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ସହଜିଲାପାଳ ମାନସ ରଞ୍ଜନ ଭୋଇଙ୍କୁ ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଦୀପ କୁମାର ପାଢ଼ୀଙ୍କୁ ବ୍ୟାସନଗର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ଏହାବ୍ୟତୀତ ଅନ୍ୟ ୩୨ଜଣ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ବିଭିନ୍ନ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି ।

## ଜାତୀୟ/ଅନ୍ତର୍ଜାତୀୟ

# ୬୮ ଜଣଙ୍କୁ ପଦ୍ମ ପୁରସ୍କାର ଦେଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୭।୫

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପୂର୍ବତନ ସିଜେଆଇ ଜଗଦୀଶ ସିଂ ଖେହର, ନୃତ୍ୟଶିଳ୍ପୀ ଶୋବନା ଚନ୍ଦ୍ରକୁମାର, ଅଭିନେତା ଅନନ୍ତ ନାଗ ଓ କିଙ୍ଗ ଜର୍ଜ ମେଡିକାଲ ୟୁନିଭର୍ସିଟିର କୁଳପତି ସୋନିଆ ନିତ୍ୟାନନ୍ଦଙ୍କ ସମେତ ୬୮ ବିଶିଷ୍ଟ ବ୍ୟକ୍ତିଙ୍କୁ ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି।

ଗତ ଜାନୁଆରୀ ୨୫ରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ମୋଟ ୧୩୯ ଜଣଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତିରେ ସେମାନଙ୍କ ମଧ୍ୟରୁ ୬୮ ଜଣଙ୍କୁ ପଦ୍ମ ପୁରସ୍କାର ଦିଆଯାଇଛି। ଅବସରପ୍ରାପ୍ତ ଜଷ୍ଟିସ୍ ଖେହରଙ୍କୁ ପଦ୍ମବିଭୂଷଣ ପୁରସ୍କାର ଦିଆଯାଇଥିବାବେଳେ କଥକ ନୃତ୍ୟଶିଳ୍ପୀ ସ୍ୱର୍ଗତ କୁମୁଦିନୀ ଲଖିଆ ଓ କଣ୍ଠଶିଳ୍ପୀ ସ୍ୱର୍ଗତ ଶାରଦା ସିହ୍ନାଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହାବ୍ୟତୀତ ୯ ଜଣଙ୍କୁ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ଭୂଷଣ ଦିଆଯାଇଛି।



ରାଷ୍ଟ୍ରପତି ଭବନରେ ମଙ୍ଗଳବାର ପୂର୍ବତନ ସିଜେଆଇ ଜଗଦୀଶ ସିଂ ଖେହର ଓ ନୃତ୍ୟଶିଳ୍ପୀ ଶୋବନା ଚନ୍ଦ୍ରକୁମାରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି।

# କ୍ଲାସ୍ ମିସ୍ କଲେ ଭିଜା ରଦ୍ଦ ହେବ

ଭାରତୀୟ ଛାତ୍ରୀଛାତ୍ରଙ୍କୁ ଆମେରିକାର ଚେତାବନୀ

ନୂଆଦିଲ୍ଲୀ, ୨୭।୫ (ପି.ଟି.)

ଭାରତରେ ଥିବା ଆମେରିକୀୟ ଦୂତାବାସ ମଙ୍ଗଳବାର ଆମେରିକାରେ ପଢୁଥିବା ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କୁ କଡ଼ା ଚେତାବନୀ ଜାରି କରିଛି। ଆମେରିକା ଦୂତାବାସ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ ଶେୟାର କରାଯାଇ କୁହାଯାଇଛି, ଯଦି ଛାତ୍ରୀଛାତ୍ର ନିଜ ୟୁନିଭର୍ସିଟି କିମ୍ବା ଶିକ୍ଷାନୁଷ୍ଠାନକୁ ବିନା ସୂଚନା ଦେଇ ସେମାନଙ୍କ କୋର୍ସକୁ ଅଧାରୁ ଛାଡ଼ି ଦିଅନ୍ତି କିମ୍ବା କ୍ଲାସ୍ କରନ୍ତି ନାହିଁ ତେବେ ସେମାନଙ୍କର ଛାତ୍ର ଭିସା ରଦ୍ଦ ହୋଇପାରେ। ସେହିପରି ଏହି ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ମଧ୍ୟ ଆମେରିକାର ଭିଜା ପାଇବା ପାଇଁ ଯୋଗ୍ୟତା ହରାଇ ପାରନ୍ତି। ତେଣୁ ଏହି ସମସ୍ୟାକୁ ଏଡ଼ାଇବା ପାଇଁ ସର୍ବଦା ନିଜ ନିଜର ଭିଜା ନିୟମ ଏବଂ ସର୍ତ୍ତାବଳୀକୁ ପାଳନ କରି ଆମେରିକାରେ ନିଜ ଷ୍ଟୁଡେଣ୍ଟ ଷ୍ଟାଟସ୍‌କୁ ବଜାୟ ରଖିବାକୁ ଆମେରିକୀୟ ଦୂତାବାସ ପକ୍ଷରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି।

# ଆଫଗାନୀଙ୍କ ପାଇଁ ପୁଣି ଭିଜା ସେବା ଆରମ୍ଭ

ନୂଆଦିଲ୍ଲୀ, ୨୭।୫

ଦୀର୍ଘ ୪ ବର୍ଷ ପରେ ଭାରତ ଆଫଗାନ ନାଗରିକଙ୍କ ପାଇଁ ଭିଜା ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିଛି। ବ୍ୟବସାୟ, ଶିକ୍ଷା କିମ୍ବା ଚିକିତ୍ସା ପାଇଁ ଭାରତ ଆସିବାକୁ ଇଚ୍ଛୁକ ଥିବା ଆଫଗାନ ବ୍ୟକ୍ତିମାନେ ଅନଲାଇନରେ ସେମାନଙ୍କ ଭିଜା ଆବେଦନ କରିପାରିବେ। ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନର କ୍ଷମତାକୁ ତାଲିବାନ ଦଖଲ କରିବା ପରେ ଭାରତ ସରକାର କାବୁଲସ୍ଥିତ ନିଜ ଦୂତାବାସ ଅଧିକାରୀଙ୍କୁ ପ୍ରତ୍ୟାହାର କରିନେଇଥିଲେ। ଏହାସହ ଭାରତ ପକ୍ଷରୁ ଆଫଗାନ ନାଗରିକଙ୍କ ଭିଜା ସେବାକୁ ସ୍ଥଗିତ ରଖାଯାଇଥିଲା।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION-II, NAYAGARH**

No.O-199

No.2071 E-Mail: nayagarhrw2@yahoo.in Date:23.5.25

**2nd Corrigendum to Bid Identification No.Tender Online Tender/01/RWD-II/2025-26 dtd.06.05.2025**

In partial modification to this office Tender Call Notice No.01/2025-26 invited vide this office No.1813, dtd.06.05.2025, the online availability of tender against the works as mentioned from Sl.No.01 to Sl.No.7 of the above N.I.T. (Detailed in Annexure) have been re-scheduled as follows.

| Procurement Officer | Bid Identification No. | Now availability of Tender on-line for bidding is rescheduled | | New Date & Time of opening of Technical Bid is rescheduled to | Date & Time of Opening of Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Nayagarh | Online Tender/ 01/ RWD-II/ 2025-26 | 29.05.2025 at 11.00 A.M. | 09.06.2025 upto 5.30 P.M. | 10.06.2025 at 11.00 A.M. | Will be intimated later on |

All other terms and conditions remain unchanged.

OIPR-25144/11/0014/2526 Sd./- Executive Engineer, Rural Works Division-II, Nayagarh

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Drainage Division, Bhadrak**
Email ID: eeddbdk@gmail.com

NO.A-218

**"e" PROCUREMENT NOTICE NO.- 02/2025-26**

| Procurement Officer/ Name & address of the officer inviting Bids. | Name of work | Bid Identification Number | Appx. Tender Cost (in INR) (excluding G.S.T) of individual work | Bid Security/ EMD- (online)-(in INR) | Cost of tender document- (online)- (in INR) | Class of Contractor (Odisha PWD or equivalent class of other licensing authority) | Period of completion | Bid document available on-line for bidding | | Date of opening of the Technical Bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| Superintending Engineer, Drainage Division, Bhadrak | Improvement to Mathurapur to Kanjipada drain and link drains with control structure over Karanjei DC in Saya GP in Tihidi Block under Doab No.-XII | DDBDK-02-01/ 2025-26 | Rs.72,91,839/- | Rs.72,919/- | Rs.10,000/- | "B" Class Contractor | 11 (Elevden) Calendar months | 28.05.25 | 06.06.25 | 09.06.25 |
| | Renovation of Nazar Nallah and its link drain in Bhadrak Municipality under Doab No-XIII | DDBDK-02-02/ 2025-26 | Rs.75,35,734/- | Rs.75,358/- | Rs.10,000/- | "B" Class Contractor | 11 (Elevden) Calendar months | 28.05.25 | 06.06.25 | 09.06.25 |
| | Construction of Balance work of Drain Nehru Stadium to Bonth Chhak in Bhadrak Municipality under Salandi-Baitarani Doab No-XIII | DDBDK-02-03/ 2025-26 | Rs.78,05,897/- | Rs.78,059/- | Rs.10,000/- | "B" Class Contractor | 11 (Eleven) Calendar months | 28.05.25 | 06.06.25 | 09.06.25 |

Further details can be seen from the Govt. website www.tendersodisha.gov.in.

OIPR-32057/11/0005/2526 Sd./- Superintending Engineer, Drainage Division, Bhadrak

# ୨୫ ଲକ୍ଷର କ୍ଷତି ପାଇଁ ୧୦ ହଜାର ସହାୟତା

ପାକିସ୍ତାନ ଗୁଳିଗୋଳା ବର୍ଷଣରେ ପ୍ରଭାବିତ କଶ୍ମୀର ସୀମାନ୍ତବାସୀଙ୍କ ଅସନ୍ତୋଷ

ଶ୍ରୀନଗର, ୨୭।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚଳିତ ମାସର ଦ୍ୱିତୀୟ ସପ୍ତାହରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖାଦେଇଥିଲା। ଏଥିରେ ଭାରତର ଜମ୍ମୁ-କଶ୍ମୀର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନର ଗୁଳିଗୋଳା ବର୍ଷଣରେ ଜମ୍ମୁ-କଶ୍ମୀରର ଅନେକ ସୀମାନ୍ତ ଗ୍ରାମବାସୀଙ୍କ ଘର ଭାଙ୍ଗିଯାଇଥିଲା। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଉତ୍ତର କଶ୍ମୀରସ୍ଥିତ କୁପ୍‌ୱାରା ଜିଲାର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟବର୍ତ୍ତୀ ସୋନାରା ଗ୍ରାମ ନିବାସୀ ମହମ୍ମଦ ମକ୍‌ବୁଲ ଖାନ୍ କହିଛନ୍ତି, ପାକିସ୍ତାନର ଗୁଳିଗୋଳା ବର୍ଷଣରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ତାଙ୍କର ସମୁଦାୟ ୨୫ରୁ ୩୦ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ମହମ୍ମଦ କହିଛନ୍ତି। ଜମ୍ମୁ-କଶ୍ମୀରର ବରିଷ୍ଠ ସିଭିଲ ଏବଂ ପୋଲିସ ଅଧିକାରୀ ସୋନାରା ଗ୍ରାମକୁ ଆସି ତାଙ୍କ ଘର ସମେତ ଅନ୍ୟାନ୍ୟ ଘରଗୁଡ଼ିକର କ୍ଷୟକ୍ଷତି ଯାଞ୍ଚ କରିଥିଲେ। ଏହାପରେ ସରକାରଙ୍କ ପକ୍ଷରୁ ତାଙ୍କୁ କ୍ଷତିପୂରଣ ଆକାରରେ ୧୦ ହଜାର ଟଙ୍କାର ସାମାନ୍ୟ ସହାୟତା ଦିଆଯାଇଥିଲା। ଏହା ତାଙ୍କୁ ସ୍ତବ୍ଧ କରିଥିବା ମହମ୍ମଦ କହିଛନ୍ତି। ସେହିପରି ଏଲ୍‌ଓସି ନିକଟବର୍ତ୍ତୀ ଉରିର ପରମପିଲ୍ଲା ଗ୍ରାମନିବାସୀ ସୟଦ ମୁସ୍ତାଫା କହିଛନ୍ତି, ପାକିସ୍ତାନର ଗୁଳିଗୋଳା ବର୍ଷଣରେ ତାଙ୍କ ଘର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଘରର ଝରକା ଏବଂ କବାଟର କାଚ ଭାଙ୍ଗିଯିବା ସହ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ସବୁକିଛି ହିସାବ କରାଗଲେ ତାଙ୍କ ପରିବାରର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଘରର ପୁନଃନିର୍ମାଣ ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପରିବର୍ତ୍ତେ ସରକାର କେବଳ ୬,୫୦୦ ଟଙ୍କାର ସହାୟତା ରାଶି ଦେଇଛନ୍ତି। ଏହାକୁ ସେ ନାପସନ୍ଦ କରିଛନ୍ତି।



**GOVERNMENT OF ODISHA**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**

No.5697//SSEPD Dated 23.05.2025

**CORRIGENDUM NOTICE**

No.gg-In the RFP issued vide SSEPD Department Notice No.5015, dt.06.05.2025, published on 07.05.2025 in The Sambad, The Dharitri and The Times of India titled **'Implementation of Comprehensive IT solutions for the Social Security & Empowerment of Persons with Disabilities (SSEPD) Department'**, the deadline for receiving RFP in the Department is extended to **5 PM on 09.06.2025**. A few modifications are made based on suggestions received from the prospective bidders. Details of the Corrigendum Notice is available at www.ssepd.gov.in.

Sd./- Director
SSEPD Department

OIPR-46001/11/0043/2526

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼**

**ଟେଣ୍ଡର ନୋଟିସ**

ପତ୍ର ସଂ: ୧୨୯୬ ତା୨୭।୦୫।୨୫

No. C-398: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅଧୀନସ୍ଥ ଟାଉନ ହଲ ଓ କଲ୍ୟାଣ ମଣ୍ଡପ ତା୨୧।୦୬।୨୦୨୫ରୁ ୨୦।୦୬।୨୦୨୮ (୩ ବର୍ଷ) ପର୍ଯ୍ୟନ୍ତ ନିଲାମ ଦିଆଯିବ। ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ତା୨୮।୦୫।୨୦୨୫ରୁ ୧୬।୦୬।୨୦୨୫ ଅପରାହ୍ନ ଘ.୧.୦୦ କାର୍ଯ୍ୟାଳୟ ଦିବସ ସମୟ ମଧ୍ୟରେ ଟେଣ୍ଡର ପେପର ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବ୍‌ସାଇଟ୍: **http://nuapada.odisha.gov.in**ରୁ ଦେଖିପାରିବେ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13136/11/0041/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

**ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ବାଲେଶ୍ୱର**

ନୋଟିସ୍ ନଂ. 410/ଗୃହରକ୍ଷୀ ତା:26.05.2025

No. D-80: ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଚିଠି ସଂଖ୍ୟା ୧୪୨୯/ଗୃହରକ୍ଷୀ ତା୧୭।୦୪।୨୦୨୫ରିଖ ଅନୁଯାୟୀ ବାଲେଶ୍ୱର ଜିଲ୍ଲାର ଗୃହରକ୍ଷୀ ପଦବୀ ସଂଖ୍ୟା ୮୩୨ରୁ ୮୬୨କୁ ବୃଦ୍ଧି କରାଯାଇଛି। ନୂତନ ମଞ୍ଜୁରୀ ହୋଇଥିବା ଆହୁରି ୩୦ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଉକ୍ତ ଗୃହରକ୍ଷୀ ଚୟନ ପରୀକ୍ଷା Odisha Home Guards Act 1961, Odisha Home Guards Rules, 1962 and Circular Order No. 01/2025 ଅନୁଯାୟୀ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟାଳୟର ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୧୩୩/ଗୃହରକ୍ଷୀ ତା୧୯।୦୨।୨୦୨୫ ଅନୁଯାୟୀ ୧୬୭ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନେ ପୁଣି ଥରେ ଆବେଦନ କରିବା ଆବଶ୍ୟକତା ନାହିଁ। ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀ ଓ ନୂତନ ଭାବେ ଆବେଦ କରୁଥିବା ପ୍ରାର୍ଥୀ ଉଭୟ (୧୬୭ + ୩୦) ସମୁଦାୟ ୧୯୭ ଖାଲି ପଦବୀରେ ପ୍ରତିଯୋଗିତ ପାଇଁ ଯୋଗ୍ୟ ବିବେଚିତ ହେବେ।

| Sl. No. | ବର୍ଗ (Category) | ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା (Vacancy) | ଯୋଗ୍ୟତା (Eligibility) | ବୟସ ସୀମା (Age) | ଶିକ୍ଷାଗତ ଯୋଗ୍ୟତା (Education Qualification) |
|---|---|---|---|---|---|
| 1 | ଗୃହରକ୍ଷୀ ସାଧାରଣ | ୧୯୭ (ପୂର୍ବରୁ ଖାଲିଥିବା ୧୬୭ + ୩୦ ନୂତନ ମଞ୍ଜୁରୀପ୍ରାପ୍ତ ପଦବୀ) | ୧. ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଯେ କୌଣସି ଅଞ୍ଚଳର ହୋଇଥିବା ଆବଶ୍ୟକ। ୨. ଆବେଦନକାରୀ ଓଡ଼ିଆ ଭାଷାରେ କହିବା, ପଢ଼ିବା ଓ ଲେଖି ଜାଣିବା ଆବଶ୍ୟକ। ୩. ଆବେଦନକାରୀ କୌଣସି ଫୌଜଦାରି ମକଦ୍ଦମାରେ ସମ୍ପୃକ୍ତ ନ ଥିବେ। ୪. ଆବେଦନକାରୀ ସୁସ୍ଥ ସବଳ ହୋଇଥିବେ। ଶାରୀରିକ ବିକଳାଙ୍ଗ ହୋଇନଥିବେ। | ଆବେଦନକାରୀଙ୍କ ବୟସ ତା୦୧।୦୧।୨୦୨୫ରିଖ ସୁଦ୍ଧା ୨୦ବର୍ଷରୁ କମ୍ ଏବଂ ୬୦ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। | ଆବେଦନକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏଲ୍.ପି. ଷ୍ଟାଣ୍ଡର୍ଡ (Class-V) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। |
| | Total | ୧୯୭ (୧୬୭ + ୩୦) | (One Hundred Ninety Seven) | | |

- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ (Form-A) ପୂରଣ କରି ସିଧାସଳଖ ଭାବେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ବାଲେଶ୍ୱରଠାରେ ତା୨୯।୦୫।୨୦୨୫ରିଖରୁ ଅପରାହ୍ନ ତା୧୨।୦୬।୨୦୨୫ ସୁଦ୍ଧା (ସକାଳ ୭ଟାରୁ ଦିବା ୧ଟା ମଧ୍ୟରେ) ଦାଖଲ କରିବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।
- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ସହିତ ଆଧାର କାର୍ଡ଼, ଆବାସିକ, ବୟସ ଓ ଶିକ୍ଷାଗତ ଯୋଗ୍ୟତା, ବୈଷୟିକ ଦକ୍ଷତା, ପ୍ରମାଣପତ୍ରଗୁଡ଼ିକର ନକଲ ଓ ୪ଗୋଟି ପାସ୍‌ପୋର୍ଟ ଆକାରର ନିଜ ଫଟୋ ସଂଲଗ୍ନ କରି ଦେବେ।
- ଆବେଦନକାରୀ Computer/Electrician/Driving/Plumber/Mechanic/House Keeping/Carpenter/Painter/Cooking/Washer Man/ Barber/Cobbler/Mason/Photographer/Noliaରେ ଅଭିଜ୍ଞତା ରହିଥିଲେ ଉକ୍ତ ଚୟନ ପରୀକ୍ଷାରେ ଅଗ୍ରାଧିକାର ଦିଆଯିବ।
- ଯେଉଁ ଆବେଦନକାରୀ ଉକ୍ତ ଗୃହରକ୍ଷୀ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ। ଏତଦ୍ ବ୍ୟତୀତ ଚୟନ ପରୀକ୍ଷାରେ କୌଣସି ପ୍ରକାରରେ Selection Board ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର ଗୃହରକ୍ଷୀ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ।
- ଚୟନ ପରୀକ୍ଷାର ବିବରଣୀ, ନିର୍ଦ୍ଧାରିତ ତାରିଖ, ସମୟ, ସ୍ଥାନ ଇତ୍ୟାଦିର ସୂଚନା ବାଲେଶ୍ୱର ଜିଲ୍ଲାର ସମସ୍ତ ଥାନା ଓ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟରେ ପ୍ରକାଶ କରାଯିବ।

OIPR-12181/11/0003/2526 ସ୍ୱା./– ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ବାଲେଶ୍ୱର



# ତଳି ପଟାଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜି ଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

# ମାଛ ଚାଷରେ ଖତ ସାର ପ୍ରୟୋଗ

"ଯାଆଁଳ ଛାଡ଼ିବାର ଏକଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।"



ମାଛ ଚାଷ କରୁଥିବା ପୋଖରୀରେ ଚୂନ ପ୍ରୟୋଗ କରାଯିବାର ୫-୭ ଦିନ ପରେ ସାଧାରଣତଃ ଖତ ପ୍ରୟୋଗ କରାଯାଏ। ଖତ ପ୍ରୟୋଗ କରିବାର ପ୍ରକାରକୁ ନେଇ ତିନି ପ୍ରକାର ପଦ୍ଧତି ଲାଭଜନକ ସାବ୍ୟସ୍ତ ହୋଇଥାଏ। ତେବେ ଗଚ୍ଛିତ ରଖିଥିବା ଘନତ୍ୱ ଏବଂ ଯାଆଁଳ ଅମଳର ପରିମାଣ ଓ ଆୟ ଅଲଗା ଅଲଗା ହୋଇଥାଏ। ତେବେ ସେହି ତିନି ପ୍ରକାର ପଦ୍ଧତିଗୁଡ଼ିକ ହେଲା-

(୧) ପାରମ୍ପରିକ ପଦ୍ଧତି
(୨) ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି
(୩) ତୁରନ୍ତ/ତତ୍କାଳ ଖତସାର ପ୍ରୟୋଗ ପଦ୍ଧତି।

**ପାରମ୍ପରିକ ପଦ୍ଧତି**

ଯାଆଁଳ ଛାଡ଼ିବାର ୧୫ଦିନ ପୂର୍ବରୁ ପ୍ରତି ଏକର ଜଳରାଶି ଏବଂ ଏକ ମିଟର ଗଭୀରତା ବିଶିଷ୍ଟ ପୋଖରୀ ପାଇଁ ୪ ଟନ୍ କଞ୍ଚା ଗୋବର ଏବଂ ଯାଆଁଳ ଛଡ଼ାଯିବାର ୭ ଦିନ ପରେ ସ୍ଥାୟୀ ପ୍ଲାଙ୍କଟନ୍ ଉତ୍ପାଦନ ପାଇଁ ଏକର ପିଛା ୨ ଟନ୍ ହିସାବରେ ପ୍ରୟୋଗ କରାଯାଏ। ମହୁଲ ପିଡିଆ ପ୍ରୟୋଗ କରାଯାଇଥିବା ପୋଖରୀ କ୍ଷେତ୍ରରେ ପ୍ରାରମ୍ଭିକ ପରିମାଣ ଏକର ପିଛା ୨ ଟନ୍‌କୁ କମାଇ ଦିଆଯାଏ। କଞ୍ଚା ଗୋବର ପରିବର୍ତ୍ତେ ଯଦି କୁକୁଡ଼ା ଖତ ପ୍ରୟୋଗ କରାଯିବ, ତେବେ ପରିମାଣକୁ କଞ୍ଚା ଗୋବରର ଅଧାକୁ କମାଇ ଦିଆଯାଏ।

**କୀଟପତଙ୍ଗ ନିୟନ୍ତ୍ରଣ**

ଯାଆଁଳ ଛାଡ଼ିବାର ଏକ ଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।

**ଯାଆଁଳ ଛାଡ଼ିବା କାର୍ଯ୍ୟ**

ପୋଖରୀରେ ତାପମାତ୍ରା କମ୍ ଥିବା ସମୟରେ ଯାଆଁଳ ଛଡ଼ାଯିବା ଦରକାର। ବିଶେଷକରି ସକାଳ ବେଳା ଥଣ୍ଡା ପାଗରେ ଏହା କଲେ ଭଲ। ଏକର ପିଛା ୨୦-୩୦ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଛଡ଼ାଯାଇଥାଏ। ବିକ୍ରୟ କରିବା ଦୃଷ୍ଟିରୁ ଗୋଟିଏ ପୋଖରୀରେ ବହୁବିଧ ପ୍ରଜାତିର ଯାଆଁଳ ଛାଡ଼ିବା ଅପେକ୍ଷା ଗୋଟିଏ ପ୍ରଜାତିର ଚାଷ ଅତ୍ୟନ୍ତ ଭଲ।

**ଖାଦ୍ୟ**

ଯାଆଁଳମାନଙ୍କ ପାଇଁ ୧:୧ ଅନୁପାତରେ ଗୁଣ୍ଡ ବାଦାମ ପିଡ଼ିଆ ଏବଂ କାଣ୍ଡିଆକୁଣ୍ଡା କିମ୍ବା ଧାନଗୁଣ୍ଡ ପ୍ରୟୋଗ କରାଯିବା ଆବଶ୍ୟକ।

**ପରିମାଣ**

ଯାଆଁଳଙ୍କ ପାଇଁ ଖାଦ୍ୟ ପକାଉଥିଲେ ପ୍ରଥମ ପାଞ୍ଚ ଦିନ ଶରୀର ଓଜନ ଅନୁଯାୟୀ ୪ ଗୁଣ ବା ୬୦୦ ଗ୍ରାମ/ଏକ ଲକ୍ଷ/ପ୍ରତିଦିନ (ଯାଆଁଳ ଓଜନ ୧.୪-୧.୬ ଏମ୍‌ଜି ହୋଇଥିଲେ) ଏବଂ ପରବର୍ତ୍ତୀ ୧୦ ଦିନ ପର୍ଯ୍ୟନ୍ତ ପ୍ରାରମ୍ଭିକ ଓଜନର ଆଠ ଗୁଣ ଅର୍ଥାତ୍ ୧୨୦୦ ଗ୍ରାମ/ଏକଲକ୍ଷ/ପ୍ରତିଦିନ ଭାବରେ ଦିଆଯିବା ଉଚିତ।

**ଯାଆଁଳଙ୍କୁ ଖାଦ୍ୟ ଦେବା ସମୟ**

ସାଧାରଣତଃ ଯାଆଁଳମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ଖାଦ୍ୟ ଦିଆଯାଇଥାଏ। ପୋଖରୀରେ ଶିଉଳି ଦେଖାଦେଲେ ଖାଦ୍ୟ ଖାଇବାକୁ ଦିଆଯିବ ନାହିଁ।

**ଅମଳ**

ଯାଆଁଳ ଛାଡ଼ିବାର ୧୫ ଦିନ ପରେ ସେଗୁଡ଼ିକ ପ୍ରାୟ ୨୦-୩୦ ମିଲିମିଟର ଆକାରର ହୋଇଯାଆନ୍ତି। ସେହି ସମୟରେ ସେମାନଙ୍କର ଓଜନ ୦.୧୫ଗ୍ରାମରୁ ୦.୨୦ ଗ୍ରାମ ହୋଇଥାଏ। ସେମାନଙ୍କୁ ୧/୮ ଇଞ୍ଚ ଫାଳ ବିଶିଷ୍ଟ ଯାଆଁଳ ଧରା ଭିଡ଼ା ଜାଲ ସାହାଯ୍ୟରେ ପ୍ରତିପାଳନ (ନର୍ସରୀ ପୋଖରୀ) ପୋଖରୀରେ ପାଳନ ପାଇଁ ରଖାଯାଏ। ସ୍ୱନ୍‌ରୁ ଯାଆଁଳ ବଞ୍ଚିବାର ହାର ୨୫ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ତେଣୁ ୨୦-୩୦ ଲକ୍ଷ ଯାଆଁଳ ଗଚ୍ଛିତ ରଖାଗଲେ ୧୫ ଦିନ ପରେ ୬-୯ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଅମଳ କରାଯାଇପାରିବ।

**ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି**

ପାରମ୍ପରିକ ପଦ୍ଧତିରେ ଠିକ୍ ସମୟରେ ମାଛ ବିହନ (ସ୍ୱନ୍) ମିଳିବା ଏକ ପ୍ରମୁଖ ସମସ୍ୟା ରୂପେ ଦେଖାଦେଇଥାଏ। ଏପରି ଅସୁବିଧାକୁ ଏଡାଇବା ପାଇଁ ଓ ଭଲ ଅମଳ ପାଇବା ନିମନ୍ତେ ନିମ୍ନଲିଖିତ ପଦ୍ଧତି ଅନୁସରଣ କରାଯାଇପାରେ। (କ୍ରମଶଃ...)

**-ଡା. ମାନସ ରଞ୍ଜନ ପଟ୍ଟନାୟକ,** ଅଧ୍ୟକ୍ଷ, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
**-ଦିଲୀପ କୁମାର ସାହୁ,** ଅଧ୍ୟାପକ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର



# ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ...

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । କାରଣ ଏହି ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ। ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରି କି ମାଟି ଭଲ ଭାବରେ ଭିଜିପାରିବ।



# ମୁଗ ଫସଲରେ ପତ୍ରକଟା ପୋକ ଲାଗିଥିଲେ...



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ। ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଖୁ ଚାଷରେ କାଣ୍ଡବିନ୍ଧା ପୋକ ଦମନ

ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



## ଜାଣି ରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।
- ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳସବୁବେଳେପରିଷ୍କାରଓଶୁଖିଲାରଖନ୍ତୁ।ଏହାରଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ମଧ୍ୟମ କିସମ ଧାନ ଚାଷ

ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମିପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଯବକ୍ଷାରଜାନ ସାର ଦିଅନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱ ଚାମ୍ପିୟନ ଗୁକେଶଙ୍କୁ ହରାଇଲେ କାର୍ଲସେନ

**ଷ୍ଟାଭାଙ୍ଗର,୨୭।୫(ପି.ଟି.):** ୱାର୍ଲ୍ଡ ନଂ.୧ ମାଗ୍‌ନସ କାର୍ଲସେନ ନରୱେ ଚେସ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଡି ଗୁକେଶଙ୍କୁ ପରାସ୍ତ କରିଛନ୍ତି। ୫ ଥରର ବିଶ୍ୱ ଚାମ୍ପିୟନ କାର୍ଲସେନଙ୍କୁ ତାଙ୍କ ଅଧା ବୟସର ଖେଳାଳି ଗୁକେଶ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା କ୍ଲାସିକ୍ ଚେସ୍ ମ୍ୟାଚ୍‌ରେ ପ୍ରାୟତଃ ଚାପରେ ରଖିଥିଲେ। ହେଲେ ଗୁକେଶ ନିଜ ତ୍ରୁଟି କାରଣରୁ ୫୫ତମ ମୁଭ୍‌ରେ ପରାଜିତ ହୋଇଥିଲେ। ଏହି ବିଜୟ ସହ କାର୍ଲସେନ ୩ ପଏଣ୍ଟ ହାସଲ କରିଛନ୍ତି।

# ମେଡ୍‌ଭେଡେଭ୍‌ଙ୍କୁ ହରାଇଲେ ନୋରି



ମେଡଭେଡେଭଙ୍କୁ ହରାଇବାପରେ ଉଲ୍ଲସିତ କାମେରନ ନୋରି।

**ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍**

## ସିନର, ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ

**ପ୍ୟାରିସ୍, ୨୭।୫**

ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ୧୧ଶ ସିଡ୍ ରୁଷିଆର ଡାନିଲ ମେଡ୍‌ଭେଡେଭ୍। ବ୍ରିଟେନ୍‌ର ଅଣସିଡେଡ୍ ଖେଳାଳି କାମେରନ ନୋରି ୭-୫, ୬-୩, ୪-୬, ୧-୬, ୭-୫ ସେଟ୍‌ରେ ମେଡ୍‌ଭେଡେଭ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ତେବେ ଟପ୍ ସିଡ୍ ଜାନିକ ସିନର, ୩ୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍, ଷଷ୍ଠ ସିଡ୍ ନୋଭାକ ଜୋକୋଭିଚ୍, ୯ମ ସିଡ୍ ଆଲେକ୍ସ ଡି ମିନାଉର ପ୍ରମୁଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନର ୬-୪, ୬-୩, ୭-୫ରେ ଆର୍ଥର ରିଣ୍ଡେର୍କନେଚ୍‌ଙ୍କୁ, ଜେଭରେଭ୍ ୬-୩, ୬-୩, ୬-୪ରେ ଲର୍ନର ଟିଏନଙ୍କୁ ଏବଂ ମିନାଉର ୬-୩, ୬-୪, ୭-୬ (୮/୬) ସେଟ୍‌ରେ ଲାସ୍‌ଲୋ ଡିଜେରେଙ୍କୁ ହରାଇ ଦେଇଛନ୍ତି। ଜୋକୋଭିଚ୍ ୬-୩, ୬-୩, ୬-୩ ସେଟ୍‌ରେ ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କୁ ପରାସ୍ତ କରିଛନ୍ତି। ୧୬ଶ ସିଡ୍ ଗ୍ରିଗୋର ଡିମିଟ୍ରୋଭ ୬-୨, ୬-୩, ୨-୬ରେ ଅଗ୍ରଣୀ ରହିଥିଲେ ହେଁ ଆହତ ସମସ୍ୟା ଯୋଗୁ ଓହରିଯିବାରୁ ଇଥାନ କ୍ୱିନ୍ ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍‌ଜାଣ୍ଡର ଶେଭଚେଙ୍କୋ, ଫେଡେରିକୋ ଅଗଷ୍ଟିନ ଗୋମେଜ, ଆଲେକ୍‌ଜାଣ୍ଡର ବୁବ୍ଲିକ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଗଫ୍, ଆଜାରେଙ୍କା ବିଜୟୀ

ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ କୋକୋ ଗଫ୍ ୬-୨, ୬-୨ ସେଟ୍‌ରେ ଓଲିଭିଆ ଗଡେକିଙ୍କୁ ହରାଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିପରି ସୋଫିଆ କେନିନ ୬-୩, ୬-୧ରେ ବାର୍ବରା ଗ୍ରାଚେଭାଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୬-୦, ୬-୦ରେ ୟାନିନା ୱିକମେୟରଙ୍କୁ, ୬ଷ୍ଠ ସିଡ୍ ମୀରା ଆନ୍ଦ୍ରେଭା ୬-୪, ୬-୩ରେ କ୍ରିଷ୍ଟିନା ବୁକ୍‌ସାଙ୍କୁ, ମାର୍କେଟା ଭେନ୍ଦ୍ରୋସୋଭା ୬-୪, ୬-୪ରେ ଓକସାନା ସେଲେଖମେଟେଭାଙ୍କୁ ହରାଇଥିବାବେଳେ ୨୩ତମ ସିଡ୍ ବିଟ୍ରିଜ ହାଡାଡ ମାଇଆ ୬-୪, ୩-୬, ୧-୬ରେ ହିଲି ବାପ୍ଟିଷ୍ଟେଙ୍କଠାରୁ ହାରି ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଜେସିକା ପେଗୁଲା ସିଧାସଳଖ ୬-୨, ୬-୪ ସେଟ୍‌ରେ ଆନ୍‌କା ଟୋଡୋନିଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି।

**ଆଇପିଏଲ୍ ଫାଇନାଲ**

# ୩ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ

**ନୂଆଦିଲ୍ଲୀ, ୨୭।୫ (ପି.ଟି.):** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉଦ୍‌ଯାପନୀ ଉତ୍ସବ ଜୁନ୍ ୩ରେ ଅହମଦାବାଦରେ ଆୟୋଜନ ହେବ। ଏଥିରେ ଯୋଗଦାନ କରିବା ଲାଗି ଦେଶର ୩ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)। ନିକଟରେ ଅପରେଶନ ସିନ୍ଦୂରରେ ବୀରତ୍ୱର ପରାକାଷ୍ଠା ଦେଖାଇଥିବାରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ଏକ ଗଣମାଧ୍ୟମରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। କେବଳ ୩ ସେନା ମୁଖ୍ୟ ନୁହନ୍ତି, ବିଭାଗର କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଓ ସୈନିକଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ସାଇକିଆ କହିଛନ୍ତି, ନିଃସ୍ୱାର୍ଥପର ସେବା ଓ ଅଦମ୍ୟ ସାହସ ପାଇଁ ଦେଶର ସଶସ୍ତ୍ର ବଳକୁ ବିସିସିଆଇ ସଲାମ କରୁଛି। ଶ୍ରଦ୍ଧାଞ୍ଜଳି ଲାଗି ଆଇପିଏଲ୍‌ର ଉଦ୍‌ଯାପନୀ ଉତ୍ସବକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ।

# ସିନ୍ଧୁ, ପ୍ରଣୟ ଦ୍ୱିତୀୟ ରାଉଣ୍ଡରେ

**ସିଙ୍ଗାପୁର, ୨୭।୫(ପି.ଟି.)**

ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ସିଙ୍ଗାପୁର ଓପନ ସୁପର ୭୫୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନ୍ଧୁ କାନାଡ଼ାର ୱେନ୍ ୟୁ ଝାଙ୍ଗ୍‌ଙ୍କ ବିପକ୍ଷ ମ୍ୟାଚ୍‌କୁ ମାତ୍ର ୩୧ ମିନିଟ୍‌ରେ ୨୧-୧୪, ୨୧-୯ ସିଧାସଳଖ ଗେମ୍‌ରେ ଜିତିନେଇଛନ୍ତି। ଅନ୍ୟପକ୍ଷେ ବିଶ୍ୱର ୩୪ ନମ୍ବର ଖେଳାଳି ପ୍ରଣୟ କିନ୍ତୁ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି।

# ମର୍ସି ରାଫା' ଟି-ଶାର୍ଟ ମୂଲ୍ୟ ୫୪୦ ଡଲାର

**ପ୍ୟାରିସ୍,୨୭।୫(ଏପି)**

ଫ୍ରେଞ୍ଚ୍ ଓପନ୍ ଦ୍ୱାରା ରାଫେଲ ନାଡାଲଙ୍କୁ ସମ୍ମାନିତ କରାଯିବାର ଦିନକ ପରେ କିଛି ପ୍ରଶଂସକ କ୍ଲେ ରଙ୍ଗର 'ମର୍ସି ରାଫା' ଟି-ଶାର୍ଟକୁ ବିକିବା ଆରମ୍ଭ କରିଛନ୍ତି। ଏପରିକି କିଛି ପ୍ରଶଂସକ ଏହି ସ୍ୱତନ୍ତ୍ର ଟି-ଶାର୍ଟ ଲାଗି ୫୦୦ ୟୁରୋ (୫୪୦ ଆମେରିକୀୟ ଡଲାର) ଦାବି କରୁଛନ୍ତି। ଏହି ଟି-ଶାର୍ଟ ଫ୍ରେଞ୍ଚରେ 'ଥାଙ୍କ୍ ୟୁ ରାଫା' ଓ '୨୫।୫।୨୦୨୫' ଉଲ୍ଲେଖ ରହିଛି। ଗତ ରବିବାର ୧୪ ଥରର ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ନାଡାଲଙ୍କ ଲାଗି ଆୟୋଜନ କରାଯାଇଥିବା ଫେୟାରୱେଲ ଉତ୍ସବରେ କୋର୍ଟ ଫିଲିପ-ଚାଟରିଅର




ଯୋଗ ଦେଇଥିବା ଦର୍ଶକଙ୍କ ମଧ୍ୟରେ ଏହି ଶାର୍ଟକୁ ବଣ୍ଟାଯାଇଥିଲା। ଦର୍ଶକଙ୍କ ମଧ୍ୟରେ ବିଭିନ୍ନ କ୍ଲେ ରଙ୍ଗର ଟି-ଶାର୍ଟ ବଣ୍ଟନ କରାଯାଇଥିଲା। ଏହି ଇଭେଣ୍ଟ ଶେଷହେବାର କିଛି ମିନିଟ୍ ପରେ ଉକ୍ତ ଟି-ଶାର୍ଟ ପୁନଃ ବିକ୍ରି ଲାଗି ବ୍ୟବହୃତ ହେଉଥିବା ପ୍ଲାଟଫର୍ମରେ ନଜର ଆସିଥିଲା। ସୋମବାର ୩୦ଟି ଶାର୍ଟ ବିକ୍ରି ଲାଗି ଲିଷ୍ଟେଡ୍ ହୋଇଥିବା ବେଳେ ମାକ୍ସିମ ବର୍ଥୁଇସ ନାମକ ଜଣେ ବିକ୍ରେତା ୫୦୦ ୟୁରୋରେ ତାଙ୍କ ଶାର୍ଟ ଲିଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ଫ୍ରେଞ୍ଚ୍ ଟେନିସ୍ ଫେଡେରେଶନ ସଭାପତି ଗାଇଲ୍ସ ମୋରଟନ କହିଛନ୍ତି, ଟି-ଶାର୍ଟକୁ ପୁନଃ ବିକ୍ରି କରାଯିବା ମୋତେ ଆଶ୍ଚର୍ଯ୍ୟ କରିଛି। ଦୁଃଖର ବିଷୟ ଯେ, କିଛି ଲୋକ ଲାଭ ପାଇଁ ମର୍ସି ରାଫା ଶାର୍ଟ ବିକ୍ରି କରୁଛନ୍ତି। ଆମେ କିଛି ସ୍ୱତନ୍ତ୍ର କରିଥିଲୁ। ଏଭଳି ପରିସ୍ଥିତି ପଛରେ ଏହି ସ୍ୱତନ୍ତ୍ରତା ହିଁ କାରଣ ହୋଇଥାଇପାରେ।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ବିକେ ମୀରା ପାତ୍ର
(୰ଶ୍ୟାମସୁନ୍ଦର ପାତ୍ରଙ୍କ ଧର୍ମପତ୍ନୀ)
ସ୍ଥାନ: ଭିଆଇପି ପ୍ରେଷ୍ଟିକ୍ ଆପାର୍ଟମେଣ୍ଟ, ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ମେ, ୧୯୩୦
ତିରୋଧାନ: ୧୯।୦୫।୨୦୨୫
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ତସ୍ମାଦ୍‌ପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।
ତୁମର କର୍ମମୟ ଜୀବନ, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଧର୍ମପରାୟଣତା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ ଏବଂ ପରିବାରବର୍ଗ
ଧ-୭୭୦୫୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଶ୍ରୀଯୁକ୍ତ କରୁଣାକର ମଲ୍ଲିକ
Vijay Vihar, Bhubaneswar-2
ଆବିର୍ଭାବ: ୧୩।୧୦।୧୯୪୫
ତିରୋଧାନ: ୧୮।୦୫।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ଜମ୍ବୁବତୀ, ନିରୁ, ଅଶୋକ, ବାବୁଲି, ଟୁନା, ବିଟ୍ଟୁ, ରିଙ୍କି, ଗୀତା, ଧୀରେନ୍ଦ୍ର, କୁଲି, ବାବୁ, ରନି, ମାମା, ପପୁ, ଗୁଡ଼ି, ସୋନା, ମୋନା ଓ ବନ୍ଧୁମାନେ ।
ଧ-୬୫୫

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



୰ ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଷ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁସନ୍ସ)
ଧ-୭୧୦



# Classified Everyday

**0674-2580101, 9692975378**



**MATRIMONIAL**

**BRIDE WANTED**

Bride wanted Brahmin 32 network Engineer (HFCL). 7008123336. D-694

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271



**REAL ESTATE**

**SALE**

ନଖରାଛକରୁ 6K.M. ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270



**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dtd. 15.05.2025, I, Malatilata Sethy, W/o- Late Parshuram Sethi, Vill- Baudpur, P.O.- Madhabnagar, P.S./Dist.- Bhadrak, PIN- 756181 declare that I have changed my name from Malati Sethi to Malatilata Sethy. Henceforth, I shall be known as Malatilata Sethy for all purposes. D-722

I, Sandeep Sahoo, S/o- Ganeswar Sahoo, Resident of At- Baniasahi, P.O.- Buxibazar, Cuttack Sadar, Town/District.- Cuttack, PIN-753001, Odisha declare by this affidavit No.-4091, dt.20.03.2025. That now onwards I shall be known as Sandeep Kumar Sahoo for all future purposes. D-719

I, Jayant Kumar Moharana, S/o-Late Ajoy Moharana, At- Buxibazar, Baniasahi, P.S.- Mangalabag, Town/District-Cuttack, Odisha declare by this affidavit No.-4558, dt.27.05.2025. That now onwards I shall be known as Jayant Moharana for all future purposes. D-718

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Rinita Sahoo, W/o- Sandeep Kumar Sahoo, Resident of At- Baniasahi, P.O.- Buxibazar, P.S.- Mangalabag, Town/ District-Cuttack, Odisha declare by this affidavit No.-4076, dt.06.05.2025. That now onwards I shall be known as Rinita Moharana for all future purposes. D-720

By virtue of an affidavit sworn before Executive Magistrate Sadar, Cuttack Sl. No.- 4554, dated 27.05.2025, I Aparna Dei, Address: At- Kendujhar Bazar, P.O.- Old Town, P.S.- Kendujhar, Dist.- Kendujhar, PIN-758001 declare that I have changed my name from Aparna Rout to Aparna Dei. Henceforth, I shall be known as Aparna Dei for all purposes.
Aparna Dei D-715

By virtue of an affidavit sworn before the Executive Magistrate, Bolangir, dated 22.05.2025, I, Susanta Rana, Address: At- Kutumdola, P.O.- Jhankarpali, P.S.- Bolangir Sadar, Dist.- Bolangir declare that I have changed my son's name from Sushanta Rana to Aditya Rana. Henceforth, he shall be known as Aditya Rana for all purposes.
Susanta Rana D-721

I, Vijayalaxmi Sahoo, D/o-Hrusikesh Sahoo, Vill/P.O.-Santrabandha, P.S.-Chhendipada, Dist.- Angul, Odisha. affidavit No.-782, dated 27.05.2025 sworn before the Executive Magistrate, Chhendipada, I have changed my Old name Bijaylaxmi Sahoo to Vijayalaxmi Sahoo. Bijaylaxmi Sahoo & Vijayalaxmi Sahoo is one & same person. Henceforth, she shall be known as Vijayalaxmi Sahoo for all future purposes. D-716

I, Sri Nalla Lokanath Das declared that as per affidavit No.-41, dtd. 27.5.2025 before the Executive Magistrate, Nandapur my son's Old name N Barun Das has been changed to Nalla Barun Das. Henceforth, he will be known as Nalla Barun Das, Son of Nalla Lokanath Das, At/P.O.- Nandapur, Dist.- Koraput for all purposes . D-714

By virtue of an affidavit sworn before Executive Magistrate, Jajpur Road, Sl No.- 2345, dated 27.05.2025 my son's correct name is Sriyansh Ghadei, Son of Smruti Ranjan Ghadai instead of Suryansha Ghadai, Village Chhotarayapur, Post.- Sankhachilla, Dist.- Jajpur. Henceforth, my son shall be known as Sriyansh Ghadei for all purpose. D-713

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-24 on dated 09.02.2022, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/ 223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209, dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-711

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-120 on dated 23.05.2025, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209 dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-712

By virtue of an affidavit vide No.-54 sworn in the Court of Executive Magistrate, Panposh, I, Mukesh Ranjan Sahoo, S/o- Maheswar Sahoo, resident of Qrs. No.- EM 85, Basanti Colony, P.O.- Rourkela- 769012, P.S.- Uditnagar, Dist.- Sundargarh changed my Son's name from Shivam Sahoo to Akshat Kumar Sahoo in LIC Policy bearing No.- 866605911. Henceforth, he shall be known as Akshat Kumar Sahoo for all purposes. D-723

By virtue of an affidavit No.-913 sworn before Executive Magistrate, Bonth, dtd.23.05.2025, I, Snehalata Palei (28yrs), D/o- Maheswar Palei, Vill- Padakana, P.O.- Padhanpada, P.S.- Bonth, Dist.- Bhadrak, PIN- 756114 declare that I have changed my name from Premalata Palei to Snehalata Palei. Henceforth, I shall be known as Snehalata Palei for all purposes. D-724

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଓଟିଟି ଏଣ୍ଟରଟେନ୍‌ମେଣ୍ଟ ପ୍ୟାକ୍‌ର ଶୁଭାରମ୍ଭ**

ଭାରତୀ ଏୟାରଟେଲ୍ ପକ୍ଷରୁ ପ୍ରିପେଡ ଗ୍ରାହକମାନଙ୍କ ପାଇଁ ଭାରତର ପ୍ରଥମ ଅଲ-ଇନ୍-ୱାନ୍ ଓଟିଟି ଏଣ୍ଟରଟେନ୍‌ମେଣ୍ଟ ପ୍ୟାକ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ୨୭୯ ଟଙ୍କାରୁ ଆରମ୍ଭ ହେଉଥିବା ଏହି ପ୍ଲାନରେ ଗ୍ରାହକ ନେଟଫ୍ଲିକ୍ସ, ଜିଓ ହଟ୍‌ଷ୍ଟାର, ଜୀ୫ ଓ ଏକ୍ସଟ୍ରିମ ପ୍ଲେ ପ୍ରିମିୟମ ସମେତ ୨୫ରୁ ଅଧିକ ଅଗ୍ରଣୀ ଓଟିଟି ପ୍ଲାଟଫର୍ମ ସୁବିଧା ପ୍ରିପେଡ ଗ୍ରାହକମାନଙ୍କ ପାଇଁ ନୂଆ ଅତୁଳନୀୟ ମନୋରଞ୍ଜନ ପ୍ୟାକ୍‌ର ଘୋଷଣା କରାଯାଇଛି। ସେହିଭଳି ଏକମାତ୍ର ଟେଲିକମ୍ କମ୍ପାନୀ ଭାବେ ଏୟାରଟେଲ ୭୫୦ ଟଙ୍କାରେ ବ୍ୟାପକ ଓଟିଟି ଷ୍ଟ୍ରିମିଂ ବିକଳ୍ପର ସୁବିଧା ପ୍ରଦାନ କରୁଛି।

# 'ଆର୍ଥିକ ସଶକ୍ତୀକରଣକୁ ନୂଆ ଆକାର ଦେବ'

ମୁମ୍ବାଇ,୨୭।୫(ଅଭୟ ଦାଶ)

ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବିର ଅନୁମୋଦନ ଲାଭ କରିଛି। ଏପରିକି ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍ଏସ୍ଏଲ୍) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ ବୋଲି କୁହାଯାଉଛି। ଅପରପକ୍ଷରେ ଆଶା କରାଯାଉଛି ଯେ, କମ୍ପାନୀଟି ଖୁବ୍‌ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓ ବ୍ଲାକରକ୍ ଦ୍ୱାରା ସିଦ୍ ସ୍ୱାମୀନାଥନଙ୍କୁ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି।


ଈଶା ଅମ୍ବାନୀ

ଏ ସମ୍ପର୍କରେ ଜେଏଫ୍ଏସ୍ଏଲ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଈଶା ଅମ୍ବାନୀ କହିଛନ୍ତି, ବ୍ଲାକରକର୍ ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଆମେ ଏକାଠି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ମୁଁ ନିଶ୍ଚିତ ଯେ ଜିଓ ବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତୀକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିଭଳି ବ୍ଲାକରକ୍ ଅନ୍ତର୍ଜାତୀୟ ମୁଖ୍ୟ ରାଚେଲ ଲର୍ଡ କହିଛନ୍ତି, ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନା ଆଜି ଏକ ଅନନ୍ୟ ମୋଡ଼ରେ ରହିଛି। ଜିଓ ବ୍ଲାକରକ୍ ନିବେଶକମାନଙ୍କୁ ସିଧାସଳଖ କମ୍ ମୂଲ୍ୟରେ ସଂସ୍ଥାଗତ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରି ଭାରତରେ ଅଧିକ ଲୋକଙ୍କୁ ପୁଞ୍ଜି ବଜାରରେ ପ୍ରବେଶ କରିବାରେ ସାହାଯ୍ୟ କରିବ। ଏପରିକି ଆମର ସହଭାଗୀ ଜେଏଫ୍ଏସ୍ଏଲ୍ ସହିତ ମିଶି ଆମେ ଭାରତକୁ ସଞ୍ଚୟକାରୀଙ୍କ ଦେଶରୁ ନିବେଶକଙ୍କ ଦେଶ ଭାବେ ପରିବର୍ତ୍ତିତ ହେବା ଦିଗରେ ଯୋଗଦାନ ପାଇଁ ପ୍ରସ୍ତୁତ ରହିଛୁ।

ସେହିପରି ବ୍ଲାକରକ ଅନ୍ତର୍ଜାତୀୟ ଇଣ୍ଡେକ୍ସ ଇକ୍ୱିଟିର ପୂର୍ବତନ ମୁଖ୍ୟ ସିଦ୍ ସ୍ୱାମୀନାଥନଙ୍କୁ ବର୍ତ୍ତମାନ ଜିଓ ବ୍ଲାକରକ୍ ଦାୟିତ୍ୱ ମିଳିଛି। ସେ ବର୍ତ୍ତମାନ ପର୍ଯ୍ୟନ୍ତ ୧.୨୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ପରିଚାଳନା କରିଛନ୍ତି। ଏ ନେଇ ସେ କହିଛନ୍ତି, ମୋତେ ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ନେତୃତ୍ୱ ନେବା ଏବଂ ନିବେଶକମାନଙ୍କ ନିବେଶ କ୍ଷମତା ବୃଦ୍ଧି କରି ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନାକୁ ନୂଆ ରୂପ ଦେବାର ସମ୍ମାନ ମିଳିଛି। ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଲକ୍ଷ୍ୟ ହେଉଛି, ସାରା ଭାରତରେ ନିବେଶକମାନଙ୍କୁ ସଂସ୍ଥାଗତ ଗୁଣାତ୍ମକ ନିବେଶ ଉତ୍ପାଦ ପ୍ରଦାନ କରିବା।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୭।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୨୪.୮୨ ପଏଣ୍ଟ ହ୍ରାସ ଘଟି ୮୧,୫୫୧.୬୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୪.୯୫ ପଏଣ୍ଟ କମି ୨୪,୮୨୬.୨୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## କ୍ୟାମ୍ପସ ଚୟନରେ ଡ୍ରିମ୍ସ ପଲିଟେକ୍‌ନିକର ବାଜିମାତ

ଭୁବନେଶ୍ୱର,୨୭।୫



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍ସ ଗ୍ରୁପର ବୈଷୟିକ କଲେଜ ଡ୍ରିମ୍ସ ପଲିଟେକ୍‌ନିକ କ୍ୟାମ୍ପସ ଚୟନରେ ବାଜିମାତ କରିଛି। ଏପରିକି ଡ୍ରିମ୍ସ ପଲିଟେକନିକ୍ ୨୦୨୫ ବ୍ୟାଚ୍‌ର ୪୭୯ ଛାତ୍ରୀଛାତ୍ରଙ୍କୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୩୩ ଜଣ ଛାତ୍ରୀ ଏବଂ ୪୪୬ ଜଣ ଛାତ୍ର ସାମିଲ ଅଛନ୍ତି। ଅପରପକ୍ଷରେ କଲେଜର ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ, ସିଭିଲ୍ ଓ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ଏହି କୃତୀ ଛାତ୍ରୀଛାତ୍ରଙ୍କୁ ଉଇପ୍ରୋ, ଭୋଲଟାସ୍, ସେନଟମ୍ ଇଲେକ୍ଟ୍ରୋନିକ୍ସ, କୁମିନ୍ସ ଇଣ୍ଡିଆ ଲିମିଟେଡ୍, ଏଲ୍ ଆଣ୍ଡ ଟି, ସିପ୍‌ଲା ଲିମିଟେଡ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଏଟିସି ଟାୟାର, ଆର୍ସେଲର ମିତ୍ତଲ, ଥର୍ମାକ୍ସ ଲିମିଟେଡ୍ ଭଳି କମ୍ପାନୀରେ ନିଯୁକ୍ତି ମିଳିଛି। ଡ୍ରିମ୍ସ ପଲିଟେକ୍‌ନିକର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଡ୍ରିମ୍ସ ପଲିଟେକନିକ୍ ଶ୍ରେଷ୍ଠ ୨ୟ ସ୍ଥାନରେ ରହିଥିବାବେଳେ ଶିକ୍ଷାନୁଷ୍ଠାନର 'ଇନୋଭେଶନ୍ ସେଲ୍' (ଆଇଆଇସି) ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଥ୍ରୀ-ଷ୍ଟାର ର୍‍ୟାଙ୍କ୍ ପାଇବାର ଗୌରବ ହାସଲ କରିଛି।

## ଡିଜିଟାଲ ଭିତ୍ତିଭୂମିକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୭।୫

ବର୍ତ୍ତମାନ ସମୟରେ ସାଇବର ଠକେଇ ଏକ ବଡ଼ ସମସ୍ୟା ପାଲଟିଥିଲାବେଳେ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ଡିଜିଟାଲ ଭିତ୍ତିଭୂମିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ବିଶେଷକରି ଦେଶର ଏକ ଅଗ୍ରଣୀ ସାଇବର ସୁରକ୍ଷା କମ୍ପାନୀ ଭାବେ ଥ୍ରେଟସିସ ଟେକ୍ନୋଲୋଜିଜ ପ୍ରାଇଭେଟ ଲିମିଟେଡ଼ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକର ଡିଜିଟାଲ ଭିତ୍ତିଭୂମିକୁ ଗୁରୁତ୍ୱ ଦେଉଥିବାବେଳେ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଉଭା ହୋଇଛି, ଯାହା ପ୍ରଯୁକ୍ତିବିଦ୍ୟା, ଶାସନ ଏବଂ ଜାତୀୟ ସ୍ଥିରତାର ସନ୍ଧିକ୍ଷଣରେ କାର୍ଯ୍ୟ କରୁଛି। ଗତ କିଛି ବର୍ଷ ଧରି କମ୍ପାନୀ ଆର୍ଥିକ ପ୍ରତିଷ୍ଠାନ ଭାରତ ଓ ଭାରତ ବାହାରର ଉଦ୍ୟୋଗଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମିକୁ ସୁରକ୍ଷିତ କରିଛି। ଅପରପକ୍ଷରେ ଥ୍ରେଟସିସ ଟେକ୍ନୋଲୋଜିଜ ପ୍ରାଇଭେଟ ଲିମିଟେଡ଼ର ନୂତନ କର୍ପୋରେଟ୍ ମୁଖ୍ୟାଳୟ ଏବଂ ସାଇବର ସୁରକ୍ଷା କେନ୍ଦ୍ରର ଶୁଭାରମ୍ଭ ଭୁବନେଶ୍ୱରଠାରେ ହୋଇଯାଇଛି। ଏହି ଫ୍ଲାଗଶିପ୍ କେନ୍ଦ୍ର ଅଧୀନରେ ୪ କୋଟିରୁ ଅଧିକ ନାଗରିକ ରେକର୍ଡକୁ କମ୍ପାନୀ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେହିଭଳି ଓଡିଶା ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନା ସୁଭଦ୍ରା, ବିଏସକେୱାଇ, କାଳିଆ-ମୁଖ୍ୟମନ୍ତ୍ରୀ କିଷାନ, ସାମ୍ସ, ଓଏସ୍ଏସ୍‌ପି, ଓଡବ୍ଲ୍ୟୁଡି, ଭୁବନେଶ୍ୱର ସ୍ମାର୍ଟସିଟି, ଗୋସୁଗମ, ଆଇଥ୍ରୀଏମଏସ, ଇଡେସପାଚ, ଓଏଏଏଫ ଭଳି ଅନେକ ପ୍ରକଳ୍ପର ନିର୍ଦ୍ଦିଷ୍ଟ ସ୍ୱଦେଶୀ ସାଇବର ସୁରକ୍ଷା ଉତ୍ପାଦ ଏବଂ ଫ୍ରେମୱାର୍କକୁ କମ୍ପାନୀ ନିର୍ମାଣ କରିଛି।

## ଏଲ୍‌ଆଇସିର ଆର୍ଥିକ ଫଳାଫଳ

ମୁମ୍ବାଇ,୨୭।୫

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ମଙ୍ଗଳବାର ମୁମ୍ବାଇରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଲ୍‌ଆଇସିର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେବା ସହ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଓ ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଅନୁଯାୟୀ ଏଲ୍‌ଆଇସିର ଟିକସ ପରବର୍ତ୍ତୀ ଲାଭ ୪୮,୧୫୧ କୋଟିରେ ପହଞ୍ଚିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଟିକସ ପରବର୍ତ୍ତୀ ଲାଭ ୪୦,୬୭୬ ଟଙ୍କା ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷର


ସିଦ୍ଧାର୍ଥ ମହାନ୍ତି

ଟିକସ ପରବର୍ତ୍ତୀ ଲାଭ ୧୮.୩୮% ବୃଦ୍ଧି ସହ ୪୮,୧୫୧ କୋଟି ହୋଇଛି। ସେହିପରି ଏହି ବର୍ଷ ବ୍ୟକ୍ତିଗତ ନୂତନ ବ୍ୟବସାୟ ପ୍ରିମିୟମ ୮.୨୮% ବୃଦ୍ଧି ସହ ୬୨,୪୯୫ କୋଟିରେ ରହିଛି। ୨୦୨୫ ମାର୍ଚ୍ଚ ୩୧ ଶେଷ ସୁଦ୍ଧା

### ଟିକସ ପରବର୍ତ୍ତୀ ଲାଭ ୪୮,୧୫୧କୋଟି

ଏଲଆଇସିର ମୋଟ ପ୍ରିମିୟମ ଆୟ ୪,୮୮,୧୪୮ କୋଟିରେ ପହଞ୍ଚିଛି।

ଏ ସମ୍ପର୍କରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଆମେ ଆମର ବାର୍ଷିକ ଓ ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅବଧି ମଧ୍ୟରେ ଆମେ ଅନେକ ସଫଳତା ଓ ରେକର୍ଡସ୍ତରର କାରବାର କରିଥିଲାବେଳେ ଉଭୟ ହିତାଧିକାରୀ ଓ ଷ୍ଟେକ ହୋଲଡରମାନଙ୍କୁ ମଧ୍ୟ ଅନେକ ସୁବିଧା ଯୋଗାଇ ଦେଇଛୁ। ବିଶେଷକରି ୫୬,୧୯୦.୨୪ କୋଟି ଟଙ୍କାର ବୋନସ ସହାୟତା ବୀମାଧାରୀଙ୍କୁ ପ୍ରଦାନ କରିଛୁ।

## ଆଇଟିଆର୍ ଦାଖଲ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨୭।୫
(ଅନୁରାଧା ମହାରଣା)

ଆୟକର ବିଭାଗ ପକ୍ଷରୁ ଆୟକରଦାତାଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆୟକର ରିଟର୍ନ (ଆଇଟିଆର) ଦାଖଲ ସମୟସୀମା ବୃଦ୍ଧି କରାଯାଇଛି। ଆଇଟିଆର୍ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଟିଆର ଫର୍ମରେ ବଡ଼ ପରିବର୍ତ୍ତନ, ସିଷ୍ଟମ ଅପଗ୍ରେଡ ଏବଂ ଟିଡିଏସ କ୍ରେଡିଟରେ ଥିବା ଅସଙ୍ଗତି ଯୋଗୁଁ ଆୟକର ରିଟର୍ନ ଦାଖଲ ସମୟସୀମା ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। କରଦାତାମାନେ ସୁବିଧାରେ ସଠିକ ଭାବେ ସେମାନଙ୍କର ରିଟର୍ନ ଫାଇଲ ପାଇଁ ସମୟସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଫର୍ମରେ ପରିବର୍ତ୍ତନ ସହିତ, ଆୟକର ଫାଇଲିଂ ପୋର୍ଟାଲରେ ସିଷ୍ଟମ ଅପଗ୍ରେଡ କାମ ମଧ୍ୟ ଚାଲିଛି। ଏହି ବୃଦ୍ଧି ପରେ ସେପ୍ଟେମ୍ବର୧୫ ସୁଦ୍ଧା ଆଇଟିଆର ଫାଇଲ କଲେ କରଦାତାଙ୍କୁ କୌଣସି ପ୍ରକାରର ଜରିମାନା ଦେବାକୁ ପଡ଼ିବ ନାହିଁ। ଯେଉଁ କରଦାତା ଏବଂ ଛୋଟ ବ୍ୟବସାୟୀଙ୍କର ଆକାଉଣ୍ଟଗୁଡ଼ିକର ଅଡିଟ କରିବା ବାଧ୍ୟତାମୂଳକ ନୁହେଁ ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ଲାଭ ଦାୟକ ହେବ।



ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୨୮/୨୦୨୫ Bhubaneswar, Wednesday, May 28/ 2025

# ଆରସିବି-ପଞ୍ଜାବ କ୍ୱାଲିଫାୟର-୧

**ଲକ୍ଷ୍ନୌ, ୨୭।୫**

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) ୨୦୨୫ର ମଙ୍ଗଳବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଅଧିନାୟକ ରିଷଭ ପନ୍ତଙ୍କ ଶତକ ସହାୟତାରେ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୨୭ ରନ କରିଥିଲା। ପନ୍ତ ୬୧ ବଲ୍‌ରୁ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୮ରନରେ ଅପରାଜିତ ରହିଥିଲେ। ଜବାବରେ ଆରସିବି ୧୮.୪ ଓଭରରେ ୪ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରି ନେଇଥିଲା। ବିରାଟ କୋହଲିଙ୍କ ଦ୍ରୁତ ଅର୍ଦ୍ଧଶତକ (୩୦ ବଲ୍‌ରୁ ୫୪ ରନ, ୧୦ ଚୌକା) ପରେ କାମଚଳା ଅଧିନାୟକ ଜୀତେଶ ଶର୍ମାଙ୍କ ବିସ୍ଫୋରକ ୮୫* (୩୩ ବଲ୍, ୮ ଚୌକା, ୬ ଛକା) ଓ ମୟଙ୍କ ଅଗ୍ରୱାଲଙ୍କ ୪୧ (୨୩ ବଲ) ରନ ବଳରେ ଆରସିବି ଉତ୍କଣ୍ଠିତ ବିଜୟ ହାସଲ କରିଥିଲା। ଏହି ମ୍ୟାଚ ଫଳାଫଳ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଜୀତେଶ ଶର୍ମା।

### ପ୍ଲେ-ଅଫ୍ କାର୍ଯ୍ୟସୂଚୀ

ମେ ୨୯: କ୍ୱାଲିଫାୟର-୧
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
ମେ ୩୦: ଏଲିମିନେଟର
ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ମୁଲାନପୁର, ଚଣ୍ଡିଗଡ଼
ଜୁନ୍-୧: କ୍ୱାଲିଫାୟର-୨
ସ୍ଥାନ: ଅହମଦାବାଦ
ଜୁନ ୩: ଫାଇନାଲ
ସ୍ଥାନ: ଅହମଦାବାଦ
(ସମସ୍ତ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ)

### ଗୁଜରାଟ-ମୁମ୍ବାଇ ଏଲିମିନେଟର

ସହ ଆଇପିଏଲ୍‌ର ପ୍ଲେ-ଅଫ୍ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୨୯ ତାରିଖରେ ପଞ୍ଜାବ କିଙ୍ଗ୍ସ ସହ ଆରସିବି କ୍ୱାଲିଫାୟର-୧ ଖେଳିବ। ୩୦ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଏଲିମିନେଟର ଅନୁଷ୍ଠିତ ହେବ। ୨୦୧୧ ଓ ୨୦୧୬ ପରେ ଆର୍‌ସିବି ତୃତୀୟ ଥର ପାଇଁ ଟପ୍-୨ ଫିନିସ୍ କରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବିର କାମଚଳା ଅଧିନାୟକ ଜୀତେଶ ଶର୍ମା। ଲକ୍ଷ୍ନୌ ସ୍କୋର ୨୫ ଥିବାବେଳେ ୩ୟ ଓଭରର ୪ର୍ଥ ବଲ୍‌ରେ ମାଥ୍ୟୁ ବ୍ରିଜ୍‌କେଙ୍କୁ ଆଉଟ କରିଥିଲେ ଥୁଶରା। ମାତ୍ର ଏଥିରୁ ଆରସିବି ବିଶେଷ ଫାଇଦା ଉଠାଇପାରି ନ ଥିଲା। ଓପନର ମିଚେଲ ମାର୍ଶଙ୍କ ସହ ଅଧିନାୟକ ରିଷଭ ପନ୍ତ ଯୋଗଦେଇ ଇନିଂସକୁ ଆଗେଇ ନେଇଥିଲେ। ପନ୍ତ ଏଠାରେ ମାତ୍ର ୫୪ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ଶତକ ପୂରଣ କରିଥିଲେ। ଆରସିବି ପକ୍ଷରୁ ନୁଆନ ଥୁଶରା, ଭୁବନେଶ୍ୱର କୁମାର ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୨୭/୩ (ରିଷଭ ପନ୍ତ-୧୧୮*, ମିଚେଲ ମାର୍ଶ-୬୭, ନୁଆନ ଥୁଶରା-୧/୨୬, ଭୁବନେଶ୍ୱର କୁମାର-୧/୪୬, ରୋମାରିଓ ଶେଫର୍ଡ-୧/୫୧)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୪ ଓଭରରେ ୨୩୦/୪ (ଜୀତେଶ ଶର୍ମା-୮୫*, ବିରାଟ କୋହଲି-୫୪, ମୟଙ୍କ ଅଗ୍ରୱାଲ-୪୧*, ଫିଲିପ ସଲ୍ଟ-୩୦, ୱିଲ୍ ଓ'ରୌର୍କ-୨/୭୪, ଆକାଶ ସିଂ-୧/୪୦, ଆଭେସ ଖାଁ-୧/୩୨)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୪ | ୯ | ୪ | ୧ | ୧୯ | +୦.୩୦୧ |
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୪ | ୬ | ୮ | ୦ | ୧୨ | -୦.୩୭୬ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

# ପ୍ରତିଷ୍ଠା ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା

### ଜାତୀୟ ଜୁନିୟର ଶକ୍ତି ଉତ୍ତୋଳନ

**ସୋମେନଙ୍କ ଜାତୀୟ ରେକର୍ଡ ସହ ଓଡ଼ିଶାକୁ ୧୨ ପଦକ**

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**

ଗତ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର କୋହ୍ଲାପୁରଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ଜୁନିୟର ୬୯ କେଜି ବର୍ଗରେ ପ୍ରତିଷ୍ଠା ସିଂ ସ୍ୱର୍ଣ୍ଣ ପଦକ ହାସଲ ସହ ବେଞ୍ଚପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ଫଳରେ ସେ ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ପ୍ରତିଷ୍ଠା ସ୍କ୍ୱାଟ୍‌ରେ ରୌପ୍ୟ, ବେଞ୍ଚପ୍ରେସ୍‌ରେ ସ୍ୱର୍ଣ୍ଣ, ଡେଡ୍‌ଲିଫ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଜୁନିୟର ୫୭ କେଜି ବର୍ଗ ଡେଡ୍‌ଲିଫ୍ଟରେ ଜ୍ୟୋତି ଖୋରା ଓ ଅନନ୍ୟା ଅନିନ୍ଦିତା ଗିରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସେହିଭଳି ପୁରୁଷ ବିଭାଗରେ ସୋମେନ ସେନାପତି ୬୬ କେଜି ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ହାସଲ ସହ ବେଞ୍ଚପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ବ୍ୟକ୍ତିଗତ ଲିଫ୍ଟରେ ସୋମେନ ବେଞ୍ଚପ୍ରେସ, ଡେଡ୍‌ଲିଫ୍ଟରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ, ପ୍ରିୟାଂଶୁ ପଟ୍ଟନାୟକ ୮୩ କେଜି ଜୁନିୟର ବର୍ଗର ସ୍କ୍ୱାଟ୍‌ରେ ବ୍ରୋଞ୍ଜ, ପ୍ରଜ୍ଞାନ ପ୍ରଧାନ ସବ୍‌ଜୁନିୟର ୧୦୫ କେଜି ବର୍ଗର ସ୍କ୍ୱାଟ୍ ଓ ଡେଡ୍‌ଲିଫ୍ଟରେ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଦକବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଚିତ୍ତରଞ୍ଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ଓ ପଦକ ସହ ପ୍ରତିଷ୍ଠା ସିଂ।

# ଭାରତୀୟ ଗେଟ୍‌ବଲ ୟୁନିୟନ ଦଳକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**

ତାଇୱାନ୍‌ର ତାଇପେଠାରେ ଗତ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ଭାରତୀୟ ଗେଟ୍‌ବଲ ୟୁନିୟନ(ଆଇଜିୟୁ) ଦଳ ସ୍ୱର୍ଣ୍ଣ ପଦକ ହାସଲକରି ଇତିହାସ ରଚିଛି। ଓଡ଼ିଶାର ୪ ଖେଳାଳି ଭାରତୀୟ ଦଳର ସଦସ୍ୟ ଥିଲେ। ସେମାନେ ହେଲେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି,

### ୱାର୍ଲ୍ଡ ମାଷ୍ଟର୍ସ ଗେମ୍

ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଦିଲୀପ କୁମାର ଷଡ଼ଙ୍ଗୀ। ଭାରତୀୟ ଦଳ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ସମସ୍ତ ଦଳ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରି ଅପରାଜେୟ ରହିଥିଲା। ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳ ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ବିମାନବନ୍ଦରରେ ସାମାଜିକ କର୍ମୀ ଦଣ୍ଡଧର ପାଣିଙ୍କ ସମେତ ଆଇଜିୟୁ ପକ୍ଷରୁ ଉପସଭାପତି ସଞ୍ଜୀବ ପରିଡ଼ା, କୋଷାଧ୍ୟକ୍ଷ ଶରତ ପାତ୍ର, ଗିରଜା ଏଜାଜ, ବିଷ୍ଣୁପ୍ରିୟା ବେହେରା, ରଞ୍ଜିତାରାଣୀ ବେହେରା ଏବଂ ଆଇକନିକ୍ ପ୍ରତିଷ୍ଠାତା ସଞ୍ଜୟ ଚୌଧୁରୀ ଏବଂ କ୍ରାଫ୍ଟସର ଟ୍ରଷ୍ଟି ଇତିଶ୍ରୀ ଦାଶ ପ୍ରମୁଖ ଉପସ୍ଥିତ ରହି ଆଇଜିୟୁ ଦଳକୁ ସ୍ୱାଗତ ସହ ସମ୍ବର୍ଦ୍ଧନା ଜଣାଇଥିଲେ।

ପ୍ରକାଶଯୋଗ୍ୟ, ବିଶ୍ୱ ମାଷ୍ଟର୍ସ ଗେମ୍-୨୦୨୫ରେ ଗେଟ୍‌ବଲ ସହ ମୋଟ ୩୫ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ତାଇୱାନ୍‌ର ୬୧ଟି କ୍ରୀଡ଼ାଙ୍ଗନରେ ୧୦୮ ଦେଶର ପାଖାପାଖି ୨୫,୦୪୯ ପ୍ରତିଯୋଗୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।



ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ଆଇଜିୟୁ ଦଳ।

# ୧୦,୦୦୦ ମିଟରରେ ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ


ଗୁଲ୍‌ବୀର ସିଂ

### ଏସିଆନ୍ ଆଥ୍‌ଲେଟିକ୍ସ

**ଗୁମି, ୨୭।୫(ପି.ଟି.)**

ଜାତୀୟ ରେକର୍ଡଧାରୀ ଗୁଲ୍‌ବୀର ସିଂ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଥିବା ବେଳେ ସର୍ଭିନ ସେବାଷ୍ଟିଆନ ୨୦ କି.ମି. ୱାକ୍ ରେସ୍‌ରେ ଏକ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୨୬ ବର୍ଷୀୟ ଗୁଲ୍‌ବୀର ହେଉଛନ୍ତି ୨୦୨୩ ହାଙ୍ଗଝୋ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା। ଏଠାରେ ସେ ପ୍ରି-ରେସ୍ ଫେଭରିଟ୍ ଥିଲେ। ସେ ୨୮ ମିନିଟ୍ ୩୮.୬୩ ସେକେଣ୍ଡ ଟାଇମିଂ ସହ ତାଙ୍କର ପ୍ରଥମ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତି ପାରିଛନ୍ତି। ଜାପାନର ମିବୁକି ସୁଜୁକି(୨୮:୪୩.୮୪) ରୌପ୍ୟ ଓ ବାହାରିନ୍‌ର ଆଲବର୍ଟ କିବିଚି ରପ୍(୨୮:୪୬.୮୨)ଙ୍କୁ ବ୍ରୋଞ୍ଜ ମିଳିଛି। ପ୍ରତିଯୋଗିତାରେ ସାମିଲ ଥିବା ଅନ୍ୟ ଜଣେ ଭାରତୀୟ ସାୱ୍ ବାର୍‌ୱାଲ ୨୮:୫୦.୫୩ ଟାଇମିଂ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ପ୍ରଥମ ଦିବସ ଶେଷସୁଦ୍ଧା ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ପଦକ ତାଲିକାରେ ଚାଇନା(୫ସ୍ୱର୍ଣ୍ଣ, ୨ରୌପ୍ୟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜାପାନ (୩ ରୌପ୍ୟ,୨ବ୍ରୋଞ୍ଜ) ୩ୟ ସ୍ଥାନରେ ରହିଛି। ଗୁଲ୍‌ବୀର କହିଛନ୍ତି, ସେ ତାଙ୍କ ପ୍ରଦର୍ଶନ ନେଇ ଖୁସି ଅଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବା ଦ୍ୱାରା ବିଶ୍ୱ ର୍‍ୟାଙ୍କିଂ ତାଲିକାରେ ତାଙ୍କର ଉନ୍ନତି ଘଟିବ। ସେପ୍ଟେମ୍ବରରେ ହେବାକୁଥିବା ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଏକ ଟିକେଟ ସୁଯୋଗ ଉଜ୍ଜ୍ୱଳ ହୋଇଛି। ପୁରୁଷ ୧୦,୦୦୦ ମିଟର ପାଇଁ ସ୍ୱାଭାବିକ କ୍ୱାଲିଫିକେଶନ ୨୭ ମିନିଟ୍ ରହିଛି। ତେବେ ଗରମ ପାଗ ଯୋଗୁ ସ୍ଥାନୀୟ ଆୟୋଜକ କମିଟି ତରଫରୁ ୧୦,୦୦୦ ମିଟର ଟ୍ରାକ୍ ରେସ୍‌ରେ ଏକ ୱାଟର ଷ୍ଟେଶନ ସ୍ଥାପନ କରାଯାଇଥିଲା।

# ମାଡ଼ିଗଲା କାର୍: ୪୭ ଆହତ, ୪ ଗୁରୁତର

### ଲିଭରପୁଲ ବିଜୟ ଉତ୍ସବ

**ଲିଭରପୁଲ,୨୭।୫(ଏପି)**

ଇଂଲିଶ ପ୍ରିମିୟର ଲିଗ୍ ଚାମ୍ପିୟନ ଲିଭରପୁଲ କ୍ଲବର ବିଜୟ ଉତ୍ସବ ଚାଲିଥିବା ବେଳେ ସୋମବାର ଏକ ମିନି ଭ୍ୟାନ ପ୍ରଶଂସକଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଘଟଣାରେ ୪୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କିନ୍ତୁ ଏହା ଆତଙ୍କବାଦ ସମ୍ପର୍କୀତ ଘଟଣା ନୁହେଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ୫୩ ବର୍ଷୀୟ ବ୍ରିଟିଶ ନାଗରିକଙ୍କୁ ଲିଭରପୁଲ ଅଞ୍ଚଳରୁ ଗିରଫ କରାଯାଇଛି। ପୋଲିସ କହିବା ଅନୁଯାୟୀ, ଉକ୍ତ ବ୍ୟକ୍ତି ହିଁ ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀକୁ ଧକ୍କା ଦେଇଥିବା କାର ଚଳାଉଥିଲେ। ତେବେ ଚାଳକଙ୍କ ପରିଚୟ ପ୍ରକାଶ କରାଯାଇନାହିଁ। ବ୍ରିଟେନରେ ଦୋଷ ପ୍ରମାଣ ନହେଲା ପର୍ଯ୍ୟନ୍ତ ସନ୍ଦିଗ୍ଧଙ୍କ ନାମ ପ୍ରଘଟ କରାଯାଏ ନାହିଁ। ଲିଭରପୁଲ ଦଳର ଖେଳାଳିମାନେ ଏକ ଖୋଲା ବସ୍‌ରେ ପ୍ରିମିୟର ଲିଗ୍ ଚାମ୍ପିୟନଶିପ୍ ବିଜୟ ଉତ୍ସବ ପାଳନ କରିବା ପରେ ପ୍ରଶଂସକଙ୍କ ଭିଡ ଉପରେ ମିନି ଭ୍ୟାନ ମାଡ଼ି ଯାଇଥିଲା। ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତରଥିବା ଲିଭରପୁଲ ସହର ମେଟ୍ରୋ ମେୟର ଷ୍ଟିଭ ରୋଥରଆମ କହିଛନ୍ତି। ନର୍ଥ ୱେଷ୍ଟ ଆମ୍ବୁଲାନ୍ସ ସର୍ଭିସ ପକ୍ଷରୁ କୁହାଯାଇଛି ଯେ, ମୋଟ ଉପରେ ୪୭ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ୨୦ ଜଣଙ୍କର ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା। ଏହି ଘଟଣାରେ କାହାରି ମୃତ୍ୟୁ ହୋଇ ନାହିଁ। ୪ ଛୁଆ ଗୁରୁତର ଆହତ ହୋଇଛନ୍ତି। ସେମାନେ ଭ୍ୟାନ ତଳେ ଚାପି ହୋଇ ରହିଯାଇଥିଲେ। ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ